ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨୫/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, July 25/2023 | Page 16 | ₹ 7.00
୪୯ଶ ଭାଗ ୨୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 240 | ମୂଲ୍ୟ ₹୭/-



**'ନୟନିକା ଚରିତ୍ର ମୋ ହୃଦୟର ଅତି ନିକଟତର**

ନୟନିକା ଚରିତ୍ର ତାଙ୍କ ହୃଦୟର ଅତି ନିକଟତର ବୋଲି ଅଭିନେତ୍ରୀ କାଜୋଲ ନିକଟରେ କରିଥିବା ଓଟିଟି ଡେବ୍ୟୁ 'ଦି ଟ୍ରାଏଲ: ପ୍ୟାର୍, କାନୁନ୍, ଧୋକା'ର ପ୍ରତିକ୍ରିୟାରେ କହିଛନ୍ତି।

୧୩

୧୬

**ଆରି ବର୍ଗ୍ସଙ୍କ ହ୍ୟାଟ୍ରିକ୍**

ଚଳିତ ଫିଫା ମହିଳା ଫୁଟ୍‌ବଲ ବିଶ୍ୱକପରେ ପ୍ରଥମ ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି ବ୍ରାଜିଲର ଆରି ବର୍ଗ୍ସ।



# ଇଣ୍ଟରନେଟ୍ ଠକେଇ

**ତଥାଗତ ସତପଥୀ**

ଡିଜିଟାଇଜେଶନ ଦିଗରେ ଆଗେଇ ଚାଲିଥିବା ବିଶ୍ୱ ଏବେ ସାଇବର ବା ଇଣ୍ଟରନେଟ୍ ଉପରେ ଆଧାରିତ ଅପରାଧକୁ ସାମ୍ନା କରିବାରେ ବ୍ୟସ୍ତ। ନିୟମିତ ଭାବେ ଏହି ଅପରାଧ ବଢୁଥିବାବେଳେ ଏହା ପ୍ରଯୁକ୍ତି ଜ୍ଞାନକୌଶଳ ପ୍ରତି ଏକ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ଏହି ପରିପ୍ରେକ୍ଷୀରେ ଅର୍ଥ ଆଦାୟ ପାଇଁ ଅକିରା ନାମକ ଇଣ୍ଟରନେଟ୍ ରାନ୍‌ସମୱେର ଭାଇରସ ଏବେ ଏକ ଚିନ୍ତାର କାରଣ। ଭାରତରେ ଏହାର ପ୍ରଭାବ ବଢ଼ିବାର ଦେଖି ନିକଟରେ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନ୍‌ଫର୍ମେଶନ ଟେକ୍‌ନୋଲୋଜି ମନ୍ତ୍ରଣାଳୟ (ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ)ଅଧୀନରେ ଥିବା ଇଣ୍ଡିଆନ୍ କମ୍ପ୍ୟୁଟର ଏମର୍ଜେନ୍ସି ରେସପନ୍ସ ଟିମ-ଇନ୍ (ସିଇଆର୍‌ଟି-ଇନ୍) ପକ୍ଷରୁ ସତର୍କ ରହିବା ପାଇଁ କୁହାଯାଇଛି। ସିଇଆର୍‌ଟି ପକ୍ଷରୁ ଦର୍ଶାଯାଇଛି ଯେ, ଏହା ଏକ ବିପଜ୍ଜନକ ଭାଇରସ, ଯାହା ୱିଣ୍ଡୋଜ ଓ ଲାଇନକ୍ସ ପରିଚାଳିତ କମ୍ପ୍ୟୁଟରଗୁଡ଼ିକୁ ପ୍ରଭାବିତ କରୁଛି। ହ୍ୟାକରମାନେ ଏହାକୁ ପ୍ରୟୋଗ କରି ତଥ୍ୟ ବା ଡେଟା ଚୋରି କରିବା ପରେ ବ୍ୟବହାରକାରୀମାନଙ୍କୁ ବ୍ଲାକ୍‌ମେଲ କରୁଛନ୍ତି। ଏବକାର ଦୃଶ୍ୟପଟରେ ବିଶ୍ୱ ସ୍ତରରେ ସାଇବର ଅପରାଧ ଜଗତର ଚେର ଖୁବ୍ ଦ୍ରୁତଗତିରେ ବିଶ୍ୱସାରା ବ୍ୟାପୁଛି। ଏଥିରେ କେବଳ ଅର୍ଥ ଚୋରି ହୋଇପାରିବ ବୋଲି ଭାବିବା ତ୍ରୁଟିପୂର୍ଣ୍ଣ ହେବ। ଆଜି ଯିଏ ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇ ନେଇପାରୁଛି ଆସନ୍ତାକାଲି ସେହିଭଳି ବ୍ୟକ୍ତି ଆପଣଙ୍କ ପଡ଼ୋଶୀଙ୍କୁ ଅସତ୍ୟ ତଥ୍ୟ ଦେଇ ଆପଣଙ୍କୁ ହତ୍ୟା କରାଇବାରେ ସଫଳ ହୋଇପାରେ। 'ଡିପ ଫେକ'ବା ଗଭୀର ନକଲି ଦ୍ୱାରା ଟମ୍ କ୍ରୁଜଙ୍କ ଭଳି ହଲିଉଡ୍‌ର ପ୍ରସିଦ୍ଧ ସିନେମା ତାରକାଙ୍କୁ ନକଲ କରି ଯେଉଁଭଳି ଏକ ମିଥ୍ୟା ବିଜ୍ଞାପନ ଭାଇରାଲ ହୋଇଛି ସେଥିରୁ ବୁଝାପଡୁଛି ଯେ, ଆସନ୍ତା ସମୟରେ ଯେକୌଣସି ସାମାଜିକ ଅସ୍ଥିରତା ସୃଷ୍ଟି ହେବ। ପିଲାଦିନେ ପଢ଼ିଥିଲୁ ଅଷ୍ଟ୍ରିଆର ରାଜକୁମାର ଫ୍ରାଞ୍ଜ ଫର୍ଡିନାଣ୍ଡ ଏବଂ ତାଙ୍କ ସ୍ତ୍ରୀଙ୍କୁ ଗୁଳିକରି ହତ୍ୟା କରାଯିବା ଫଳରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଥିଲା। ଏବକାର ସମୟରେ କୌଣସି ଗୁଳି ଫୁଟାଇବା ପୂର୍ବରୁ ପ୍ରବଳ ଅଶାନ୍ତି ସୃଷ୍ଟି କରିବା ସମ୍ଭବପର ହେବ। ଭାରତର ଉଦାହରଣ ଦେଖାଯାଉ। ଅଧିକାଂଶ ସୋସିଆଲ ମିଡିଆ(ସାମାଜିକ ଗଣମାଧ୍ୟମ) ବ୍ୟବହାରକାରୀ ବିଶ୍ୱାସ କରିଯାଇଥିଲେ ଯେତେବେଳେ ଦିଲ୍ଲୀରେ ଭାଜପା ସାଂସଦ ବ୍ରିଜ ଭୂଷଣ ସିଂଙ୍କ ବିରୋଧରେ କୁସ୍ତି ଯୋଦ୍ଧା ଫୋଗଟ ଏବଂ ତାଙ୍କ ସାଥୀମାନଙ୍କର ହସୁଥିବା ଫଟୋ ପ୍ରକାଶ ପାଇଥିଲା, ସେଥିରେ ଉଲ୍ଲେଖ କରାଯାଇଥିଲା ଯେ, ଏହି ପ୍ରତିବାଦକାରୀ ଯୁବତୀଯୁବକ ବାସ୍ତବରେ ଦୁଃଖିତ ହେବା ପରିବର୍ତ୍ତେ ଥଟ୍ଟାମଜା କରି ଦିଲ୍ଲୀରେ ଅଛନ୍ତି। ସେହିଭଳି କେରଳର ଜଣେ ବ୍ୟକ୍ତି ତାଙ୍କର ଅନ୍ତରଙ୍ଗ ବନ୍ଧୁଙ୍କଠାରୁ ଏକ ଭିଡିଓ କଲ୍ ଅଜଣା ନମ୍ବରୁ ପାଇଲେ। ସେହି ବନ୍ଧୁଙ୍କ ଅନୁରୋଧ କ୍ରମେ ତାଙ୍କର କହିଥିବା ବ୍ୟାଙ୍କ ଆକାଉଣ୍ଟକୁ ୪୦,୦୦୦ ଟଙ୍କା ପଠାଇଲେ। ଯେହେତୁ କଲ୍ ଭିଡିଓ ଥିଲା ଏବଂ ତାଙ୍କ ସାଥୀଙ୍କୁ ଦେଖିପାରୁଥିଲେ ସେଥିପାଇଁ ଅବିଶ୍ୱାସ କରିବାର କୌଣସି କାରଣ ନ ଥିଲା। ସେହି ଠକାମି ପଛରେ ଡିପ୍ ଫେକ୍ ବା ଗଭୀର ନକଲି ସମ୍ପୃକ୍ତ ଥିଲା। କୁସ୍ତି ଯୋଦ୍ଧାମାନଙ୍କର କାନ୍ଦୁଥିବା ଫଟୋକୁ ହସାଇଦେବା ଭଳି ଏହି କେରଳ ବ୍ୟକ୍ତିଙ୍କୁ ତାଙ୍କର ବନ୍ଧୁଙ୍କ ଅବିକଳ ମୁହଁ ଦେଖାଇ ଦିଆଯାଇଥିଲା। ଏଥିରୁ ଆମେ ଯେତିକି ଅନୁମାନ କରିପାରିବା ତାହାଠାରୁ ଆହୁରି ଅନେକ ଅଧିକ ଠକାମି କରିହେବ।

ଏଭଳି ପ୍ରଚ୍ଛଦପଟରେ ଭାରତ ସରକାର ଏବେ ଡିଜିଟାଇଜେଶନ ପାଇଁ ପ୍ରବଳ ଚାପ ପକାଉଛନ୍ତି। ବ୍ୟାଙ୍କ ଆକାଉଣ୍ଟ ସହିତ ଆଧାର ଯୋଡ଼ିବା ଭଳି ବିପଜ୍ଜନକ କାର୍ଯ୍ୟ ସରକାର ବାଧ୍ୟତାମୂଳକ କରାଉଛନ୍ତି। ଏହାଦ୍ୱାରା ବିଶେଷକରି ଗରିବ ଓ ମଧ୍ୟବିତ୍ତ ଆୟ କରୁଥିବା ବ୍ୟକ୍ତି ନକାରାତ୍ମକ ଭାବେ ପ୍ରଭାବିତ କିମ୍ବା ଠକେଇ ହେବାର ସୁଯୋଗ ବୃଦ୍ଧିପାଉଛି। ଦେଖିବାକୁ ଗଲେ ଭାରତରେ ସୃଷ୍ଟି ହୋଇଥିବା ଡିଜିଟାଲ ଭିତ୍ତିଭୂମି ୧୦୦ ମିଲିୟନ (୧୦ କୋଟି) ନାଗରିକଙ୍କୁ ସେବା ଦେଇପାରିବ। ଏହି ସଂଖ୍ୟା ଗୌଣ ନୁହେଁ। କିନ୍ତୁ ୧୪୦ କୋଟିରୁ ଉର୍ଦ୍ଧ୍ୱ ଜନସଂଖ୍ୟା ଥିବା ଦେଶରେ ଚାପ ପକାଇ ଯେତିକି ଅଧିକ ଡିଜିଟାଇଜେଶନ କରାଯିବ ସେତିକି ଅଧିକ ଠକେଇ ହେବାର ସୁଯୋଗ ସୃଷ୍ଟି ହେବ। ଏଥିସହ ଭାରତର ସବୁ ରାଜ୍ୟର ପୋଲିସ ସାଇବର ସିକ୍ୟୁରିଟି ବିଭାଗର ପାରିବାପଣିଆ କଥା ଆଲୋଚନା ନ କରିବା ଭଲ। ବିଭାଗର ଅଧିକାଂଶ ଅଧିକାରୀ ସାଇବର ସିକ୍ୟୁରିଟିର ବିଭିନ୍ନ ଦିଗ ବିଷୟରେ ଅଜ୍ଞ କହିଲେ ଅତ୍ୟୁକ୍ତି ହେବ ନାହିଁ। ଦେଖିବାକୁ ଗଲେ ଦୁର୍ବଳ ଇଣ୍ଟରନେଟ୍ ସେବା ଫଳରେ ଆଜି ପର୍ଯ୍ୟନ୍ତ ଠକେଇ ମାନ୍ଦା ପରିସ୍ଥିତିରେ ଅଛି। ଏହାର ଗତି ଯେତିକି ଅଧିକ ହେବ, ଠକେଇ ସେତିକି ବଢ଼ିବ। ଅଧିକାଂଶ ଭାରତୀୟ, ଏଭଳି କି ଶିକ୍ଷିତ ନାଗରିକ ମଧ୍ୟ, ଆଧାରକାର୍ଡ ଦେଖେଇବାକୁ ଯାଇ ଅଚିହ୍ନା ବ୍ୟକ୍ତିଙ୍କୁ ସମ୍ପୂର୍ଣ୍ଣ କାର୍ଡ ଧରାଇ ଦିଅନ୍ତି। ଭାରତୀୟମାନେ ଏ ପର୍ଯ୍ୟନ୍ତ ଜାଣିପାରୁନାହାନ୍ତି ତାଙ୍କ ନିଜ ସମ୍ପର୍କରେ କେତେ ତଥ୍ୟ ସେହି କ୍ୟୁଆର କୋଡ୍‌ରେ ରହିଛି। ଏଭଳି ଲୋକଙ୍କୁ ଠକିବା ଅତ୍ୟନ୍ତ ସହଜ ହେବ, କାରଣ ଭାରତୀୟମାନେ ଅନ୍ତରଙ୍ଗ ତଥ୍ୟର ମୂଲ୍ୟ ବୁଝିବା ପାଇଁ ଅକ୍ଷମ। ତତ୍‌ସହିତ ବ୍ୟାଙ୍କଗୁଡ଼ିକର ଦୁର୍ବଳ ଏବଂ ଅସୁରକ୍ଷିତ ବ୍ୟବସ୍ଥା ଯୋଗୁ ଅତ୍ୟଧିକ ମାତ୍ରାରେ ଅର୍ଥ ଲୁଟି ନେବା ଅତ୍ୟନ୍ତ ସହଜ। ଏଥିରୁ କହିହେବ ଯେ, ଡିଜିଟାଇଜେଶନ ପାଇଁ ଚାପ ପକାଇବା ପୂର୍ବରୁ ସରକାର ଏବଂ ଦେଶର ଅର୍ଥନୈତିକ ବ୍ୟବସ୍ଥା ନିଜ ଘର ପ୍ରଥମେ ସଜାଡ଼ି ଜନସାଧାରଣଙ୍କୁ ସୁରକ୍ଷିତ ରଖିବାର ପ୍ରଣାଳୀ ବାହାର କରନ୍ତୁ।



ପୁରୀ ଚକ୍ରତୀର୍ଥ ରୋଡ୍‌ସ୍ଥିତ ବେଡି ହନୁମାନ ମନ୍ଦିର ନିକଟରେ ସୋମବାର ହଠାତ୍ ରାସ୍ତା ଦବିଯିବା ସହ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଏହାଦ୍ୱାରା ଉକ୍ତ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଛି। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

# ଘରୋଇ କଳହ ଜୀବନ ନେଉଛି

**ଭୁବନେଶ୍ୱର,୨୪।୭(ସତ୍ୟଜିତ୍ ରାଉତ)**

ପରିବାର ସଦସ୍ୟଙ୍କ ମଧ୍ୟରେ ସ୍ନେହଶ୍ରଦ୍ଧା ଦ୍ୱାରା ସମ୍ପର୍କ ମଜଭୁତ ହୋଇଥାଏ। ହେଲେ ଅନେକ ସମୟରେ ଭୁଲ୍ ବୁଝାମଣା ଓ ମତଭେଦ ଏବଂ ବିଭିନ୍ନ ସମସ୍ୟା ପାଇଁ ଏହି ସମ୍ପର୍କରେ ତିକ୍ତତା ସୃଷ୍ଟି ହେଉଛି। ପରବର୍ତ୍ତୀ ସମୟରେ ଏହା ବିପଦ ସୃଷ୍ଟି କରୁଛି। ପାରିବାରିକ ହିଂସାରୁ ନିମିଷକେ ବହୁ ମୂଲ୍ୟବାନ ଜୀବନ ଚାଲିଯାଉଛି। କେଉଁଠି ସ୍ତ୍ରୀଙ୍କୁ ସ୍ୱାମୀ ହତ୍ୟା କରୁଛନ୍ତି ତ' ଆଉ କେଉଁଠି ବାପାଙ୍କୁ ପୁଅ ହତ୍ୟା କରୁଛନ୍ତି। ଏପରି କି ଭାଇ ଭାଇକୁ ମଧ୍ୟ ହତ୍ୟା କରିବାକୁ ପଛାଉ ନାହାନ୍ତି। ଏପରିକି କେତେକ ଘଟଣାରେ ପରିସ୍ଥିତିକୁ ସମ୍ଭାଳି ନ ପାରି କେହି କେହି ଆତ୍ମହତ୍ୟା କରି ଜୀବନ ହାରୁଛନ୍ତି। ଏଭଳି ଘଟଣା ସମାଜରେ ଏବେ ଧୀରେ ଧୀରେ ବଢ଼ିବାରେ ଲାଗିଥିବାରୁ ଏକ ବଡ଼ ଚିନ୍ତାର କାରଣ ସାଜିଛି। ପାରିବାରିକ କଳହକୁ କେନ୍ଦ୍ର କରି ରାଜ୍ୟରେ ସୋମବାର ୨ଟି ଘଟଣାରେ ୪ଜଣଙ୍କ ଜୀବନ ଯାଇଛି। ଭୁବନେଶ୍ୱରର ଶାନ୍ତି ବସ୍ତିରେ ରହୁଥିବା ଦମ୍ପତି ପାରିବାରିକ କଳହକୁ କେନ୍ଦ୍ର କରି ସ୍ଥାନୀୟ ବମିଖାଲ ନିକଟ ଟ୍ରେନ୍ ଲାଇନରେ ଶୋଇ ଆତ୍ମହତ୍ୟା କରିଥିବାବେଳେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ କୁଶଗଡ଼ିଆରେ ଜଣେ ବ୍ୟକ୍ତି ସ୍ତ୍ରୀ ଏବଂ ୭ବର୍ଷର ପୁଅର ତଣ୍ଟି ଚିପି ହତ୍ୟା କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ ଗତ ୩ ମାସ ମଧ୍ୟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଏଭଳି ଏକାଧିକ ଘଟଣା ଘଟିଥିବା ବେଳେ ଏହା ବଡ଼ ଚିନ୍ତାର ବିଷୟ ହୋଇଛି। ଗତ ଜୁନ ୧ରେ ପୁରୀ ଜିଲା ପିପିଲି ଅଞ୍ଚଳରୁ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଥିଲା। ପିପିଲି ଥାନା ଅନ୍ତର୍ଗତ ସାନକଣ୍ଟି ଗ୍ରାମରେ ବାହା ନ କରିବାରୁ ପୁଅ ଉତ୍‌କ୍ଷିପ୍ତ ହୋଇ ହତ୍ୟାକାଣ୍ଡ ଘଟାଇଥିଲେ। ସେ ନିଜ ବାପାଙ୍କୁ ଟାଙ୍ଗିଆରେ ହତ୍ୟାକରି ଚାଞ୍ଚଲ୍ୟ ଖେଳାଇ ଦେଇଥିଲେ। ଗତ ସପ୍ତାହରେ ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ କାଦୁଆପଡ଼ା ପଞ୍ଚାୟତ ଅନ୍ତର୍ଗତ ରାୟଦଣ୍ଡାରେ ବାପାଙ୍କ ଟେଣ୍ଟା ଆକ୍ରମଣରେ ☞ପୃଷ୍ଠା-୪

## ଟ୍ରେନ୍ ଆଗକୁ ଆସି ଦମ୍ପତିଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର,୨୪।୭(ସତ୍ୟଜିତ୍ ରାଉତ)**

ରାଜଧାନୀ ଭୁବନେଶ୍ୱରରେ ଏକ ହୃଦୟ ବିଦାରକ ଘଟଣା ଘଟିଛି। ଶହୀଦନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତିରେ ରହୁଥିବା ଏକ ଦମ୍ପତି ବମିଖାଲ ଲେଭଲ୍ କ୍ରସିଂ ନିକଟ ରେଳ ଧାରଣାରେ ଟ୍ରେନ୍ ଆଗକୁ ଆସି ଆତ୍ମହତ୍ୟା କରିଛନ୍ତି। ସେମାନେ ହେଲେ କଟକ ଜିଲା କିଶନନଗର ଥାନା ଅଞ୍ଚଳର କୁନା ମଲ୍ଲିକ (୪୩) ଓ ତାଙ୍କ ସ୍ତ୍ରୀ ସୁନି ଭୋଇ (୩୮)। ରବିବାର ବିଳମ୍ବିତ ରାତିରେ ଏଭଳି ଚରମ ନିଷ୍ପତ୍ତି ନେଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ସୋମବାର ସକାଳେ ରେଳଧାରଣାରୁ ଭୁବନେଶ୍ୱର ସରକାରୀ ରେଲୱେ ☞ପୃଷ୍ଠା-୪

## ସ୍ତ୍ରୀ, ପୁତୁରାଙ୍କୁ ହତ୍ୟା ପରେ ଏସିପିଙ୍କ ଆତ୍ମହତ୍ୟା

**ପୁଣେ,୨୪।୭**

ମହାରାଷ୍ଟ୍ରର ପୁଣେ ସହରରେ ସୋମବାର ଜଣେ ୫୭ ବର୍ଷୀୟ ଆସିଷ୍ଟାଣ୍ଟ ପୋଲିସ କମିଶନର (ଏସିପି) ସ୍ତ୍ରୀ ଓ ପୁତୁରାଙ୍କୁ ଗୁଳିକରି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ବାନେର ଅଞ୍ଚଳରେ ରହୁଥିବା ଏସିପି ଭରତ ଗାଏକ୍ୱାଡ୍‌ଙ୍କ ବଙ୍ଗଳାରେ ରବିବାର ରାତି ୩ଟା ୩୦ରେ ଏହି ହତ୍ୟାକାଣ୍ଡ ଘଟିଛି। ତେବେ କ'ଣ ପାଇଁ ଜଣେ ବରିଷ୍ଠ ପୋଲିସ ଅଧିକାରୀ ଏଭଳି ଚରମ ପଦକ୍ଷେପ ନେଲେ ତାହା ଜଣାପଡ଼ିନାହିଁ। ଭରତ ଅମରାବତୀରେ ଏସିପି ଭାବେ ପୋଷ୍ଟିଂ ହୋଇଥିବାବେଳେ ଛୁଟିରେ ଘରକୁ ଆସିଥିଲେ। ରାତି ପ୍ରାୟ ୩ଟା ୩୦ରେ ଏସିପି ତାଙ୍କ ସ୍ତ୍ରୀ ମୋନି ଗାଏକୱାଡ(୪୪)ଙ୍କ ମୁଣ୍ଡକୁ ପ୍ରଥମେ ଗୁଳି କରିଥିଲେ। ଗୁଳି ଶବ୍ଦ ଶୁଣି ତାଙ୍କ ପୁଅ ଓ ପୁତୁରା ଧାଇଁଆସି ରୁମ୍‌ର କବାଟ ଖୋଲିଲା ବେଳକୁ ଏସିପି ପୁତୁରା ଦୀପକ (୩୫)ଙ୍କ ଛାତିକୁ ଗୁଳି କରିଥିଲେ। ପରେ ଏସିପି ନିଜ ମୁଣ୍ଡକୁ ଗୁଳି କରିଥିଲେ। ଘଟଣାସ୍ଥଳରେ ୩ ଜଣଙ୍କର ମୃତ୍ୟୁ ଘଟିଥିଲା।

## ସ୍ତ୍ରୀ, ପୁଅଙ୍କୁ ତଣ୍ଟି ଚିପି ହତ୍ୟା

**ଭଦ୍ରକ,(ସନାତନ ରାଉତ)/ ଭଣ୍ଡାରିପୋଖରୀ (ରବିନାରାୟଣ ଖିଲାର), ୨୪।୭**

ଧାର୍ ଟଙ୍କାଙ୍କୁ କେନ୍ଦ୍ରକରି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳହ ଉଗ୍ରରୂପ ନେଇଛି। ଏଥିରେ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀ ଓ ପୁଅଙ୍କ ତଣ୍ଟି ଚିପି ହତ୍ୟା କରିଛନ୍ତି ସ୍ୱାମୀ। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ତେସିଙ୍ଗା ପଞ୍ଚାୟତ କୁଶଗଡ଼ିଆ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଅଭିଯୁକ୍ତ ସ୍ୱାମୀ ଉମେଶ ନାୟକ(୪୫)ଙ୍କୁ ସୋମବାର ଭଣ୍ଡାରିପୋଖରୀ ପୋଲିସ ଗିରଫ କରିଛି।

ସ୍ଥାନୀୟ ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଉମେଶଙ୍କ ଘର ବନ୍ତ ଥାନା ଅଧୀନ ଦୋଳପଦୀ ଗ୍ରାମରେ। ସେ ୩ବର୍ଷରୁ ଉର୍ଦ୍ଧ୍ୱ ହେବ କୁଶଗଡ଼ିଆରେ ଘରଭଡ଼ା ନେଇ ସ୍ତ୍ରୀ କାଞ୍ଚନବାଳା ସେଠୀ(୩୨) ଓ ପୁଅ ଉତ୍କଳ(୭) ସହ ରହିଆସୁଛନ୍ତି। ସେ ଟ୍ରକ୍ ଚଳାଇ ପରିବାର ପୋଷୁଥିଲେ। ଉମେଶ ☞ପୃଷ୍ଠା-୪

## ଟୁଇଟରର ନୂଆ ଲୋଗୋ 'ଏକ୍ସ'

**ଲଣ୍ଡନ୍,୨୪।୭**



**ହଟିଲା ଫେମସ୍ ବ୍ଲୁବାର୍ଡ**

ବୈଦ୍ୟୁତିକ କାର୍ ନିର୍ମାଣକାରୀ କମ୍ପାନୀ ଟେସ୍‌ଲା ମାଲିକ ଏଲନ ମସ୍କ ସୋମବାର ବହୁଳ ବ୍ୟବହୃତ ମାଇକ୍ରୋବ୍ଲଗିଂ ଆପ୍ ଟୁଇଟରର ନୂଆ ଲୋଗୋ ଉନ୍ମୋଚନ କରିଛନ୍ତି। ଫେମସ୍ ବ୍ଲୁବାର୍ଡକୁ ହଟାଇ ଏଣିକି ଟୁଇଟରର ଚିହ୍ନ ଇଂଲିଶ ଅକ୍ଷର 'ଏକ୍ସ' କରାଯାଇଛି। ସୋମବାର ମସ୍କ କଳା ବ୍ୟାକ୍‌ଗ୍ରାଉଣ୍ଡରେ ଧଳା ରଙ୍ଗରେ 'ଏକ୍ସ' ଲେଖାଥିବା ଏକ ଫଟୋକୁ ନିଜ ଟୁଇଟର ଆକାଉଣ୍ଟରେ ଶେୟାର କରିଛନ୍ତି।

ନୂଆ ଲୋଗୋ ଲଞ୍ଚ କରିବା ପରେ ଟୁଇଟର ମାଲିକ ମସ୍କ ନିଜ ପ୍ରୋଫାଇଲ୍ ଫଟୋରେ ଏହାକୁ ରଖିଛନ୍ତି। ସେହିପରି କମ୍ପାନୀର ସିଇଓ ଲିଣ୍ଡା ଏକ ବିଲ୍ଡିଂରେ ଲାଗିଥିବା ଏକ୍ସ ଲୋଗୋକୁ ଶେୟାର କରିଛନ୍ତି। ୪୪ ବିଲିୟନ୍ ଡଲାରରେ କମ୍ପାନୀ କିଣିବା ପରଠାରୁ ମସ୍କ ଫେମସ୍ ବ୍ଲୁବାର୍ଡକୁ ପରିବର୍ତ୍ତନ କରିବାର ଯୋଜନା ପ୍ରସ୍ତୁତ କରିଥିଲେ। ଏ ନେଇ ମସ୍କ ତାଙ୍କ ୧୪୯ ମିଲିୟନ୍ ଫଲୋୟର୍ସଙ୍କୁ ନୂଆ ଡିଜାଇନ୍ ତିଆରି କରିବା ଲାଗି ପରାମର୍ଶ ମଧ୍ୟ ଦେଇଥିଲେ। ଯାହାଙ୍କ ଡିଜାଇନ୍ ତାଙ୍କୁ ପସନ୍ଦ ଆସିବ ତାକୁ ସେ ଟୁଇଟରର ନୂଆ ଲୋଗୋ ଭାବେ ବ୍ୟବହାର କରିବେ ବୋଲି କହିଥିଲେ। ତେବେ ମସ୍କ ଟୁଇଟରକୁ ଏକ ସୁପର ଆପ୍‌ର ରୂପ ଦେବାକୁ ଯାଉଛନ୍ତି। ଏହି ଆପ୍ ଜରିଆରେ ଅଡିଓ, ଭିଡିଓ, ମେସେଜିଙ୍ଗ, ବ୍ୟାଙ୍କିଙ୍ଗ୍ ଏବଂ ପେମେଣ୍ଟ ସର୍ଭିସ୍‌ର ସୁବିଧା ଯୋଗାଇ ଦିଆଯିବ। ସୁପର ଆପ୍ 'ୱି ଚାଟ୍' ଭଳି ଆଗାମୀ ଦିନରେ ଟୁଇଟର ୟୁଜର୍ସଙ୍କୁ ସମାନ ସୁବିଧା ଯୋଗାଇବ। ମସ୍କଙ୍କ ପ୍ରତିନିଧିତ୍ୱ କ୍ରମେ ଏ ଦିଗରେ କାର୍ଯ୍ୟ ଆରମ୍ଭ ହୋଇଥିବା ପୂର୍ବରୁ ଲିଣ୍ଡା ଏକ ଟୁଇଟ୍ ଜରିଆରେ କହିଥିଲେ। ଟୁଇଟର ଲୋଗୋ ଓ ☞ପୃଷ୍ଠା-୪

## ଆଜି ଓଡ଼ିଶା ଆସିବେ ରାଷ୍ଟ୍ରପତି

**ଭୁବନେଶ୍ୱର, ୨୪।୭(ସୁନିତ୍ ମିଶ୍ର)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାରଠାରୁ ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ମୁର୍ମୁ ରାଷ୍ଟ୍ରପତି ଭବନରୁ ୩ଟା ୨୫ମିନିଟ୍‌ରେ ବାହାରି ୩ଟା ୪୦ମିନିଟ୍‌ରେ ପାଲମ ବିମାନବନ୍ଦରଠାରେ ପହଞ୍ଚିବେ। ସେଠାରୁ ୩ଟା ୫୦ମିନିଟ୍‌ରେ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ବାହାରି ସନ୍ଧ୍ୟା ୬ଟା ୧୦ମିନିଟ୍‌ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ୬ଟା ୨୦ରେ ରାଜଭବନକୁ ଯିବେ। ସେଠାରେ ୭ଟାରୁ ୭.୩୦ ମିନିଟ୍ ପର୍ଯ୍ୟନ୍ତ ଅତୁଟ ବନ୍ଧନ ପରିବାରର ହିତାଧିକାରୀ ମେଡିକାଲ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବେ। ଏହାପରେ ସେ ରାଜଭବନରେ ରାତ୍ରିଯାପନ କରିବାର କାର୍ଯ୍ୟକ୍ରମ ରହିଛି।



ଆସନ୍ତା ୨୬ ତାରିଖରେ ସେ ୮ଟାରୁ ରାଜଭବନରୁ ବାହାରି ଭୁବନେଶ୍ୱର ବିମାନବନ୍ଦର ଯିବେ। ସେଠାରୁ ୮ଟା ୨୦ରେ ବାହାରି ୯ଟା ୨୦ରେ କଟକରେ ପହଞ୍ଚି ଚଣ୍ଡୀ ମନ୍ଦିରରେ ପୂଜାର୍ଚ୍ଚନା କରିବେ। ଉତ୍କଳଗୌରବ ମଧୁସୂଦନ ଦାସଙ୍କ ବାସଭବନ ଓ ନେତାଜୀ ☞ପୃଷ୍ଠା-୪

## ଜ୍ଞାନବାପି ସର୍ଭେ ୨ ଦିନ ସ୍ଥଗିତ

**ନୂଆଦିଲ୍ଲୀ,୨୪।୭**

ଜ୍ଞାନବାପି ମସ୍‌ଜିଦ ବିବାଦୀୟ ସ୍ଥଳର ବିଜ୍ଞାନଭିତ୍ତିକ ସର୍ଭେକୁ ବୁଧବାର ଅପରାହ୍ନ ୫ଟା ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ସୁପ୍ରିମକୋର୍ଟ ସୋମବାର ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ତଳ କୋର୍ଟଙ୍କ ରାୟ ବିରୋଧରେ ମସ୍‌ଜିଦ ପରିଚାଳନା କମିଟି ଆଲ୍ଲାହାବାଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ସୁପ୍ରିମକୋର୍ଟ ଅନୁମତି ଦେଇଛନ୍ତି। ଏଥିପାଇଁ ମସ୍‌ଜିଦ କମିଟିକୁ କିଛି ସମୟ ଦିଆଯିବା ଆବଶ୍ୟକ ବୋଲି ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଥିଲେ। ସୂଚନାଯୋଗ୍ୟ, ବାରାଣସୀ ଜିଲା କୋର୍ଟ ☞ପୃଷ୍ଠା-୪

## ବାଘ ଶିକାର: ୧୧ ଗିରଫ

ମହାରାଷ୍ଟ୍ର ଗାଦଚିରୋଲି ଜିଲାରେ ବାଘ ଶିକାର ଘଟଣାରେ ସ୍ପେସିଆଲ ଟାସ୍କ ଫୋର୍ସ (ଏଟିଏସ୍) ୧୧ ଜଣଙ୍କୁ ଗିରଫ କରିଥିବାବେଳେ ୫ ନାବାଳକଙ୍କୁ ଅଟକ ରଖିଛି। ସେମାନଙ୍କଠାରୁ ବାଘ ନଖ ପୋଲିସ ଜବତ କରିଛି। ଗିରଫମାନଙ୍କ ମଧ୍ୟରେ ୬ ପୁରୁଷ ଏବଂ ୫ ମହିଳା ଥିବା କୁହାଯାଉଛି। ତାଡୋଡା-ଅନ୍ଧେରି ବ୍ୟାଘ୍ର ଅଭୟାରଣ୍ୟରେ ବାଘ ଶିକାର ନେଇ ଅଭିଯୋଗ ହେବାରେ ଏଟିଏସ୍ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା।

## ସଂକ୍ଷେପରେ

### କାମେରୁନ୍‌ରେ କୋଠା ଭୁଶୁଡ଼ି ୩୩ ମୃତ

**ଡୌଲା,୨୪।୭:** କାମେରୁନ୍‌ର ଡୌଲା ସହରରେ ରବିବାର ସକାଳେ ଏକ ୪ ମହଲା କୋଠା ଭୁଶୁଡ଼ିବା ଘଟଣାରେ ମୃତ୍ୟୁସଂଖ୍ୟା ୩୩ରେ ପହଞ୍ଚିଛି। ଉଦ୍ଧାରକାରୀ ଟିମ୍ ଭଗ୍ନାବଶେଷ ତଳୁ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ସୋମବାର ସକାଳେ ଭଗ୍ନାବଶେଷ ତଳୁ କେତେକ ମୃତଦେହ ମିଳିଥିବାବେଳେ ହସ୍ପିଟାଲରେ ଚିକିତ୍ସିତ ଆହତଙ୍କ ମଧ୍ୟରୁ କେତେଜଣ ପ୍ରାଣ ହରାଇଛନ୍ତି। ଆହତ ୨୦ ଜଣଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଉକ୍ତ ବିଲ୍ଡିଂରେ ୨୦୦ରୁ ଊର୍ଦ୍ଧ୍ୱ ଲୋକ ରହୁଥିଲେ। ତେବେ ଭୁଶୁଡ଼ିବା ସମୟରେ ସେଠାରେ କେତେ ଲୋକ ଥିଲେ ତାହା ଜଣାପଡ଼ି ନାହିଁ।

### ସ୍କୁଲ ଛାତ ଭୁଶୁଡ଼ି ୧୧ ମୃତ

**ବେଜିଂ,୨୪।୭:** ଚାଇନା ହେଇଲୋଙ୍ଗଜିଆଙ୍ଗ ଅଞ୍ଚଳରେ ଥିବା ଏକ ସ୍କୁଲ ଜିମ୍ନାସିୟମ ଛାତ ଭୁଶୁଡ଼ି ୧୧ ଜଣଙ୍କ ମୃତ୍ୟୁ ଘଟିଛି। ରବିବାର ରାତି ୨ଟା ୫୬ ମିନିଟ୍‌ରେ ଛାତ ଭୁଶୁଡ଼ି ପଡ଼ିଥିବାବେଳେ ସେଠାରେ ମୋଟ ୧୯ ଜଣ ଉପସ୍ଥିତ ଥିଲେ। ୪ ଜଣ ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରବଳ ବର୍ଷା ଯୋଗୁ ଛାତ ଭୁଶୁଡ଼ି ପଡ଼ିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### ସିଙ୍ଗାପୁରର ୭ ସାଟେଲାଇଟ୍ ଲଞ୍ଚ୍ କରିବ ଇସ୍ରୋ

**ବେଙ୍ଗାଲୁରୁ,୨୪।୭:** ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ଜୁଲାଇ ୩୦ରେ ସିଙ୍ଗାପୁରର ୭ ସାଟେଲାଇଟ୍ ଲଞ୍ଚ କରିବ। ଇସ୍ରାଏଲ ଏରୋସ୍ପେସ୍ ଇଣ୍ଡଷ୍ଟ୍ରିଜ୍ (ଆଇଏଆଇ) ଦ୍ୱାରା ବିକଶିତ ସାଟେଲାଇଟ୍‌ରେ ସିନ୍‌ଥେଟିକ୍ ଆପରାରଚର ରାଡାର (ଏସ୍‌ଏଆର୍) ପେଲୋଡ୍ ଖଞ୍ଜାଯାଇଛି, ଯାହା ଯେ କୌଣସି ପାଣିପାଗରେ ଫଟୋ ଉତ୍ତୋଳନ କରିବାକୁ ସକ୍ଷମ। ଭାରତୀୟ ରକେଟ୍ ପିଏସ୍‌ଏଲ୍‌ଭି-ସି୫୬ ଜରିଆରେ ସିଙ୍ଗାପୁରର ଡିଏସ୍-ଏସ୍‌ଏଆର୍ ସାଟେଲାଇଟ୍ ସହିତ ଆଉ ୬ଟି ସାଟେଲାଇଟ୍ ପଠାଯିବ। ରବିବାର ସକାଳ ୬ଟା ୩୦ ମିନିଟ୍‌ରେ ଶ୍ରୀହରିକୋଟାସ୍ଥିତ ପ୍ରଥମ ଲଞ୍ଚ ପ୍ୟାଡ୍‌ରୁ ସାଟେଲାଇଟ୍ ଉତ୍କ୍ଷେପଣ କରାଯିବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ଇସ୍ରୋ ଓ ସିଙ୍ଗାପୁରର ପ୍ରତିରକ୍ଷା ବିଜ୍ଞାନ ପ୍ରଯୁକ୍ତି ଏଜେନ୍ସି (ଡିଏସ୍‌ଟିଏ)ର ମିଳିତ ଉଦ୍ୟମରେ ଏହି ସାଟେଲାଇଟ୍ ନିର୍ମାଣ କରାଯାଇଛି। ଅନ୍ୟପକ୍ଷେ ଏହା ଏକ କମର୍ସିଆଲ୍ ମିଶନ ବୋଲି ଇସ୍ରୋ ମୁଖ୍ୟ ସୋମନାଥ ଏସ୍. କହିଛନ୍ତି।

### କାନାଡ଼ାରେ ଭାରତୀୟ ଛାତ୍ରଙ୍କ ମୃତ୍ୟୁ

**ଟରୋଣ୍ଟୋ,୨୪।୭:** କାନାଡ଼ା ଟରୋଣ୍ଟୋରେ ୨୪ ବର୍ଷୀୟ ଭାରତୀୟ ଗୁରବିନ୍ଦର ନାଥଙ୍କ ମୃତ୍ୟୁ ଘଟିଛି। ଲୟାଲିଷ୍ଟ କଲେଜ ଛାତ୍ର ଗୁରବିନ୍ଦର ପାଠ ପଢ଼ିବା ସହ ଡେଲିଭରି ବୟ ଭାବେ ପାର୍ଟ ଟାଇମ୍ ଜବ୍ କରୁଥିଲେ। ଗତ ୯ ତାରିଖରେ ସେ ମିସିସାଉଗାର ବ୍ରିଟାନିଆ ଓ କ୍ରେଡିଟ୍‌ଭ୍ୟୁ ରୋଡ୍‌କୁ ପିଜା ଡେଲିଭରି ଦେବାକୁ ଯାଇଥିଲେ। ସେଠାରେ କେତେଜଣ ଦୁର୍ବୃତ୍ତ ତାଙ୍କ ଗାଡ଼ି ନେବାକୁ ଉଦ୍ୟମ କରିଥିଲେ। ଏହାର ପ୍ରତିବାଦ କଲାରୁ ସେମାନେ ଗୁରବିନ୍ଦରଙ୍କୁ ନିସ୍ତୁକ ମାଡ଼ ମାରି ତାଙ୍କ ଗାଡ଼ି ନେଇ ଫେରାର୍ ହୋଇଯାଇଥିଲେ। ଗୁରୁତର ଆହତ ଅବସ୍ଥାରେ ଗୁରବିନ୍ଦରଙ୍କୁ ସ୍ଥାନୀୟ ଟ୍ରମା ସେଣ୍ଟରକୁ ନିଆଯାଇଥିଲା। କିନ୍ତୁ କିଛି ଦିନର ଚିକିତ୍ସା ପରେ ଗତ ୧୪ ତାରିଖରେ ତାଙ୍କ ମୃତ୍ୟୁ ଘଟିଛି। ୨୦୨୧ରେ ସେ ଭାରତରୁ କାନାଡ଼ା ଯାଇଥିଲେ। ବିଜ୍‌ନେସ୍ ସ୍କୁଲରେ ପଢ଼ାସାରି ସେ ନିଜର ଏକ ବ୍ୟବସାୟ ଆରମ୍ଭ କରିବା ଯୋଜନା କରିଥିଲେ।



ମଣିପୁର ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିବୃତି ଦାବି କରି ପାର୍ଲାମେଣ୍ଟ ପରିସରରେ ସୋମବାର ରାଜ୍ୟ ସଭା ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ସମେତ 'ଇଣ୍ଡିଆ' ମେଣ୍ଟର ଏମ୍‌ପିମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଇସିଙ୍କ କ୍ଷମତାର ସାମ୍ବିଧାନିକ ବୈଧତା ଯାଞ୍ଚ ହେବ

### ଆସାମ ନିର୍ବାଚନ ମଣ୍ଡଳୀ ପୁନଃ ନିର୍ଦ୍ଧାରଣରେ ରୋକ ଲଗାଇଲେନି ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୪।୭ (ପି.ଟି.)

ନିର୍ବାଚନ କମିଶନ ଆସାମର ଲୋକ ସଭା ଓ ବିଧାନସଭା ନିର୍ବାଚନ ମଣ୍ଡଳୀଗୁଡ଼ିକର ସୀମା ପୁନଃ ନିର୍ଦ୍ଧାରଣ ପ୍ରକ୍ରିୟା ଚଳାଇଥିବାବେଳେ ଏହା ଉପରେ ସ୍ଥଗିତାଦେଶ ଲଗାଇବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି। ଏହି ପ୍ରସଙ୍ଗରେ ଏକାଧିକ ପିଟିଶନକୁ ନେଇ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାର ଏବଂ ନିର୍ବାଚନ କମିଶନଙ୍କ ଜବାବ ଲୋଡ଼ିଛନ୍ତି। ୩ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିବାବେଳେ ଆବେଦନକାରୀ ଏହାର ୨ ସପ୍ତାହ ମଧ୍ୟରେ ସେମାନଙ୍କର ପ୍ରତ୍ୟୁତ୍ତର ଦାଖଲ କରିପାରିବେ। ଏଥିସହିତ ନିର୍ବାଚନ ମଣ୍ଡଳୀଗୁଡ଼ିକର ସୀମା ପୁନଃ ନିର୍ଦ୍ଧାରଣ ଲାଗି ନିର୍ବାଚନ କମିଶନଙ୍କୁ କ୍ଷମତା ଦେଇଥିବା ଜନପ୍ରତିନିଧି ଆଇନ,୧୯୫୦ର ଧାରା ୮ଏ'ର ସାମ୍ବିଧାନିକ ବୈଧତା ଯାଞ୍ଚ କରିବାକୁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ ଜେ.ବି. ପର୍ଡିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ରାଜି ହୋଇଛନ୍ତି। ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରି ଆସାମର କଂଗ୍ରେସ, ରାଇଜୋର ଦଳ, ଆସାମ ଜାତୀୟ ପରିଷଦ, ସିପିଆଇ(ଏମ୍), ସିପିଆଇ, ଟିଏମ୍‌ସି, ଏନ୍‌ସିପି, ଆର୍‌ଜେଡି ଏବଂ ଆଞ୍ଚଳିକ ଗଣ ମୋର୍ଚ୍ଚାର ୧୦ ଜଣ ନେତା ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ସେମାନେ ମୁଖ୍ୟତଃ ନିର୍ବାଚନ କମିଶନଙ୍କ ଆପଣାଇଥିବା ପ୍ରଣାଳୀ ଏବଂ ଜୁନ୍ ୨୦ରେ ବିଜ୍ଞାପିତ ହୋଇଥିବା ପ୍ରସ୍ତାବଗୁଡ଼ିକୁ ଚ୍ୟାଲେଞ୍ଜ କରିଥିଲେ।

# ମଣିପୁର ହିଂସା: ତୃତୀୟ ଦିନ ଗୃହ ଅଚଳ

- ପ୍ରଧାନମନ୍ତ୍ରୀଙ୍କ ବିବୃତି ଦାବିରେ ପାର୍ଲାମେଣ୍ଟ ପରିସରରେ ବିରୋଧୀ ଏମ୍‌ପିଙ୍କ ରାତିସାରା ବିକ୍ଷୋଭ
- ସରକାର ଆଲୋଚନା ପାଇଁ ପ୍ରସ୍ତୁତ: ଶାହା

ନୂଆଦିଲ୍ଲୀ,୨୪।୭

ମଣିପୁର ହିଂସା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିବୃତି ଦାବିରେ ସୋମବାର ବିରୋଧୀ ସଦସ୍ୟମାନେ ହଙ୍ଗାମା ଜାରି ରଖିବାରୁ ପାର୍ଲାମେଣ୍ଟରେ ତୃତୀୟ ଦିନ ପାଇଁ ଅଚଳାବସ୍ଥା ଦେଖାଦେଇଥିଲା। ଏପରିକି ସରକାର ଉକ୍ତ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗୃହକୁ ପ୍ରତିଶ୍ରୁତି ଦେବା ସତ୍ତ୍ୱେ ବିରୋଧୀ ହଙ୍ଗାମାରୁ ନିବୃତ୍ତ ହୋଇ ନ ଥିଲେ। ଫଳରେ ଉଭୟ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଥିଲା। ପ୍ରଥମେ ଅପରାହ୍ନ ୨ଟା ୩୦ ପର୍ଯ୍ୟନ୍ତ ଲୋକ ସଭାକୁ ମୁଲତବୀ ରଖାଯାଇଥିଲା। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ସ୍ଲୋଗାନବାଜି ଜାରି ରଖିବାରୁ ବାଚସ୍ପତି ଓମ୍ ବିର୍ଲା ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ। ରାଜ୍ୟ ସଭାରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଥିଲା। ମଣିପୁର ପ୍ରସଙ୍ଗ ଏବଂ ଏଏପି ଏମ୍‌ପି ସଞ୍ଜୟ ସିଂଙ୍କୁ ଗୃହରୁ ନିଲମ୍ବନକୁ ନେଇ ହଙ୍ଗାମା ଜାରି ରହିବାରୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା।

ମଣିପୁର ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ବିବୃତି ଦାବି କରି ବିରୋଧୀ ଦଳ ନେତାମାନେ ସୋମବାର ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। 'ଇଣ୍ଡିଆ ଫର୍ ମଣିପୁର' ଏବଂ 'ଇଣ୍ଡିଆ ଡିମାଣ୍ଡସ୍ ପିଏମ୍‌ସ୍ ଷ୍ଟେଟ୍‌ମେଣ୍ଟ ଅନ୍ ମଣିପୁର' ପ୍ଲାକାର୍ଡ ଓ ବ୍ୟାନର ଧରି ବିରୋଧୀ ଦଳଗୁଡ଼ିକ ପାର୍ଲାମେଣ୍ଟ ପରିସରରେ ଥିବା


ଅମିତ୍ ଶାହା

ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ସ୍ଲୋଗାନବାଜି ଜାରି ରଖିଥିଲେ। ସେମାନେ ରାତିସାରା ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମଣିପୁର ହିଂସା ଉପରେ ପ୍ରଧାନମନ୍ତ୍ରୀ ପାର୍ଲାମେଣ୍ଟରେ ବିବୃତି ରଖିବା ହେଉଛି ତାଙ୍କର କର୍ତ୍ତବ୍ୟ ବୋଲି ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଖବରଦାତାମାନଙ୍କୁ କହିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ କାର୍ଯ୍ୟାଳୟରେ ବସି ରହୁଛନ୍ତି। ମଣିପୁରର ବାସ୍ତବ ସ୍ଥିତି ସମ୍ପର୍କରେ ବିବୃତି ଦେବାକୁ ସେ ପାର୍ଲାମେଣ୍ଟକୁ ଆସୁ ନ ଥିବା ଖାର୍ଗେ କହିଥିଲେ।

ପ୍ରଧାନମନ୍ତ୍ରୀଙ୍କ ବିବୃତି ଦାବିକୁ ସରକାର ଗ୍ରହଣ କରୁ ନ ଥିବାରୁ ପାର୍ଲାମେଣ୍ଟ ତୃତୀୟ ଦିନ ପାଇଁ ଅଚଳ ରହିଥିବା କଂଗ୍ରେସ କହିଛି। ଗୃହ ଅଚଳ ପାଇଁ ବିରୋଧୀ ଦଳ ଦାୟୀ ନୁହନ୍ତି। ସେମାନେ ମଣିପୁର ଓ ଦେଶର ଜନସାଧାରଣଙ୍କ ଭାବାବେଗକୁ କେବଳ ପ୍ରତିଫଳିତ କରୁଥିବା କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ଅନ୍ୟପକ୍ଷରେ ସରକାର ମଣିପୁର ସ୍ଥିତି ଉପରେ ଲୋକ ସଭାରେ ଆଲୋଚନା ପାଇଁ ଆଗ୍ରହୀ ଥିବାବେଳେ ବିରୋଧୀ କ'ଣ ପାଇଁ ଗୃହକୁ ଅଚଳ କରି ରଖୁଛନ୍ତି ବୋଲି ଶାହା ପ୍ରଶ୍ନ କରିଥିଲେ। ମଣିପୁରରେ କ'ଣ ଘଟିଛି, ତାହା ଉପରେ ଆଲୋଚନା ପାଇଁ ବିରୋଧୀ ନେତାମାନେ ସୁଯୋଗ ଦେବାକୁ ସେ ଅନୁରୋଧ କରିଥିଲେ। ଏହି ପ୍ରସଙ୍ଗରେ ସତ୍ୟତା ଦେଶ ସମ୍ମୁଖକୁ ଆସିବା ଗୁରୁତ୍ୱପୂର୍ଣ୍ଣ ବୋଲି ଶାହା କହିଥିଲେ।

### କୁକି ମହିଳାଙ୍କୁ ଉଲଗ୍ନ ପରେଡ୍‌ରେ ସମ୍ପୃକ୍ତ ଆଉ ୧୪ ଚିହ୍ନଟ

ମଣିପୁର ହିଂସା ବେଳେ କୁକି ମହିଳାଙ୍କୁ ଉଲଗ୍ନ କରି ବୁଲାଇବା ଘଟଣାର ଭିଡିଓ ପଦାକୁ ଆସିବା ପରେ ଏପର୍ଯ୍ୟନ୍ତ ୬ ଜଣଙ୍କୁ ଗିରଫ କରାଯାଇଛି। ପୋଲିସ ଉକ୍ତ ଭିଡିଓରୁ ଆଉ ୧୪ ଜଣଙ୍କୁ ଚିହ୍ନଟ କରିଛି। ମେ' ୪ରେ ମଣିପୁରର କଙ୍ଗପୋକ୍‌ପି ଜିଲାରେ ହିଂସାକାରୀମାନେ ୨ କୁକି ମହିଳାଙ୍କୁ ଉଲଗ୍ନ ପରେଡ କରାଇଥିଲେ। ୨୬ ସେକେଣ୍ଡର ଏହି ଭିଡିଓ ଗତ ୧୯ ତାରିଖରେ ସୋସିଆଲ ମିଡିଆରେ ପ୍ରକାଶ ପାଇବା ପରେ ଏହାକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଯୌନ ନିର୍ଯାତନାର ଶିକାର ୨ ମହିଳାଙ୍କ ମଧ୍ୟରୁ ଜଣେ ପୂର୍ବତନ ଯବାନଙ୍କ ସ୍ତ୍ରୀ। ସେ ଆସାମ ରେଜିମେଣ୍ଟରେ ସୁବେଦାର ଥିବାବେଳେ କାର୍‌ଗିଲ ଯୁଦ୍ଧ ଲଢ଼ିଥିଲେ। ମଣିପୁରରେ ମେ' ୩ରୁ ଜାତିଆଣ ହିଂସା ଆରମ୍ଭ ହୋଇଥିଲା। ଏଥିରେ ୧୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଛନ୍ତି।

### ସଞ୍ଜୟ ସିଂ ରାଜ୍ୟ ସଭାରୁ ନିଲମ୍ବିତ

ମଣିପୁର ପ୍ରସଙ୍ଗକୁ ନେଇ ସୋମବାର ରାଜ୍ୟ ସଭାରେ ହଙ୍ଗାମା ବେଳେ ଏଏପି ସଦସ୍ୟ ସଞ୍ଜୟ ସିଂ କ୍ରମାଗତ ଭାବେ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶର ଅବମାନନା କରିବାରୁ ତାଙ୍କୁ ମୌସୁମୀ ଅଧିବେଶନର ଅବଶିଷ୍ଟ ଦିନ ପାଇଁ ଗୃହରୁ ନିଲମ୍ବନ କରାଯାଇଛି। ସଞ୍ଜୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ବିରୋଧୀ ଦଳଗୁଡ଼ିକ ନିନ୍ଦା କରିଛନ୍ତି। ସରକାର ବିରୋଧୀଙ୍କ ସ୍ୱରକୁ ଚାପିଦେବାକୁ ଉଦ୍ୟମ କରୁଥିବା ସେମାନେ ଅଭିଯୋଗ ଆଣିଛନ୍ତି।

ରାଜ୍ୟ ସଭାରେ ଗୃହର ନେତା ପୀୟୂଷ ଗୋୟଲ ଏନେଇ ଏକ ପ୍ରସ୍ତାବ ଆଣିଥିବାବେଳେ ତାହା ଧ୍ୱନିମତରେ ଗୃହୀତ ହୋଇଥିଲା। ଏହା ପୂର୍ବରୁ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ସଞ୍ଜୟଙ୍କ ତାଙ୍କ ବିଶୃଙ୍ଖଳିତ ଆଚରଣ ପାଇଁ ସତର୍କ କରାଇଥିଲେ। ଏହି ସମୟରେ ସଞ୍ଜୟ ଗୃହର ମଧ୍ୟଭାଗକୁ ଯାଇ ମଣିପୁର ପ୍ରସଙ୍ଗରେ ଆଲୋଚନା ପାଇଁ ଅଧ୍ୟକ୍ଷଙ୍କୁ ଆକ୍ଷେପ କରି କହୁଥିବା ଦେଖାଯାଇଥିଲା। ଏପରିକି



ତାଙ୍କୁ ନିଲମ୍ବନ କରାଯିବା ସହ ଗୃହକୁ ମୁଲତବୀ ରଖାଯିବା ସତ୍ତ୍ୱେ ଏଏପି ନେତା ପ୍ରତିବାଦ ଜାରି ରଖିଥିଲେ। ତାଙ୍କ ନିଲମ୍ବନ ପ୍ରତ୍ୟାହାର ଲାଗି ବିରୋଧୀ ସଦସ୍ୟମାନେ ଅନୁରୋଧ କରିଥିଲେ।

## ପଶ୍ଚିମବଙ୍ଗ ରାମନବମୀ ହିଂସାର ତଦନ୍ତ କରିବ ଏନ୍‌ଆଇଏ

ନୂଆଦିଲ୍ଲୀ,୨୪।୭

ପଶ୍ଚିମବଙ୍ଗ ରାମନବମୀ ଶୋଭାଯାତ୍ରା ବେଳେ ଘଟିଥିବା ହିଂସାକାଣ୍ଡର ତଦନ୍ତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) କରିବାକୁ କାଲ୍‌କାଟା ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟ ସୋମବାର ଉକ୍ତ ରାୟକୁ କାଏମ ରଖିଛନ୍ତି। ରାମନବମୀ ପାଳନ ବେଳେ ପଶ୍ଚିମବଙ୍ଗର ହାଓଡ଼ା, ଦଲଖୋଲା ଜିଲା ସମେତ ଅନ୍ୟାନ୍ୟ ସ୍ଥାନରେ ହିଂସାକାଣ୍ଡ ଘଟିବା ସହ ବୋମାମାଡ଼ ହୋଇଥିଲା। ତେବେ ବୋମା ଆକ୍ରମଣକୁ ରାଜ୍ୟ ପୋଲିସ ବିସ୍ଫୋରକ ସାମଗ୍ରୀ ଆଇନରେ ରେକର୍ଡ କରି ନ ଥିବା ଅଭିଯୋଗ ହୋଇଥିଲା। ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ଜନସ୍ୱାର୍ଥ ମାମଲା ଏବଂ ଅନ୍ୟ ୩ ପିଟିଶନର ଶୁଣାଣି କରି ଉକ୍ତ ହିଂସାର ଏନ୍‌ଆଇଏ ତଦନ୍ତ ପାଇଁ କୋଲ୍‌କାତା ହାଇକୋର୍ଟ ଗତ ଏପ୍ରିଲ ୨୭ରେ ନିର୍ଦ୍ଦେଶ ଦେଇଥିଲେ। ହିଂସା ସମ୍ପର୍କିତ ସମସ୍ତ ଏତଲା, ଦସ୍ତାବିଜ, ତଥ୍ୟ ପ୍ରମାଣ ଓ ସିସିଟିଭି ଫୁଟେଜ୍ ଏନ୍‌ଆଇଏକୁ ଦୁଇ ସପ୍ତାହ ମଧ୍ୟରେ ହସ୍ତାନ୍ତର କରିବାକୁ ରାଜ୍ୟ ପୋଲିସକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ରାୟ ବିରୋଧରେ ରାଜ୍ୟ ସରକାର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ।

## ୭୦୦ କୋଟି ସାଇବର ଠକେଇର ପର୍ଦ୍ଦାଫାଶ

ହାଇଦ୍ରାବାଦ,୨୪।୭

ପାଖାପଖି ୧୫,୦୦୦ ଭାରତୀୟଙ୍କଠାରୁ ୭୦୦ କୋଟି ଟଙ୍କା ଠକି ନେଇଥିବା ସାଇବର ଠକଙ୍କ ପର୍ଦ୍ଦାଫାଶ୍ କରିଛି ହାଇଦ୍ରାବାଦ ପୋଲିସ। ଠକେଇରେ ଚାଇନା ହ୍ୟାଣ୍ଡଲରମାନଙ୍କ ସମ୍ପୃକ୍ତି ଥିବା ପୋଲିସ କହିଛି। ଦୁବାଇ ଜରିଆରେ ଏହି ଟଙ୍କା ଚାଇନାରେ ପହଞ୍ଚୁଥିବାବେଳେ ଲେବାନନ୍‌ସ୍ଥିତ ଆତଙ୍କବାଦୀ ଗ୍ରୁପ୍ ହେଜ୍‌ବୋଲାହ ଦ୍ୱାରା ଅପରେଟ ହେଉଥିବା ଆକାଉଣ୍ଟକୁ ମଧ୍ୟ ଏହି ଟଙ୍କା ପଠାଯାଉଥିଲା। ଜଣେ ସଫ୍ଟୱେର୍ ପ୍ରଫେଶନାଲ ୮୨ ଲକ୍ଷ ଟଙ୍କାର ସାଇବର ଠକେଇର ଶିକାର ହୋଇଥିବା ହାଇଦ୍ରାବାଦ ପୋଲିସ କମିଶନର ସି.ଭି. ଆନନ୍ଦ କହିଛନ୍ତି। ଠକେଇ ଟଙ୍କାକୁ କ୍ରିପ୍ଟୋକରେନ୍ସିରେ ପରିବର୍ତ୍ତନ କରି ହେଜବୋଲାହ ଅପରେଟେଡ୍ ୱାଲେଟ୍‌କୁ ପଠାଯାଇଥିବା ପୋଲିସ ସନ୍ଦେହ କରୁଛି। ଘଟଣାରେ ସମ୍ପୃକ୍ତି ନେଇ ୯ ଜଣଙ୍କୁ ଗିରଫ କରାଯାଇଛି।

## ବହିଷ୍କୃତ ମନ୍ତ୍ରୀଙ୍କୁ ଗୃହରୁ ଘୋଷାଡ଼ି ବାହାରକଲେ

### ରାଜସ୍ଥାନ ବିଧାନସଭାରେ ହାଇଡ୍ରାମା

ନୂଆଦିଲ୍ଲୀ,୨୪।୭

ରାଜସ୍ଥାନ ମନ୍ତ୍ରିମଣ୍ଡଳରୁ ଶୁକ୍ରବାର ବହିଷ୍କୃତ ମନ୍ତ୍ରୀ ରାଜେନ୍ଦ୍ର ଗୁଧାଙ୍କୁ ସୋମବାର ବିଧାନସଭାରୁ ଘୋଷାଡ଼ି ବାହାର କରିଦିଆଯାଇଛି। ସୋମବାର ରାଜସ୍ଥାନ ବିଧାନସଭାରେ ଅଭୂତପୂର୍ବ ଘଟଣା ଦେଖିବାକୁ ମିଳିଥିଲା। ବହିଷ୍କୃତ ମନ୍ତ୍ରୀ ଗୃହରେ ଏକ ଲାଲ୍ ରଙ୍ଗର ଡାଏରି ହଲାଇ ସେଥିରେ ଆର୍ଥିକ କାରବାରରେ ଅନିୟମିତତା ସମ୍ପର୍କିତ ସମସ୍ତ ବିବରଣୀ ରହିଥିବା ଦାବି କରିଥିଲେ। ତାଙ୍କୁ ଗୃହରୁ ଘୋଷାଡ଼ି ବାହାର କରାଯାଇଥିବା ସେ ଅଭିଯୋଗ କରିଛନ୍ତି।


ରାଜେନ୍ଦ୍ର ଗୁଧା

ଶୂନ୍ୟକାଳ ବେଳେ ଗୁଧା ବାଚସ୍ପତି ସି.ପି. ଜୋଷୀଙ୍କ ଆସନ ପାଖକୁ ଯାଇ ଡାଏରି ଦେଖାଇବା ସହ ଯୁକ୍ତିତର୍କ କରିଥିଲେ। ବାଚସ୍ପତି ତାଙ୍କୁ ଚାମ୍ବରକୁ ଯାଇ ଆଲୋଚନା କରିବାକୁ କହିଥିଲେ। ଏହା ପରେ ଗୁଧା ସଂସଦୀୟ ବ୍ୟାପାର ମନ୍ତ୍ରୀ ଶାନ୍ତି ଧରିୱାଲଙ୍କ ପାଖକୁ ଯାଇ ତାଙ୍କ ସହ ମୁହାଁମୁହିଁ ହୋଇଥିଲେ। ଏହି ସମୟରେ କଂଗ୍ରେସ ବିଧାୟକ ରଫିକ୍ ଖାନ୍ ତାଙ୍କୁ ଠେଲିଦେଇଥିବାବେଳେ ଅନ୍ୟ ବିଧାୟକମାନେ ତାଙ୍କୁ ଗୃହ ବାହାରକୁ ନେଇଯିବାକୁ ଉଦ୍ୟମ କରିଥିଲେ। ଭାଜପା ବିଧାୟକମାନେ ଲାଲ୍ ଡାଏରି ସମ୍ପର୍କରେ ସରକାରଙ୍କୁ ଜବାବ ମାଗିବା ସହ ପ୍ରତୀକାତ୍ମକ ଡାଏରି ହଲାଇଥିଲେ। ଫଳରେ ବାଚସ୍ପତି ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ।

## କର୍ନାଟକ ହାଇକୋର୍ଟ ବିଚାରପତିଙ୍କୁ ହତ୍ୟା ଧମକ

ବେଙ୍ଗାଲୁରୁ,୨୪।୭

କର୍ନାଟକ ହାଇକୋର୍ଟରେ କେତେଜଣ ବିଚାରପତିଙ୍କୁ ହ୍ୱାଟ୍ସଆପ୍‌ରେ ହତ୍ୟା ଧମକ ମିଳିବା ପରେ ସେଣ୍ଟ୍ରାଲ ସିଇଏନ୍ କ୍ରାଇମ୍ ଥାନା ଅଜଣା ସନ୍ଦିଗ୍ଧଙ୍କ ନାଁରେ ମାମଲା ରୁଜୁ କରିଛି। ଏନେଇ ହାଇକୋର୍ଟର ପ୍ରେସ୍ ରିଲେଶନ ଅଫିସର କେ. ମୁରଲୀଧର ଗତ ୧୪ ତାରଖରେ ଅଭିଯୋଗ ଦାଏର କରିଥିଲେ। ଅଭିଯୋଗ ଅନୁଯାୟୀ ୧୨ ତାରିଖ ସନ୍ଧ୍ୟାରେ ସେ ଅନ୍ତର୍ଜାତୀୟ ନମ୍ବରରୁ ହ୍ୱାଟ୍ସଆପ୍‌ରେ ଧମକପୂର୍ଣ୍ଣ ବାର୍ତ୍ତା ପାଇଥିଲେ। ହିନ୍ଦୀ, ଉର୍ଦ୍ଦୁ ଓ ଇଂଲିଶରେ ଆସିଥିବା ଉକ୍ତ ବାର୍ତ୍ତାରେ ମୁରଲୀଧରଙ୍କ ସହ ୫ ବିଚାରପତିଙ୍କୁ ହତ୍ୟା ଧମକ ଦିଆଯାଇଥିଲା। ସେମାନେ ହେଲେ ଜଷ୍ଟିସ ମହମ୍ମଦ ନାୱାଜ, ଏଚ୍.ଟି. ନରେନ୍ଦ୍ର ପ୍ରସାଦ, ଅଶୋକ ଜି. ନିଜଗନ୍ନାଭାର (ଅବସରପ୍ରାପ୍ତ), ଏଚ୍.ପି. ସନ୍ଦେଶ, କେ. ନଟରାଜନ ଏବଂ ବି. ବୀରାପ୍ପା(ଅବସରପ୍ରାପ୍ତ)। ଦୁବାଇର ଏକ ଗ୍ୟାଙ୍ଗ ଜରିଆରେ ଏହି ବାର୍ତ୍ତା ଆସିଥିବା ପୋଲିସ କହିଛି।

## ଫେସ୍‌ବୁକ୍ ବନ୍ଧୁଙ୍କୁ ଭେଟିବାକୁ ପାକିସ୍ତାନ ଗଲେ ମହିଳା


ଅଞ୍ଜୁ

### ୪ ବର୍ଷ ତଳୁ ହୋଇଥିଲା ସମ୍ପର୍କ

ଜୟପୁର,୨୪।୭

ନୋଏଡ଼ାର ସଚିନ ମୀନା ଏବଂ ପାକିସ୍ତାନର ସୀମା ହାଇଦରଙ୍କ ପ୍ରେମ କାହାଣୀକୁ ନେଇ ଚର୍ଚ୍ଚା ଥମି ନ ଥିବା ବେଳେ ରାଜସ୍ଥାନ ଅଲୱରର ଜଣେ ୩୫ ବର୍ଷୀୟ ବିବାହିତା ମହିଳା ତାଙ୍କ ଫେସ୍‌ବୁକ୍ ବନ୍ଧୁଙ୍କୁ ଭେଟିବା ଲାଗି ପାକିସ୍ତାନ ଚାଲିଯାଇଛନ୍ତି। ଅଞ୍ଜୁ ନାମ୍ନୀ ଏହି ମହିଳା ଜୟପୁର ଯାଉଥିବା ତାଙ୍କ ସ୍ୱାମୀ ଅରବିନ୍ଦ କୁମାରଙ୍କୁ କହି ୨୦ ତାରିଖରେ ଘରୁ ବାହାରିଯାଇଥିଲେ। ତେବେ ସେ ପାକିସ୍ତାନ ଯାଇଥିବା କଥା ରବିବାର ଅରବିନ୍ଦ ଜାଣିବାକୁ ପାଇଥିଲେ। ସେ ଅଞ୍ଜୁଙ୍କୁ ଫୋନ୍ କରିବାରୁ ସେ ଖାଇବର ପଖତୁନ୍‌ଖ୍ୱାର ଡିଅର ସହରରେ ଥିବା କହିଥିଲେ। ଅଞ୍ଜୁ ବୈଧ ପାକିସ୍ତାନୀ ଭିଜାରେ ତାଙ୍କ ବନ୍ଧୁ ନସରୁଲ୍ଲା(୨୯)ଙ୍କୁ ଭେଟିବା ପାଇଁ ଯାଇଛନ୍ତି। ଅଞ୍ଜୁଙ୍କର ୪ ବର୍ଷ ପୂର୍ବେ ନସରୁଲ୍ଲାଙ୍କ ସହ ଫେସ୍‌ବୁକ୍‌ରେ ବନ୍ଧୁତା ହୋଇଥିଲା। ଏହି ଖବର ପ୍ରକାଶ ପାଇବା ପରେ ରାଜସ୍ଥାନର ଅଫିସରମାନଙ୍କ ଏକ ଟିମ୍ ତାଙ୍କ ଅଲୱର ଘରେ ପହଞ୍ଚି ସ୍ୱାମୀଙ୍କୁ ପଚରାଉଚରା କରିଥିଲେ। ଅଞ୍ଜୁ କିଛିଦିନ ମଧ୍ୟରେ ପାକିସ୍ତାନରୁ ଫେରିଆସିବେ ବୋଲି ଅରବିନ୍ଦ କହିଛନ୍ତି। ବିବାହର କୌଣସି ପ୍ରସ୍ତାବ ନାହିଁ। ଅଗଷ୍ଟ ୨୦ରେ ଅଞ୍ଜୁ ଭାରତ ଫେରିଯିବେ ବୋଲି ନସରୁଲ୍ଲା କହିଛନ୍ତି।

## ମେଘାଳୟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଉପରେ ଆକ୍ରମଣ

### ୫ ସୁରକ୍ଷାକର୍ମୀ ଆହତ

ତୁରା,୨୪।୭

ମେଘାଳୟ ମୁଖ୍ୟମନ୍ତ୍ରୀ କନରାଡ ସାଙ୍ଗମାଙ୍କ ତୁରାସ୍ଥିତ କାର୍ଯ୍ୟାଳୟ ଉପରକୁ ସୋମବାର ସନ୍ଧ୍ୟାରେ ବିକ୍ଷୋଭକାରୀ ଟେକାମାଡ଼ କରିଛନ୍ତି। ଆକ୍ରମଣରେ ସାଙ୍ଗମାଙ୍କ ୫ ସୁରକ୍ଷାକର୍ମୀ ଆହତ ହୋଇଥିବା ଜଣାପଡ଼ିଛି। ତୁରାକୁ ଶୀତଦିନିଆ ରାଜଧାନୀ ଦାବିରେ ଗୋରା ହିଲ୍ସର ସିଭିଲ୍ ସୋସାଇଟି କିଛିଦିନ ହେବ ଅନଶନରେ ବସିଛନ୍ତି। ସୋମବାର ସନ୍ଧ୍ୟାରେ ସାଙ୍ଗମା ବିକ୍ଷୋଭକାରୀଙ୍କ ସହ ସେମାନଙ୍କ ଦାବି ସଂକ୍ରାନ୍ତରେ ଆଲୋଚନା କରୁଥିବାବେଳେ କେତେଜଣ ପ୍ରଥମେ କାର୍ଯ୍ୟାଳୟ ଉପରକୁ ଟେକା ପିଙ୍ଗିବା ଆରମ୍ଭ କରିଥିଲେ। ସେଠାରେ ଥିବା ସୁରକ୍ଷାକର୍ମୀ ମୁଖ୍ୟମନ୍ତ୍ରୀଙ୍କୁ କାର୍ଯ୍ୟାଳୟ ଭିତରକୁ ସୁରକ୍ଷିତ ଭାବେ ନେଇଯାଇଥିଲେ। ତେବେ କାର୍ଯ୍ୟାଳୟରୁ ବାହାରିବା ବାଟରେ ବିକ୍ଷୋଭକାରୀମାନେ ଜଗି ବସିଥିବାରୁ ସାଙ୍ଗମାଙ୍କ ପକ୍ଷେ ସେଠାରୁ ବାହାରିବା ଅସମ୍ଭବ ହୋଇପଡ଼ିଛି। କାର୍ଯ୍ୟାଳୟ ବାହାରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି।


ଉତ୍ତ୍ୟକ୍ତ ଲୋକଙ୍କ ଟେକାମାଡ଼ରେ ଆହତ ସୁରକ୍ଷାକର୍ମୀ।

**ଇମ୍ରାନ୍‌ଙ୍କୁ ଗିରଫ କର: ପାକ୍ ନିର୍ବାଚନ କମିଶନ**

ଇସ୍‌ଲାମାବାଦ: ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ଗିରଫ କରି ମଙ୍ଗଳବାର ହାଜର କରାଇବା ଲାଗି ପାକ୍ ନିର୍ବାଚନ କମିଶନ ଇସ୍‌ଲାମାବାଦ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଏକ ଅବମାନନା ମାମଲାର ଶୁଣାଣିରେ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ ମୁଖ୍ୟ ଇମ୍ରାନ ବାରମ୍ବାର ଅନୁପସ୍ଥିତ ରହିବାରୁ ଉତ୍କ୍ଷିପ୍ତ ନିର୍ବାଚନ କମିଶନ ତାଙ୍କୁ ଗିରଫ କରିବା ଲାଗି ପୋଲିସ ଆଇଜିଙ୍କୁ କହିଛନ୍ତି। ନିର୍ବାଚନ କମିଶନ ଓ ଏହାର ମୁଖ୍ୟଙ୍କ ବିରୋଧରେ ଅସଭ୍ୟ ଭାଷା ପ୍ରୟୋଗ କରିବା ଅଭିଯୋଗରେ ଇମ୍ରାନ୍ ଓ ତାଙ୍କ ଦଳର ଅନ୍ୟତମ ନେତା ଅସାଦ ଉମର ଏବଂ ଫୱାଦ ଚୌଧରୀଙ୍କ ବିରୋଧରେ ଗତବର୍ଷ ଅବମାନନା ମାମଲାର ବିଚାର ଆରମ୍ଭ ହୋଇଥିଲା।




# ଗ୍ୟାଙ୍ଗଷ୍ଟର ଟିଟୋଙ୍କୁ ଗିରଫ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ଜାମିନ ସର୍ତ୍ତ ଖିଲାପ ସମ୍ପର୍କରେ ଜଣାଇଲା କେନ୍ଦ୍ରାପଡ଼ା ପୋଲିସ**

କଟକ,୨୪।୭ (କାର୍ତ୍ତିକ ସାହୁ)

ଗ୍ୟାଙ୍ଗଷ୍ଟର ଟିଟୋ ଓରଫ ସୟଦ ଉସ୍‌ମାନ ଅଲ୍ଲୀଙ୍କୁ ଗିରଫ କରିବା ପାଇଁ ହାଇକୋର୍ଟ ସୋମବାର କେନ୍ଦ୍ରାପଡ଼ା ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ମାମଲାର ଶୁଣାଣି କରି ଟିଟୋ ହାଇକୋର୍ଟଙ୍କ ସର୍ତ୍ତ ଖିଲାପ କରିଥିବାରୁ ସେ ପୂର୍ବରୁ ପାଇଥିବା ଜାମିନକୁ ଖାରଜ କରିଦେଇଛନ୍ତି।


ଟିଟୋ

ସୂଚନା ଅନୁସାରେ, ଟିଟୋ ପୂର୍ବରୁ ଦୁଇଟି ମାମଲାରେ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ପାଇଥିଲେ। ପ୍ରତି ସପ୍ତାହରେ ସେ କେନ୍ଦ୍ରାପଡ଼ା ଟାଉନ୍ ଥାନାରେ ହାଜର ହେବା ନିମନ୍ତେ ହାଇକୋର୍ଟ ସର୍ତ୍ତ ରଖିଥିଲେ। ହେଲେ ସର୍ତ୍ତ କୋହଳ କରିବା ନିମନ୍ତେ ଟିଟୋ ହାଇକୋର୍ଟରେ ଆବେଦନ କରିଥିଲେ। ଏହି ମାମଲାର ସୋମବାର ଶୁଣାଣିବେଳେ ସର୍ତ୍ତ ଅନୁସାରେ ଟିଟୋ ଥାନାରେ ପ୍ରତି ସପ୍ତାହରେ ହାଜର ହେଉ ନ ଥିବା ନେଇ କେନ୍ଦ୍ରାପଡ଼ା ଟାଉନ୍ ଥାନା ପୋଲିସ ହାଇକୋର୍ଟଙ୍କୁ ଅବଗତ କରାଇଥିଲା। ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହେଉ ନ ଥିବା ଜାଣିବା ପରେ ହାଇକୋର୍ଟ ପୁଣି ଟିଟୋଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଗ୍ୟାଙ୍ଗଷ୍ଟର ଟିଟୋ ହତ୍ୟା, ବେଆଇନ ବଟି ଆଦାୟ ଭଳି ବହୁ ଆପରାଧିକ ମାମଲାରେ ଜଡ଼ିତ ଥାଇ ପୋଲିସଠାରୁ ଖସି ବୁଲୁଥିଲେ। ତେବେ ୨୦୧୮ ଜୁନ୍ ୩୦ରେ ଯାଜପୁର ଜିଲା ଚଣ୍ଡିଖୋଲ ନିକଟରେ ପୋଲିସ ତାଙ୍କୁ ଏନ୍‌କାଉଣ୍ଟର କରିଥିଲା। ପରେ ତାଙ୍କୁ ଗିରଫ କରାଯାଇଥିଲା। ଏଥିସହ ଆପରାଧିକ ମାମଲାରେ ସମ୍ପୃକ୍ତ ଟିଟୋଙ୍କର ୨୦ରୁ ଊର୍ଦ୍ଧ୍ୱ ସହଯୋଗୀଙ୍କୁ ମଧ୍ୟ ପୋଲିସ ଗିରଫ କରିଛି।

# ଦିନକରେ ୭୫ ଫୌଜଦାରି ମାମଲାର ରାୟ ପ୍ରକାଶ

କଟକ,୨୪।୭ (କାର୍ତ୍ତିକ ସାହୁ)



- ହାଇକୋର୍ଟ ରଚିଲା ଇତିହାସ
- ୭୫ ବର୍ଷ ପୂର୍ତ୍ତିରେ ଯୋଡ଼ିହେଲା ସ୍ୱର୍ଣ୍ଣିମ ଫର୍ଦ୍ଦ
- ୭ ବର୍ଷ ଧରି ବିଚାରାଧୀନ ଥିଲା

ଓଡ଼ିଶା ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତିର ସୁଦୀର୍ଘ ଗରିମାମୟ ଇତିହାସରେ ଯୋଡ଼ିହୋଇଛି ଆଉ ଏକ ସ୍ୱର୍ଣ୍ଣିମ ଫର୍ଦ୍ଦ। ହାଇକୋର୍ଟ ବିଚାରପତି ଦେବବ୍ରତ ଦାଶ ଓ ଡ. ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ଖଣ୍ଡପୀଠ ସୋମବାର ଗୋଟିଏ ଦିନରେ ୭୫ଟି ଫୌଜଦାରି ମାମଲାର ରାୟ ପ୍ରକାଶ କରିଛନ୍ତି। ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତି ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଯୋଗଦାନର ଅବ୍ୟବହିତ ପୂର୍ବରୁ ଏହା ଏକ ମାଇଲଖୁଣ୍ଟ ପରି ଓଡ଼ିଶା ତଥା ଭାରତର ନ୍ୟାୟିକ ଇତିହାସକୁ ଗୌରବାନ୍ୱିତ କରିଛି।

ସୂଚନା ଅନୁସାରେ, ଆସନ୍ତା ୨୬ରେ ଓଡ଼ିଶା ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତି ସମାରୋହ ପାଳନ କରାଯିବ। ଏହି ଅବସରରେ ତ୍ୱରିତ ନ୍ୟାୟ ପ୍ରଦାନ ନିମନ୍ତେ ବର୍ତ୍ତମାନ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରାଯାଇ ବ୍ୟବସ୍ଥାକୁ ଅତ୍ୟନ୍ତ ସହଜ କରାଯାଇଛି। ହାଇକୋର୍ଟର ସମସ୍ତ ଐତିହାସିକ କୃତିତ୍ୱ ସହ ବର୍ତ୍ତମାନର ଏହି ୭୫ ଫୌଜଦାରି ମାମଲାର ରାୟ ପ୍ରକାଶ ଗତ ୭ ଦଶକ ତୁଳନାରେ ନ୍ୟାୟିକ ବ୍ୟବସ୍ଥାର ଅଗ୍ରଗତିକୁ ପ୍ରମାଣିତ କରିଛି। ଏହି ଫୌଜଦାରି ମାମଲାଗୁଡ଼ିକ ଗତ ୭ ବର୍ଷ ବା ତଦୂର୍ଦ୍ଧ୍ୱ ସମୟ ଧରି ହାଇକୋର୍ଟରେ ବିଚାରାଧୀନ ଥିଲା। ଏ ସମସ୍ତ ହତ୍ୟା ମାମଲା ହୋଇଥିବାବେଳେ ରାଜ୍ୟର ଜିଲା କୋର୍ଟଗୁଡ଼ିକର ରାୟକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ବିଚାର ପାଇଁ ପଡ଼ିରହିଥିଲା। ୨୦୨୩ ଜୁନ୍ ୨୧ ତାରିଖଠାରୁ ଏହି ମାମଲାଗୁଡ଼ିକର ଶୁଣାଣି ଚାଲିଥିଲା। ନ୍ୟାୟପାଳିକା ଏବେ ନୂଆ ପ୍ରଣାଳୀରେ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରିବାର ଲକ୍ଷ୍ୟ ପୂରଣ କରୁଛି। ବିଶେଷକରି ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତିର ଯାତ୍ରାରେ ଯୋଗଦେବାକୁଥିବା ରାଷ୍ଟ୍ରପତି ମୁର୍ମୁଙ୍କ ପ୍ରତି ଏହା ଏକ ଯଥାଯୋଗ୍ୟ ସମ୍ମାନ ହୋଇପାରିଛି। ଯାହାକି ସୁପ୍ରିମକୋର୍ଟରେ ୨୦୨୨ ନଭେମ୍ବର ୨୬ ତାରିଖ ସମ୍ବିଧାନ ଦିବସ ପାଳନ ଅବସରରେ ରାଷ୍ଟ୍ରପତି ମୁର୍ମୁ କହିଥିଲେ, ନ୍ୟାୟପାଳିକାରେ ଫୌଜଦାରି ମାମଲାଗୁଡ଼ିକ ବିଚାର ନ ହୋଇ ଦୀର୍ଘଦିନ ଧରି ପଡ଼ିରହୁଛି। ଏହାଦ୍ୱାରା ବହୁସଂଖ୍ୟକ ନିରୀହ ଲୋକ ବିଳମ୍ବିତ ନ୍ୟାୟ ପାଇଁ ଦୁର୍ଦ୍ଦଶା ଭୋଗ କରୁଛନ୍ତି। ବିଚାରାଧୀନ ବନ୍ଦୀ ଭାବେ ଜେଲ୍‌ରେ ସେମାନେ ଜୀବନ ବିତାଉଛନ୍ତି। ସେମାନଙ୍କର ମୂଲ୍ୟବାନ ଜୀବନ ଓ ସମୟ ଜେଲ ମଧ୍ୟରେ ନଷ୍ଟ ହୋଇଯାଉଛି। ହେଲେ ସେମାନଙ୍କ ମାମଲାର ଫଇସଲା ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ହୋଇପାରୁନାହିଁ ବୋଲି ରାଷ୍ଟ୍ରପତି କହିଥିଲେ। ରାଷ୍ଟ୍ରପତିଙ୍କ କଥାକୁ ସମ୍ମାନ ଜଣାଇ ହାଇକୋର୍ଟ ଗ୍ରହଣ କରିଥିବା ଏହି ପଦକ୍ଷେପ ତା'ର ନ୍ୟାୟିକ ପରମ୍ପରାକୁ ମହାନ୍ କରିଛି ବୋଲି କୁହାଯାଉଛି।

# ସିଲିକନ ଭ୍ୟାଲିରେ ହେବ ଜଗନ୍ନାଥ ମନ୍ଦିର

**ଶିଳାନ୍ୟାସ କଲେ ରାଜ୍ୟ ସରକାରଙ୍କ ପ୍ରତିନିଧି ମଣ୍ଡଳୀ**

ଭୁବନେଶ୍ୱର,୨୪।୭(ଅନିଲ ଦାସ)



ଇଲେକ୍ଟ୍ରୋନିକ୍ସ ଆଣ୍ଡ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ନେତୃତ୍ୱରେ ଓଡ଼ିଶାରୁ ଯାଇଥିବା ଏକ ପ୍ରତିନିଧିମଣ୍ଡଳୀ ସୋମବାର ଯୁକ୍ତରାଷ୍ଟ୍ର ଆମେରିକାର ସିଲିକନ ଭ୍ୟାଲିଠାରେ ନିର୍ମାଣ ହେବାକୁ ଥିବା ବୃହତ୍ ଜଗନ୍ନାଥ ମନ୍ଦିରର ଶିଳାନ୍ୟାସ କରିଛନ୍ତି। ଆମେରିକା ଏବଂ ଓଡ଼ିଶା ମଧ୍ୟରେ ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ସମ୍ପର୍କ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ପ୍ରତିନିଧିମଣ୍ଡଳୀ ପ୍ରବାସୀ ଓଡ଼ିଆମାନଙ୍କର ଏହି କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଏହି ପ୍ରତିନିଧିମଣ୍ଡଳୀ ସିଲିକନ ଭ୍ୟାଲିରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରାର୍ଥନା କରିଥିଲେ। ପରେ ପ୍ରତିନିଧିମଣ୍ଡଳୀ ୯ ଏକର ଜମିରେ ପ୍ରତିଷ୍ଠିତ ହେବାକୁ ଥିବା ଜଗନ୍ନାଥ ମନ୍ଦିର ସ୍ଥଳକୁ ଯାଇଥିଲେ। ଏହାକୁ ସ୍ମରଣୀୟ କରିବା ପାଇଁ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ସେଠାରେ ବୃକ୍ଷରୋପଣ କରିଥିଲେ। ମନ୍ଦିର ପ୍ରତିଷ୍ଠା ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରବାସୀ ଓଡ଼ିଆମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ.ପାଣ୍ଡିଆନ ଏବଂ ଇଲେକ୍ଟ୍ରୋନିକ ଓ ସୂଚନା ପ୍ରଯୁକ୍ତି ସଚିବ ମନୋଜ ମିଶ୍ର ଯୋଗଦେଇଥିଲେ।

## ମାଓବାଦୀ ନେତା ସବ୍ୟସାଚୀଙ୍କୁ ଜାମିନ

ଗୁଣପୁର,୨୪।୭ (ପ୍ରଦୀପ କୁମାର ପାଢ଼ୀ): ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କୁ



ସୋମବାର ହାଇକୋର୍ଟରୁ ଜାମିନ ମିଳିଛି। ରାୟଗଡା ଜିଲା ଗୁଣପୁର ସବ୍‌ଜଜ୍‌ଙ୍କ କୋର୍ଟରେ ସବ୍ୟସାଚୀଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ ଏ ନେଇ ସୂଚନା ଦେଇଛନ୍ତି। ଗୁଣପୁରଠାରେ ଚାଲିଥିବା ଏହି ମାମଲାରେ ଜାମିନ ନାମଞ୍ଜୁର ହେବା ପରେ ସବ୍ୟସାଚୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେଠାରେ ତାଙ୍କର ଜାମିନ ମଞ୍ଜୁର ହୋଇଥିବା ସୂଚନା ମିଳିଛି। ତେବେ ତାଙ୍କ ନାମରେ ଗୁଣପୁର ସବ୍‌ଜଜ୍‌ଙ୍କ କୋର୍ଟରେ ୩ଟି ଏବଂ ଅତିରିକ୍ତ ଜିଲା ଜଜ୍ କୋର୍ଟରେ ୪ଟି ମାମଲା ବିଚାରାଧୀନ ଥିବାରୁ ସେ ଜେଲରୁ ବାହାରିପାରିବେ ନାହିଁ ବୋଲି ଜଣାପଡିଛି।

## ଦିବ୍ୟାଙ୍ଗ ନାବାଳିକାଙ୍କ ଗଳା କାଟି ହତ୍ୟା

ରାଇରଙ୍ଗପୁର,୨୪।୭
(ମନୋରଞ୍ଜନ ତିରିଆ/ମାନସ ମହାନ୍ତି)

- ୨ ପରିବାର ଶତ୍ରୁତାରୁ ଜୀବନ ଗଲା
- ଅଭିଯୁକ୍ତ ଅଟକ

ମୟୂରଭଞ୍ଜ ଜିଲା ସୀମାନ୍ତ ଗୋରୁମହିଷାଣୀ ଥାନା ଅଧୀନ ବିଜାତଳା ବ୍ଲକ୍ ସରଗଡ଼ା ପଞ୍ଚାୟତ ସରଣ୍ଡା ଗ୍ରାମରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଦୁଇ ପରିବାର ମଧ୍ୟରେ କଳହକୁ ନେଇ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କ କଳାକାଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତା ନାବାଳିକା ଜଣକ ହେଲେ ଗ୍ରାମର କୃଷ୍ଣଚନ୍ଦ୍ର ଗିରିଙ୍କ ଝିଅ ଲିପି। ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ସୂଚନାଯୋଗ୍ୟ, କୃଷ୍ଣଚନ୍ଦ୍ର ଓ ଗ୍ରାମର ରେପ ମୁର୍ମୁଙ୍କ ପରିବାର ମଧ୍ୟରେ କୌଣସି କାରଣକୁ ନେଇ ବିବାଦ ଲାଗିରହିଥିଲା। ରବିବାର ସନ୍ଧ୍ୟାରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ରେପ ପ୍ରତିଶୋଧ ପରାୟଣ ହୋଇ ଉଠିଥିଲେ। ସୋମବାର କୃଷ୍ଣଚନ୍ଦ୍ରଙ୍କ ପରିବାର ବିଲକୁ ଯାଇଥିବା ବେଳେ ଘରେ ଦିବ୍ୟାଙ୍ଗ ଝିଅ ଲିପି ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ରେପ୍ ପୂର୍ବାହ୍ନ ୧୦ଟା ସମୟରେ ଘରେ ପଶି ଏକ ଧାରୁଆ ଅସ୍ତ୍ରରେ ତାଙ୍କ ଗଳା କାଟି ଦେଇଥିଲେ। ଖବରପାଇ ଗୋରୁମହିଷାଣୀ ଥାନାଧିକାରୀ ଦେବାଶିଷ ଶତପଥୀ,ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୬୮/୨୩)ରୁଜୁ ହୋଇଛି।

# ଖୋଲିଲା ହୀରାକୁଦର ଆଉ ୩ ଗେଟ୍

**୮ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ**


ହୀରାକୁଦ ଡ୍ୟାମ୍‌ରୁ ବନ୍ୟାଜଳ ନିଷ୍କାସିତ ହେଉଛି।

ସମ୍ବଲପୁର,୨୪।୭(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ହୀରାକୁଦ ଡ୍ୟାମ୍‌ର ଆଉ ୩ ଗେଟ୍ ସୋମବାର ଖୋଲାଯାଇଛି। ଫଳରେ ଏବେ ମୋଟ ୮ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଡ୍ୟାମ୍‌କୁ ଜଳ ପ୍ରବେଶ ପରିମାଣ ବୃଦ୍ଧି ପାଉଥିବାରୁ କର୍ତ୍ତୃପକ୍ଷ ପୁଣି ଗେଟ୍ ଖୋଲିବା ନିଷ୍ପତ୍ତି ନେଇଥିଲେ। ମିଳିଥିବା ସୂଚନା ଅନୁଯାୟୀ ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ଡ୍ୟାମ୍‌ର ଜଳସ୍ତର ୬୧୪.୩୧ ଫୁଟ୍ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୧ ଲକ୍ଷ ୩୮ ହଜାର ୩୩୫ କ୍ୟୁସେକ ଜଳ ପ୍ରବେଶ କରୁଛି। ସେହିପରି ସ୍ପିଲୱେ, ଜଳସେଚନ, ପାୱାର ଚ୍ୟାନେଲ, କଳକାରଖାନ ଏବଂ ଡ୍ୟାମ୍ ବାମ ପାର୍ଶ୍ୱର ୬ଟି ଓ ଡାହାଣ ପାର୍ଶ୍ୱର ୨ଟି ସ୍ଲୁଇସ ଗେଟ୍ ଦେଇ ମୋଟ ୧ ଲକ୍ଷ ୬୨ ହଜାର ୪୧୦ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ବେଲଗାଁରେ ୮ହଜାର, ପର୍ଥଲାରେ ୪୨ ହଜାର ୭୦୭, ଖଇରମାଲରେ ୨ଲକ୍ଷ ୬ ହଜାର, ବରମୁଲାରେ ୧ଲକ୍ଷ ୫ଶହ ଓ ମୁଣ୍ଡୁଳିରେ ୭୬ ହଜାର ୨୦୦ କ୍ୟୁସେକ ଜଳ ପ୍ରବାହିତ ହେଉଛି। ସୂଚନାଯୋଗ୍ୟ, ଡ୍ୟାମ୍‌ର ୫ ଗେଟ୍ ଦେଇ ରବିବାର ପ୍ରଥମ ବନ୍ୟାଜଳ ନିଷ୍କାସିତ ହୋଇଥିଲା। ଏ ନେଇ ହୀରାକୁଦ ଜଳଭଣ୍ଡାର ମୁଖ୍ୟଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ କହିଛନ୍ତି, ଏବେ କୌଣସି ଭୟଭୀତ ହେବାର ନାହିଁ। ଜଳଭଣ୍ଡାରରେ ନିୟନ୍ତ୍ରଣ ଅନୁସାରେ ଜଳ ରହିଛି। ଜୁଲାଇ ୩୧ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରଖାଯିବ। ପାଣିପାଗ ବିଭାଗ ଓ ଅତ୍ୟାଧୁନିକ ଜ୍ଞାନକୌଶଳ ସୂଚନା ଅନୁସାରେ ବହୁମାତ୍ରାରେ ବର୍ଷା ହେବା ସମ୍ଭାବନା ନାହିଁ ବୋଲି ସାହୁ କହିଛନ୍ତି।

# ରାସ୍ତା ଦବିଲା, ଗର୍ତ୍ତ ସୃଷ୍ଟି ହେଲା

ପୁରୀ,୨୪।୭(ଅଜିତ୍ ମହାନ୍ତି)

- ବର୍ତ୍ତିଲେ ବସ୍ ଯାତ୍ରୀ
- ୪ଥର ଏହି ରାସ୍ତା ଦବିଲାଣି

ପୁରୀ ସହରକୁ ବିଶ୍ୱସ୍ତରୀୟ ଐତିହ୍ୟ ସହରରେ ପରିଣତ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରୁଥିବାବେଳେ ପୁରୀରେ ଉନ୍ନମାନର କାର୍ଯ୍ୟ ହେଉଥିବା ନେଇ ଡିଣ୍ଡିମ ପିଟୁଛନ୍ତି। ମାତ୍ର ବାସ୍ତବରେ ସରକାରଙ୍କ କଥା ଏବଂ କାର୍ଯ୍ୟ ମଧ୍ୟରେ ଅନେକ ଆକାଶପାତାଳ ଫରକ ଥିବା ଦେଖିବାକୁ ମିଳୁଛି। କିଛି ମାସ ତଳେ ଚକ୍ରତୀର୍ଥ ରୋଡ୍‌ରେ ଏକ ବସ୍ ଯାଉଥିବା ବେଳେ ହଠାତ୍ ରାସ୍ତା ଦବି ଏକ ଗାତ ସୃଷ୍ଟି ହୋଇଥିଲା। ତେବେ ଉକ୍ତ ସ୍ଥାନକୁ ପ୍ରଶାସନ ପକ୍ଷରୁ ମରାମତି କରାଯାଇଥିଲା। ମାତ୍ର ଯେପରି କାର୍ଯ୍ୟ କରିବା କଥା ସେପରି ନ କରି ଅଧାପନ୍ତରିଆ କରି ଛାଡ଼ି ଦେଇଥିଲା। ଫଳରେ କିଛିଦିନର ବ୍ୟବଧାନ ପରେ ଉକ୍ତ ରାସ୍ତାଟି ସୋମବାର ପୁଣି ଦବିଯାଇଛି। ନିମ୍ନମାନର କାମ ହୋଇଥିବାରୁ ପ୍ରାୟ ୫ ଫୁଟ ରାସ୍ତା ଦବିଯାଇ ବିରାଟ ଖାଲ ସୃଷ୍ଟି ହୋଇଛି। ଫଳରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି।

ପୁରୀର ଚକ୍ରତୀର୍ଥ ରୋଡ୍ ଏକ ସମ୍ବେଦନଶୀଳ ଜନଗହଳିପୂର୍ଣ୍ଣ ରାସ୍ତା ହୋଇଥିବା ବେଳେ ଅନେକ ପର୍ଯ୍ୟଟକ ଏହି ବାଟ ଦେଇ ଯାତାୟାତ କରିଥାନ୍ତି। ତେବେ ସୋମବାର ସକାଳୁ ଏକ ବସ୍ ଯାତ୍ରୀ ନେଇ ଚକ୍ରତୀର୍ଥ ରୋଡ୍ ଦେଇ ଯିବା ସମୟରେ ବେଡି ହନୁମାନ ମନ୍ଦିର ନିକଟରେ ହଠାତ୍ ରାସ୍ତାଟି ଦବିଯାଇଥିଲା। ଫଳରେ ବସ୍‌ରେ ଥିବା ଯାତ୍ରୀମାନେ ଭୟଭୀତ ହୋଇଯାଇଥିବା ବେଳେ ଅଳ୍ପକେ ବର୍ତ୍ତିଯାଇଥିଲେ। ଚାହୁଁ ଚାହୁଁ ରାସ୍ତାରେ ବଡ଼ ଖାଲ ହୋଇଯାଇଥିଲା। ତେବେ ପୂର୍ତ୍ତ ବିଭାଗ ତରଫରୁ ଏହି ରାସ୍ତା ନିର୍ମାଣ ହୋଇଥିବା ବେଳେ ଏହାକୁ ନିମ୍ନମାନର କାମ କରାଯାଇଥିବା ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀ। ସକାଳ ୧୦ଟାରେ ଏ ଘଟଣା ଘଟିଥିଲେ ମଧ୍ୟ ଅପରାହ୍ନ ୨ଟା ପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ସେଠାକୁ ଆସି ନଥିବା ଅଭିଯୋଗ ହୋଇଛି। ଯୁଦ୍ଧକାଳୀନ ଭିତ୍ତିରେ ଏହାକୁ ତିଆରି କରିବାକୁ ଦାବି ହେଉଥିବା ବେଳେ ଉଭୟପଟ ରାସ୍ତାକୁ ସମୁଦ୍ରକୂଳ ଥାନା ପୋଲିସ ପକ୍ଷରୁ ସିଲ୍ କରାଯାଇଛି। ପରେ ଗାତ ହୋଇଥିବା ସ୍ଥାନ ଚତୁଃପାର୍ଶ୍ୱରେ ବାଲି ଗୋଡ଼ି ଆଦି ଗଦା କରାଯାଇଛି। ମାତ୍ର କାର୍ଯ୍ୟ କରିବା ପାଇଁ କୌଣସି ବ୍ୟକ୍ତିବିଶେଷଙ୍କ ଦେଖା ମିଳିନାହିଁ। ଏ ନେଇ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର କହିଛନ୍ତି, ଚକ୍ରତୀର୍ଥ ରୋଡ ଦେଇ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଯାଇଥାନ୍ତି। ଏପରିକି ଭିଭିଆଇପିଙ୍କଠାରୁ ଆରମ୍ଭ କରି ରାଷ୍ଟ୍ରପତି ମଧ୍ୟ ପୁରୀ ଗସ୍ତ ସମୟରେ ଏହି ରାସ୍ତା ଦେଇ ଯାଇଥାନ୍ତି। ତେବେ ବସ୍ ଯିବା ସମୟରେ ରାସ୍ତା ଦବିଯାଇ ୫ ଫୁଟ ଓସାର, ୨୦ ଫୁଟ ଲମ୍ବର ଗର୍ତ୍ତ ସୃଷ୍ଟି ହୋଇଛି। ପୂର୍ବରୁ ମଧ୍ୟ ଉକ୍ତ ରାସ୍ତାରେ ଅନେକ ଛୋଟ ଗର୍ତ୍ତ ହୋଇଛି। ଏଭଳି ନିମ୍ନମାନର କାର୍ଯ୍ୟ ପାଇଁ କଣ୍ଟ୍ରାକ୍ଟରଙ୍କ ଲାଇସେନ୍ସ ରଦ୍ଦ କରିବା ସହ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସ୍ୱେରେଜ କାର୍ଯ୍ୟରେ ମଧ୍ୟ କେଉଁଠି ନା କେଉଁଠି ତ୍ରୁଟି ରହିଛି। ବିଭାଗ ତୁରନ୍ତ ତଦାରଖ କରି କାର୍ଯ୍ୟ କରୁ ବୋଲି କହିଛନ୍ତି। ସେହିପରି ସାହିବାସିନ୍ଦା ତଥା ରେଷ୍ଟୁରାଣ୍ଟ କରିଥିବା ସନ୍ତୋଷ ବେହେରା କହିଛନ୍ତି, ରାସ୍ତା ଠିକ୍ ଭାବେ ହୋଇ ନ ଥିବାରୁ ବାରମ୍ବାର ଦବୁଛି। ଏହାକୁ ମିଶାଇ ୪ଥର ରାସ୍ତା ଦବିଲାଣି। ବିଭାଗୀୟ କର୍ମଚାରୀମାନେ ଆସୁଥିଲେ ମଧ୍ୟ କାର୍ଯ୍ୟ ଠିକ୍ ଭାବେ ହେଉନାହିଁ। ଫଳରେ ବର୍ଷା ହେଲେ ରାସ୍ତା ଦବୁଛି। ସ୍ୱେରେଜ କାର୍ଯ୍ୟ ମଧ୍ୟ ଠିକ୍ ଭାବେ ହୋଇ ନ ଥିବାରୁ ଏପରି ଘଟଣା ବାରମ୍ବାର ଘଟୁଛି। ରାସ୍ତା ଦବିବା ଫଳରେ ଯାତାୟାତଠାରୁ ଆରମ୍ଭ କରି ସବୁକ୍ଷେତ୍ରରେ ସମସ୍ୟା ଉପୁଜୁଛି ବୋଲି ବେହେରା କହିଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ମତାମତ ମିଳିପାରିନାହିଁ।

# ଓଏସ୍‌ଏସ୍‌ସି କାର୍ଯ୍ୟାଳୟ ଆଗରେ ସାଷ୍ଟାଙ୍ଗ ଦଣ୍ଡବତ କରି ବିକ୍ଷୋଭ

**ଜେଇ ସିଭିଲ ମେନ୍ ପ୍ରଶ୍ନପତ୍ର ଲିକ୍ ଘଟଣା**

- ଓଏସ୍‌ଏସ୍‌ସି ଅଧିକାରୀଙ୍କ ସମ୍ପୃକ୍ତି ଅଭିଯୋଗ
- ଖାଲି ପାଦରେ ଚାଲିଚାଲି ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ ଗଲେ
- କାର୍ଯ୍ୟାନୁଷ୍ଠାନ ଦାବିକଲା ବେକାରି ଡିପ୍ଲୋମା ଇଞ୍ଜିନିୟର୍ସ ସଂଘ



ଭୁବନେଶ୍ୱର,୨୪।୭
(ଅନୁରାଧା ମହାରଣା)

ଜେଇ ସିଭିଲ ମେନ୍ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି। ପ୍ରତିବାଦରେ ଭୁବନେଶ୍ୱରସ୍ଥିତ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ବେକାରି ଡିପ୍ଲୋମା ଇଞ୍ଜିନିୟର୍ସ ସଂଘ ବିକ୍ଷୋଭ ପ୍ରଦର୍ଶନ କରିଛି। ବିକ୍ଷୋଭକାରୀମାନେ ପ୍ରଶ୍ନପତ୍ର ବିକ୍ରିରେ ଓଏସ୍‌ଏସ୍‌ସି କାର୍ଯ୍ୟାଳୟ ଅଧିକାରୀଙ୍କ ସମ୍ପୃକ୍ତିଥିବା ଅଭିଯୋଗ ଆଣିବା ସହ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ତେବେ ଓଏସ୍‌ଏସ୍‌ସି ଚେୟାରମ୍ୟାନ୍‌ଙ୍କ ନିକଟରେ ଦାବି ଉପସ୍ଥାପନ ପାଇଁ ଯିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଏପରିକି ବହୁ ସମୟ ଧରି ଅପେକ୍ଷା ପରେ ବି ଓଏସ୍‌ଏସ୍‌ସି ଚେୟାରମ୍ୟାନ ସେମାନଙ୍କ ପାଖକୁ ନ ଆସିବାରୁ ବିକ୍ଷୋଭକାରୀମାନେ ଗେଟ୍ ସମ୍ମୁଖରେ ସାଷ୍ଟାଙ୍ଗ ଦଣ୍ଡବତ କରୁଥିବା ଦେଖିବାକୁ ମିଳିଥିଲା। ଏହାସତ୍ତ୍ୱେ ସେମାନଙ୍କୁ ଅନୁମତି ନ ମିଳିବାରୁ ସେମାନେ ଖାଲି ପାଦରେ ଚାଲି ଚାଲି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଅଭିମୁଖେ ଯାଇଥିଲେ। ତେବେ ସେଠାରେ ମଧ୍ୟ ପୋଲିସ୍ ସେମାନଙ୍କୁ ଅଟକାଇଥିଲା। ପରେ ଅଭିଯୋଗ ପ୍ରକୋଷ୍ଠକୁ ଯିବାକୁ ୫ଜଣଙ୍କୁ ଅନୁମତି ମିଳିଥିଲା। ଏହାକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା। ସେମାନେ କହିଛନ୍ତି, ସରକାର ଛାତ୍ରୀଛାତ୍ରଙ୍କୁ ଆତଙ୍କବାଦୀ ଭଳି ବ୍ୟବହାର କରୁଛନ୍ତି। ଆମେ କମିଶନଙ୍କୁ ଭେଟିବାକୁ ଗଲୁ, କିନ୍ତୁ ଭେଟିବାକୁ ଦିଆଗଲା ନାହିଁ। ଯଦି ମୁଖ୍ୟମନ୍ତ୍ରୀ ମଧ୍ୟ ଆମ କଥା ନ ଶୁଣନ୍ତି, ତେବେ ସମୂହ ଆତ୍ମାହୁତି ଦେବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସେହିପରି ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁସାରେ, ରାଜ୍ୟରେ '୫-ଟି'ର ଗୋଟିଏ 'ଟି' କାମ କରୁଛନ୍ତି। ତାହା ହେଉଛି ଦୁର୍ନୀତିର ଟିମ୍ ୱାର୍କ। ୫-ଟି ସଚିବ ରାଜ୍ୟ ସାରା ବୁଲୁଛନ୍ତି। ପ୍ରଶ୍ନପତ୍ର ଲିକ୍ ହେଉଛି, ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ସହ ଖେଳାଯାଉଥିବାବେଳେ ସଚିବଙ୍କୁ କ'ଣ ଏହା ଜଣାପଡୁନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ସୂଚନାଥାଉ କି, ଜୁଲାଇ ୧୬ରେ ଜେଇ ସିଭିଲ ମେନ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ମାତ୍ର ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଅଭିଯୋଗ ହେବା ପରେ ବାଲେଶ୍ୱର ଏସ୍‌ପି ସାଗରିକା ନାଥ ଏହାର ତଦନ୍ତ କରି ରିପୋର୍ଟ ଦେଇଥିଲେ। ଉକ୍ତ ରିପୋର୍ଟ ଭିତ୍ତିରେ ପରୀକ୍ଷା ରଦ୍ଦ ହୋଇଛି। ସେପ୍ଟେମ୍ବର ୩ରେ ପୁଣି ଜେଇ ସିଭିଲ ପରୀକ୍ଷା ହେବ ବୋଲି ଓଏସ୍‌ଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

**ଆଜିର ମନ୍ତବ୍ୟ**

"ମଣିପୁର ହିଂସା ପ୍ରସଙ୍ଗରେ ପାର୍ଲାମେଣ୍ଟରେ ବିବୃତି ରଖିବା ହେଉଛି ପ୍ରଧାନମନ୍ତ୍ରୀଙ୍କ କର୍ତ୍ତବ୍ୟ। ୧୪୦ କୋଟି ଲୋକଙ୍କ ପ୍ରତିନିଧିତ୍ୱ କରୁଥିବା ପ୍ରଧାନମନ୍ତ୍ରୀ ସଂସଦକୁ ଆସି ଜନସାଧାରଣଙ୍କୁ ଉକ୍ତ ଘଟଣାର ସତ୍ୟତା ଅବଗତ କରାନ୍ତୁ।

– ମଲ୍ଲିକାର୍ଜୁନ ଖାର୍ଗେ, ରାଜ୍ୟ ସଭାର ବିରୋଧୀ ଦଳ ନେତା



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ଦେଖିବ ଗୋଡ଼େଇ ଗୋଡ଼େଇ**
**ବୋହୂ ଆଣିବ ଆଡ଼େଇ ଆଡ଼େଇ।**

ଝିଅ ପାଇଁ ଭଲ ଜୋଇଁର ଆବଶ୍ୟକତା ଯେମିତି ପୁଅ ପାଇଁ ଭଲ ବୋହୂର ଆବଶ୍ୟକତା ମଧ୍ୟ ସେମିତି ହୋଇଥାଏ। ଏପରିସ୍ଥଳେ ଝିଅ ବା ବୋହୂ ବିଭିନ୍ନ ପର୍ଯ୍ୟାୟରୁ ସମୀକ୍ଷା କରିବା ପରେ ପାତ୍ରପାତ୍ରୀ ନିର୍ବାଚନ କରିବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଝିପିଝିପି ବର୍ଷା ବାଟ ବିଗାଡେ**
**ଚୁଗୁଲିଆ ଲୋକ ଘର ବିଗାଡେ।**

ଝିପିଝିପି ବର୍ଷା ଲାଗି ରହିଲେ ଚଲାପଥ ସୁଗମ ନ ହୋଇ ବିଗିଡ଼ିଯାଏ। ସେହିପରି ଚୁଗୁଲିଆ ଲୋକଙ୍କ କପଟିଆ କଥାରେ ଘର ଭାଙ୍ଗି ଯାଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଏବେ ବି ୧୨ ଜିଲାରେ ନିଅଣ୍ଟିଆ ବର୍ଷା

ଭୁବନେଶ୍ୱର,୨୪।୭(ଅନିଲଦାସ)

**୨୫ରେ ଲଘୁଚାପ**
**ଦୁଇଦିନ ପ୍ରବଳ ବର୍ଷା ସମ୍ଭାବନା**

ଲଘୁଚାପ ପରେ ଲଘୁଚାପ ହେଉଛି। ଚଳିତ ମାସରେ ୫ରୁ ଅଧିକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ମାତ୍ର ଆଶାନୁରୂପ ବର୍ଷା ହେଉନାହିଁ। ଜୁଲାଇ ମାସ ଶେଷ ହେବାକୁ ବସିଥିଲେ ମଧ୍ୟ ଚାଷ କାମ ଆରମ୍ଭ ହୋଇପାରି ନାହିଁ। ଚାଷୀମାନେ ତଳି ପକାଇ ବର୍ଷାକୁ ଚାହିଁ ରହିଛନ୍ତି। ଏବେ ରାଜ୍ୟର ଅଧା ଜିଲାରେ ବର୍ଷା ଅଭାବ ଦେଖାଦେଇଛି। ରାଜ୍ୟରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଗଲାଣି। ଜୁନ ୧ରୁ ଜୁଲାଇ ୨୪ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଭାବେ ୪୦୫୮.୭ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ୪୦୧.୩ ମିଲିମିଟର। ୧୨ ଜିଲାରେ ପରିସ୍ଥିତି ସଙ୍ଗିନ ରହିଛି।

ଭାରତୀୟ ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ମୁତାବକ କଳାହାଣ୍ଡିରେ ସର୍ବାଧିକ ୪୦ ପ୍ରତିଶତ କମ୍ ବର୍ଷା ହୋଇଥିବାବେଳେ ନବରଙ୍ଗପୁର ୪୩, କେନ୍ଦ୍ରାପଡ଼ା ୩୩, ଦେବଗଡ଼ ୩୦, ବାଲେଶ୍ୱର ୨୮, କଟକ ୨୮, ଗଞ୍ଜାମ ୩୦, ଜଗତ୍ସିଂହପୁର ୨୩, ଯାଜପୁର ୨୭, କନ୍ଧମାଳ ୨୧, ଖୋର୍ଦ୍ଧା ୨୩, ମୟୂରଭଞ୍ଜ ୩୪, ପୁରୀ ୩୦ ଏବଂ ରାୟଗଡ଼ାରେ ସର୍ବନିମ୍ନ ୨୩ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଛି। ତେବେ ସୋମବାର ପଶ୍ଚିମ କେନ୍ଦ୍ରୀୟ ଏବଂ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଘୂର୍ଣ୍ଣି ବଳୟ ସୃଷ୍ଟି ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଉକ୍ତ ଲଘୁଚାପ ରାଜ୍ୟରେ ବର୍ଷାର ପରିମାଣ ବଢ଼ାଇବା ନେଇ ପାଣିପାଗ ବିଜ୍ଞାନୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ଲଘୁଚାପ ପ୍ରଭାବରେ ମଙ୍ଗଳବାର ଠାରୁ ବର୍ଷାର ପରିମାଣ ବୃଦ୍ଧି ପାଇବା ଆଶା କରାଯାଉଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଗଞ୍ଜାମ, ଗଜପତି, ପୁରୀ, ରାୟଗଡ଼ା, ମାଲକାନଗିରି, କୋରାପୁଟ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଏହି ସମୟରେ ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର, କନ୍ଧମାଳ, ଖୋର୍ଦ୍ଧା, ନୟାଗଡ଼, କଟକ, ଜଗତ୍ସିଂହପୁର ଏବଂ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲାଗୁଡ଼ିକ ପାଇଁ ଏଲୋୱାର୍ନିଂ ଜାରି କରାଯାଇଛି। ସେହିପରି ୨୬ ତାରିଖରେ ମଧ୍ୟ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ବିଶେଷକରି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା ଏବଂ ବଲାଙ୍ଗୀର ଜିଲାର କେତେକ ସ୍ଥାନରେ ୨୦ ସେଣ୍ଟିମିଟରରୁ ଅଧିକ ପରିମାଣରେ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲା ପାଇଁ ଅରେଞ୍ଜୱାର୍ନିଂ ଜାରି କରାଯାଇଛି। ଏଥିସହିତ ରାୟଗଡ଼ା, ଗଜପତି, କନ୍ଧମାଳ, ଗଞ୍ଜାମ, ନୟାଗଡ଼, ବୌଦ୍ଧ, କଟକ, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର, ସୋନପୁର, ବରଗଡ଼ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ଏଲୋୱାର୍ନିଂ ଜାରି କରାଯାଇଛି।

ମୌସୁମୀ ସକ୍ରିୟ ଥିବାରୁ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ କେତେକ ସ୍ଥାନରେ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ କଟକ, ନବରଙ୍ଗପୁରରେ ୨୪.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ବଦଳିଲେ ୧୨ ଓଏଏସ୍ ଅଧିକାରୀ

## ରାମଚନ୍ଦ୍ର ପଣ୍ଡା ଓପିଏସ୍ସି ସେକ୍ରେଟାରି, ପ୍ରମୋଦ ମିଶ୍ର ଉଚ୍ଚଶିକ୍ଷା ସ୍ୱତନ୍ତ୍ର ସଚିବ

ଭୁବନେଶ୍ୱର,୨୪।୭ (ଅନିଲ ଦାସ)

ରାଜ୍ୟ ସରକାର ଓଏଏସ୍ ସ୍ତରରେ ଅଦଳବଦଳ କରିଛନ୍ତି। ସୋମବାର ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଅବକାରୀ ବିଭାଗ ଅତିରିକ୍ତ କମିଶନର ରାମଚନ୍ଦ୍ର ପଣ୍ଡାଙ୍କୁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍ସି) ସେକ୍ରେଟାରୀ ଭାବେ ବଦଳି କରାଯାଇଥିବାବେଳେ ଓଡ଼ିଶା ଲୋକସେବା ଆୟୋଗ ସେକ୍ରେଟାରୀ ପ୍ରମୋଦ ମିଶ୍ରଙ୍କୁ ଉଚ୍ଚ ଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁଙ୍କୁ ଗଞ୍ଜାମ ଏଡିଏମ୍, ସ୍ମାର୍ଟସିଟି ଲିମିଟେଡ୍ ଜିଏମ୍ ବିଶ୍ୱରଞ୍ଜନ ରଥଙ୍କୁ ବିଡିଏ ଯୁଗ୍ମ କମିଶନର, ଗଞ୍ଜାମ ଏଡିଏମ୍ ପ୍ରିୟ ରଞ୍ଜନ ପୃଷ୍ଟିଙ୍କୁ ଆସିକା ସମବାୟ ଚିନିକଳ ପରିଚାଳନା ନିର୍ଦ୍ଦେଶକ ଏବଂ ଏସ୍ଟି/ଏସ୍ସି ଉନ୍ନୟନ ବିଭାଗ ଯୁଗ୍ମ ସଚିବ ସୁଭେନ୍ଦ୍ର ସାମଲଙ୍କୁ ଯାଜପୁର ଏଡିଏମ୍ ଭାବେ ବଦଳି କରାଯାଇଛି। ସେହିପରି ଯାଜପୁର ଏଡିଏମ୍ ଦିବ୍ୟଲୋଚନ ମହାନ୍ତଙ୍କୁ କଟକ ଅବକାରୀ ଯୁଗ୍ମ କମିଶନର, ବାଲିଗୁଡ଼ା ଆଇଟିଡିଏ ପିଏ ମଧୁସୂଦନ ବେହେରାଙ୍କୁ ଭୁବନେଶ୍ୱର ସବ୍କଲେକ୍ଟର, ଓଏସ୍ଏସ୍ସି ସେକ୍ରେଟାରୀ ସୂର୍ଯ୍ୟସ୍ମିତା ସାହୁଙ୍କୁ ଓଡ଼ିଶା ନିର୍ମାଣ ନିଗମ ପ୍ରଶାସନିକ ଅଧିକାରୀ, ଆଠମଲ୍ଲିକ ସବ୍ କଲେକ୍ଟର ତରଣୀ ସୁନାଙ୍କୁ ବଲାଙ୍ଗୀର ଜିଲାପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜଗନ୍ନାଥପ୍ରସାଦ ତହସିଲଦାର ମନୋଜ ତ୍ରିପାଠୀଙ୍କୁ ତାଳଚେର ସବକଲେକ୍ଟର, ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କୁ ବିଏମ୍ସି ଡେପୁଟି କମିଶନର ଭାବେ ବଦଳି କରାଯାଇଛି।

# ୟୁପିଏସ୍ସି ଗଲା ୩୩ ଓଏଏସ୍ ଅଧିକାରୀଙ୍କ ତାଲିକା

ଭୁବନେଶ୍ୱର, ୨୪।୭(ସୁନିତ୍ ମିଶ୍ର)

ପ୍ରତ୍ୟେକ ବର୍ଷ ବହୁ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ଆଇଏଏସ୍ ଅଫିସର ପଦବୀକୁ ପଦୋନ୍ନତି ଦିଆଯାଇଥାଏ। ସେହିକ୍ରମରେ ୨୦୨୨ ଚୟନ ତାଲିକାକୁ ଗତ ଦୁଇ ଦିନ ତଳେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ୟୁପିଏସ୍ସି(କେନ୍ଦ୍ରୀୟ ଲୋକସେବା ଆୟୋଗ)ଙ୍କ ପାଖକୁ ପଠାଯାଇଛି। ତେବେ ଆସନ୍ତା ଅଗଷ୍ଟ ସୁଦ୍ଧା ଯେଉଁ ଓଏଏସ୍ ଅଫିସରଙ୍କୁ ଆଇଏଏସ୍ ଅଫିସର ପଦକୁ ଉନ୍ନୀତ କରାଯିବ ସେମାନଙ୍କ ତାଲିକା ୟୁପିଏସ୍ସି ଦ୍ୱାରା ବୃତାନ୍ତ ହେବାପରେ କେନ୍ଦ୍ର ସରକାର ଏହାକୁ ଅନୁମୋଦନ ଦେଲେ ତାଲିକା ପ୍ରକାଶ ପାଇବ। ତେବେ ଓଡ଼ିଶାରୁ ମୋଟ ୩୩ ଜଣ ଓଏଏସ୍ ଅଫିସରଙ୍କ ନାଁ ୟୁପିଏସ୍ସି ନିକଟକୁ ପଠାଯାଇଥିବା ବେଳେ ସେଥିରୁ ୧୧ ଜଣଙ୍କ ନାଁ ଘୋଷଣା ହେବ। ତେବେ ଏହି ୧୧ ଜଣିଆ ତାଲିକାରେ ସ୍ଥାନ ପାଇବା ଲାଗି ତାଲିକାରେ ଥିବା ୩୩ ଅଫିସରଙ୍କ ମଧ୍ୟରେ ଉତ୍ସାହ ରହିଛି। ରାଜ୍ୟରେ ଏବେ ଜଣେ ଲେଖାଏଁ ଆଇଏଏସ୍ ଅଫିସରଙ୍କ ହାତରେ ଏକାଧିକ ବିଭାଗର ଦାୟିତ୍ୱ ରହିଛି। ଅନ୍ୟପଟେ ରାଜ୍ୟରେ ଯେତିକି ଆଇଏଏସ୍ ଅଧିକାରୀ ରହିବା କଥା ସେ ସଂଖ୍ୟାରେ ମଧ୍ୟ ବହୁ କମ୍ ଅଛନ୍ତି। ତେଣୁ ଆଇଏଏସ୍ ପଦକୁ ଉନ୍ନୀତ ହେବାକୁ ଥିବା ୧୧ ଅଧିକାରୀଙ୍କ ତାଲିକା ପ୍ରକାଶ ପାଇବା ପରେ ସରକାରଙ୍କ ବହୁ କାର୍ଯ୍ୟକୁ ସହଜରେ ବଣ୍ଟାଯାଇପାରିବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ଆଜି ଚନ୍ଦ୍ରୟାନ-୩ର ପଞ୍ଚମ କକ୍ଷ ଉତ୍ଥାନ

ବେଙ୍ଗାଲୁରୁ, ୨୪।୭

ଚନ୍ଦ୍ରୟାନ-୩ ମଙ୍ଗଳବାର ଅପରାହ୍ନ ୨ରୁ ୩ଟା ମଧ୍ୟରେ ନିଜର ପଞ୍ଚମ କକ୍ଷ ଉତ୍ଥାନ କରିବ। ଗତ ୨୦ ତାରିଖରେ ଚନ୍ଦ୍ରୟାନ-୩ର ଚତୁର୍ଥ କକ୍ଷ ଉତ୍ଥାନ ସଫଳତାର ସହ ସମ୍ପନ୍ନ ହୋଇଥିଲା। ସେ ସମୟରେ ପୃଥିବୀଠାରୁ ଚନ୍ଦ୍ରୟାନ-୩ର ସର୍ବନିମ୍ନ ଦୂରତା ୨୩୩ କିମି ଥିବାବେଳେ ସର୍ବାଧିକ ଦୂରତା ୭୧,୩୫୧ କିମିକୁ ବୃଦ୍ଧି ପାଇଥିଲା। ଗତ ୧୪ ତାରିଖରେ ଇସ୍ରୋ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଏଲ୍ଭିଏମ୍-୩ ରକେଟ ଦ୍ୱାରା ଚନ୍ଦ୍ରୟାନ-୩କୁ ଉତ୍କ୍ଷେପଣ କରିଥିଲା। ଅଗଷ୍ଟ ୨୩ ତାରିଖରେ ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରପୃଷ୍ଠରେ ସଫ୍ଟ ଲ୍ୟାଣ୍ଡିଂ କରିବା ନେଇ ଇସ୍ରୋ ବୈଜ୍ଞାନିକ ଆଶା ରଖିଛନ୍ତି।

# ଇପିଏଫ୍ ସୁଧହାର ୮.୧୫%କୁ ବଢ଼ିଲା

ନୂଆଦିଲ୍ଲୀ,୨୪।୭

ଆର୍ଥିକ ବର୍ଷ ୨୦୨୨-୨୩ ନିମନ୍ତେ କର୍ମଚାରୀ ଭବିଷ୍ୟନିଧି (ଇପିଏଫ୍) ଜମାରାଶି ଉପରେ ସୁଧହାର ୮.୧୫%କୁ ବୃଦ୍ଧି ପାଇଛି। କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍ଓ) ପକ୍ଷରୁ ଏନେଇ ଗତ ମାର୍ଚ୍ଚରେ ହୋଇଥିବା ସୁପାରିସକୁ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଅନୁମୋଦନ କରିଛି। ଫଳରେ ୬ କୋଟିରୁ ଊର୍ଦ୍ଧ୍ୱ ଇପିଏଫ୍ ଗ୍ରାହକଙ୍କ ଆକାଉଣ୍ଟରେ ଏହି ବର୍ଦ୍ଧିତ ସୁଧ ଅର୍ଥ ଜମା କରାଯିବା ପ୍ରକ୍ରିୟା ଖୁବ୍ଶୀଘ୍ର ଆରମ୍ଭ ହେବ। ୨୦୨୧-୨୨ ବର୍ଷରେ ଏହି ସୁଧହାର ୮.୧% ଥିଲା, ଯାହାକି ୪ ଦଶନ୍ଧି ମଧ୍ୟରେ ସର୍ବନିମ୍ନ। ଇପିଏଫ୍ଓର୍ ଶୀର୍ଷ ନୀତି ନିର୍ଦ୍ଧାରଣ ସଂସ୍ଥା କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି)ର ବୈଠକ ଗତ ମାର୍ଚ୍ଚ ୨୮ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦୨୨-୨୩ ବର୍ଷ ଲାଗି ଇପିଏଫ୍ ସୁଧହାର ୮.୧୫% ରଖିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ସୂଚନାଥାଉ କି, ୨୦୧୮-୧୯ରେ ଇପିଏଫ୍ ସୁଧହାର ୮.୬୫% ଥିବାବେଳେ ୨୦୧୯-୨୦ରେ ତାହା ୮.୫%କୁ ହ୍ରାସ ପାଇଥିଲା। ଅବସରପ୍ରାପ୍ତ କର୍ମଚାରୀଙ୍କୁ ଅଧିକ ପେନସନ୍ ଦେବା ଉପରେ ପଦକ୍ଷେପ ନେବାକୁ ସୁପ୍ରିମକୋର୍ଟ ୨୦୨୨ ନଭେମ୍ବର ୪ରେ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ସିବିଟି ବୈଠକରେ ସୁଧହାର ବୃଦ୍ଧି ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ସିବିଏଫ୍ସିକୁ ସ୍ପଷ୍ଟୀକରଣ ମାଗିଲେ ଅନୁରାଗ ଠାକୁର

**ଓପେନହାଇମର ବିବାଦ**

ନୂଆଦିଲ୍ଲୀ,୨୪।୭

ହଲିଉଡ୍ ଫିଲ୍ମ ଓପେନହାଇମରର ସେକ୍ସ ସିନ୍କୁ ନେଇ ବିବାଦ ସୃଷ୍ଟି ହୋଇଥିବାବେଳେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ୍ (ସିବିଏଫ୍ସି)କୁ ସୋମବାର ସ୍ପଷ୍ଟୀକରଣ ମାଗିଛନ୍ତି। ଚଳଚ୍ଚିତ୍ରରେ ଅଭିନେତ୍ରୀ ଜଣକ ଓପେନହାଇମରଙ୍କ ସହ ସଂଭୋଗ ସମୟରେ ବଡ଼ ପାଟିରେ ଭଗବଦ୍ ଗୀତା ପଢ଼ାଉଥିବାର ଦେଖିବାକୁ ମିଳିଛି, ଯାହା ଭାରତୀୟଙ୍କ ଭାବାବେଗକୁ ଆଘାତ ଦେଇଛି। ଏ ନେଇ ବହୁ ହିନ୍ଦୁ ସଙ୍ଗଠନ ଫିଲ୍ମକୁ ବ୍ୟାନ୍ କରିବା ନେଇ ଦାବି କରିଛନ୍ତି। ପରମାଣୁ ବୋମାର ମାଷ୍ଟର ମାଇଣ୍ଡ ରବର୍ଟ ଓପେନହାଇମରଙ୍କ ଜୀବନୀ ଉପରେ ଫିଲ୍ମର କାହାଣୀ ଆଧାରିତ। ଏଥିରେ ମୁଖ୍ୟ ଭୂମିକାରେ ସିଲିୟନ ମର୍ଫି ଅଭିନୟ କରିଛନ୍ତି। ଗତ ଗୁରୁବାର ଏହା ମୁକ୍ତିଲାଭ କରିଥିବାବେଳେ ସିନେପ୍ରେମୀଙ୍କୁ ଫିଲ୍ମଟି ପସନ୍ଦ ଆସିଛି।

# ପରିବେଶବିତ୍ ଗ୍ରେଟା ଥନ୍ବର୍ଗଙ୍କୁ ଜରିମାନା

ଷ୍ଟକ୍ହୋମ,୨୪।୭

ପୋଲିସକୁ ଅମାନ୍ୟ କରିବାରୁ ସୁଇଡେନ୍ ପରିବେଶବିଦ୍ ଗ୍ରେଟା ଥନ୍ବର୍ଗଙ୍କୁ ଜରିମାନା ଦେବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜୁନ୍ ୧୯ରେ ମାଲମୋର ସାଉଥର୍ନ ସିଟିରେ ଜଳବାୟୁ ପରିବର୍ତ୍ତନ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଉଥିବାବେଳେ ଗ୍ରେଟା ପୋଲିସ କଥାକୁ ଅମାନ୍ୟ କରିଥିଲେ। କୋର୍ଟରେ ଏହି ମାମଲାର ଶୁଣାଣିବେଳେ ଗ୍ରେଟା କହିଛନ୍ତି, ବିକ୍ଷୋଭରେ ସେ ସାମିଲ ଥିଲେ ଏବଂ ସେ ପୋଲିସ କଥାକୁ ଅମାନ୍ୟ କରିଛନ୍ତି। କିନ୍ତୁ ଏ ନେଇ ସେ କୌଣସିପକ୍ଷେ ଦୋଷୀ ନୁହନ୍ତି। ପୋଲିସ କଥାକୁ ଅମାନ୍ୟ କରିବା ସେ ସମୟ ପାଇଁ ଉପଯୁକ୍ତ ଥିଲା ବୋଲି ସେ କହିଛନ୍ତି। ତେବେ ଗ୍ରେଟାଙ୍କ ଆୟ ଅନୁସାରେ ତାଙ୍କଠାରୁ ଫାଇନ୍ ଆଦାୟ ପାଇଁ କୋର୍ଟ କହିଛନ୍ତି। କିନ୍ତୁ ଗ୍ରେଟାଙ୍କଠାରୁ ଜରିମାନା ସ୍ୱରୂପ କେତେ ଟଙ୍କା ଆଦାୟ ହେବ, ତାହା ସ୍ପଷ୍ଟ ହୋଇନାହିଁ।



ମାଲମୋ ହାର୍ବରରେ ଗ୍ରେଟାଙ୍କ ସହିତ ଆଉ କେତେଜଣ ପରିବେଶବିଦ୍ ତେଲ ଟ୍ରକ୍ ନ ଯିବା ପାଇଁ ବାଟ ଅବରୋଧ କରିଥିଲେ। ସ୍ଥାନୀୟ ପୋଲିସ ବିକ୍ଷୋଭକାରୀଙ୍କୁ ରାସ୍ତାରୁ ହଟିବା ପାଇଁ କହିଥିବାବେଳେ ଗ୍ରେଟା ତାହାକୁ ଅମାନ୍ୟ କରିଥିଲେ।

ପ୍ରଥମ ପୃଷ୍ଠାରୁ...

## ଘରୋଇ କଳହ...

ପୁଅଙ୍କ ଜୀବନ ଯାଇଥିଲା। ମା'ଙ୍କୁ ଆକ୍ରମଣ କାହିଁକି କଲ ବୋଲି ପଚାରିବାରେ ବାପା ଉତ୍କ୍ଷିପ୍ତ ହୋଇ ଟେଣ୍ଟାରେ ପୁଅକୁ ଆକ୍ରମଣ କରିଥିଲେ। ଏପରି କି ଉକ୍ତ ଘଟଣା ପରେ ବାପାଙ୍କୁ ଫାଶୀ ଦିଆଯାଉ ନ ଚେତ୍ ସେ ଅନ୍ୟମାନଙ୍କୁ ହତ୍ୟା କରିବାକୁ ପଛାଇବେ ନାହିଁ ବୋଲି ବଡ଼ ପୁଅ ଥାନାରେ ଅଭିଯୋଗ କରିଥିଲେ। କେବଳ ଆମ ରାଜ୍ୟରେ ନୁହେଁ ପାରିବାରିକ ସମସ୍ୟା ଦେଶରେ ମଧ୍ୟ ଏକ ବଡ଼ ସମସ୍ୟା ବୋଲି ତଥ୍ୟ କହୁଛି। ଏନ୍ସିଆର୍ବି ରିପୋର୍ଟ ଅନୁସାରେ, ୨୦୨୧ରେ ପାରିବାରିକ କଳହ ପାଇଁ ଭାରତରେ ଯେତେ ଆତ୍ମହତ୍ୟା ଘଟଣା ଘଟିଥିଲା ତାହାର ୩୩ ପ୍ରତିଶତ ଓଡ଼ିଶାରୁ ଥିଲା। ଓଡ଼ିଶାରେ ହୋଇଥିବା ଆତ୍ମହତ୍ୟା ମାମଲାରୁ ୭୧.୪ ପ୍ରତିଶତ ପାରିବାରିକ କଳହ ବୋଲି ଏନ୍ସିଆର୍ବି ତଥ୍ୟ ରଖାଯାଇଥିଲା। ଏହି ସମୟରେ ଓଡ଼ିଶାରେ ମୋଟ ୪,୦୩୩ ଜଣ ଆତ୍ମହତ୍ୟା କରିଥିବା ବେଳେ ଏମାନଙ୍କ ମଧ୍ୟରେ ୩,୨୫୭ ଜଣ ପୁରୁଷ ଏବଂ ୭୭୬ ଜଣ ମହିଳା ଆତ୍ମହତ୍ୟା କରିଥିବା ତଥ୍ୟରୁ ଜଣାପଡ଼ିଥିଲା।

## ଟ୍ରେନ୍ ଆଗକୁ...

ଥାନା ପୋଲିସ (ଜିଆର୍ପି) ଦମ୍ପତିଙ୍କ ମୃତଦେହ ଜବତ କରିଥିଲା। ପରେ କ୍ୟାପିଟାଲ ହସ୍ପିଟାଲରେ ଦୁଇ ମୃତଦେହର ବ୍ୟବଚ୍ଛେଦ ହୋଇଛି। ଏନେଇ ପୋଲିସ ପକ୍ଷରୁ ପୃଥକ ଅପମୃତ୍ୟୁ ମାମଲା (୫୫ ଓ ୫୬/୨୦୨୩) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, କୁନା ଓ ସୁନି ପୂର୍ବରୁ ବିବାହିତ ଥିଲେ। ତେବେ କୌଣସି କାରଣକୁ ନେଇ କୁନା ତାଙ୍କ ପ୍ରଥମ ସ୍ତ୍ରୀଙ୍କୁ ଛାଡ଼ି ପଳାଇ ଆସିଥିଲେ। ସେହିଭଳି ସୁନି ମଧ୍ୟ ପୂର୍ବରୁ ବିବାହିତ ଥିବାବେଳେ ତାଙ୍କର ଜଣେ ୮ ବର୍ଷର ପୁଅ ମଧ୍ୟ ରହିଛି। ଉଭୟ ଦ୍ୱିତୀୟ ବିବାହ କରିବା ପରେ ୮ ମାସ ତଳେ ବମିଖାଲ ଅଞ୍ଚଳରେ ଆସି ରହିଥିଲେ। ସେଠାରେ ରହିବା ସମୟରେ କୁନା ରାଜମିସ୍ତ୍ରି ଓ ସୁନି ହେଲପର୍ କାମ କରୁଥିଲେ। ତେବେ ସୁନିଙ୍କ ଜାତି ପାଇଁ କୁନାଙ୍କ ପରିବାର ଲୋକେ ତାଙ୍କୁ ଗ୍ରହଣ କରୁ ନ ଥିଲେ। ଏଥିପାଇଁ କୁନା ଓ ସୁନିଙ୍କ ମଧ୍ୟରେ ବହୁ ସମୟରେ ବିବାଦ ଲାଗି ରହିଥିଲା। ଗତ ୨ ମାସ ହେବ ସେମାନେ ରେଳଧାରଣା ପାର୍ଶ୍ୱ ଶାନ୍ତିପଲ୍ଲୀ ବସ୍ତିରେ ଘରଭଡ଼ା ନେଇ ରହିଥିଲେ। ସେଠାରେ ମଧ୍ୟ ସେମାନଙ୍କ ମଧ୍ୟରେ ବହୁ ସମୟରେ ଝଗଡ଼ା ହେଉଥିଲା। ଏହି ସମୟରେ ଉଭୟ ୫ରୁ ଉର୍ଦ୍ଧ୍ୱଥର ଉଭୟ ସ୍ୱାମୀ, ସ୍ତ୍ରୀ ରେଳ ଧାରଣାକୁ ଆସି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗତ କିଛିଦିନ ତଳେ ସୁନି ତାଙ୍କ ପୁଅକୁ ବାପଘରେ ଛାଡ଼ି ଚାଲିଆସିଥିଲେ। ରବିବାର ରାତିରେ ଉଭୟଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିଲା ବୋଲି ପଡୋଶୀ ଲୋକେ କହୁଛନ୍ତି। ଏହାପରେ ସୋମବାର ସକାଳେ ରେଳ ଧାରଣରେ ଉଭୟଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସୁନିଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ରେଳଧାରଣା ପାର୍ଶ୍ୱରେ ପଡ଼ିଥିବାବେଳେ କୁନାଙ୍କ ମୃତଦେହ ଏହାଠୁ କିଛି ଦୂରରେ ପଡ଼ିଥିଲା। ବିଳମ୍ବିତ ରାତିରେ ଉଭୟ ଏକ ଏକ୍ସପ୍ରେସ୍ ଟ୍ରେନ୍ ଆଗକୁ ଆସି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅନ୍ୟପକ୍ଷରେ ଖବର ପାଇବା ପରେ କୁନାଙ୍କ ବାପା କୃଷ୍ଣ ଓ ଭାଇ ରାଜଧାନୀରେ ପହଞ୍ଚି ତାଙ୍କ ପୁଅଙ୍କ ମୃତଦେହକୁ ଗ୍ରହଣ କରିଥିଲେ ମଧ୍ୟ ସୁନିଙ୍କ ମୃତଦେହ ନେଇ ନ ଥିଲେ। ଏପରିକି ସୁନିଙ୍କୁ ଚିହ୍ନି ନ ଥିବା ଓ ସେ ତାଙ୍କ ବୋହୂ ନୁହେଁ ବୋଲି କହିଥିଲେ। ତେଣୁ ଏହାକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ସ୍ତ୍ରୀ, ପୁଅଙ୍କୁ...



ଅଭିଯୁକ୍ତ(ମଝି)ଙ୍କୁ କାବୁ କରିଛନ୍ତି ଲୋକେ।

ବହୁ ଲୋକଙ୍କ ନିକଟରୁ ଟଙ୍କା ଧାର ଆଣି ଶୁଝି ପାରୁ ନ ଥିଲେ। ଲୋକେ ତାଙ୍କ ଘରକୁ ଟଙ୍କା ମାଗିବାକୁ ଆସୁଥିଲେ। ଏହାକୁ କେନ୍ଦ୍ରକରି ପାରିବାରିକ ଅସନ୍ତୋଷ ଲାଗି ରହୁଥିଲା। ଅନେକ ସମୟରେ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହେଉଥିବା ବେଳେ ଉମେଶ ମଦ ପିଇ ସ୍ତ୍ରୀ ଓ ପୁଅଙ୍କୁ ମାରଧର ମଧ୍ୟ କରୁଥିଲେ। ରବିବାର ରାତିରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସେହି ରାତିରେ ସ୍ତ୍ରୀ, ପୁଅଙ୍କୁ ହତ୍ୟା କରିବା ପରେ ଗାଁ ମୁଣ୍ଡରେ ଥିବା ଇଟାଭାଟି ନିକଟସ୍ଥ ଏକ ଗଛରେ ଲୁଚି ରହିଥିଲେ। ସୋମବାର ସକାଳେ ଉକ୍ତ ଗଛରେ ତାଙ୍କୁ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ମା', ପୁଅ ଶୋଇଥିବା ଅବସ୍ଥାରେ ଉଭୟଙ୍କୁ ତଣ୍ଟି ଚିପି ମାରି ଦେଇଥିବା ଉମେଶ ଗାଁ ଲୋକଙ୍କ ଆଗରେ ସ୍ୱୀକାର କରିଥିଲେ। ଗ୍ରାମବାସୀ ତାଙ୍କୁ କାବୁକରି ପୋଲିସ ଜିମା ଦେଇଥିଲେ। ଭଣ୍ଡାରିପୋଖରୀ ପୋଲିସ ଘରର କବାଟ ଭାଙ୍ଗି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଶୋଇବା ଘରେ ଫ୍ୟାନରେ ଏକ ଶାଢ଼ି ଝୁଲୁଥିବା ମଧ୍ୟ ଦେଖାଯାଇଥିଲା। ମା', ପୁଅଙ୍କୁ ମାରିବା ପରେ ଆତ୍ମହତ୍ୟାର ରୂପ ଦେବା ପାଇଁ ଉମେଶ ଏଭଳି ଉପାୟ କରିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

ଏନେଇ ମୃତ କାଞ୍ଚନଙ୍କ ଭାଇ ଆଖୁଆପଦା ଗ୍ରାମର ବିଜୟ ସେଠୀଙ୍କ ଅଭିଯୋଗକ୍ରମେ ଏକ ହତ୍ୟା ମାମଲା (ନଂ.୨୧୦/୨୩) ରୁଜୁ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଥିବା ଥାନାଧିକାରୀ ତପନ ପ୍ରଧାନ କହିଛନ୍ତି।

## ଟୁଇଟରର ନୂଆ...

ବ୍ରାଣ୍ଡ୍ ପରିବର୍ତ୍ତନ ନେଇ ରବିବାର ମସ୍କ ସୋସିଆଲ ମିଡିଆ ପୋଷ୍ଟରେ ସୂଚନା ଦେଇଥିଲେ। 'ଏକ୍ସ' ଲେଟର୍ ସହିତ ମସ୍କଙ୍କ ବହୁ ପୁରୁଣା ଓ ନିବିଡ଼ ସମ୍ପର୍କ ରହିଛି। ମସ୍କଙ୍କ ରକେଟ୍ କମ୍ପାନୀ ସ୍ପେସ୍ ଏକ୍ସ ପ୍ଲୋରେଶନ୍ ଟେକ୍ନୋଲୋଜି କୋର୍ପ 'ସ୍ପେସ୍ ଏକ୍ସ' ଭାବେ ଜଣାଯାଏ। ୧୯୯୯ରେ ମସ୍କ ଏକ ଷ୍ଟାର୍ଟଅପ୍ ଏକ୍ସଡଟ୍ କମ୍ ନାମରେ ଏକ ଅନ୍ଲାଇନ୍ ଫାଇନାନ୍ସିଆଲ୍ ସର୍ଭିସ୍ କମ୍ପାନୀ ପ୍ରତିଷ୍ଠା କରିଥିଲେ। ବର୍ତ୍ତମାନ ଏହି କମ୍ପାନୀ ପେପଲ୍ ଭାବେ ଜଣାଯାଉଛି। ଟୁଇଟର ୟୁଜର୍ସ ବର୍ତ୍ତମାନ ଏକ୍ସ ଡଟ୍ କମ୍ ବ୍ୟବହାର କରିପାରିବେ। କମ୍ପାନୀର ରିବ୍ରାଣ୍ଡିଂ ପରେ ଟୁଇଟର 'ଏକ୍ସଏସ୍' ଭାବେ ଜଣାଯିବ ବୋଲି ଜଣେ ୟୁଜରଙ୍କ କମେଣ୍ଟର ଉତ୍ତରରେ ମସ୍କ କହିଛନ୍ତି।

## ଆଜି ଓଡ଼ିଶା...

ଜନ୍ମସ୍ଥାନ ସଂଗ୍ରହାଳୟର ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ସେଦିନ କଟକରେ ଓଡ଼ିଶା ହାଇକୋର୍ଟର ୭୫ତମ ପ୍ରତିଷ୍ଠା ଦିବସ ସମାରୋହ, କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ଏବଂ ଏସ୍ସିବି ମେଡିକାଲ କଲେଜ ଓ ହସ୍ପିଟାଲର ବାର୍ଷିକ ଉତ୍ସବରେ ସେ ସାମିଲ ହେବେ। ସବୁ କାର୍ଯ୍ୟକ୍ରମ ଶେଷ କରିବା ପରେ ୬ଟା ୩୦ମିନିଟ୍ ସୁଦ୍ଧା ଆସି ପୁଣିଥରେ ରାଜଭବନରେ ପହଞ୍ଚି ରାତ୍ରିଯାପନ କରିବେ। ୨୭ ତାରିଖ ସକାଳ ୯ଟା ୧୫ରୁ ରାଜ୍ୟର ଆଦିମ ଜନଜାତି ସମୁଦାୟର ପ୍ରତିନିଧିମାନଙ୍କ ସହ ଆଲୋଚନା କରିବେ। ୧୦ଟା ୧୫ମିନିଟ୍ରେ ରାଜପଥରେ ଯାଇ ଭୁବନେଶ୍ୱର ତମାଣ୍ଡୋର ଦଶବାଟିଆଠାରେ ବ୍ରହ୍ମାକୁମାରୀ କେନ୍ଦ୍ର ଲାଇଟ୍ ହାଉସ୍ କମ୍ପ୍ଲେକ୍ସର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେବେ। ୧୨ଟାରେ ବ୍ରହ୍ମାକୁମାରୀର ବରିଷ୍ଠ ସଦସ୍ୟଙ୍କ ସହ ଦୁଇ ଘଣ୍ଟା ଆଲୋଚନା କରିବେ। ସେଠାରେ ମଧ୍ୟାହ୍ନଭୋଜନର କାର୍ଯ୍ୟକ୍ରମ ମଧ୍ୟ ରହିଛି। ୪ଟା ୨୫ରେ ଭୁବନେଶ୍ୱର ଛାଡ଼ିବା ସହିତ ୭ଟା ୨୦ରେ ରାଷ୍ଟ୍ରପତି ଭବନରେ ପହଞ୍ଚିବେ। ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ନେଇ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।

## ଜ୍ଞାନବାପି ସର୍ଭେ...

ସର୍ଭେ ପାଇଁ ଅନୁମତି ଦେବା ପରେ ସୋମବାର ସକାଳେ ଏଏସ୍ଆଇର ୩୦ ଜଣିଆ ଟିମ୍ ପହଞ୍ଚି କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଜ୍ଞାନବାପି ମସ୍ଜିଦର ବିଜ୍ଞାନଭିତ୍ତିକ ସର୍ଭେ ଆରମ୍ଭ କରିଥିଲା। ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟରେ ଉପସ୍ଥିତ ରହି ଏଏସ୍ଆଇ କେବଳ ମସ୍ଜିଦ ସ୍ଥଳର ଫଟୋଗ୍ରାଫି ଓ ରାଡାର ଇମେଜିଂ ନେଉଥିବା କହିଥିଲେ। ସେମାନେ ମସ୍ଜିଦ ମଧ୍ୟରେ କୌଣସି ଖନନ କରୁନାହାନ୍ତି କିମ୍ବା ଇଟା ଖଣ୍ଡେ ହଟାଉନାହାନ୍ତି ବୋଲି ସଲିସିଟର ଜେନେରାଲ କହିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଅଶ୍ୱିନୀ ନକ୍ଷତ୍ର ଦୂରଦର୍ଶିତା ବିହୀନ କାର୍ଯ୍ୟ ଯୋଗୁ ମାନସିକ ସୁସ୍ଥତା ହରାଇବେ। ଦୀର୍ଘଦିନରୁ ଆଶା କରିଥିବା ମୂଲ୍ୟବାନ୍ ଦ୍ରବ୍ୟଟି ବନ୍ଧୁଙ୍କ ଜରିଆରେ ପାଇପାରନ୍ତି। ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ନିଜ ଲୋକମାନେ ଅସୁବିଧାରେ ପକାଇବେ। ବ୍ୟବସାୟିକ, ପାରିବାରିକ ଓ ଆନୁଷ୍ଠାନିକ ସ୍ଥିତି ପ୍ରାୟତଃ ଠିକ୍ ରହିବ।

**ବୃଷ** – ବନ୍ଧୁଙ୍କ ସହାୟତା ଲାଭକରି କାର୍ଯ୍ୟ ହାସଲ କରିବେ। ଘରର ବରାଦ ଅନୁସାରେ ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ସ୍ୱାସ୍ଥ୍ୟସମସ୍ୟା ସୃଷ୍ଟି ହେବା ସାଙ୍ଗକୁ ପାରିବାରିକ ସମସ୍ୟା ଆଜିର ଯାତ୍ରାକୁ ସ୍ଥଗିତ ରଖିବ।

**ମିଥୁନ** – ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ କର୍ମ ଓ ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ରହିବ। ପଡ଼ୋଶୀମାନେ ଭୂରି ଭୂରି ପ୍ରଶଂସା କରିବେ। ପ୍ରକାଶନ, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବ। ଆଶା କରୁଥିବା ଦିଗରୁ ଅର୍ଥ ପାଇବେ ଏବଂ ନିକଟସ୍ଥ ବନ୍ଧୁମାନେ ଏହି ଦିଗରେ ସାହାଯ୍ୟ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**କର୍କଟ** – ମାନସିକ ଅସ୍ଥିରତା କାରଣରୁ ବିଭିନ୍ନ ଯୋଜନା କରି ମଧ୍ୟ ଉପକୃତ ହୋଇପାରିବେ ନାହିଁ। ସଭାସମିତି କିମ୍ବା ଅଫିସ୍ କାମରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ବହୁଦିନ ଧରି ଲାଗି ରହିଥିବା ରୋଗପୀଡ଼ାରେ କଷ୍ଟ ଅନୁଭବ କରିବେ। ଆପଣ ପ୍ରତିଶ୍ରୁତି ପାଳନ ନ କରିବା କାରଣରୁ ବନ୍ଧୁ ଅଭିମାନ କରିପାରନ୍ତି।

**ସିଂହ** – ଯେତେ ଭଲ କାମ କଲେ ମଧ୍ୟ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ। ପରିବାରରେ ଭୁଲ୍ ବୁଝାମଣା ଲାଗି ରହିବାରୁ ଟେନ୍ସନ ଲାଗି ରହିବ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ।

**କନ୍ୟା** – ଦୀର୍ଘଦିନର ଅପୂରଣୀୟ ଆଶା ମନକୁ ଆଲୋଡ଼ିତ କରିବା କାରଣରୁ ଅଶାନ୍ତ ରହିବେ। କର୍ମକ୍ଷେତ୍ରରେ ଅବହେଳା ଯୋଗୁ କେତେକ କାମ ଲାଗି ଅନ୍ୟର ସାହାଯ୍ୟ ନେବେ। ଆଜି ଯାନବାହନ, ବିବାଦୀୟ ସ୍ଥାନ, ଏକାକୀ ଯାତ୍ରାରୁ ଦୂରେଇରହିବା ଭଲ। କଳା, କାରିଗରି, ସାହିତ୍ୟ, ସଙ୍ଗୀତ ପ୍ରଭୃତି କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ତୁଳା** – ନିଜର ଦକ୍ଷତା ଓ ପ୍ରତ୍ୟୁତ୍ପନ୍ନମତିତା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇପାରିବେ। ପରିସ୍ଥିତିବିଶତଃ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଉପରିସ୍ଥଙ୍କ ନିର୍ଦ୍ଦେଶାନୁସାରେ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ଅଭାବରୁ ମନ ଭଲ ଲାଗି ନ ପାରେ।

**ବିଛା** – ଆଲୋଚନା କାଳରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇନେବେ। ଅନୁରାଧା ନକ୍ଷତ୍ରର ବିଗତ ଦିନର କୌଣସି ଘଟଣା ସକାଶେ ଟେନ୍ସନ ବଢ଼ିପାରେ। ମାତ୍ରାଧିକ ଭ୍ରମଣ କିମ୍ବା କାମର ଚାପ ହେତୁକ କ୍ଲାନ୍ତି ଅନୁଭବ କରିବେ। ଜମିଜମା କାରବାର, ନିର୍ମାଣ, ମୂଲ୍ୟବାନ୍ ଜିନିଷର କିଣାବିକା କ୍ଷେତ୍ରରେ ସୁଫଳ ପାଇବେ।

**ଧନୁ** – ପାରିପାର୍ଶ୍ୱିକ ପରିସ୍ଥିତି ଭଲ ନ ଥିଲେ ମଧ୍ୟ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନାହିଁ। ବନ୍ଧୁମାନଙ୍କ ସହ ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ। ମୂଳା ନକ୍ଷତ୍ର ଅର୍ଥ ଓ ସମ୍ମାନ ମିଳିବ, ବ୍ୟବସାୟିକ ଉନ୍ନତି କରିବେ।

**ମକର** – ସକାଳୁ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଖଳଲୋକମାନେ ଅପପ୍ରଚାର କରିପାରନ୍ତି। କୌଣସି ଅଭାବ ନ ଥାଇ ମଧ୍ୟ ଆତ୍ମୀୟମାନଙ୍କ ହୀନମନ୍ୟତା କାରଣରୁ ମନଟା ଭଲ ଲାଗିବ ନାହିଁ। ସଭାସମିତି, ଆଲୋଚନାଚକ୍ର, ନିର୍ମାଣ, ପରିବହନ, ପ୍ରକାଶନ କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

**କୁମ୍ଭ** – ପାରିବାରିକ କ୍ଷେତ୍ରରେ ମଧ୍ୟ ସହଜରେ କାମ ହାସଲହେବା କଷ୍ଟକର ହେବ। କର୍ମକ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସତ୍ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ଆଗ୍ରହ ପ୍ରକାଶ କରିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

**ମୀନ** – ଆଜି ଆପଣ କୌଣସି କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନାହିଁ। ପାରିବାରିକ ସମସ୍ୟା ସମାଧାନର ଚିନ୍ତାକରି ଦୁର୍ଭାବନା ବଢ଼ିଚାଲିବ। ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଶତ୍ରୁତା ଓ ସ୍ୱାସ୍ଥ୍ୟହାନି କର୍ମକ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିବ।

ଆଜି ଶ୍ରାବଣ(ମଳ) ଶୁକ୍ଳପକ୍ଷ ସପ୍ତମୀଯୁକ୍ତ ଅଷ୍ଟମୀ ମଙ୍ଗଳବାର, ଜୁଲାଇ ୨୫ ତାରିଖ। ରାଶିନକ୍ଷତ୍ର-ଚିତ୍ରା/କନ୍ୟା, ସପ୍ତମୀର ଏକୋଦ୍ଦିଷ୍ଟ ଓ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୮।୩୮ ଗତେ, ଘ.୧୦।୩୫ ମଧ୍ୟେ, ଘ.୦୧।୧୧ ଗତେ, ଘ.୦୧।୩୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୭ ଗତେ, ଘ.୦୪।୪୫ ମଧ୍ୟେ ରାହୁକାଳ।

# ଗଣତାନ୍ତ୍ରିକ ମୂଲ୍ୟବୋଧରେ ନିରପେକ୍ଷ ଗଣମାଧ୍ୟମ ଆବଶ୍ୟକ



ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିରରେ ସୋମବାର ଧରିତ୍ରୀ ପକ୍ଷରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଉପସ୍ଥିତ ଅତିଥି।


କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

## ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

ବ୍ରହ୍ମପୁର ଅଫିସ,୨୪।୭
(ସ୍ମୃତିରଞ୍ଜନ ମହାଲିକ/ସୁବାସଚନ୍ଦ୍ର ପାଢ଼ୀ)

ଗଣତନ୍ତ୍ରରେ ଯୁବପିଢ଼ିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୁସ୍ଥ ଓ ବଳିଷ୍ଠ ଗଣତନ୍ତ୍ର ସେତେବେଳେ ପ୍ରତିଷ୍ଠା ହେବ, ଯେତେବେଳେ ଯୁବପିଢ଼ି ସତ୍ୟ ଅସତ୍ୟକୁ ବୁଝିବା ସହ ଠିକ୍ ପଦକ୍ଷେପ ନେବା ଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ଗଣମାଧ୍ୟମ, ଗଣତାନ୍ତ୍ରିକ ବ୍ୟବସ୍ଥା ଯୁବପିଢ଼ିଙ୍କୁ ଉଚିତ ମାର୍ଗଦର୍ଶନ କରିପାରିବ। ଭାରତକୁ ଏକ ଶ୍ରେଷ୍ଠ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଗଢ଼ି ତୋଳିବାରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସୋମବାର ଧରିତ୍ରୀର ୫୦ ବର୍ଷ ପାଳନ ଉପଲକ୍ଷେ ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର ସି.ଭି. ରମଣ ପ୍ରକୋଷ୍ଠରେ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ମୁଖ୍ୟ ଅତିଥି ସରସ୍ୱତୀ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ କହିଛନ୍ତି।

ପ୍ରତିଯୋଗିତାରେ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର, ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ, ମହାମାୟୀ ମହିଳା ମହାବିଦ୍ୟାଳୟ, ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟର ମୋଟ ୨୨ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିରେ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର ଯୁକ୍ତ ୨ ବିଜ୍ଞାନ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ର ଅନିମେଷ ପାଣିଗ୍ରାହୀ ପ୍ରଥମ, ଦ୍ୱିତୀୟ ବର୍ଷ ଛାତ୍ରୀ ତନିଷା ରାଉତ ଓ ଆଲିଶା ହୋତା ଯୁଗ୍ମ ଦ୍ୱିତୀୟ ଏବଂ ଅଙ୍କିତା ମୁଦୁଲି ତୃତୀୟ ସ୍ଥାନ ଅଧିକାର କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ବିଚାରକ ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା ଯୋଗଦେଇଥିଲେ। ସେ କହିଥିଲେ, ୫୦ବର୍ଷ ଧରି ଧରିତ୍ରୀ ନିରବଚ୍ଛିନ୍ନ ଯାତ୍ରା ଜାରି ରଖିଛି। ଓଡିଶାରେ ଧରିତ୍ରୀ ନିରପେକ୍ଷ ଖବର ପ୍ରକାଶ କରିବାରେ ଏକ ପ୍ରମୁଖ ଖବରକାଗଜ। ଖବରକାଗଜରେ ଖବର ପରିବେଷଣ ବେଳେ ଉଭୟ ପକ୍ଷର ମତାମତ ନେବା ଆବଶ୍ୟକତା ରହିଛି। ସ୍ୱାଧୀନତା ପୂର୍ବରୁ ଭାରତରେ ବିଭିନ୍ନ ଭାଷାର ୨୦୦ଟି ଖବରକାଗଜ ଖବର ପରିବେଷଣ କରୁଥିଲେ। ବର୍ତ୍ତମାନ ଲକ୍ଷାଧିକ ସାପ୍ତାହିକ, ପାକ୍ଷିକ, ମାସିକ ଓ ଦୈନିକ ଖବରକାଗଜ ପ୍ରକାଶ ପାଉଛି। ଦେଶର ଭବିଷ୍ୟତ ବର୍ତ୍ତମାନର ଯୁବପିଢ଼ି ଉପରେ ନିର୍ଭର କରୁଛି। ୫ ହଜାର ବର୍ଷର ଭାରତ ବର୍ଷରେ ସ୍ୱାଧୀନତା ପାଇବାର ୭୫ବର୍ଷ ପରେ ବି ଆମେ ବିକଶିତ ହୋଇପାରିଲୁ ନାହିଁ। ଏହାର କାରଣ ହେଉଛି ଯୁବପିଢ଼ି, ଗଣମାଧ୍ୟମ, ଗଣତନ୍ତ୍ର। ବର୍ତ୍ତମାନ କାଗଜକଲମରେ ଗଣତାନ୍ତ୍ରିକ ବ୍ୟବସ୍ଥା କାର୍ଯ୍ୟ କରୁଛି। କିନ୍ତୁ ବାସ୍ତବରେ ଅନେକ କ୍ଷେତ୍ରରେ ଜଣେ ରାଜନୈତିକ ବ୍ୟକ୍ତି ସରକାରଙ୍କ ଭାଗ୍ୟ ନିର୍ଦ୍ଧାରଣ କରୁଛନ୍ତି। ଫଳରେ ଗଣତାନ୍ତ୍ରିକ ବିଚାରବିମର୍ଶ ଦେଶରୁ ଲୋପ ପାଉଛି। ଗଣମାଧ୍ୟମ ନିରପେକ୍ଷ ହେବା ସହ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ହେଲେ ଗଣମାଧ୍ୟମ ଯଥାର୍ଥ ଭୂମିକା ନିର୍ବାହ କରିବା ଦରକାର। ଯୁବପିଢ଼ି ସେମାନଙ୍କ ଉତ୍ତର ଦାୟିତ୍ୱକୁ ଠିକ ଭାବେ ବୁଝିବା ଦରକାର। ଫଳରେ ଏକ ସୁସ୍ଥ ଓ ସୁଦୃଢ଼ ଗଣତନ୍ତ୍ର ହୋଇପାରିବ ବୋଲି ଓଝା କହିଥିଲେ। ଅନ୍ୟତମ ବିଚାରକ ଭାବେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ସହକାରୀ ପ୍ରାଧ୍ୟାପିକା ଡ. ଉଷାରାଣୀ ରଥ ଯୋଗଦେଇ କହିଥିଲେ ଯେ, ଧରିତ୍ରୀର ଏଭଳି ପ୍ରୟାସ ସ୍ୱାଗତଯୋଗ୍ୟ ଓ ପ୍ରଶଂସନୀୟ। ଗଣମାଧ୍ୟମ ଓ ଗଣତନ୍ତ୍ର ସହ ଯୁବପିଢ଼ି କିଭଳି ଭାବେ ସଂପୃକ୍ତ ସେ ନେଇ ପରିପ୍ରକାଶ କରିବାରେ ଏହା ସହାୟକ ହୋଇପାରିଛି ବୋଲି ସେ କହିଥିଲେ। ମୁଖ୍ୟଅତିଥି ପାଣିଗ୍ରାହୀ ଧରିତ୍ରୀର ଏଭଳି ପ୍ରୟାସ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିବା ସହ ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଣତନ୍ତ୍ର ଉପରେ ଆସ୍ଥା ଜାଗ୍ରତ ହେବ ଓ ଦେଶ ପ୍ରୀତି ବଢ଼ିବ ବୋଲି କହିଥିଲେ। ଧରିତ୍ରୀ ଜିଲା ପ୍ରତିନିଧି ସ୍ମୃତି ରଞ୍ଜନ ମହାଲିକ ଅତିଥି ପରିଚୟ ପ୍ରଦାନ କରିବା ସହ ଧରିତ୍ରୀର ୫୦ ବର୍ଷ ପାଳନ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଖବରଦାତା ନରସିଂହ ସାହୁ, ଖବରଦାତା ସୁବାସ ପାଢ଼ୀ, ବ୍ରହ୍ମପୁର ପ୍ରସାରଣ ବିଭାଗର ମଳୟ କୁମାର ସାହୁ, ବ୍ରହ୍ମପୁର ବିଜ୍ଞାପନ ବିଭାଗର ଶିବପ୍ରସାଦ ଦାଶ, ଖବରଦାତା ତନୁଶ୍ରୀ ନାହାକ ଓ ଗଞ୍ଜାମ ଖବରଦାତା ବିଦ୍ୟାଧର ସାହୁ ଉପସ୍ଥିତ ଥିଲେ। ଶେଷରେ ଧରିତ୍ରୀ ଜିଲା ପ୍ରତିନିଧି ଧନ୍ୟବାଦ ଅର୍ପଣ କରିଥିଲେ।


ଦେଶ ବିକାଶରେ ଯୁବସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯୁବସମାଜ ଓ ଗଣତନ୍ତ୍ର ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ମହାଦେବଙ୍କ ତ୍ରିଶୂଳ ସଦୃଶ ଗଣତନ୍ତ୍ର, ଗଣମାଧ୍ୟମ ଓ ଯୁବପିଢ଼ି ଏକ ସୂତ୍ରରେ ବାନ୍ଧିହେଲେ ଭାରତ ବିଶ୍ୱଗୁରୁ ହୋଇପାରିବ। ଏଥିସହ ଭାରତ ଅର୍ଥନୈତିକ, ସାମରିକ ଓ ରାଜନୈତିକ କ୍ଷେତ୍ରରେ ସବୁଠାରେ ଆଗରେ ରହିବ।

– ଅନିମେଷ ପାଣିଗ୍ରାହୀ


ଯୁବସମାଜ ନିଜ ମୌଳିକ ଅଧିକାର, ଦାୟିତ୍ୱ, ସାମାଜିକ ମୂଲ୍ୟବୋଧ ସମ୍ପର୍କରେ ଜାଣିବା ସହ ସମସ୍ତ ଖବର ଉପରେ ତୀକ୍ଷ୍ଣ ନଜର ରଖିବା ଆବଶ୍ୟକ। ଗଣମାଧ୍ୟମରେ ଯୁବସମାଜ ଅଧିକରୁ ଅଧିକ ସକ୍ରିୟ ହୋଇ କାର୍ଯ୍ୟ କରିପାରିଲେ ଏକ ସଫଳ, ବିକଶିତ ଓ ସୁନ୍ଦର ଗଣତାନ୍ତ୍ରିକ ରାଷ୍ଟ୍ର ଗଠନ ହୋଇପାରିବ।

– ତନିଶା ରାଉତ


ଯୁବପିଢ଼ି, ଗଣମାଧ୍ୟମ ଓ ଗଣତନ୍ତ୍ର ଆମ ସମାଜର ୩ଟି ମୁଖ୍ୟ ସ୍ତମ୍ଭ। ଏକ ସୁସ୍ଥ ଗଣତାନ୍ତ୍ରିକ ରାଷ୍ଟ୍ର ନିମନ୍ତେ ଯୁବସମାଜର ଉଦ୍ୟମ, ସାହସ, ଚିନ୍ତନ, ବିଚାରଧାରା ନିହାତି ଆବଶ୍ୟକ। ଗଣମାଧ୍ୟମ ଉଭୟ ଗଣତନ୍ତ୍ର ଓ ଯୁବସମାଜ ମଧ୍ୟରେ ସମନ୍ୱୟ ରକ୍ଷା କରେ। ଗଣମାଧ୍ୟମ ଜନସାଧାରଣଙ୍କୁ ପ୍ରକୃତ ସତ୍ୟ ଜଣାଇଥାଏ।

– ଆଲିଶା ହୋତା


ଗଣମାଧ୍ୟମ ମୁଖ୍ୟତଃ ସୂଚନା ସଂଗ୍ରହ କରିବା ସହ ଏହାକୁ ଠିକ ଭାବେ ଲୋକଙ୍କ ନିକଟରେ ପହଞ୍ଚାଇବା କାର୍ଯ୍ୟ ସମ୍ପାଦନ କରିଥାଏ। ଯୁବପିଢ଼ିଙ୍କ ମଧ୍ୟରେ ସମାଜର ପ୍ରତିଛବି ସର୍ବ ସମ୍ମୁଖରେ ପ୍ରକାଶ କରିବାର ସାହସ ଓ ଶକ୍ତି ରହିଛି। ଉପଯୁକ୍ତ ଅଧିନାୟକ ଚୟନ କଲେ ସୁଦୃଢ଼ ଗଣତାନ୍ତ୍ରିକ ରାଷ୍ଟ୍ର ଗଠିତ ହୋଇପାରିବ।

– ଅଙ୍କିତା ମୁଦୁଲି

### ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର


ଅର୍ପିତା ସାହୁ


ଆୟୁଷିତା ପାଣିଗ୍ରାହୀ


ଡିମ୍ପଲ ନାହାକ


ଦୀପାଳି ପାଢ଼ୀ


କାଜଲ ବେହେରା


ମାନ୍ୟତା ନନ୍ଦ


ପଲକ ମହାରଣା


ପ୍ରଜ୍ଞା ପ୍ରିୟା ପାଢ଼ୀ


ରାକ୍ଷୀ ସାହୁ


ରୂପାଲି ପାଢ଼ୀ


ସାଇ ଅର୍ପିତା ପଟ୍ଟନାୟକ


ସଲୋନୀ ମହାନ୍ତି


ସନ୍ତୋଷ ନାହାକ


ସ୍ମୃତିମୟୀ ରଣା


ସୋନାଲୀ ସ୍ୱାଗତିକା ବେହେରା


ସୌରଜିତ ସାମନ୍ତରାୟ


ଶ୍ରାବଣୀ ବେହେରା


ସୁଦୀପ୍ତି କୁମାରୀ ନାୟକ


**वरीय पुलिस अधीक्षक का कार्यालय,**
**पूर्वी सिंहभूम, जमशेदपुर**

**इश्तेहार अधिपत्र**

सर्व साधारण को सूचित किया जाता है कि गोलमुरी थाना कांड सं0–72/2017, दिनांक–14.05.2017, धारा–406/420 भा0द0वि0, जी0आर–1336/17 में **प्राथ0 अभि0 आलोक मंगराज, पिता–स्व0 राजकिशोर मंगराज, पता–ग्राम केशरपुर, थाना–कनास, जिला–पुरी, उड़िसा** के विरुद्ध श्री राजेन्द्र प्रसाद, न्यायिक मजिस्ट्रेट, प्रथम श्रेणी, जमशेदपुर न्यायालय से एक मत्तहम शखस को हाजिर होने का इश्तिहार अधिपत्र निर्गत है साथ ही अभियुक्त के निवास स्थान के मुख्य दरवाजा पर डुगडुगी बजाकर दो गवाहों के उपस्थिति मे दिनांक 10.07.23 को चिपका गया एवं न्यायालय में अबिलंभ अभियुक्त को हाजिर होने का आदेश प्राप्त है।

अतः **प्राथ0 अभि0 आलोक मंगराज, पिता–स्व0 राजकिशोर मंगराज, पता–ग्राम केशरपुर, थाना–कनास, जिला–पुरी, उड़िसा को** श्री राजेन्द्र प्रसाद, न्यायिक मजिस्ट्रेट, प्रथम श्रेणी, जमशेदपुर न्यायालय में उपस्थित होना अनिवार्य समझें अन्यथा न्यायालय द्वारा अभियुक्त के विरूद्ध अग्रतर कार्रवाई सुनिश्चित किया जायेगा।

वरीय पुलिस अधीक्षक,
पूर्वी सिंहभूम, जमशेदपुर

PR 303104 Police(23-24)#D



भारतीय विज्ञान शिक्षा एवं अनुसंधान संस्थान बरहमपुर
**IISER BERHAMPUR | Indian Institute of Science Education and Research Berhampur**
Established by the Ministry of Education, Government of India

**Short Advertisement for Recruitment of Faculty Position on Direct Recruitment**

**No: IISERBPR/DOFA/2023/1** — **Dated : July 24, 2023**

Opening date for submission of application: **0900 hr of July 24, 2023**
Closing date of submission of application: **1730 hr of August 23, 2023**
Crucial date for calculation of age/qualification/experience: **August 23, 2023**

Indian Institute of Science Education and Research Berhampur, an Institute of National Importance, established by the Ministry of Education, Government of India in order to promote higher scientific learning and research as well as scientific exploration at the undergraduate and postgraduate levels of education and to create scientists and academicians of the highest quality invites applications from eligible Indian nationals to fill-up the following sanctioned posts through direct recruitment.

**The details of the posts are as under:**

| S. No. | Name of the posts | SC | ST | OBC (NCL) | EWS | UR | Total* |
|---|---|---|---|---|---|---|---|
| 1 | Professor | - | - | 01 | - | 01 | 02 |
| 2 | Associate Professor | - | - | - | - | 02 | 02 |
| 3 | Assistant Professor - Gr-I | 01 | 01 | 03 | 01 | 05 | 11 |

***Horizontal reservation of prescribed 4% for PwBD candidates as per the relevant Act & instructions of the Govt. of India as applicable.***

**Note:** Please visit Institute website **www.iiserbpr.ac.in** for submission of application and full text of the advertisement and all other details regarding educational qualification, experience and other eligibility criteria. The detailed advertisement as posted on our website will regulate the recruitment of the posts.

**Registrar**


## ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଥିଲା ଛାତ୍ରାବାସ

### ସାପ କାମୁଡ଼ାରେ ୩ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟଣା

- ଡିଇଓଙ୍କ ନିକଟରେ ତଦନ୍ତ ରିପୋର୍ଟ ଦାଖଲ
- ପିଲାଙ୍କୁ ନେଇଗଲେ ଅଭିଭାବକ

କେନ୍ଦୁଝର,୨୪।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଜାଲି ପଞ୍ଚାୟତ ନିଶ୍ଚିନ୍ତପୁର ଗ୍ରାମରେ ଥିବା କୋଚିଂ ସେଣ୍ଟର ଛାତ୍ରାବାସରେ ଶନିବାର ରାତିରେ ଶୋଇଥିବା ବେଳେ ବିଷାକ୍ତ ସାପ କାମୁଡ଼ାରେ ୩ ଅନ୍ତେବାସୀଙ୍କ ମୃତ୍ୟୁ ଘଟିଥିଲା। ଘଟଣାରେ ଚମ୍ପୁଆ ବ୍ଲକ୍ ଶିକ୍ଷା ଅଧିକାରୀ ଚିଠି (ନଂ. ୧୮୩୩)ରେ ତଦନ୍ତ ରିପୋର୍ଟ ଜିଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ବଟକୃଷ୍ଣ ବିଦ୍ୟାପୀଠ ନାମରେ ଆବାସିକ କୋଚିଂ ସେଣ୍ଟର ଚାଲୁଥିବା ବେଳେ ୬ଟି ଛୋଟ କୋଠରିରେ ୧୧୬ ଜଣ ଅନ୍ତେବାସୀଙ୍କୁ ରଖାଯାଇଥିଲା। ଅନ୍ତେବାସୀଙ୍କୁ ଶୋଇବା ପାଇଁ ଖଟ ଦିଆଯାଇ ନ ଥିବାରୁ ସେମାନେ ବେଡ୍‌ସିଟ ପକାଇ ତଳେ ଶୋଉଥିଲେ। ଛାତ୍ରାବାସର ପରିବେଶ ଅତ୍ୟନ୍ତ ଅପରିଷ୍କାର ଥିଲା ବୋଲି ତଦନ୍ତ ରିପୋର୍ଟରୁ ଜଣାପଡ଼ିଛି। ଚମ୍ପୁଆ ଏବିଇଓ ଗୋବିନ୍ଦ ଚନ୍ଦ୍ର ସାହୁ ଏବଂ ନରେନ୍ଦ୍ର କୁମାର ନାଏକ ତଦନ୍ତ କରିଥିଲେ। ଘଟଣା ପରେ ଅଭିଭାବକ ସେମାନଙ୍କର ପିଲାମାନଙ୍କୁ କୋଚିଂ ସେଣ୍ଟରରୁ ଘରକୁ ନେଇ ଯାଇଛନ୍ତି।

ତଦନ୍ତ ରିପୋର୍ଟ ଅନୁସାରେ ଉନ୍ନତମାନର ଶିକ୍ଷା ସହ କୋଚିଂ ଦେବାର ପ୍ରଲୋଭନ ଦେଇ ନିଶ୍ଚିନ୍ତପୁର ଗ୍ରାମରେ ଅବସରପ୍ରାପ୍ତ ଶିକ୍ଷକ ଖଗେଶ୍ୱର ମହାନ୍ତ ଆବାସିକ କୋଚିଂ ସେଣ୍ଟର କରି ପିଲାଙ୍କୁ ରଖିଥିଲେ। ଛାତ୍ରୀଛାତ୍ର ଜଣଙ୍କ ପିଛା ବାର୍ଷିକ ୨୦ ହଜାର ଟଙ୍କା ନେଉଥିଲେ। ଏଥିପାଇଁ ଶିକ୍ଷା ବିଭାଗ କିମ୍ବା ସ୍ଥାନୀୟ ପୋଲିସଠାରୁ କୌଣସି ଅନୁମତି ନେଇ ନ ଥିଲେ। କୌଣସି ସୂଚନା ମଧ୍ୟ ବିଭାଗକୁ ଦେଇନାହାନ୍ତି। ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି, ବିଇଓ ଏବଂ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ନିଜ ଅଞ୍ଚଳରେ ଥିବା କୋଚିଂ ସେଣ୍ଟର ବା ବେଆଇନ ହଷ୍ଟେଲ ଯାଞ୍ଚକରି ରିପୋର୍ଟ ଦେବାକୁ କୁହାଯାଇଛି। ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଚମ୍ପୁଆ ଉପଜିଲାପାଳ ଶ୍ରୀକାନ୍ତ ମାଝି କହିଛନ୍ତି, ଘଟଣାର ତଦନ୍ତ କରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ସେଣ୍ଟର ମାଲିକ ଖଗେଶ୍ୱର ମହାନ୍ତ କହିଛନ୍ତି, ଉକ୍ତ ଅଞ୍ଚଳରେ ଗରିବ ପିଲାଙ୍କୁ ସେଠାରେ କୋଚିଂ ଦେଉଥିଲେ। ବହୁତ ପିଲା ଭଲ ଫଳାଫଳ କରି ବିଭିନ୍ନ ମେଡିକାଲ, ଇଞ୍ଜିନିୟରିଂ ଆଦି ପଢୁଛନ୍ତି। ଏହାକୁ ବନ୍ଦ କରିଦେବାକୁ ଚିନ୍ତା କରିଥିଲେ। କିନ୍ତୁ ବହୁ ଲୋକ ସ୍ୱତଃପ୍ରବୃତ୍ତ ଭାବେ ପିଲାଙ୍କୁ ଆଣି ରଖୁଥିଲେ।

## ଟଙ୍କା ନ ଦେବାରୁ ସୁପରଭାଇଜରଙ୍କୁ ଛୁରାମାଡ଼

ଲକ୍ଷ୍ମୀପୁର, ୨୪।୭(ଅନନ୍ତ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ସଦର ଲକ୍ଷ୍ମୀପୁର ରେଲୱେ ଷ୍ଟେଶନ୍ ଛକ ନିକଟରେ କେତେ ଜଣ ଦୁର୍ବୃତ୍ତ ରବିବାର ସନ୍ଧ୍ୟାରେ ଜଣଙ୍କୁ ଆକ୍ରମଣ କରିଛନ୍ତି। ସେ ଗେଲ୍ ଇଣ୍ଡିଆ କମ୍ପାନୀର ଠିକାସଂସ୍ଥା ଏନପ୍ରୋକନର ସୁପରଭାଇଜର ଆର୍‌ପି ସିଂ ବୋଲି ଜଣାପଡିଛି। ଦୁର୍ବୃତ୍ତମାନେ ସିଂଙ୍କୁ ଟଙ୍କା ମାଗିଥିଲେ। ସେ ଟଙ୍କା ଦେବାକୁ ମନା କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଉତ୍ତ୍ୟକ୍ତ ହୋଇ ଦୁର୍ବୃତ୍ତମାନେ ସିଂଙ୍କୁ ଛୁରା ମାରି ଦେଇଥିଲେ। ଏଥିରେ ସିଂ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ୍‌କୁ ସ୍ଥାନାନ୍ତର କରାଯାଇଥିଲା। ଠିକା ସଂସ୍ଥାର ସାଇଡ ଇନ୍‌ଚାର୍ଜ ଭୂପିନ୍ଦର ସିଂ ଲକ୍ଷ୍ମୀପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୭୮/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦୋଷୀଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଶ୍ୱେତ ପଦ୍ମା ସେଠ୍ କହିଛନ୍ତି।


**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ଖୋର୍ଦ୍ଧା ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ଖୋର୍ଦ୍ଧା ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ।

| ଖୋର୍ଦ୍ଧା ଶାଖା/ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ସଞ୍ଜୟ କୁମାର ହୋତା, ୨) ଶ୍ରୀ ହରି କୃଷ୍ଣ ହୋତା / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ଶୈଳବାଳା ହୋତା, ୨) ଶ୍ରୀ ଅଜୟ କୁମାର ହୋତା, ସମସ୍ତଙ୍କ ଠିକଣା- ସା: ଚିନ୍ତାମଣୀ ନଗର, ପୋ/ଥାନା: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା | ୩୧.୦୮.୨୦୧୪ ସୁଦ୍ଧା ଟ.୭,୯୨,୩୪୨/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୪.୦୨.୨୦୧୫ / ୨୧.୦୭.୨୦୨୩ | ଶ୍ରୀ ସଞ୍ଜୟ କୁମାର ହୋତା ଏବଂ ଶ୍ରୀ ଅଜୟ କୁମାର ହୋତାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଛଣଘର, ଏସ୍ଆରଓ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୨୭୨/୩୯, ପ୍ଲଟ୍ ନଂ.: ୨୯୩୧/୩୨୭୮, କ୍ଷେତ୍ର: ଏକର୦.୦୬୮ଡିସିମିଲ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ପୂର୍ବ: ପୋଖରୀ ବନ୍ଧ, ଦକ୍ଷିଣ: ରାସ୍ତା, ପଶ୍ଚିମ: ସରକାରୀ ଜମି |

ସ୍ଥାନ: ଭୁବନେଶ୍ୱର, ତାରିଖ : ୨୪.୦୭.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

ଯେ ସେହି ସତ୍ୟ ଶିବ ସୁନ୍ଦର ଭଗବାନଙ୍କୁ କୁତ୍ସିତ ଓ ସୟତାନ ଭିତରେ ବି ଦେଖିପାରେ ଏବଂ ସେମାନଙ୍କ ପ୍ରତି ପ୍ରେମାନୁଭୂତିରେ ସେମାନଙ୍କୁ କୁତ୍ସିତତା ଓ ସୟତାନୀ କବଳରୁ ମୁକ୍ତ କରିବାକୁ ସଂକଳ୍ପ କରେ– ତେବେ ତାକୁଇ ଆମେ ଯଥାର୍ଥ ସୁଗୁଣବନ୍ତ ଓ ନୀତିବାନ ବ୍ୟକ୍ତି ବୋଲି କହିବା। **–ଶ୍ରୀଅରବିନ୍ଦ**

# ଇତିହାସ ବଡ଼ ନିଷ୍ଠୁର



ମାୟାଧର ନାୟକ

ପାପ କେବେ ଫେରିଆସେନା – ପ୍ରାୟଶ୍ଚିତ୍ତ କରିବାକୁ ପଡେ। ସେହିଭଳି ଇତିହାସ କାହାକୁ କେବେ କ୍ଷମା ଦିଏନା। ହୁଏତ ସାମୟିକ କିଏ କିଏ ଇତିହାସକୁ ବିକୃତ କରିଦିଅନ୍ତି, କିନ୍ତୁ ଇତିହାସକୁ ଲିଭେଇ ହୁଏନା। ଏବେ ଭାରତର ଇତିହାସକୁ ନୂଆକରି ଲେଖିବା ପାଇଁ ଦଳେ ତଥାକଥିତ ପୋଷାପଣ୍ଡିତ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି। ବିଶେଷକରି ମୋଗଲ ଶାସକମାନଙ୍କ ସୌର୍ଯ୍ୟ ସମ୍ପର୍କରେ କୁହାଯାଉଛି ସେମାନେ ଭାରତକୁ ଲୁଟ୍ କରିବାକୁ ଆସି ୨୦୦ବର୍ଷ ଶାସନ କଲେ। କେବଳ ମୋଗଲମାନେ ନୁହନ୍ତି ବ୍ରିଟିଶବାଲା ମଧ୍ୟ ଆମ ଭାରତକୁ ୨୦୦ବର୍ଷ ଧରି ଶାସନ କରୁଥିଲେ। ଆମେ ଭାରତୀୟମାନେ ବ୍ରିଟିଶର ଗୋଲାମ ହେଲୁ।

ଭାରତ ଏକ ବିଚିତ୍ର ଦେଶ। ଏଠି ଅନେକ ଭାଷା, ଅନେକ ଜାତି, ଅନେକ ପରିଧାନ, ଭିନ୍ନଭିନ୍ନ ମତ। ଭକ୍ତି ଓ ମୁକ୍ତି ଆନ୍ଦୋଳନ ଏଠି ଏକସଙ୍ଗେ ଚାଲେ। ଅଜନ୍ତାର କାରୁକାର୍ଯ୍ୟ, ତାଜମହଲର ଶୋଭାବର୍ଦ୍ଧନ, କୋଣାର୍କ ସୂର୍ଯ୍ୟମନ୍ଦିର ସାରାବିଶ୍ୱକୁ ବିସ୍ମିତ କରୁଛି। ରବୀନ୍ଦ୍ରନାଥ ଟାଗୋର ସଙ୍ଗରେ ବସି କାଜି ନଜରୁଲ ଇସ୍‌ଲାମ ସାମ୍ୟର ସଙ୍ଗୀତ ଗାନ କରିଛନ୍ତି। ଏଭଳି ମହାନ୍ ଦେଶର ଇତିହାସକୁ କେହି କ'ଣ ଲୁଚାଇ ଦେଇପାରେ! ଭାରତର ସୁପ୍ରାଚୀନ ଇତିହାସକୁ ଆରବ ଭୂଖଣ୍ଡରୁ ଆସିଥିବା ଧ୍ୱଂସାତ୍ମକବାହିନୀ ମଧ୍ୟ ଧ୍ୱଂସ କରିପାରିନି। ସିଲାବସ୍‌ରୁ ମୋଗଲ ସାମ୍ରାଜ୍ୟକୁ ବାଦ୍ ଦେଲେ 'ଲାଲକିଲା'ର ଇତିହାସକୁ ଲିଭେଇପାରିବନି। ଏପରିକି ଡାରୱିନ ତତ୍ତ୍ୱକୁ ମଧ୍ୟ ଲୁଚାଇଦେବା ପାଇଁ ପ୍ରୟାସ ଚାଲିଛି। ଏହା କ'ଣ ସମ୍ଭବ! ବିଜ୍ଞାନକୁ ଆମେ କ'ଣ ଅବଜ୍ଞା କରିପାରିବା କି?

କଲିକତାରେ ବାମପନ୍ଥୀ ସରକାର ବ୍ରିଟିଶମାନଙ୍କ ନାମ ବଦଳାଇ ରାସ୍ତାର ନାମ ବିଶ୍ୱ ଓ ଭାରତୀୟ ବରପୁତ୍ରମାନଙ୍କ ନାମ ରଖିଥିଲେ। ସେହିଭଳି ଭାଜପା ସରକାର ବିଖ୍ୟାତ ମୋଗଲସରାଇ ରେଳଷ୍ଟେଶନ ନାମ ବଦଳାଇ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଷ୍ଟେଶନ ନାମିରେ ନାମିତ କରିଛନ୍ତି। ଏଭଳି ଚିନ୍ତାଭାବନା ଆରମ୍ଭ ହୋଇଥିଲା ୧୯୯୮ ମସିହା ଅଟଳବିହାରୀ ବାଜପେୟୀଙ୍କ ସମୟରେ। ଏବେ ନରେନ୍ଦ୍ର ମୋଦିଙ୍କ ସରକାର ସେଇ ଅପୂର୍ଣ୍ଣ କାର୍ଯ୍ୟଟିକୁ ଦ୍ରୁତଗତିରେ ଚଳାଇଛନ୍ତି। ସେଇ ପୁରୁଣା ଯୁଗ ନାହିଁ। ଇଣ୍ଟରନେଟ, ମୋବାଇଲରେ ଘରଣୀଠାରୁ ଆରମ୍ଭକରି ଯୁବଛାତ୍ର, ଭିକାରି, ଶିଳ୍ପପତିଙ୍କ ହାତମୁଠାରେ ଏ ବିଶ୍ୱବ୍ରହ୍ମାଣ୍ଡ।

ଯୁଗେ ଯୁଗେ ଏକଛତ୍ରବାଦୀ ଶାସକମାନେ ଇତିହାସ ବଦଳେଇବାକୁ ଚେଷ୍ଟାକରି ବିଫଳ ହୋଇଛନ୍ତି। ଫାସିଷ୍ଟ ହିଟଲର ଜର୍ମାନୀର ଅନାର୍ଯ୍ୟଙ୍କ ଅଧିକାର କାଢିନେଇଥିଲେ। ସେ ଶେଷରେ ଆତ୍ମହତ୍ୟା କଲେ। ମୋଗଲମାନେ ଭାରତକୁ ଆସି ହଜାର ହଜାର ବର୍ଷର ପ୍ରାଚୀନ ହିନ୍ଦୁ ଓ ବୌଦ୍ଧ ସଭ୍ୟତାକୁ ଧ୍ୱଂସକରିବାକୁ ଉଦ୍ୟମ କରିଥିଲେ। ସେମାନେ ଦେଶ ଦଖଲ କରିଥିଲେ ବି ଧର୍ମକୁ ଶେଷ କରି ପାରିନାହାନ୍ତି। ୨୭୦ବର୍ଷ ପୂର୍ବରୁ ସେମାନେ ପଳେଇଗଲେଣି। ସେମାନଙ୍କ ମୁକୁଟ ପଡିରହିଛି। ସେମାନେ କବରସ୍ଥାନରେ ଚିରନିଦ୍ରାରେ। ସେମାନଙ୍କ କୋଠାବାଡି ସବୁ ଦିଲ୍ଲୀ–ଆଗ୍ରାରେ ଭଗ୍ନସ୍ତୁପ ଭଳି ପଡିରହିଛି। ଇତିହାସ କିନ୍ତୁ ସବୁ ଲିପିବଦ୍ଧ କରିଛି। ନାଦିର ଶାହା, କଳାପାହାଡ ଭଳି ଲୁଣ୍ଠନକାରୀମାନେ ହିନ୍ଦୁମନ୍ଦିର ଭାଙ୍ଗି ବୌଦ୍ଧଧର୍ମର ମୁଖଶାଳା ନାଳନ୍ଦା ବିଶ୍ୱବିଦ୍ୟାଳୟକୁ ପୋଡିଦେଇଥିଲେ। ବର୍ଷେ ପର୍ଯ୍ୟନ୍ତ ନାଳନ୍ଦାର ଅଗ୍ନି ଲିଭି ନ ଥିଲା। କିନ୍ତୁ ତା'ର ଇତିହାସ ପୋଡିଯାଇନି। ପୁଣି ପୂର୍ବଜନ୍ମ ଲାଭକରିଛି।



ମୋଗଲ ଶାସନର ପତନ ପରେ ବ୍ରିଟିଶବାଲା ଭାରତକୁ ବ୍ୟବସାୟ କରିବାକୁ ଆସି ଦେଶ ଦଖଲ କରିନେଲେ। ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଲୁଟପାଟ ଓ ବ୍ୟବସାୟ। ତାଙ୍କ ସଂସ୍କୃତି, ଆଇନକୁ ଭାରତ ଉପରେ ଚାପିଦେଲେ। କିଛି କିଛି ଆଖିଦୃଶିଆ କାମ ଭାରତରେ କରିଛନ୍ତି। ସେମାନେ 'ଭେଦନୀତି' ପ୍ରବେଶ କରାଇ ଧର୍ମ ଧର୍ମ–ଜାତି ଜାତି ଭିତରେ ଦ୍ୱନ୍ଦ୍ୱ ସୃଷ୍ଟି କରାଇଥିଲେ। ବ୍ରିଟିଶ ବିରୋଧରେ ସାରା ଭାରତରେ ନେତାଜୀ ସୁଭାଷ ବୋଷଙ୍କ ଯୁଦ୍ଧ ଡାକରା, ମହାତ୍ମା ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନ, ଲୋକଙ୍କ ଅଶାନ୍ତି ଅସନ୍ତୋଷର ଝଡରେ ବ୍ରିଟିଶବାଲା ପ୍ରମାଦ ଗଣିଥିଲେ। କେତେକ ରାଜ୍ୟର ରାଜାମାନଙ୍କୁ ନିଜପକ୍ଷକୁ ନେବା, ଆଉକିଛି ଅତିଚାଲାଖିଆ ଲୋକଙ୍କୁ ଲୋଭ, କ୍ଷମତା, ମୋହ ଦେଖାଇ ତାଙ୍କ ସପକ୍ଷରେ ପ୍ରଚାର କରାଇଥିଲେ। ଯେଉଁମାନେ ବ୍ରିଟିଶ ସପକ୍ଷରେ ଥିଲେ କାଳକ୍ରମେ ସେମାନଙ୍କର ଦାୟାଦମାନେ ସ୍ୱାଧୀନ ଭାରତରେ କ୍ଷମତାର ମହୁ ଚାଖୁଛନ୍ତି। ମହାତ୍ମା ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନ ଚାଲିଥିଲାବେଳେ ନେତାଜୀ ସୁଭାଷ ବୋଷ ବିଦେଶ ମାଟିରେ ଆଜାଦ ହିନ୍ଦ୍ ଫୌଜ ଗଢି ଯୁଦ୍ଧ ଡାକରା ଦେଇଥିଲେ। ଏଣେ ଭାରତବର୍ଷରେ ବହୁ ଦେଶପ୍ରେମୀ ବ୍ରିଟିଶ ବିରୋଧୀ ଆନ୍ଦୋଳନକୁ ସଂଘର୍ଷରେ ପରିଣତ କରାଇଦେଲେ। ନେତାଜୀଙ୍କ ଯୁଦ୍ଧ ଡାକରା, ସାଧାରଣ ଲୋକଙ୍କ ସଂଘର୍ଷ ଓ ବିରୋଧ ବ୍ରିଟିଶମାନଙ୍କୁ ଅସ୍ତବ୍ୟସ୍ତ କରିଦେଲା। ଆମ ଭାରତର ବ୍ରିଟିଶବାଲାଙ୍କ ବୋଲକରାମାନଙ୍କ କଥା କେହି ଶୁଣିବାକୁ ଚାହିଁଲେ ନାହିଁ। ଶେଷରେ ବ୍ରିଟିଶବାଲା ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପରାସ୍ତ ହେଲେ। ବାଧ୍ୟହୋଇ ଭାରତକୁ ବୁଝାମଣାରେ ହସ୍ତାନ୍ତର କଲେ। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଆମେ ସ୍ୱାଧୀନତା ପାଇଲେ। ଆମ ସ୍ୱାଧୀନତା ଏଇ ଅଗଷ୍ଟ ୧୫ରେ ୭୭ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ସ୍ୱାଧୀନତାର ୭୫ ବର୍ଷରେ ଅମୃତ ମହୋତ୍ସବ ପାଳନ କରିଛେ। ଅମୃତ କାହା ହାତରେ, ବିଷ କାହା ପେଟରେ ତାହା ଭାରତବାସୀ ଅଙ୍ଗେଅଙ୍ଗେ ଲିଭାଉଛନ୍ତି। ଏବେ ବି ପ୍ରାୟ ୯୦ଭାଗ ମଣିଷର ପରାଧୀନ ମାନସିକତା ରହିଛି। ଅନ୍ଧବିଶ୍ୱାସ, ଧାର୍ମିକ ମନୋଭାବ ଏବେ ବି ଭାରତୀୟମାନଙ୍କୁ କାବୁକରି ରଖିଛି। ବିଶ୍ୱ ହାପି ଇଣ୍ଡେକ୍ସରେ ୧୪୬ ଦେଶ ମଧ୍ୟରୁ ଆମ ସ୍ଥାନ ୧୩୬। ଆମେ ଦୁଃଖୀ ଭାରତୀୟ। ଯେଉଁ ଦେଶରେ ଧର୍ମାନ୍ଧମାନଙ୍କର ମେଳି ବେଶି ସେ ଦେଶ ଦୁଃଖୀ। ଏସବୁ ଇତିହାସରେ ଲିପିବଦ୍ଧ ହୋଇରହିଛି।

ଏବେ ଭାଜପା ନେତାମାନେ ସେଇ ୪୦୦ ବର୍ଷର ଇତିହାସ ପଢିଛନ୍ତି କି ? ଯେଉଁଭଳି ଭାବେ ସେମାନେ ଇତିହାସକୁ ବଦଳେଇବାକୁ ଚାହୁଁଛନ୍ତି ତାକୁ କ'ଣ ଲୋକେ ଗ୍ରହଣ କରିବେ ? ପ୍ରକୃତରେ ଉଦ୍ଦେଶ୍ୟ ହେଉଛି ଭୋଟର ସଂଗ୍ରହ କରିବା। ସଂସଦ ଭବନ ଉଦ୍‌ଘାଟନ ବେଳେ ଯାହାସବୁ ଘଟିଗଲା ସେଥିରେ ମୋଦିଜୀ ଦେଖାଇଲେ ଭାରତ ଅର୍ଥ ହିନ୍ଦୁତ୍ୱ। ସେ କିନ୍ତୁ ସଂସଦ ଉଦ୍‌ଘାଟନ ବେଳେ କୌଣସି ଜ୍ଞାନୀଗୁଣୀଙ୍କୁ ପାଇଲେନାହିଁ। ଏ ୧୪୨କୋଟି ୮୬ଲକ୍ଷ ଜନସଂଖ୍ୟା ମଧ୍ୟରୁ ଭାରତରେ କେହି କ'ଣ ମହାମନୀଷୀ ନ ଥିଲେ, ଯେଉଁମାନେ 'ରାଜଦଣ୍ଡ' ଧରି ପ୍ରଧାନମନ୍ତ୍ରୀଙ୍କ ବାଁ ଡାଁ ପାଖରେ ଚାଲିଥାନ୍ତେ ! ନୂଆ ସଂସଦକୁ କୃଷ୍ଣମେଳାର ରୂପଦେବାର ଲକ୍ଷ୍ୟ – ଧାର୍ମିକ ମେରୁକରଣ। ଆଉ କିଛିଦିନ ପରେ 'ରାମ ମନ୍ଦିର' ଉଦ୍‌ଘାଟନୀ ଉଦ୍‌ବୋଧନ। ସେଇ ହିନ୍ଦୁତ୍ୱକୁ ପାଥେୟକରି ଭୋଟରେ ଜିତିବା ପାଇଁ ଇତିହାସକୁ ବିକୃତ କରାଯାଉଛି। ଶାସକମାନେ ଯେତେବେଳେ କ୍ଷମତା ପାଗଳ ହୁଅନ୍ତି ସେତେବେଳେ ସେମାନେ ବେପରୁଆ, ଅହଙ୍କାରୀ, ଗର୍ବୀ, ଆତ୍ମସ୍ୱାର୍ଥୀ ହୋଇଯାଆନ୍ତି। ସାବରକରଙ୍କ ଜନ୍ମଦିନରେ ନୂତନ ସଂସଦ ଉଦ୍‌ଘାଟନ ହେଲେ ବି ସେ କେବେ ବି ମୋହନଦାସ କରମଚାନ୍ଦ ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଭଗତ ସିଂ, ଖୁଦିରାମ, ବାଜି ରାଉତ ହୋଇପାରିବେ ନାହିଁ। 'ଜୟ ଶ୍ରୀରାମ'ରେ ଉଦ୍‌ବୁଦ୍ଧ ହୋଇ ଭାଜପାକୁ ଯେତେଲୋକ ଭୋଟଦେବେ ତା'ର ଦୁଇଗୁଣ ଲୋକ ଗାନ୍ଧିଜୀଙ୍କୁ ନତମସ୍ତକ ହୁଅନ୍ତି। ନାଥୁରାମ୍ ଗଡ୍‌ସେଙ୍କ ଗୁଳିବିଦ୍ଧରେ ମହାତ୍ମା ଗାନ୍ଧୀଙ୍କ ମୃତ୍ୟୁ ହୋଇଥିଲା। ଯିଏ ମୃତ୍ୟୁର ଶେଷନିଃଶ୍ୱାସରେ କହିଥିଲେ 'ହେ ରାମ'। ଆମେ ସେଇ ହତଭାଗ୍ୟ ଭାରତୀୟ। ଆମ ପିତାଜୀଙ୍କୁ ମଧ୍ୟ ଗୁଳିକରି ମାରିଦେଇପାରୁ। ଇତିହାସ କ'ଣ ଆମକୁ କ୍ଷମା ଦେବ ? ଆଜି ଯେଉଁମାନେ ଶାସକ ଆସନରେ ସେମାନେ ଚିରକାଳ କ୍ଷମତାରେ ରହିବେନି। ଶାସନ ବଦଳିବ। ତାଙ୍କ କାର୍ଯ୍ୟକଳାପ ଲୁଚିଯିବନି। ଇତିହାସ ବଡ ନିଷ୍ଠୁର ସେ କାହାକୁ କ୍ଷମା ଦିଏନି।

**ଯାଜପୁର ରୋଡ୍, ଯାଜପୁର**
**ମୋ :୯୮୬୧୦୩୪୧୬୩**

# ସେବା, ସମ୍ପତ୍ତି ଓ ଅପରାଧ



ପ୍ରଭାତ କୁମାର ଦାସ

ବର୍ତ୍ତମାନ ଦେଶର ବିଧାୟକମାନଙ୍କ ହାରାହାରି ସମ୍ପତ୍ତିର ମୂଲ୍ୟ ୧୩.୬୩ କୋଟି ଟଙ୍କା। ଅର୍ଥାତ୍ ଦୁସ୍ଥ ଅସହାୟ ଜନତାଙ୍କ ସେବା କରିବା ପାଇଁ, ସଙ୍ଗିନ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇ ସଗର୍ବେ ସଫଳ ହୋଇଥିବା ତଥାକଥିତ ସେବକମାନେ କୋଟି କୋଟି ଟଙ୍କାର ମାଲିକ। ଏସବୁ ସେମାନେ ରାଜନୈତିକ ସେବା କର୍ମକୁ ଆପଣାଇବା ପୂର୍ବରୁ ଉପାର୍ଜନ କରିଥିଲେ ନା ନିଜ ସେବାଧର୍ମର ପରିସୀମା ଭିତରେ କରିଛନ୍ତି,ତାହା ତଦନ୍ତ ସାପେକ୍ଷ। କିନ୍ତୁ ସେମାନଙ୍କର ଏଭଳି ଅହେତୁକ ସମ୍ପତ୍ତି ବୃଦ୍ଧିର କାରଣ ଖୋଜିବା ପାଇଁ ଦେଶର ଶାସନ ବ୍ୟବସ୍ଥା କେବେ ତତ୍ପରତା ପ୍ରକାଶ କରିନାହିଁ। ରାଜ କର୍ମଚାରୀ ବା ବ୍ୟବସାୟୀମାନଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗର ଯେପରି ତଦନ୍ତ ବା ବିଚାର ହୁଏ, ବିଧାୟକମାନଙ୍କ କ୍ଷେତ୍ରରେ ସେଭଳି କେବେ ଦେଖାଯାଇ ନାହିଁ। ଦେଶ ସାରା ଚରିଯିବା ପାଇଁ ରାଜନୈତିକ ଶୀର୍ଷାସନରେ ଥିବା ପ୍ରଭୁମାନଙ୍କର ଏକ ଅଲିଖିତ ନିର୍ଦ୍ଦେଶ ବା ନୀରବ ସମର୍ଥନ ସେମାନଙ୍କ ସପକ୍ଷରେ ଅଛି। ସେଥିପାଇଁ ତ ପ୍ରତି ସାଧାରଣ ନିର୍ବାଚନରେ ଜନତାଙ୍କ ସେବା କରିବା ପାଇଁ ପ୍ରଚଣ୍ଡ ପ୍ରତିଯୋଗିତା।

ଏହି କୁବ୍ୟବସ୍ଥାକୁ ଗଭୀର ଭାବରେ ହୃଦୟଙ୍ଗମକରି ଏବେ ଦେଶର ସାଧାରଣ ନିର୍ବାଚନ ପୂର୍ବରୁ ଏକ ନୀରବ ଜନମତ ଗୁଞ୍ଜରିତ ହେଉଛି– 'କୋଟିପତି ଓ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତଥିବା ଆଶାୟୀ ପ୍ରାର୍ଥୀମାନଙ୍କୁ ସବୁ ରାଜନୈତିକ ଦଳ ପୁନଶ୍ଚ ଦଳର ଟିକେଟ ନ ଦିଅନ୍ତୁ'। କାରଣ ସେମାନେ କୌଣସି ଅର୍ଥରେ ବି ଗରିବ ଅସହାୟ,ସେବା ପ୍ରତୀକ୍ଷାରେ ଥିବା ଜନତାର ପ୍ରତିନିଧି ହେବାର ଯୋଗ୍ୟତା ରଖନ୍ତି ନାହିଁ। ଅଭାବୀ ମଣିଷର ଦୁଃଖକୁ ସେମାନେ କେବେ ଅନୁଭବ କରିପାରିବେ ନାହିଁ।

ଏହା ୨ ପ୍ରକାର ବୌଦ୍ଧିକ ପରୀକ୍ଷାର ସୁଯୋଗ ଆଣିପାରେ। ସେମାନେ ନିର୍ବାଚନ ଜିତିଲା ପରେ ନିଷ୍ଠାପର ଭାବେ ଜନତାର ସ୍ୱଚ୍ଛ ନିର୍ମଳ ସେବା କରିବେ ନା ସେମାନଙ୍କ ପୂର୍ବ ସୁରୀଙ୍କ ଭଳି ଦେଶକୁ ଲୁଟି ନିଜ ସମ୍ପତ୍ତି ବୃଦ୍ଧିରେ ଲାଗିପଡ଼ିବେ? ଅନ୍ୟ ପରୀକ୍ଷାଟି ହେଲା,ରାଜନୀତିରେ ସେବା ପାଇଁ ପଞ୍ଚାପାଉତି କରିଥିବା କିଛି ନିର୍ଦ୍ଦିଷ୍ଟ ସ୍ୱାର୍ଥସର୍ବସ୍ୱ ପରିବାରଙ୍କ ପଞ୍ଝାରୁ ବିଧାନସଭା ଭଳି ଏକ ପବିତ୍ର ଗୃହକୁ ମୁକ୍ତକରି ଏକ ନୂଆ ଧାରାରେ ଶାସନ ବ୍ୟବସ୍ଥାକୁ ଶୃଙ୍ଖଳିତ, ସମଭାବାପନ୍ନ କରିବା। ସେବା ଗ୍ରହଣ କରୁଥିବା ଶ୍ରେଣୀ ଓ ସେବା ପ୍ରଦାନ କରୁଥିବା ଶ୍ରେଣୀ ଭିତରେ ଯେଉଁ ବିଶାଳ ଅର୍ଥନୈତିକ ବ୍ୟବଧାନ, ତାହା ରାଜନୈତିକ ସେବା ବ୍ୟବସ୍ଥା ଛଡ଼ା ଆଉ କୌଣସି ସେବା କ୍ଷେତ୍ରରେ ଦେଖାଯାଏ ନାହିଁ। ଏଥିପାଇଁ ବି ଏକ ସୁଷମ ଭାବନା ଓ ସୁଷମ ବଣ୍ଟନର ନୀତି ଲୋଡ଼ା।

ଆହୁରି ଅଧିକ ଏବେ ଦେଶରେ ୧୧୩୬ ଜଣ ବିଧାୟକଙ୍କ ନାମରେ ସାଂଘାତିକ ଆପରାଧିକ ମାମଲା ପଞ୍ଜୀକୃତ ହୋଇ ରହିଛି। ସେହି ମାମଲା ସବୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅମୀମାଂସିତ ହୋଇ ରହିବା ଲାଗି ଏକ ଅଦୃଶ୍ୟ ଚାପ ମଧ୍ୟ ରହିଛି। ସେହି ବିଧାୟକ ମାନେ ବି ଖାସ୍ ଏହି କୋଟିପତିମାନଙ୍କ ଶ୍ରେଣୀରେ ଅନ୍ତର୍ଭୁକ୍ତ। ଗଣତାନ୍ତ୍ରିକ ପ୍ରତିନିଧି ବ୍ୟବସ୍ଥାକୁ ଅପରାଧମୁକ୍ତ କରିବାକୁ ହେଲେ ଓ ଆରୋପୀ ଅପରାଧୀ ବିଧାୟକ ମାନଙ୍କୁ ସନ୍ଦେହମୁକ୍ତ ଦେଖିବାକୁ ହେଲେ ଯଥାଶୀଘ୍ର ସେସବୁ ମାମଲାର ବିଚାର ପ୍ରକ୍ରିୟା ଶେଷ କରିବାକୁ ହେବ ; ତଦ୍ୱାରା ନ୍ୟାୟ ପାଇଁ ଦୀର୍ଘଦିନ ଧରି ଅପେକ୍ଷାକରି ରହିଥିବା ସାଧାରଣ ପୀଡ଼ିତ ଜନତା ନ୍ୟାୟର ସ୍ୱାଦ ପାଇପାରିବେ। ଏହି ସ୍ୱର୍ଶକାତର କାରଣ ପାଇଁ ଆପରାଧିକ ମାମଲାରେ ଜଡ଼ିତ ଥାଇ ବିଚାରକୁ ଅପେକ୍ଷା କରିଥିବା ବିଧାୟକମାନେ ଆଗାମୀ ସାଧାରଣ ନିର୍ବାଚନରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବା ଉଚିତ ନୁହେଁ।

ବିଶେଷ ମତ ଯେ ଏହା କେବଳ ବିଧାୟକମାନଙ୍କ ପାଇଁ ପ୍ରଯୁଜ୍ୟ ସେକଥା ନୁହେଁ, ନିର୍ବାଚନ ପ୍ରତିଯୋଗିତାରେ ସଫଳ ହୋଇଥିବା ଏମ୍‌ପିମାନେ ବି ଏକାଭଳି ଏଥର ନିର୍ବାଚନରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବା ଉଚିତ ନୁହେଁ। ଆଶ୍ଚର୍ଯ୍ୟର କଥା , ଆମ ରାଜ୍ୟର ୪୪ ଶତାଂଶ ବିଧାୟକ, ସଂଖ୍ୟାରେ ୬୪ଜଣ କୋଟିପତି ଶ୍ରେଣୀର ଓ ବିଭିନ୍ନ ଆପରାଧିକ ମାମଲାରେ ବି ସମ୍ପୃକ୍ତ। ସେହି ଆପରାଧିକ ମାମଲାର ସୀମା ନାରୀ ନିର୍ଯାତନା,ହତ୍ୟା ଓ ହତ୍ୟା ପାଇଁ ଷଡ଼ଯନ୍ତ୍ର ପର୍ଯ୍ୟନ୍ତ ମଧ୍ୟ ପରିବ୍ୟାପ୍ତ। ଯଥାଶୀଘ୍ର ଏହାର ପରିସମାପ୍ତି ଲୋଡ଼ା।

**ମୋ–୯୪୩୭୦୧୫୨୫୦**

## ଏଇ ଭାରତରେ

ପରିବେଶ ଓ ମାଟି ଉପରେ ଥିବା ରାସାୟନିକ ସାର ଏବଂ କୀଟନାଶକର ନକାରାତ୍ମକ ପ୍ରଭାବକୁ ରୋକିବା ପାଇଁ ଜଣେ ଗବେଷକଙ୍କ ପ୍ରଚେଷ୍ଟା ଏକ ଉଦାହରଣ ସୃଷ୍ଟି କରିଛି। ଏଗ୍ରିକଲଚର ଏଣ୍ଟୋମୋଲୋଜିଷ୍ଟ ସଙ୍ଗୀତା ସାୱାଲାଖେ ବିକଳ୍ପ ଜୈବ ସାର ଓ କୀଟନାଶକ ପ୍ରସ୍ତୁତ କରି ୩ ଦଶନ୍ଧି ମଧ୍ୟରେ ମହାରାଷ୍ଟ୍ର, ରାଜସ୍ଥାନ, ଗୁଜରାଟ ଓ ପଞ୍ଜାବର ୧୦,୦୦୦ରୁ ଅଧିକ କୃଷକଙ୍କୁ ସାହାଯ୍ୟ କରୁଛନ୍ତି। ଏତେ ସଂଖ୍ୟକ କୃଷକଙ୍କୁ ଜୈବ କୃଷି ପ୍ରତି ଆକର୍ଷିତ କରିବା କିଛି କମ୍ କଥା ନୁହେଁ। ସଙ୍ଗୀତା ବିଦର୍ଭ ବାୟୋଟେକ୍ ଲିମିଟେଡ ଗଠନ କରି ତା' ମାଧ୍ୟମରେ ଏହି ଜୈବସାର ଓ କୀଟନାଶକ ତିଆରି କରୁଛନ୍ତି। ଏସବୁ ପ୍ରୟୋଗ କରିବା ଦ୍ୱାରା କୃଷକମାନଙ୍କ ଉତ୍ପାଦନ ବଢ଼ିବା ସହ ସେମାନଙ୍କ ଆୟ ମଧ୍ୟ ବୃଦ୍ଧି ପାଇଛି। ସବୁଠୁ ବଡ଼ କଥା ହେଉଛି, କୃଷକମାନଙ୍କୁ ସାହାଯ୍ୟ କରିବା ଦ୍ୱାରା ସେହି ଅଞ୍ଚଳରେ କୃଷକ ଆତ୍ମହତ୍ୟା କମିଛି। ତାଙ୍କ ଦ୍ୱାରା ପ୍ରସ୍ତୁତ ଜୈବିକ ସାର ଓ କୀଟନାଶକର ମୂଲ୍ୟ ୨୫୦ରୁ ୪୦୦ ଟଙ୍କା ରହୁଛି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୨୫ ଜୁଲାଇ ୧୯୯୮

- ଆସାମ ରାଜ୍ୟପାଳ ଲ୍ୟୁଟନାଣ୍ଟ ଜେନେରାଲ ଏସ୍.କେ. ସିହ୍ନାଙ୍କ ନିକଟରେ ୫୧ କଠୋରପନ୍ଥୀ 'ଉଲ୍‌ଫା' ଉଗ୍ରପନ୍ଥୀଙ୍କ ଆତ୍ମସମର୍ପଣ।
- ବେଗୁସରାଇଠାରୁ ୪୦ କିମି ଦୂରବର୍ତ୍ତୀ ସାହେବପୁର କମାଲ ଥାନା ଅନ୍ତର୍ଗତ ମୁଙ୍ଗେର ଘାଟ ନିକଟସ୍ଥ ଗଙ୍ଗା ନଦୀର ସ୍ରୋତରେ ଏକ ଦେଶୀ ଡଙ୍ଗା ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୦ ଜଣଙ୍କ ମୃତ୍ୟୁ ଆଶଙ୍କା।
- ଜାପାନର ନୂଆ ପ୍ରଧାନମନ୍ତ୍ରୀ ଭାବେ ବିଦେଶମନ୍ତ୍ରୀ ଜିଜୋ ଓବୁଚି ନିର୍ବାଚିତ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | | | 4 | | | 8 |
| | | | 7 | 6 | | | | |
| | | | 2 | | 8 | 5 | 6 | |
| | 1 | 7 | 3 | 4 | | | | |
| | | | | | | 1 | | |
| | 6 | 3 | | 1 | | | | 9 |
| 2 | 9 | | | | | | | 4 |
| 8 | | | 4 | 7 | | 6 | | 5 |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 5 | 3 | 8 | 7 | 4 | 1 | 6 |
| 7 | 8 | 4 | 1 | 6 | 2 | 5 | 3 | 9 |
| 3 | 6 | 1 | 9 | 5 | 4 | 8 | 2 | 7 |
| 9 | 1 | 8 | 7 | 3 | 5 | 2 | 6 | 4 |
| 5 | 2 | 3 | 8 | 4 | 6 | 7 | 9 | 1 |
| 4 | 7 | 6 | 2 | 1 | 9 | 3 | 8 | 5 |
| 8 | 3 | 9 | 5 | 7 | 1 | 6 | 4 | 2 |
| 6 | 5 | 2 | 4 | 9 | 3 | 1 | 7 | 8 |
| 1 | 4 | 7 | 6 | 2 | 8 | 9 | 5 | 3 |

ଗତକାଲିର ଉତ୍ତର

# ଶତ୍ରୁ ପ୍ରସଙ୍ଗ



ଡ. ବାସୁଦେବ ମିଶ୍ର

ଆମ୍ଭମାନଙ୍କ ମନରେ ଗୋଟିଏ ବଦ୍ଧମୂଳ ଧାରଣା– ବନ୍ଧୁମାନଙ୍କ ଦ୍ୱାରା ଆମର ଯାହାକିଛି ଉନ୍ନତି ହୋଇଥାଏ ଏବଂ ଶତ୍ରୁମାନେ ସର୍ବଦା ଆମର କ୍ଷତି ହିଁ କରିଥାଆନ୍ତି। କିନ୍ତୁ ଏହି କଥାଟି ସମ୍ପୂର୍ଣ୍ଣରୂପେ ସତ୍ୟ ବୋଲି ପ୍ରମାଣିତ ହୋଇପାରେ ନାହିଁ। ବେଳେବେଳେ ଆମେ ବନ୍ଧୁ ପରିଜନଙ୍କ କାରଣରୁ ଯେ କ୍ଷତି ସହୁନା, ତାହା ନୁହେଁ। ଜାଣତରେ ହେଉ ଅବା ଅଜାଣତରେ, ଆମ ପାଖରେ ପହଞ୍ଚିଥିବା କ୍ଷତି ନିମିତ୍ତ କେହି ଜଣେ ବନ୍ଧୁ ମଧ୍ୟ କେବେକେମିତି କାରଣ ହୋଇପାରନ୍ତି। ଅବଶ୍ୟ ଆମର କ୍ଷତି କଥା ଜାଣିବା ପରେ ସେ ସେଥିପାଇଁ ଦୁଃଖିତ ହେବା ସଙ୍ଗେ ସଙ୍ଗେ ଯେପରି ଏହାର ପୁନରାବୃତ୍ତି ନ ହେବ, ସେଥିପାଇଁ ସେ ସତର୍କ ରହନ୍ତି। ଅନ୍ୟପକ୍ଷରେ ଏକଥା ସତ୍ୟ ଯେ ଶତ୍ରୁଟିଏ ସର୍ବଦା ଆମର କ୍ଷତିହେବା ଇଚ୍ଛା କରେ। ଆମର କିଛି କ୍ଷତି ହେବାକଥା ତା' କାନରେ ପଡିଲେ ତା'ର ମନ ପୁଲକିତ ହୋଇଉଠେ। କିନ୍ତୁ ଜାଣତରେ, ଅଜାଣତରେ ଅଥବା ବାଧ୍ୟତାରେ ଶତ୍ରୁ ଯେ କେବେ ଆମର କିଛି ଉପକାର କରେନାହିଁ, ଏକଥା ବି ସତ୍ୟ ନୁହେଁ। ଅନେକ ସମୟରେ ଆମର ଶତ୍ରୁ ହିଁ ଆମ ଉପକାରର କାରଣ ହୋଇଥାଆନ୍ତି। ଆମେ ଆମର ବନ୍ଧୁମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁ। କିନ୍ତୁ ଏମିତି ଅନେକ ପରିସ୍ଥିତି ଅଛି, ଯେତେବେଳେ ଆମେ ଆମର ଶତ୍ରୁକୁ ହିଁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ଉଚିତ ମନେହୁଏ।

କେହି ଆମ ପ୍ରତି ଶତ୍ରୁ ଭାବରେ କାର୍ଯ୍ୟ କରୁଛି, ଆଉ ସେପରି ଶତ୍ରୁତା ପାଇଁ ସେହି ବ୍ୟକ୍ତି ହିଁ କେବଳ ଦାୟୀ, ଆମର ସେଥିରେ ସାମାନ୍ୟ ଦୋଷ ବି ନାହିଁ, ଏମିତି ହୋଇ ନପାରେ। ଶତ୍ରୁତାର ଭାବ ସୃଷ୍ଟିହେବା କ୍ଷେତ୍ରରେ ଉଭୟଙ୍କର କିଛି ନା କିଛି ଅବଦାନ ଥାଇପାରେ। କଥାଟା ହେଲା– 'ନିଜ ଆଖିକୁ ଅଙ୍ଗୁଳି ଯାଏନାହିଁ' ନ୍ୟାୟରେ ଆମେ ନିଜ ଦୋଷକୁ ଦେଖିପାରୁନା। ଦେଖିଲେ ବି ସ୍ୱୀକାର କରୁନା। ଅନ୍ୟକୁ ଶତ୍ରୁ ବୋଲି କହି ତା'ର ଦୋଷ ବଖାଣି ବସୁ। ଶ୍ରୋତାର ଆଗରେ ପ୍ରମାଣିତ କରିବାକୁ ଚାହୁଁ ଯେ ସେଇ ଶତ୍ରୁଟା ହିଁ ଭାରି ଖରାପ, ଆଉ ମୁଁ ଭାରି ଭଲ। ନିରୋଳା ସୁନାମୁଣ୍ଡା।

ଗୋଟିଏ ଦୃଷ୍ଟିରୁ ଦେଖିଲେ ଶତ୍ରୁଟିଏ ଯଦି ନ ଥାଆନ୍ତା, ତେବେ ଏ ସଂସାରରେ କାହାର କିଛି ଉନ୍ନତି ହୁଅନ୍ତା ନାହିଁ। ଶତ୍ରୁଟାଏ ଅଛି ବୋଲି ଜାଣିବାପରେ ଆମେ ସତର୍କତାର ସହିତ ବାଟ ଚାଲୁ। ଏମିତି ସତର୍କ ହୋଇ ଚାଲୁଚାଲୁ ତାହା ଆମର ଅଭ୍ୟାସରେ ପରିଣତ ହୋଇଯାଏ। ପ୍ରତିଯୋଗୀଟିଏ ଥିଲେ ପିଲାଟିଏ ତା' ପାଠରେ ଆଗକୁ ଯିବାପାଇଁ ପ୍ରେରଣା ପାଏ। ପ୍ରତିଦ୍ୱନ୍ଦ୍ୱୀଟିଏ ଥିଲେ କ୍ରୀଡ଼ା କ୍ଷେତ୍ରରେ ସ୍ପର୍ଦ୍ଧୀର ଦକ୍ଷତା ଶାଣିତ ହୁଏ। କର୍ମକ୍ଷେତ୍ରରେ ଶତ୍ରୁଠାରୁ ଆସୁଥିବା ବିପଦକୁ ପ୍ରତିହତ କରିବାର କ୍ଷମତା ଆମେ ହାସଲ କରୁ। କଥାଟି କେବଳ ବ୍ୟକ୍ତି କ୍ଷେତ୍ରରେ ନୁହେଁ, ରାଷ୍ଟ୍ର କ୍ଷେତ୍ରରେ ମଧ୍ୟ ତାହା ହିଁ ଘଟିଥାଏ। ଶତ୍ରୁରାଷ୍ଟ୍ରଠାରୁ ଆକ୍ରମଣର ଆଶଙ୍କା ଉପୁଜିଲେ ଗୋଟିଏ ଦେଶ ତା'ର ପ୍ରତିରକ୍ଷା ଶକ୍ତିକୁ ବୃଦ୍ଧି କରେ। ସୈନ୍ୟବଳ ଓ କୌଶଳକୁ ବହୁଗୁଣିତ କରେ ଏବଂ ଦକ୍ଷତା ବଢ଼ାଏ। ସେ ସମ୍ପର୍କିତ ବୁଦ୍ଧି ଓ ବିଚକ୍ଷଣତାକୁ ଶାଣିତ କରେ। ଶତ୍ରୁର ପ୍ରତି ପଦକ୍ଷେପକୁ ଦୂରରୁ ଲକ୍ଷ୍ୟ କରି ଏବଂ ତା'ର ଉଦ୍ଦେଶ୍ୟ ଜାଣି ସେହିମତେ ନିଜକୁ ପ୍ରସ୍ତୁତ କରେ। ଏସବୁ କ୍ଷେତ୍ରରେ ଶତ୍ରୁ ହିଁ କ୍ଷମତା ବୃଦ୍ଧିରେ ଅନ୍ୟରାଷ୍ଟ୍ରକୁ ସାହାଯ୍ୟ କରେ।



ଆମେ ନିଜର ମୁହଁ ନିଜେ ଦେଖିପାରୁନା। ସେଥିପାଇଁ ଦର୍ପଣଟିଏ ଲୋଡ଼ାହୁଏ। ଠିକ୍ ସେମିତି ଆମେ ନିଜର ଦୋଷଗୁଣଗୁଡ଼ିକୁ ଠିକ୍‌ରୂପେ ଜାଣିପାରୁନା। ବନ୍ଧୁଟିଏ ଗୁଣଗୁଡ଼ିକୁ ଦେଖିପାରେ ଏବଂ କହିପାରେ। ସେ କିନ୍ତୁ ଦୋଷ ଦେଖେନା, ଦେଖିଲେ ବି କହିପାରେନା। ସେମିତି ଶତ୍ରୁଟିଏ ଗୁଣ ଓ ଦୋଷ ଉଭୟ ଦେଖେ। କିନ୍ତୁ ଅସୂୟାବଶତଃ ଗୁଣଗୁଡ଼ିକୁ କହି ନ ପାରି କେବଳ ଦୋଷଗୁଡ଼ିକୁ ଅନ୍ୟମାନଙ୍କ ଆଗରେ ପ୍ରକାଶ କରେ। ଏଇ କଥାଟିକୁ ଆମେ ସକାରାତ୍ମକ ଦୃଷ୍ଟିରେ ଦେଖିପାରୁନା। ଅନ୍ୟମାନଙ୍କ ଆଗରେ ଆମର ଦୋଷ କହିବା କଥା ଆମ କାନରେ ପଡ଼ିଲେ ଆମେ କ୍ରୋଧରେ ଫାଟିପଡୁ। ତା'ର ବିରୁଦ୍ଧାଚରଣ କରୁ। କିନ୍ତୁ ପ୍ରକୃତ କଥାଟାକୁ ଆମେ ହେଜୁନା। କଥାଟା ହେଲା ଆମର ଯେଉଁ ଦୋଷଗୁଡ଼ିକ ସମ୍ପର୍କରେ ଆମେ ଜାଣି ନ ଥିଲୁ କିମ୍ବା ଯାହା କେବେ ଆମର ଦୃଷ୍ଟିରେ ପଡ଼ି ନ ଥିଲା, ବନ୍ଧୁଟିର ଦୃଷ୍ଟିରେ ପଡ଼ିଥିଲେ ମଧ୍ୟ ସେ ଆମ ସମ୍ମୁଖରେ ପ୍ରକାଶ କରିପାରି ନଥିଲା, ସେହି ଦୋଷଗୁଡ଼ିକୁ ସେଇ ଲୋକଜଣକ ତ ଆମ ଆଖି ଆଗକୁ ନେଇ ଆସିଲା। ବର୍ତ୍ତମାନ ଆମେ ସେଗୁଡ଼ିକୁ ସଜାଡ଼ିବା ପାଇଁ ଚେଷ୍ଟା କରିପାରିବା ଏବଂ ସଜାଡ଼ି ନେବା। ତେବେ ଏତେ ବଡ଼ ଉପକାର କରିଥିବା ଲୋକଟି ଆମର ଶତ୍ରୁ ହେଲା କିପରି? ହଁ, ଆମର ଦୋଷଗୁଡ଼ିକୁ ଅନ୍ୟମାନଙ୍କ ସମ୍ମୁଖରେ ବଖାଣିଥିବାରୁ ସେ ଆମର ଶତ୍ରୁ ବୋଲି ମନେହୋଇପାରେ। କିନ୍ତୁ ଟିକିଏ ବିଚାର କରି ଦେଖିଲେ ଆମେ ଜାଣିପାରିବା– ସେ ଆମର ଗୋଟିଏ ପରମ ବନ୍ଧୁ।

'ଅଜା, ଅମୁକ ଲୋକ ତୁମ ବିରୋଧରେ କେତେ କ'ଣ କହୁଥିଲା। ଏଇପରା ମୁଁ ନିଜେ ଶୁଣିକରି ଆସିଲି।' ଏତିକି ଶୁଣିବା ପରେ ପାକୁଆ ପାଟିରେ ଖୋଲା ହସଟାଏ ହସି କହିଉଠନ୍ତି ନୂଆଗାଁ ଉଦୟପୁରର ଦାଶରଥି ପଟ୍ଟନାୟକ ଓରଫ ଦାଶିଆ ଅଜା– 'ଆରେ ହେ, ତୁ ବୋକାଟା ବୁଝିପାରିଲୁନି। ଦି'ଚାରିଟା ଶତ୍ରୁ ରହିବେନି ତ ମୁଁ ଗୋଟାଏ କି ମଣିଷରେ? ବିରୋଧୀ ଲୋକଟାଏ ପାଖରେ ଥିଲେ ସେ ତୁମର ଗୁଣଦୋଷ କହିଦେବ ନା! ନ ହେଲେ ସେଗୁଡ଼ାକ କ'ଣ ଆଖିରେ ପଡ଼େ? ସମସ୍ତେ ବନ୍ଧୁ ହୋଇଯିବେ ତ କେବଳ ତୁମର ପ୍ରଶଂସା କରିବେ। ତୁମେ ତୁମର ଦୋଷଗୁଡ଼ିକୁ ଜାଣିବ କେମିତି? ସେମିତି ହେଲେ ତ ତୁମେ ସ୍ୱେଚ୍ଛାଚାରୀ ହୋଇଯିବ। ଯାହା ଇଚ୍ଛା ତାହା କରିଯିବ। ଆଗକୁ ଯିବାପାଇଁ ଠିକ୍ ବାଟଟା ତୁମକୁ ଦିଶିବ ନାହିଁ। କାଲି ଯାଇ ମୋ ତରଫରୁ ତାକୁ ଧନ୍ୟବାଦଟାଏ ଦେଇଆସିବୁ।' ଖୁବ୍ ସହଜ ଭଙ୍ଗୀରେ ଏତକ କହି ହସିଦିଅନ୍ତି। ପୁଣି କୁହନ୍ତି– 'କେହି ତୁମ ବିରୋଧରେ କହେ ବୋଲି ତାକୁ ଘୃଣା କରିବ ନାହିଁ। ତା' ପ୍ରତି ଦ୍ୱେଷଭାବ ରଖିବ ନାହିଁ। ଜାଣିରଖିବ, ପ୍ରକାରାନ୍ତରେ ସେ ତୁମର ଉପକାର କରେ। ସେମିତି ଲୋକଟିଏ ତୁମପାଇଁ ରଖିଦେଇଥିବାରୁ ଈଶ୍ୱରଙ୍କୁ ଧନ୍ୟବାଦ ଦେବ। ବିରୋଧୀ ଲୋକ ନ ରହିଲେ ତୁମେ ଉପରକୁ ଉଠିବ କେମିତି? ତୁମ ଚରିତ୍ରରେ ଶୁଦ୍ଧତା ଆସିବ କେମିତି? ନିଆଁରେ ପୋଡ଼ି ନ ହେଲେ ସୁନା ଶୁଦ୍ଧ ହୋଇପାରେ?'

ଈଶ୍ୱର ତାଙ୍କ ସୃଷ୍ଟିରେ ପ୍ରତ୍ୟେକ ପ୍ରାଣୀ ପାଇଁ ଶତ୍ରୁଟିଏ ସୃଷ୍ଟି କରିଛନ୍ତି ବୋଧହୁଏ ତା'ର ଜୀବନଯାପନ ପ୍ରଣାଳୀକୁ ଅଧିକ ସୁଗମ କରିଦେବା ପାଇଁ। ଜୀବନ ବଞ୍ଚିବା ପାଇଁ ପ୍ରତି ପଦକ୍ଷେପରେ ସତର୍କତା ଯେ ନିହାତି ଜରୁରୀ, ଏଇ କଥାଟିକୁ ମର୍ମେମର୍ମେ ବୁଝାଇ କହିଦେବା ପାଇଁ। **ଦଶରଥପୁର, ଯାଜପୁର**

**ମୋ: ୯୪୩୮୩୨୮୭୫୫**

## ଚିରନ୍ତନୀ

କେତେ ଝର ହଜିଯାଏ ନ ମିଶୁଁ ସାଗରେ
ଅବିଦିତ ପାଷାଣ ଗହ୍ୱରେ।
ଚିରକାଳ ପାଇଁ ତା'ର ଜୀବନର କ୍ଷୀଣ ଇତିହାସ
ଏ ଭୁବନ କୋଳାହଳେ ଅବହେଳେ ରହେ
ଅପ୍ରକାଶ।
ନ ଦେଖୁଁ ଆଲୋକ ଧରାତଳେ ପଡ଼େ ଝରି
ଅଶୋକର ପେଲବ ମଞ୍ଜରୀ।
(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜୀବନଚର୍ଯ୍ୟାରେ ଅବକ୍ଷୟ

ମହାଶୟ,

ଆଜିକାଲି ସମାଜରେ ଯେତେ ପ୍ରକାର ଅଧୋଗତି ଦେଖାଦେଇଛି, ତନ୍ମଧ୍ୟରେ ପାରିବାରିକ ସଂସ୍କାରିତ ଜୀବନଚର୍ଯ୍ୟାରେ ଅବକ୍ଷୟ ମୁଖ୍ୟତଃ ଦାୟୀ । ପରିବାରରେ ସାଧାରଣତଃ ମାତାପିତା, ଗୁରୁଜନମାନେ ପିଲାଦିନରୁ ସନ୍ତାନମାନଙ୍କୁ ସୁଗୁଣସମ୍ପନ୍ନ ହେବାକୁ ସଂସ୍କାର ଶିକ୍ଷା ଦେଉଥିଲେ । ଫଳରେ ବିଦ୍ୟା ଅଧ୍ୟୟନ ପୂର୍ବରୁ ପାରିବାରିକ ନୈତିକ ଶିକ୍ଷା ପାଇ ପୁତ୍ରକନ୍ୟାମାନେ ଅତ୍ୟନ୍ତ ଭଦ୍ର, ନମ୍ର, ବିନୟୀ, ଶିଷ୍ଟ, ସହନଶୀଳ, ସଦ୍‌ଗୁଣସମ୍ପନ୍ନ, ସତ୍ ଚରିତ୍ରଯୁକ୍ତ ଏବଂ ଉତ୍ତମ ସ୍ୱଭାବସମ୍ପନ୍ନ ହେବାରେ ନିଜକୁ ବ୍ରତୀ କରାଇପାରୁଥିଲେ । ତଥାପି କାଳେ କାଳେ ସମାଜରେ କୁସଙ୍ଗ ଏବଂ କୁସଂସର୍ଗ ପିଲାମାନଙ୍କୁ ବିପଥଗାମୀ କରାଉଥିଲା । କେବଳ ସେ ବେଳରେ ନୁହେଁ, ବରଂ ସାମ୍ପ୍ରତିକ ସମାଜରେ ମଧ୍ୟ ବହୁଳ ଭାବେ ପରିଦୃଷ୍ଟ ହେଉଛି । ନୈତିକ ଅଧଃପତନକୁ ଦେଖି ଚାଣକ୍ୟ କହିଥିଲେ, ''ଶତ ମୂର୍ଖ ଠାରୁ ଭଲ ଏକ ଗୁଣୀ ପୁଅ .... ଏକ ଚାନ୍ଦ କରେ ଦେଖ ଆକାଶ ଆଲୁଅ ।'' ଏହି ନୀତିବାଣୀ ସାମ୍ପ୍ରତିକ ସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ ମନେହୁଏ ।

**– ଅବନୀ ଚନ୍ଦ୍ର ଦାସ, ସାଇ ସଦନ, ପ୍ରଶାନ୍ତି ବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




ମଣିପୁରରେ ହିଂସା ଓ ମହିଳାଙ୍କୁ ଯୌନ ନିର୍ଯାତନା ଘଟଣାରେ କେନ୍ଦ୍ର ସରକାରଙ୍କ ବିରୋଧରେ ସୋମବାର ଶ୍ରୀନଗରଠାରେ ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଲାଲଗଞ୍ଜରୁ ମିଶନ ୨୦୨୪ ଆରମ୍ଭ ହେଉ: ରାଜଭର

**ଲକ୍ଷ୍ନୌ,୨୪।୭:** ସୁହେଲଦେବ ଭାରତୀୟ ସମାଜ ପାର୍ଟିର ଅଧ୍ୟକ୍ଷ ଓମ୍ ପ୍ରକାଶ ରାଜଭର ଏନ୍‌ଡିଏରେ ସାମିଲ ହେବା ପରେ ଉତ୍ସାହିତ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ସେ ବିରୋଧୀ ଦଳ ବିଶେଷ କରି ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବଙ୍କୁ କଡ଼ା ସମାଲୋଚନା କରୁଛନ୍ତି। ଏଥିସହ ଉତ୍ତର ପ୍ରଦେଶରେ ଏନ୍‌ଡିଏର ମିଶନ ୮୦ରେ କାମ କରିବା ଆରମ୍ଭ କରିଛନ୍ତି। ଏନ୍‌ଡିଏରେ ଯୋଗଦେବା ପରେ ରାଜଭର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଉପ ମୁଖ୍ୟମନ୍ତ୍ରୀ



ଓମ୍ ପ୍ରକାଶ ରାଜଭର

ବ୍ରଜେଶ ପାଠକ, ଭାଜପା ରାଜ୍ୟ ସଭାପତି ଭୁପେନ୍ଦ୍ର ଚୌଧୁରୀଙ୍କ ସହ ସୌଜନ୍ୟମୂଳକ ବୈଠକ କରିଛନ୍ତି। କେବଳ ଏତିକି ନୁହେଁ, ଏହି ସମୟରେ ସେ ପୂର୍ବାଞ୍ଚଳର ସେହି ୬ଟି ଆସନ ବିଷୟରେ ଆଲୋଚନା କରିଛନ୍ତି। ଯେଉଁଠାରେ ୨୦୧୯ରେ ଭାଜପାକୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ରାଜଭର କହିଛନ୍ତି, ଗତ ନିର୍ବାଚନରେ ଭାଜପାର ପ୍ରଦର୍ଶନ ଖରାପ ଥିବା ପୂର୍ବାଞ୍ଚଳର ସେହି ଆସନରୁ ନିର୍ବାଚନ ପ୍ରଚାର ଆରମ୍ଭ କରିବାକୁ ଚାହୁଁଛନ୍ତି। ଏଥିପାଇଁ ରାଜଭର ଆଜମଗଡର ଲାଲଗଂଜ ଲୋକ ସଭା ଆସନରୁ ଆରମ୍ଭ କରିବାକୁ ଯୋଜନା କରିଛନ୍ତି। ରାଜଭର କହିଛନ୍ତି, ସେ ଚାହୁଁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାଲଗଞ୍ଜରେ ଏକ କାର୍ଯ୍ୟକ୍ରମ କରନ୍ତୁ, ଆଉ ସେଠାରୁ ୨୦୨୪ ଲାଗି ମିଶନ ଆରମ୍ଭ ହେଉ।

# ଏସ୍‌ପି, ଆର୍‌ଏଲ୍‌ଡି ନେତା ଭାଜପାରେ ସାମିଲ

**ଲକ୍ଷ୍ନୌ,୨୪।୭ :** ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟି-ଆର୍‌ଏଲ୍‌ଡି ମେଣ୍ଟକୁ ସୋମବାର ଶକ୍ତ ଧକ୍କା ଲାଗିଛି। ଏହି ମେଣ୍ଟର ବହୁ ବରିଷ୍ଠ ନେତା ସେମାନଙ୍କ ସମର୍ଥକମାନଙ୍କ ସହ ଭାଜପାରେ ଯୋଗଦେଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ସମାଜବାଦୀ ପାର୍ଟି (ଏସ୍‌ପି) ନେତା ଶାଳିନୀ ଯାଦବ ଏବଂ ଅଂଶୁଲ ବର୍ମା। ୨୦୧୯ ନିର୍ବାଚନରେ ଶାଳିନୀ ବାରାଣସୀରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ପ୍ରାର୍ଥୀ ହୋଇଥିଲେ। ଅଂଶୁଲ ୨୦୧୯ରେ ଭାଜପାରେ ବିଦ୍ରୋହ କରି ସମାଜବାଦୀ ପାର୍ଟିରେ ଯୋଗଦେଇଥିଲେ। ଏମାନଙ୍କ ବ୍ୟତୀତ ଅଖିଳେଶ ଯାଦବ ସରକାରରେ ମନ୍ତ୍ରୀ ଥିବା ସାହାବ ସିଂ ସାଇନି, ପୂର୍ବତନ ଏସ୍‌ପି ବିଧାୟକ ସୁଷମା ପଟେଲ ଏବଂ ଜଗଦୀଶ ସୋଙ୍କର, ପୂର୍ବତନ ଆର୍‌ଏଲ୍‌ଡି ବିଧାୟକ ରାଜପାଲ ସିଂ ସାଇନି ଭାଜପାରେ ମିଶିଛନ୍ତି। ଏହି ମିଶ୍ରଣ ପର୍ବ ବେଳେ ଉତ୍ତରପ୍ରଦେଶ ଭାଜପା ସଭାପତି ଭୂପେନ୍ଦ୍ର ଚୌଧରୀ ଓ ୨ ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ ଏବଂ କେଶବ ପ୍ରସାଦ ମୌର୍ଯ୍ୟ ଉପସ୍ଥିତ ଥିଲେ। ଗତ ସପ୍ତାହରେ ଏସ୍‌ପି ବିଧାୟକ ଦାରା ସିଂ ଚୌହାନ ବିଧାନସଭାରୁ ଇସ୍ତଫା ଦେଇ ଭାଜପାରେ ଯୋଗଦେଇଥିଲେ।

**ପ୍ରଶ୍ନପତ୍ର ଲିକ୍ ଘଟଣା**

# ସରକାରୀ ନିଯୁକ୍ତିରେ 'ମନି ଫର୍ ଜବ୍' ର୍‍ୟାକେଟ୍: ଭାଜପା

**ଭୁବନେଶ୍ୱର, ୨୪।୭(ସୁନିତ୍ ମିଶ୍ର)**

ଓଡ଼ିଶା ଷ୍ଟାଫ୍ ସିଲେକଶନ ଦ୍ୱାରା ହୋଇଥିବା ଜେଇଇ ସିଭିଲ ମେନ୍ ପରୀକ୍ଷା ପ୍ରଶ୍ନପତ୍ର ପରୀକ୍ଷା ଆଗରୁ ପ୍ରଘଟ ହୋଇଥିବା କଥା ପ୍ରମାଣିତ କରୁଛି ଯେ, ଓଡ଼ିଶାରେ ସରକାରୀ ନିଯୁକ୍ତିରେ 'ମନି ଫର୍ ଜବ୍' ର୍‍ୟାକେଟ୍ କାମ କରୁଛି । ଏହି ଆପରାଧିକ ଘଟଣାରେ କେବଳ କିଛି ଦଲାଲଙ୍କୁ ଗିରଫ କରାଯାଇଛି। ବାଲେଶ୍ୱର ଜିଲା ଏସ୍‌ପିଙ୍କ ବୟାନ ପ୍ରମାଣ କରିସାରିଲାଣି ଯେ, ଦଲାଲମାନେ ପରୀକ୍ଷା ଆଗରୁ ଅସଲି ପ୍ରଶ୍ନପତ୍ର ପାଇଥିଲେ । ଏବେ ଓଡ଼ିଶା ଷ୍ଟାଫ୍ ସିଲେକଶନ ସେହି ପରୀକ୍ଷା ବାତିଲ କରିଛନ୍ତି। ଏହା କରିବା ପାଇଁ ଆଇନତଃ ସେମାନେ ବାଧ୍ୟ। କିନ୍ତୁ ସେହି ଦଲାଲମାନେ କିଭଳି ଆଗୁଆ ପ୍ରଶ୍ନପତ୍ର ପାଇଲେ, ସେମାନଙ୍କୁ ସରକାରଙ୍କ କେଉଁ ବଡ଼ବଡ଼ିଆ ଅଧିକାରୀମାନେ ପ୍ରଶ୍ନପତ୍ର ଯୋଗାଇଥିଲେ ଏହା ଉପରେ କାହିଁକି ତଦନ୍ତ ହେଉନାହିଁ ବୋଲି ଭାଜପା ପ୍ରଶ୍ନ କରିଛି।

ଭାଜପା ନେତା ଅନିଲ ବିଶ୍ୱାଳ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କହିଛନ୍ତି ଯେ, ବିନା ସରକାରୀ ସମ୍ପୃକ୍ତିରେ ଏହା କିଭଳି ସମ୍ଭବ ହୋଇପାରିବ। କେବଳ ଦଲାଲଙ୍କୁ କାହିଁକି ଗିରଫ କରାଗଲା, ଓଡ଼ିଶା ଷ୍ଟାଫ୍ ସିଲେକଶନର କୌଣସି ଅଧିକାରୀ, କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କାହିଁକି ହେଲାନାହିଁ। ଓଡ଼ିଶାରେ ବର୍ତ୍ତମାନ ଓପିଏସ୍‌ସି, ଓଏସ୍‌ଏସ୍‌ସି ପରିଚାଳନା କରୁଥିବା ସମସ୍ତ ସରକାରୀ ନିଯୁକ୍ତିରେ ଅନିୟମିତତା, ପ୍ରଶ୍ନପତ୍ର ଖୋଲା ବଜାରରେ ନିଲାମ ହେବା ଭଳି ଘଟଣା ସାମ୍ନାକୁ ଆସୁଛି । 'ନବୀନ ଓଡ଼ିଶା'ରେ ପଇସା ନେଇ ସରକାରୀ ଚାକିରି ବିକ୍ରି କରାଯାଏ ବୋଲି ଆମ ରାଜ୍ୟର ଚାକିରି ଆଶାୟୀ ଲକ୍ଷ ଲକ୍ଷ ଯୁବତୀ, ଯୁବକମାନେ ଏବେ ଭାବିବା ପାଇଁ ବାଧ୍ୟ ହେଲେଣି। ଯଦି ପରୀକ୍ଷା ହେବାର ୬ ଦିନ ଆଗରୁ '୧୦ ଲକ୍ଷ ଟଙ୍କା ଦିଅ ପ୍ରଶ୍ନପତ୍ର ନିଅ' ବୋଲି ଅଭିଯୋଗ ଆସିଥିଲା ତେବେ ସେହି ପରୀକ୍ଷାକୁ କେଉଁ ପରିସ୍ଥିତିରେ କରିବା ପାଇଁ ଦିଆଗଲା ତାହା ତଦନ୍ତସାପେକ୍ଷ। ନିଯୁକ୍ତି କ୍ଷେତ୍ରରେ ଦୁର୍ନୀତି ରୋକିବା ହେଉଛି ରାଜ୍ୟ ପୋଲିସର କାମ, ଯାହା ଗୃହ ବିଭାଗ ଅଧୀନରେ ଆସୁଛି ବୋଲି ଅନିଲ କହିଛନ୍ତି।

# ଭାଜପା ହୀନ ରାଜନୀତି କରୁଛି: ବିଜେଡି

**ଭୁବନେଶ୍ୱର,୨୪।୭ (ଅନିଲ ଦାସ)**



ଲେନିନ ମହାନ୍ତି

ଓଡ଼ିଶା ଷ୍ଟାଫ୍ ସିଲେକ୍‌ସନ୍ କମିଶନ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ଘଟଣାରେ ଏକ ଆନ୍ତଃରାଜ୍ୟ ଦଲାଲ ରାକେଟ୍ ଧରାପଡ଼ିବା ପରେ ଓଡ଼ିଶା ଭାଜପା ଏହାକୁ ନେଇ ହୀନ ରାଜନୀତି ଆରମ୍ଭ କରିଦେଇଛି ବୋଲି ବିଜୁ ଜନତା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି।

ସୋମବାର ଶଙ୍ଖଭବନଠାରେ ବିଜେଡି ମୁଖପାତ୍ର ଲେନିନ ମହାନ୍ତି ଗଣମାଧ୍ୟମକୁ କହିଛନ୍ତି, କିଛିଦିନ ତଳେ ଓଡ଼ିଶା ପୋଲିସ ତତ୍ପରତା ପ୍ରକାଶ କରି ଏକ ଆନ୍ତଃରାଜ୍ୟ ରାକେଟ୍ ଧରିବାରେ ସକ୍ଷମ ହୋଇଛି। ଏହି ରାକେଟ୍‌ରେ ଥିବା ବାହାର ରାଜ୍ୟର ଦଲାଲମାନେ ଓଡ଼ିଶା ଷ୍ଟାଫ୍ ସିଲେକ୍‌ସନ୍ କମିଶନ ପରୀକ୍ଷା ସମେତ ବିଭିନ୍ନ ରାଜ୍ୟରେ କେନ୍ଦ୍ରୀୟ ଷ୍ଟାଫ୍ ସିଲେକ୍‌ସନ୍ କମିଶନ ଦ୍ୱାରା ପରିଚାଳିତ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ଘଟଣାରେ ସମ୍ପୃକ୍ତ ଅଛନ୍ତି। ଏଭଳି ଏକ ଆନ୍ତଃରାଜ୍ୟ ରାକେଟ୍‌ର ପର୍ଦ୍ଦାଫାଶ କରିଥିବା ଓଡ଼ିଶା ପୋଲିସର ପଦକ୍ଷେପ ବାସ୍ତବିକ ପ୍ରଶଂସନୀୟ। ଦୁର୍ଭାଗ୍ୟର ବିଷୟ ହେଲା, ଯେତେବେଳେ ଓଡ଼ିଶା ପୋଲିସ ପ୍ରଶାସନ କୌଣସି ଏକ ଅନିୟମିତତାର ପର୍ଦ୍ଦାଫାଶ କରୁଛି କିମ୍ବା ଭିଜିଲାନ୍ସ ହାତରେ ଧରାପଡ଼ିଥିବା କୌଣସି ଦୁର୍ନୀତିଗ୍ରସ୍ତ ଅଫିସର ବିରୋଧରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ଓଡ଼ିଶା ଭାଜପା ଏହାକୁ ନେଇ ନିମ୍ନ ମାନର ରାଜନୀତି କରିବା ଆରମ୍ଭ କରିଦେଉଛି। ଅତୀତରେ ଗୁଜରାଟ, ୟୁପି, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଭଳି ଭାଜପା ଶାସିତ ରାଜ୍ୟରେ ମଧ୍ୟ କେନ୍ଦ୍ର ସରକାରଙ୍କ ଷ୍ଟାଫ୍ ସିଲେକ୍‌ସନ୍ କମିଶନ ପରୀକ୍ଷା ଏପରି କି କେତେକ ସ୍ଥାନରେ ଦ୍ୱାଦଶ ଶ୍ରେଣୀ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଛି। ଏସବୁ ମାମଲାରେ ମଧ୍ୟ ଏହିଭଳି କେତେକ ଦଲାଲଙ୍କ ରାକେଟ୍ ସମ୍ପୃକ୍ତ ଥିବା ଜଣାପଡ଼ିଛି। ସେତେବେଳେ ତ ଭାଜପା ନେତାମାନେ ଏହାକୁ ନେଇ ରାଜନୀତି କରୁ ନ ଥିଲେ। ଷ୍ଟାଫ୍ ସିଲେକ୍‌ସନ୍ କମିଶନ ପ୍ରଶ୍ନପତ୍ର ଲିକ୍ ମାମଲାର ତଦନ୍ତ ଚାଲିଛି। ଆଗକୁ ତଦନ୍ତରୁ

ଯେଉଁମାନଙ୍କ ସମ୍ପୃକ୍ତି ଥିବ ତାହା ପଦାକୁ ଆସିବ, ସେମାନଙ୍କ ବିରୋଧରେ ମଧ୍ୟ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ। ବର୍ତ୍ତମାନ ସୁଦ୍ଧା ଏହି ଘଟଣାର ତଦନ୍ତ ସରି ନ ଥିବାବେଳେ ଓଡ଼ିଶା ଭାଜପା ନେତାମାନେ ଏବେଠାରୁ ଅଧୈର୍ଯ୍ୟ ହେଉଛନ୍ତି କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ସଚେତନ ରାଜ୍ୟବାସୀ ଓଡ଼ିଶା ଭାଜପା ନେତାଙ୍କ ଏଭଳି ନକାରାତ୍ମକ ରାଜନୀତିକୁ ଘୃଣା କରୁଛନ୍ତି ଏବଂ ସେମାନଙ୍କୁ ପ୍ରତ୍ୟାଖ୍ୟାନ କରୁଛନ୍ତି ବୋଲି ଲେନିନ କହିଛନ୍ତି।

# ବିଜେଡିରେ ପଶ୍ଚିମ ଓଡ଼ିଶାର ଭାଜପା ନେତା



ଶଙ୍ଖ ଭବନଠାରେ ସୋମବାର ରାଜ୍ୟ ସଭା ସଦସ୍ୟ ତଥା ବିଜେଡି ସାଧାରଣ ସମ୍ପାଦକ ମାନସ ରଞ୍ଜନ ମଙ୍ଗରାଜ ପଶ୍ଚିମ ଓଡ଼ିଶାର ବରିଷ୍ଠ ଭାଜପା ନେତା ଜଗଦୀଶ ବିଶ୍ୱାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରୁଛନ୍ତି।

**ଭୁବନେଶ୍ୱର,୨୪।୭(ଅନିଲ ଦାସ)**

ପଶ୍ଚିମ ଓଡ଼ିଶାର ବରିଷ୍ଠ ଭାଜପା ନେତା ଓ ଶ୍ରମିକ ସଂଗଠକ ଜଗଦୀଶ ବିଶ୍ୱାଳ ସୋମବାର ଶଙ୍ଖଭବନଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭା ସଦସ୍ୟ ତଥା ବିଜେଡିର ସାଧାରଣ ସମ୍ପାଦକ ମାନସ ରଞ୍ଜନ ମଙ୍ଗରାଜଙ୍କ ଉପସ୍ଥିତିରେ ବିଜୁ ଜନତା ଦଳରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି।

ଏହି ଅବସରରେ ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟ ଆଗେଇ ନେବା ତଥା ଜଗଦୀଶଙ୍କ ଯୋଗଦାନ ଫଳରେ ପଶ୍ଚିମ ଓଡ଼ିଶାରେ ଦଳୀୟ ସଙ୍ଗଠନ ମଜଭୁତ ହେବ ବୋଲି ମାନସ ଆଶା ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କର ବିକାଶମୂଳକ କାର୍ଯ୍ୟ ତଥା ଜନକଲ୍ୟାଣ ଯୋଜନାରେ ଉଦ୍‌ବୁଦ୍ଧ ହୋଇ ସେ ବିଜୁ ଜନତା ଦଳରେ ଯୋଗଦେଇଛନ୍ତି ବୋଲି ଜଗଦୀଶ କହିଛନ୍ତି । ମହିଳା ସଶକ୍ତୀକରଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ବିଜୁ ଏକ୍ସପ୍ରେସ୍ ୱେ, ୫-ଟି ସ୍କୁଲ ରୂପାନ୍ତରଣ, କ୍ରୀଡ଼ା ଓ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ଲାଗି ଓଡ଼ିଶା ଆଜି ସାରା ବିଶ୍ୱରେ ଏକ ନୂଆ ପରିଚୟ ସୃଷ୍ଟି କରିପାରିଛି ବୋଲି ସେ କହିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜଗଦୀଶ, ରାଷ୍ଟ୍ରୀୟ କୁଲ୍‌ଟା ସମାଜର ଜାତୀୟ ସାଧାରଣ ସମ୍ପାଦକ, ଭାରତୀୟ ମଜଦୁର ସଂଘର ପଶ୍ଚିମଓଡ଼ିଶା ଆବାହକ, ଇଷ୍ଟ କୋଷ୍ଟ ରେଲ୍‌ୱେ ଠିକା ମଜଦୁର ସଂଘର କ୍ଷେତ୍ରୀୟ ସଭାପତି ଭଳି ଅନେକ ସଙ୍ଗଠନ ସହ ସମ୍ପୃକ୍ତ ଅଛନ୍ତି। ଏହି ମିଶ୍ରଣ ପର୍ବରେ ଦଳର ମୁଖପାତ୍ର ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ବରିଷ୍ଠ ନେତା ମୌସମ୍ ମିଶ୍ର ଉପସ୍ଥିତ ଥିଲେ।


**ODISHA JOINT ENTRANCE EXAMINATION-2023 (OJEE – 2023)**

**No: OJEE / 351** **Date: 24.07.2023**

**NOTICE FOR ODISHA STATE MERIT LISTED (AS PER NEET-UG 2023 QUALIFIED) CANDIDATES**

**No.h-17:**Congratulation to all NEET 2023 (UG) qualified candidates listed in the State Merit list.

Choice filling for 1st Round Admission to MBBS/BDS seats of different Government and Private Colleges of the State will start from 25-07-2023 to 27.07.2023.

The detailed schedule and guideline have been published in the OJEE website. Candidates are advised to keep in touch with website www.ojee.nic.in/ www.odishajee.comand OJEE Android app for latest information.

**Sd/-**
**Chairman, OJEE**

**OIPR-14020/11/0016/2324**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SAMBALPUR**
**E-mail: serwcirclesbp@yahoo.com**

**Office Order No. 1713/RWCSBP** **Dated: 21.07.2023**

No. O-437: Due to unavoidable circumstances tender invited vide this office Bid ID No. Bridge Tender Online RWCSBP-11/2023-24 through this office No. 1371 Dt.21.06.2023 is hereby cancelled.

**Sd./- Chief Construction Engineer**
**Rural Works Circle, Sambalpur**

**OIPR-25091/11/0028/2324**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION - I, MALKANGIRI**
**NATIONAL COMPETITIVE BIDDING THROUGH e-Procurement**

**Identification No. Online Tender 06/RWD-I, MKG/2023-24 Dt.21.07.2023**

No. O-442: **01.** Name of the Work: Building Works (New Construction work Detailed in Annexure), **02.** Total Number of Works: 2 (Two) Numbers, **03.** Estimated Cost: Rs.96.71 lakhs to 97.01 lakhs, **04.** Class of Contractor: "B" Class, **05.** Period of Completion: (As per Detailed in Annexure), **06.** Other Details:

| Procurement Officer | Bid Identification No. | No. of Works | Availability of Tender Online for Bidding | | Last date & time of seeking tender clarification | Date and time of opening of tender (Double Cover) |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division-I, Malkangiri | Online Tender - 06/RWD-I, MKG/2023-24 | 2 (Two) Nos. | 29.07.2023 from 11.00 A.M. | 08.08.2023 upto 5.00 P.M. | 07.08.2023 upto 5.00 P.M. | Tech. Bid Opening: 09.08.2023 at 11.00 A.M. & Financial Bid Opening: 14.08.2023 at 11.00 A.M. |

Further details can be seen from the website **www.tendersorissa.gov.in**.

**Sd./- Sujit Behera**
**Superintending Engineer, R.W. Division-I, Malkangiri**

**OIPR-25058/11/0006/2324**

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT - V, BHUBANESWAR**
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel. (0674) 2391523

**INVITATIONS FOR BIDS (IFB)**

**File No. B-I-DJC-14/2013-30099 / Bhubaneswar, the 20th July, 2023**

**Invitation for Bids**

**1st Corrigendum**

**Tender Reference No. OSD C.E. (B) - 11/2023-24**
**Name of the Work: Extension of 2nd & 3rd Floor of the District Court Building at Nuapada**

No. B-528: The following changes have been made in Bid Identification No. **OSD C.E. (B) - 11/2023-24**.

1. Bid documents such as DTCN/BOQ etc. can be seen/downloaded from the Govt. Website i.e. **www.tendersorissa.gov.in**, during the period from **Dt.31.07.2023 to 17.00 hours of Dt.14.08.2023** instead of **Dt.20.07.2023 to Dt.03.08.2023** for ONLINE BIDDING respectively.
2. **Online** bids shall be received **till 17.00 hours of Dt.14.08.2023** instead of **Dt.03.08.2023**.
3. The technical bids will be opened at **11.30 A.M. of Dt.16.08.2023** instead of **Dt.04.08.2023**.

All other terms and conditions remain unchanged.

**Sd./- OSD C.E. (Buildings)**
**Odisha, Bhubaneswar**

**OIPR-34117/11/0032/2324**

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**No.CAD-1403**

**OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**

Tender Call Notice No. File No.P&C/EST/E-81/2022-23/ 22544 Dated:20.07.2023

**NOTICE INVITING TENDER THROUGH e-Procurement**

Name of the Work: Construction of 11KV line and 25KVA Substation for power supply to proposed MSME Park at Rairangpur, under SDO Rairangpur-I, Mayurbhanj. Estimated Cost: Rs.26,64,419.00.

| Procurement Officer | Bid Identification No. | Period of Completion | Availability of Tender Online for Bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No. P&C/ EST/E-81/2023-24 | 02 (Two Calendar Months) | 10.00 hours of 26.07.2023 | 17.00 hours of 10.08.2023 |

Further details can be seen from the e-Procurement Portal www.Tendersodisha.gov.in. and Corrigendum if any will be published in newspapers and can only be seen in the e-procurement portal as well as in IDCO website.

**OIPR-14003/11/0132/2324** **Sd./- Chief General Manager (P&C), IDCO, Bhubaneswar**

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**କେନ୍ଦ୍ରୀୟ ମଣ୍ଡଳ (ରାସ୍ତା ଓ ଗୃହ)**
**ନିର୍ମାଣ ସୌଧ, ଭୁବନେଶ୍ୱର**
**ତା.୨୦.୦୭.୨୦୨୩**

**No.B-533:**ଉକ୍ତ ମଣ୍ଡଳ ଅଧୀନରେ ଥିବା ବିଭାଜନଗୁଡିକ ପାଇଁ ଅବସରପ୍ରାପ୍ତ ତୃତୀୟ ଶ୍ରେଣୀ କର୍ମଚାରୀଙ୍କର ପୁନଃନିଯୁକ୍ତି ସମ୍ପର୍କରେ ଏକ ଗୋଟି କନିଷ୍ଠ କିରାଣି ଓ ୧ ଗୋଟି ୱାର୍କ୍ସ ସରକାର ପଦବୀ ନିମନ୍ତେ ଅବସରପ୍ରାପ୍ତ ଆବେଦନକାରୀଙ୍କ ନିକଟରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଆବେଦନ ପତ୍ରଗୁଡ଼ିକ ତା.୨୨.୦୭.୨୩ ରିଖଠାରୁ ତା.୨୮.୦୭.୨୩ ରିଖ ମଧ୍ୟରେ ପହଞ୍ଚିବା ଆବଶ୍ୟକ । ନିର୍ଦ୍ଧାରିତ ତାରିଖ ପରେ ଆବେଦନ କରିଥିବା ଦରଖାସ୍ତଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ କିମ୍ବା ଏହା ଗ୍ରହଣଯୋଗ୍ୟ ନୁହେଁ ।

ସ୍ୱା./-ପ୍ରଦୀପ୍ତ କୁମାର ମହାନ୍ତି
ମୁଖ୍ୟ ନିର୍ମାଣ ଯନ୍ତ୍ରୀ
କେନ୍ଦ୍ରୀୟ ମଣ୍ଡଳ (ରାସ୍ତା ଓ ଗୃହ), ଭୁବନେଶ୍ୱର

**OIPR-34156/11/0008/2324**

**Tender Call Notice**

**No. AA-12:-** Sealed tenders are invited from interested reputed Travel Agencies / Tour Operators / Individual having GST registration & GeM registration for providing 1 (One) No. of BS-VI compliant Diesel driven vehicle (Bolero-preferably latest version) with minimum average mileage 10 Km/ltr. having seating capacity not more than 7 (seven) including driver on monthly hiring basis **maximum Rs.31000.00 (Rupees Thirty One Thousand)** excluding GST which shall confirm to the **terms and conditions (Annexure-I)** preferably for engagement in the office of Superintending Engineer -cum-Deputy Electrical Inspector, Angul.

The vehicle must be in road worthy conditions and shall not be more than three years old from the date of initial registration having valid Registration Certificate, Insurance Certificate, Fitness Certificate, Pollution under control Certificate, Valid Contract carriage Permit, Proof of up to date tax payment etc. which are mandatory for plying of vehicle.

The monthly rate of hiring charges be quoted at **Annexure-II** excluding GST and Fuel.

The Travel Agencies have to submit the EMD amounting to Rs.5000/- (Rupees Five Thousand) only (which is refundable to unsuccessful bidder) in shape of Demand Draft of any nationalized / Commercial Bank in favour of Additional Chief Engineer-Cum-Electrical Inspector, Angul payable at Angul. The EMD is to remain valid for a period of forty-five days beyond the final bid validity period. The EMD will be refunded to the successful bidder on receipt of performance security.

The tender along with necessary documents should reach the undersigned on or before 16.08.2023 by 3.00 PM and will be opened on the same day at 4.00 PM in the Chamber of the Superintending Engineer-cum-Deputy Electrical Inspector, Angul in the presence of the bidders or their authorized representatives.

The interested bidders should deposit the tender documents after initializing each page of the DTCN (Detailed Tender Call Notice) as a token of acceptance.

The Application Form of Tender containing Tender Call Notice and Terms and Conditions for hiring of vehicles etc. will be available in the office of Superintending Engineer-cum-Deputy Electrical Inspector, Angul on payment of Rs.100/- (Rupees One Hundred) in shape of e-challan deposited under the Head of Account - **"0043-00-800-0097-01026-000"** in favour of Superintending Engineer-cum-Deputy Electrical Inspector, Angul only from 01.08.2023 to 16.08.2023 during office hours towards the cost of application form of tender for hiring of vehicles.

The successful bidder is required to deposit 5% of the approved negotiated amounts as **Performance Bid Security** in shape of Demand Draft of any Nationalized/Commercial Bank in favour of Superintending Engineer -cum-Deputy Electrical Inspector, Angul payable at Angul which will be returned after completion period of agreement. Performance security should remain valid for a period of sixty days beyond the date of completion of all contractual obligations of the supplier. If the service of Travel Agency is not up to satisfactory, the Performance Bid Security amount will be forfeited.

**Sd./- Signature of**
**Quotation/Tender Calling Authority**

OIPR-04043/11/0002/2324

## ସଂକ୍ଷେପରେ

### ଓଡ଼ିଆ ଗଳ୍ପ ପଞ୍ଜିକା ୨୦୨୧ ପାଠକାର୍ପଣ ଉତ୍ସବ

**ଭୁବନେଶ୍ୱର,୨୪।୭(ଶର୍ମିଷ୍ଠା ପାଣିଗ୍ରାହୀ):** ଓଡ଼ିଆ ସାହିତ୍ୟର କ୍ଷୁଦ୍ରଗଳ୍ପ କ୍ଷେତ୍ରରେ ସରଳ କୁମାର ଦାସଙ୍କ ପକ୍ଷରୁ ଏକ ଅନନ୍ୟ ଉଦ୍ୟମ କରାଯାଇଛି। ୨୦୨୧ ମସିହାରେ ବିଭିନ୍ନ ଗଣମାଧମରେ ପ୍ରକାଶିତ ୧୭୩୯ଜଣ ଲେଖକଙ୍କର ୬୩୮୨ଟି କ୍ଷୁଦ୍ର ଗଳ୍ପ ମଧ୍ୟରୁ ପାଠକଙ୍କ ଦ୍ୱାରା ବିଭିନ୍ନ ପର୍ଯ୍ୟାୟରେ ପଠନ ଓ ପୁନର୍ପଠନ ଦ୍ୱାରା ମୂଲ୍ୟାୟନ କରାଯାଇ ସର୍ବୋତ୍ତମ ୬୧ଗଳ୍ପର ଏକ ସଙ୍କଳନ ଏବଂ ୬୩୮୨ଗଳ୍ପର ସୂଚନା ସମ୍ବଳିତ ଓଡ଼ିଆ ଗଳ୍ପ ପଞ୍ଜିକା ୨୦୨୧ ପ୍ରସ୍ତୁତ କରାଯାଇଛି। ଏହି ପୁସ୍ତକର ପାଠକାର୍ପଣ ଉତ୍ସବ ସୋମବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଗାଳ୍ପିକ ଦେବ୍ରାଜ ଲେଙ୍କା, ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବରିଷ୍ଠ ପାଠକ ମନୋରଞ୍ଜନ ହୋତା ଯୋଗଦେଇଥିଲେ। ଛନ୍ଦା ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ହୋଟେଲ ନିକଟରେ ବୋମାମାଡ଼

**ପୁରୁଣା ଭୁବନେଶ୍ୱର,୨୪।୭(ସୁବାସ ଚନ୍ଦ୍ର ପ୍ରଧାନ):** ଧଉଳି ଥାନା ଅଧୀନ ୩୧୬ ପୁରୀ-ଭୁବନେଶ୍ୱରର ପୁରଣା ଜାତୀୟ ରାଜପଥରେ ଥିବା ଏକ ହୋଟେଲ ନିକଟରେ ରବିବାର ରାତିରେ ଦୁର୍ବୃତ୍ତମାନେ ୩ଟି ବୋମାମାଡ଼ କରିଛନ୍ତି। ଏଥିରେ କୌଣସି କ୍ଷତି ଘଟି ନଥିବାବେଳେ ହୋଟେଲରେ ଥିବା ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଚଳାଇଛି। ପ୍ରକାଶ ଯେ, ସରଦେଇପୁର ଅଞ୍ଚଳ ପରିସର ଏହି ପୁରୁଣା ରାସ୍ତାରେ ଅସାମାଜିକଙ୍କ କାର୍ଯ୍ୟକଳାପ ବଢ଼ିଚାଲିଛି। ଅନ୍ୟପକ୍ଷରେ ଏନେଇ ଥାନା ଅଧିକାରୀ ଚିତ୍ତରଞ୍ଜନ ରାଉତ କହିଛନ୍ତି, ବୋମାଡ଼ ଘଟଣା ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

### ବିଜେଡି- ଭାଜପା କର୍ମୀ ମୁହାଁମୁହିଁ

**ବାରଙ୍ଗ,୨୪।୭(ଲିଙ୍ଗରାଜ ରାଉତ):** ଗତ କିଛିଦିନ ଧରି ବାରଙ୍ଗ ବ୍ଲକରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଭାଜପାର କିଛି ଲୋକପ୍ରତିନିଧିଙ୍କୁ ଗୁରୁତ୍ୱ ଦିଆଯାଉନାହିଁ। ସେମାନଙ୍କ କଥାକୁ ଅଣଦେଖା କରାଯାଉଛି ଓ ତାଙ୍କ କଥା ଶୁଣାଯାଉନାହିଁ ବୋଲି ଅଭିଯୋଗ ହୋଇଛି। ଏଭଳି ଅଭିଯୋଗରେ ସୋମବାର ଭାଜପା ସମର୍ଥିତ କିଛି ଲୋକ ପ୍ରତିନିଧି ବିଡିଓଙ୍କୁ ୩ଘଣ୍ଟା କାଳ ଘେରିଥିଲେ। ଖବରପାଇ ବିଜେଡି ବ୍ଲକସ୍ତରୀୟ ନେତା ସେମାନଙ୍କ ସମର୍ଥକଙ୍କୁ ନେଇ ବ୍ଲକରେ ଆସି ପହଞ୍ଚିଥିଲେ। ବିଡିଓଙ୍କୁ ଘେରିବା ନେଇ ଉଭୟ ଦଳର କର୍ମୀ ମୁହାଁମୁହିଁ ହୋଇଯାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ବଡ଼ଧରଣର ରାଜନୈତିକ ଗଣ୍ଡଗୋଳକୁ ରୋକିଥିଲା। ପ୍ରକାଶ ଯେ, ସୋମବାର ପୂର୍ବାହ୍ନ ୧୧ଟା ସମୟରେ ଦାଢ଼ା ପଞ୍ଚାୟତ ସମିତିସଭ୍ୟ ଦୀପକ ସ୍ୱାଇଁ, ମଧୁପୁର ପଞ୍ଚାୟତ ସମିତିସଭ୍ୟ କିଷନ ଜେନାଙ୍କ ସମେତ ୧୦/୧୨ଜଣ ଭାଜପା ସମର୍ଥିତ ଲୋକ ପ୍ରତିନିଧି ବିଡିଓ ବିଶ୍ୱରଞ୍ଜନ ବିଶ୍ୱାସଙ୍କୁ ଯାଇ ଭେଟିଥିଲେ। ଦେଢ଼ ବର୍ଷ ଧରି ସେମାନଙ୍କ କଥାକୁ ଗୁରୁତ୍ୱ ଦିଆଯାଉନାହିଁ, ଅଣଦେଖା କାହିଁକି କରାଯାଉଛି ବୋଲି ବିଭିନ୍ନ ପ୍ରଶ୍ନମାନ ପଚାରି ୩ଘଣ୍ଟା କାଳ ଘେରିଥିଲେ। ଏହି ସମୟରେ ଅନ୍ୟ କାହାକୁ ବିଡିଓଙ୍କ କାର୍ଯ୍ୟାଳୟକୁ ଛାଡି ନ ଥିଲେ। ଖବରପାଇ ବିଜେଡିର କିଛି ସ୍ଥାନୀୟ ନେତା ସେମାନଙ୍କ ସମର୍ଥକଙ୍କୁ ସାଙ୍ଗରେ ନେଇ ବିଡ଼ିଓଙ୍କ କାର୍ଯ୍ୟାଳୟକୁ ଧସେଇ ପଶିଥିଲେ। ଏହାପରେ ଉଭୟ ଦଳର ନେତାଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ଏହାକୁ ନେଇ ସମସ୍ତେ ବିଡ଼ିଓ କାର୍ଯ୍ୟାଳୟରୁ ବାହାରକୁ ଆସି ମୁହାଁମୁହିଁ ହୋଇଥିଲେ। ବାରଙ୍ଗ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା।

# ରାଜ୍ୟରେ ୫୯୩ ଡେଙ୍ଗୁ ରୋଗୀ, ଖୋର୍ଦ୍ଧା ଜିଲାରେ ୩୩୬

**ଭୁବନେଶ୍ୱର,୨୪।୭(ଅଭିଜିତ ଦାସ)**

ମୌସୁମୀ ଆରମ୍ଭରୁ ରାଜ୍ୟରେ ଡେଙ୍ଗୁ ବ୍ୟାପିବାରେ ଲାଗିଛି। ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ୁଥିବାବେଳେ ଧୀରେ ଧୀରେ ନିୟନ୍ତ୍ରଣକୁ ଆସୁଥିବା ସରକାରୀ ଭାବେ କୁହାଯାଉଥିଲେ ମଧ୍ୟ ବାସ୍ତବ ସ୍ଥିତି ସ୍ପଷ୍ଟ ହେଉନାହିଁ। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ଜୁଲାଇ ୨୩ ସୁଦ୍ଧା ରାଜ୍ୟର ବିଭିନ୍ନ ସରକାରୀ ହସ୍ପିଟାଲରେ ୧୮ହଜାର ୧୨୪ ଜଣଙ୍କ ରକ୍ତ ନମୁନା ପରୀକ୍ଷା ହୋଇଥିବାବେଳେ ସେଥିରୁ ୫୯୩ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୩୩୬ ଡେଙ୍ଗୁ ରୋଗୀ ରହିଛନ୍ତି। ତେବେ ଏହାର ପାଖାପାଖି ୬୦ ପ୍ରତିଶତ ରୋଗୀ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରୁ ବାହାରିଥିବା ଜଣାପଡିଛି। ସେହିପରି ବାଲେଶ୍ୱର ଜିଲାରେ ୪୦ଜଣ, କଟକରେ ୨୩ଜଣ, ଜଗତ୍‌ସିଂହପୁରରେ ୨୦ଜଣ ଓ ପୁରୀରେ ୨୯ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ୧୨ଟି ଜିଲାରେ ୧୦ରୁ କମ୍ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଗତ ୨ଦିନ ଧରି ଡେଙ୍ଗୁ ମୃତ୍ୟୁକୁ ନେଇ ଯେଉଁ ଅଭିଯୋଗ ଉଠୁଛି ତାହାକୁ ଜନସ୍ୱାସ୍ଥ୍ୟ ବିଭାଗ ଖଣ୍ଡନ କରିଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ରକହିଛନ୍ତି, ୨ ଦିନରେ ଭୁବନେଶ୍ୱରରେ ୨ଡେଙ୍ଗୁ ରୋଗୀଙ୍କ ମୃତ୍ୟୁ ଅଭିଯୋଗ କରାଯାଇଥିଲା। ପ୍ରଥମଟି କ୍ୟାପିଟାଲ ହସ୍ପିଟାଲରେ ୬୨ ବର୍ଷୀୟ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଟି ଏକ ଘରୋଇ ହସ୍ପିଟାଲରେ ଜଣେ ଶିଶୁର ମୃତ୍ୟୁ ହୋଇଥିବା ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ତେବେ କ୍ୟାପିଟାଲ ହସ୍ପିଟାଲରେ ମୃତ ବୃଦ୍ଧାଙ୍କର ଡେଙ୍ଗୁ ଜନିତ ମୃତ୍ୟୁ ହୋଇ ନ ଥିବାବେଳେ ଘରୋଇ ହସ୍ପିଟାଲରେ ହୋଇଥିବା ମୃତ୍ୟୁର ସତ୍ୟତା ଜାଣିବା ଲାଗି ବିଭାଗ ପକ୍ଷରୁ ଏକ ସ୍ପେଶାଲ ଟିମ୍ ତଦନ୍ତ କରୁଛି। ତଦନ୍ତ ରିପୋର୍ଟ ଆସିଲେ ସ୍ପଷ୍ଟ କରାଯିବ। ତେବେ ଡେଙ୍ଗୁ ରୋକିବାକୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଗତବର୍ଷ ୧୦ ହଜାର ୧୮୬ ଜଣଙ୍କ ଟେଷ୍ଟିଂ କରାଯାଇଥିଲା। ଏବର୍ଷ ଅଧିକ ଟେଷ୍ଟିଂ କରାଯାଉଛି। ୪୦ଟି ସେଣ୍ଟରରେ ମାଗଣାରେ ଏଲିଶା ପଦ୍ଧତିରେ ଡେଙ୍ଗୁ ଟେଷ୍ଟ କରାଯାଉଥିବା ସେ ସୂଚନା ଦେଇଛନ୍ତି।

ସେପଟେ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡାକ୍ତର ଲକ୍ଷ୍ମୀଧର ସାହୁ କହିଛନ୍ତି, ପୂର୍ବରୁ ଦୈନିକ ହସ୍ପିଟାଲରେ ୧୦ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଥିବାବେଳେ ଏବେ ୨୫ରୁ ୩୦ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି। ପ୍ରତ୍ୟେକ ଦିନ ୮୦ରୁ ଊର୍ଦ୍ଧ୍ୱ ରକ୍ତ ନମୁନା ପରୀକ୍ଷା କରାଯାଉଛି। ଆବଶ୍ୟକ ମୁତାବକ ବେଡ୍ ଓ ଡାକ୍ତର ମଧ୍ୟ ମହଜୁଦ ଅଛନ୍ତି। ସେହି ଅନୁସାରେ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ଏଯାଏ ଏଠାରେ କୌଣସି ଡେଙ୍ଗୁ ରୋଗୀଙ୍କ ମୃତ୍ୟୁ ଘଟି ନ ଥିବା ସେ କହିଛନ୍ତି।

## ଡେଙ୍ଗୁ ମୃତ୍ୟୁକୁ ଖଣ୍ଡନକଲା ଜନସ୍ୱାସ୍ଥ୍ୟ ବିଭାଗ



### କ୍ୟାପିଟାଲ ହସ୍ପିଟାଲରେ ଡେଙ୍ଗୁରେ କାହାର ମୃତ୍ୟୁ ହୋଇନାହିଁ

# ଡେଙ୍ଗୁ ସଚେତନା ପାଇଁ 'ଘର ଘର ସମ୍ପର୍କ ଅଭିଯାନ'

**ଭୁବନେଶ୍ୱର,୨୪।୭(ଶର୍ମିଷ୍ଠା ପାଣିଗ୍ରାହୀ)**

ଡେଙ୍ଗୁ ସଚେତନତା ପାଇଁ ବିଏମ୍‌ସି ପକ୍ଷରୁ ସୋମବାର ଆରମ୍ଭ ହୋଇଛି 'ଘର ଘର ସମ୍ପର୍କ' ଅଭିଯାନ। ବିଏମ୍‌ସି ମୁଖ୍ୟାଳୟ ପରିସର ଏକାମ୍ର ହଲ୍‌ରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ କମିଶନର ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ମହାନିଗମ ଅଞ୍ଚଳରେ ସମ୍ପୃକ୍ତ ଅଞ୍ଚଳର ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କ ନେତୃତ୍ୱରେ ଟିମ୍ ଘର ଘର ବୁଲି ଲୋକମାନଙ୍କୁ ଡେଙ୍ଗୁ ସମ୍ପର୍କରେ ସଚେତନ କରାଇବେ। ବିଏମ୍‌ସି ଅଞ୍ଚଳରେ ରହିଥିବା ଡେଙ୍ଗୁ ହଟସ୍ପଟ ଅଞ୍ଚଳରେ ଏହି ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ଗୁରୁତ୍ୱାରୋପ କରିଛନ୍ତି। ନିର୍ଦ୍ଦିଷ୍ଟ ଅଞ୍ଚଳରେ ରୋଗର କାରଣ ଏବଂ ନିରାକରଣ ବାବଦରେ ଯେତେବେଳେ ଡାକ୍ତର ଜଣେ କହିବେ, ନାଗରିକଙ୍କର ଗ୍ରହଣୀୟତା ଅଧିକ ରହିବ। ସବୁବେଳେ ନ ଯାଇ ଆବଶ୍ୟକତା ସମୟରେ କ୍ଷେତ୍ର ବିଶେଷକୁ ଗଲେ ଏହା ନାଗରିକଙ୍କ ପାଇଁ ହିତକର ହେବ ବୋଲି ସେ କହିଛନ୍ତି। ଡାକ୍ତରଙ୍କ ସହ ସମ୍ପୃକ୍ତ ୱାର୍ଡର ୱାର୍ଡ ଅଫିସର, ସାନିଟାରୀ ଇନ୍ସପେକ୍ଟର, ସ୍ୱଚ୍ଛସାଥୀ, ଅଙ୍ଗନୱାଡି କର୍ମୀ ପ୍ରମୁଖ ରହି ସଚେତନ କରାଇବେ। ସମ୍ପୃକ୍ତ ୱାର୍ଡରେ ଥିବା ବରିଷ୍ଠ ନାଗରିକ କମିଟି, ଯୁବକ ସଂଘ, ଏସ୍‌ଏଚ୍‌ଜି, ବିଦ୍ୟାଳୟ ଛାତ୍ରୀଛାତ୍ର, ଅଙ୍ଗନୱାଡି କେନ୍ଦ୍ରରେ ଲୋକଙ୍କୁ ସଚେତନ କରାଇବେ। ଜୋନାଲ ଡେପୁଟି କମିଶନର ଏହି କାର୍ଯ୍ୟର ତଦାରଖ କରିବେ। ଡେଙ୍ଗୁ ବୃଦ୍ଧିର କାରଣ ଓ ନିରାକରଣ ସମ୍ପର୍କରେ ମଧ୍ୟ ତଥ୍ୟ ସଂଗ୍ରହ କରିବାକୁ କୁହାଯାଇଛି। ବିଏମ୍‌ସି ଅଞ୍ଚଳରେ ଜିରୋ ଡମ୍ପିଂ ପାଇଁ କମିଶନର ତାଗିଦ କରିବା ସହ ଯଦି ବାହାରେ କେହି ଅଳିଆ ପକାଉଛି ତେବେ ସେମାନଙ୍କର ଫଟୋ ଉଠାଇ ସୋସିଆଲ ମିଡିଆରେ ଛାଡ଼ିବାକୁ କୁହାଯାଇଛି। ଏବେ ୩ଟି ଜୋନ୍‌ରେ ୧୫ ଫଗିଙ୍ଗ ମେଶିନରେ ପ୍ରତି ୱାର୍ଡରେ ମଶା ଧୂଆଁ ଦିଆଯିବ। ବୈଠକରେ ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ, ଏଡିୟୁଏଚ୍‌ଓ ଭୁବନେଶ୍ୱର, ଏଡିଓୟୁଏଚ୍ ଓଭିଡିଡି (ଭେକ୍ଟରବାହିତ ରୋଗ) ଉପସ୍ଥିତ ଥିଲେ।




ଉଠା ଦୋକାନୀ ବ୍ୟବସାୟୀ ସଂଘ ପକ୍ଷରୁ ସୋମବାର ରାଜମହଲ ଛକରେ ଉଠା ଦୋକାନୀ ବ୍ୟବସାୟୀମାନେ ରାସ୍ତାରୋକୋ କରିବାରୁ ଗାଡିମୋଟର ଅଟକି ରହିଛି।

# ହସ, ଯୋଗ ଶିବିରରେ ୨ ବିଦେଶୀ ନାଗରିକ

**ବାଲିଅନ୍ତା,୨୪।୭ (ନୀଳମାଧବ ସାହୁ)**

ଭୁବନେଶ୍ୱରର ଲକ୍ଷ୍ମୀନାରାୟଣ ଲାଫ୍ଟର ଓ ଏକ୍ସରସାଇଜ୍ କ୍ଲବ ପକ୍ଷରୁ ସୋମବାର ଆୟୋଜିତ ହସ ଓ ଯୋଗ ଶିବିରରେ ନେଦରଲ୍ୟାଣ୍ଡର ୨ ନାଗରିକ ଯୋଗଦେଇଥିଲେ। ଶାନ୍ତିର ପ୍ରଚାର ପାଇଁ ଆସିଥିବା ଏହି ୨ ବିଦେଶୀ ନାଗରିକ ଆର୍ଟ ବସ୍ ଓ ମରସେଲା ବସ୍‌ଙ୍କୁ କ୍ଲବ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାରେ କ୍ଲବର ୬୨ ଜଣ ସଭ୍ୟାସଭ୍ୟଙ୍କ ପକ୍ଷରୁ ହସ, ଯୋଗ, ପରେଡ୍, ନାଚ, ଏରୋବିକ୍ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କ୍ଲବର ଏଭଳି କାର୍ଯ୍ୟକୁ ଦେଖି ଏହି ୨ ବିଦେଶୀ ନାଗରିକ ଖୁସିବ୍ୟକ୍ତ କରିଥିଲେ। ସଭ୍ୟାସଭ୍ୟଙ୍କ ସହିତ ମିଶି ୨ ନାଗରିକ ହସ, ନାଚରେ ଭାଗ ନେଇଥିଲେ। କ୍ଲବ ସଭାପତି ଜୟକୃଷ୍ଣ ରାଜହଂସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ହସ, ଯୋଗ ଶିବିରରେ ଅନ୍ୟମାନଙ୍କ ସହ ନେଦରଲ୍ୟାଣ୍ଡର ୨ ନାଗରିକ।

# ରାଜଧାନୀରେ ଉଠା ଦୋକାନୀଙ୍କ ବିକ୍ଷୋଭ

**ଭୁବନେଶ୍ୱର,୨୪।୭ (ଶର୍ମିଷ୍ଠା ପାଣିଗ୍ରାହୀ)**

ଅଶୋକ ନଗର ସମେତ ରାଜଧାନୀରେ ଉଠା ଦୋକାନୀ ଭଙ୍ଗା ବନ୍ଦ ଓ ଥଇଥାନ ଦାବିରେ ସୋମବାର ଏଆଇଟିୟୁସି ସହ ଅନୁବନ୍ଧିତ ଭୁବନେଶ୍ୱର ଉଠା ଦୋକାନୀ ବ୍ୟବସାୟୀ ସଂଘ ପକ୍ଷରୁ ବିକ୍ଷୋଭ ଓ ରାସ୍ତାରୋକ କରାଯାଇଥିଲା। ଉଠାଦୋକାନୀମାନେ ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ସେମାନେ ରାଜମହଲ ଛକ ନିକଟରେ ପହଞ୍ଚି ରାସ୍ତାରୋକ କରିବା ଫଳରେ ଯାନବାହାନ ଚଳାଚଳ ବନ୍ଦ ହୋଇଯାଇଥିଲା। ପୋଲିସ ସେମାନଙ୍କୁ ଉଠାଇ ଦେବା ପରେ ଉଠାଦୋକାନୀମାନେ ପୁଣିଥରେ ଶୋଭାଯାତ୍ରରେ ବାହାରି ମାଷ୍ଟର କ୍ୟାଣ୍ଟିନ ଛକକୁ ଯାଇ ସେଠାରେ ବିକ୍ଷୋଭ ପ୍ରଦର୍ଶନ ରିଥିଲେ। ସେଠାରେ ଭୁବନେଶ୍ୱର ଉଠା ଦୋକାନ ବ୍ୟବସାୟୀ ସଂଘର ସଭାପତି ସୁର ଜେନା ବିକ୍ଷୋଭକାରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେଭାରତର ପାର୍ଲାମେଣ୍ଟଉଠା ଦୋକାନୀମାନଙ୍କ ଥଇଥାନ ପାଇଁ ୨୦୧୪ ମସିହାରେ ଆଇନ୍ ପାସ୍ କରିଛନ୍ତି। ବିଏମ୍‌ସି ସର୍ଭେ କରି ସେମାନଙ୍କୁ ଷ୍ଟ୍ରିଟ୍ ଭେଣ୍ଡର କାର୍ଡ ପ୍ରଦାନ କରିଥିବା ବେଳେ ସେମାନଙ୍କୁ ଥଇଥାନ ନ କରି ଓଲଟି ଦୋକାନ ଭଙ୍ଗା ଅଭିଯାନ ଚାଲିଛି। ଏହା ବିରୋଧରେ ଆସନ୍ତା ୨୮ତାରିଖରେ ଉଠାଦୋକାନୀମାନେ ବିଏମ୍‌ସି ଘେରାଉ କରିବେ ବୋଲି ଜେନା ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶଙ୍କର ବାରିକ, ଦେବେନ୍ଦ୍ର ସାହୁ, ଅଶୋକ ବାରିକ, ବଟକୃଷ୍ଣ ସାହୁ, ସସ୍ମିତା ନାୟକ, ମମତା ବରାଳ ଓ ସୁଷମା ଭୋଇ ପ୍ରମୁଖ ଏହି ବିକ୍ଷୋଭରେ ଉପସ୍ଥିତ ଥିଲେ।

# ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ଫିକି ଫ୍ଲୋ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ

**ଭୁବନେଶ୍ୱର,୨୪।୭ (ଅନୁରାଧା ମହାରଣା)**

ବିଭିନ୍ନ କ୍ଷେତ୍ରରେ ଦକ୍ଷତା ବିକାଶ ଓ ମହିଳାଙ୍କୁ ସଶକ୍ତୀକରଣ କରିବା ପାଇଁ ଫିକି ଭୁବନେଶ୍ୱର ମହିଳା ୱିଙ୍ଗ୍ ରମାଦେବୀ ବିଶ୍ୱବିଦ୍ୟାଳୟ ସହ ଏକ ଏମ୍‌ଓୟୁ ସ୍ୱାକ୍ଷର କରିଛି। ଫେଡେରେଶନ ଅଫ୍ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି(ଫିକି)ର ମହିଳା ୱିଙ୍ଗ୍ ଫ୍ଲୋ ଅଗ୍ରଣୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀଙ୍କୁ ବ୍ୟାପକ ଶିକ୍ଷାଗତ ସୁଯୋଗ ଯୋଗାଇବା ସହ ସେମାନଙ୍କ ନିଯୁକ୍ତି ବୃଦ୍ଧି ଦିଗରେ ସହଯୋଗ ପ୍ରଦାନ କରିବ। ଯୁବତୀଙ୍କ ମଧ୍ୟରେ ଉଦ୍ୟୋଗୀ ମାନସିକତା ସୃଷ୍ଟି କରିବା ପାଇଁ ଫ୍ଲୋ ଛାତ୍ରୀଙ୍କୁ ସୌନ୍ଦର୍ଯ୍ୟ, ସୁସ୍ଥତା, ବେକେରୀ, କୃଷି, ପ୍ରଯୁକ୍ତିବିଦ୍ୟା, ବ୍ରାଣ୍ଡି ଓ ମାର୍କେଟିଂ କୌଶଳ, ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ସଚେତନତା ସହିତ ବିଭିନ୍ନ କ୍ଷେତ୍ରରେ ପ୍ରଶିକ୍ଷଣ ପ୍ରଦାନ କରିବ। ଫ୍ଲୋ ଭୁବନେଶ୍ୱରର ଚେୟାରମ୍ୟାନ୍ ପୁନମ୍ ମହାପାତ୍ର କହିଛନ୍ତି ଯେ, ଆଜିର ଦୁନିଆରେ ମହିଳାଙ୍କୁ ବିଶେଷ ଜ୍ଞାନ ଏବଂ କୌଶଳ ସହ ସଶକ୍ତ କରିବା ଅତ୍ୟନ୍ତ ଜରୁରୀ। ଏହି ସହଭାଗିତା ମାଧ୍ୟମରେ ଆମେ ଛାତ୍ରୀମାନେ ଉନ୍ନତ ଭବିଷ୍ୟତ ତିଆରି କରିପାରିବେ। କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ କହିଛନ୍ତି, ଦକ୍ଷତା ଶିକ୍ଷା ମାଧ୍ୟମରେ ମହିଳାଙ୍କ ମଧ୍ୟରେ ପରିବର୍ତ୍ତନଶୀଳ ବିକାଶ କରିବା ଲକ୍ଷ୍ୟ ଦିଗରେ ଫ୍ଲୋ ସହିତ ଏହି ଏମ୍‌ଓୟୁ ହେଉଛି ପ୍ରମୁଖ ପଦକ୍ଷେପ।

# ବିଲ୍‌ରେ ଦସ୍ତଖତ ନ ହେବା ନେଇ ହୋହଲ୍ଲା

**ବାଲିପାଟଣା,୨୪।୭ (ଅଭିମନ୍ୟୁ ନାୟକ)**

ବାଲିପାଟଣା ବ୍ଲକ ସଭାଗୃହରେ ସୋମବାର ବିଡିଓ ଆଦିକନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୋ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପ୍ରତି ପଞ୍ଚାୟତରେ କେଉଁଠି କ'ଣ କାମ ହେବ ସେନେଇ ଆଲୋଚନା ହୋଇଥିଲା। ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ। ଦୁଇମାସ ହେବ ବିଧାୟକଙ୍କ ହାତପାଣ୍ଠି, ସମିତି ଶେୟାର, ୫-ଟି ପରି ବିଭିନ୍ନ ଯୋଜନାରେ କାମ ହୋଇଥିବା ବିଲ୍‌ରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ହରପ୍ରିୟା ଦାସ ଦସ୍ତଖତ କରୁନାହାନ୍ତି ବୋଲି ଦେଉଳିଧରପୁର ସମିତି ସଭ୍ୟା ସୌଭାଗ୍ୟଲକ୍ଷ୍ମୀ ପ୍ରିୟଦର୍ଶିନୀ ଅଭିଯୋଗ ଆଣିଥିଲେ। ଅନ୍ୟପକ୍ଷରେ ଦେହ ଖରାପ ଥିବାରୁ ବ୍ଲକକୁ ଆସି ନ ପାରିବାରୁ ଦସ୍ତଖତ କରିପାରିନାହିଁ ବୋଲି ଅଧ୍ୟକ୍ଷା ଦାସ କହିଛନ୍ତି। ଜିଲା ପରିଷଦ ସଭ୍ୟ ପବିତ୍ର ପଟେଲ ଏଥିରେ ହସ୍ତକ୍ଷେପ କରିବାରୁ ବଚସା ହୋଇଥିଲା। ଏହି ସମୟରେ ଅଧ୍ୟକ୍ଷା ଦାସ ଉତ୍‌କ୍ଷିପ୍ତ ହୋଇ ଟେବୁଲରେ ହାତବାଡ଼େଇ ଉଠିଯାଇଥିଲେ। ଅନ୍ୟପକ୍ଷରେ ଟେବୁଲରେ ନୁହେଁ ଏଇଟା ଆମକୁ ମାଡ଼ ବୋଲି କହି କେତେଜଣ ସମିତିସଭ୍ୟ, ସରପଞ୍ଚ ହୋହଲ୍ଲା କରିଥିଲେ। ଏପରି ଟାଳଟୁଳ ନୀତି ଅବଲମ୍ବନ କଲେ ଆଗାମୀ ଦିନରେ ୫-ଟି ସଚିବ, ବିଭାଗୀୟ ମନ୍ତ୍ରୀ ଓ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିବେ ବୋଲି କେତେଜଣ ସରପଞ୍ଚ ଓ ସମିତିସଭ୍ୟ କହିଛନ୍ତି। ବିଡିଓ ବେହେରା କହିଛନ୍ତି, ବିଲ୍‌ରେ ଦସ୍ତଖତ ନ ହେବାରୁ ଅଧ୍ୟକ୍ଷା ଏବଂ ଅଭିଯୋଗକାରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ତେବେ ଉକ୍ତ ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର କରାଯିବ।



ବାଲିପାଟଣା ବ୍ଲକ ସଭାଗୃହରେ ଅନୁଷ୍ଠିତ ବୈଠକ।

# ୪ ସଂଗଠନ ପକ୍ଷରୁ ଚେତାବନୀ

**ଭୁବନେଶ୍ୱର,୨୪।୭ (ଅଭିଜିତ ଦାସ)**

## ରେଳମନ୍ତ୍ରୀ ଯେଉଁଠି ନିର୍ବାଚନ ଲଢ଼ିବେ ବିରୋଧ କରାଯିବ

ବାରଣାସୀରେ ସର୍ବସେବା ସଂଘର ସାଧାନା କେନ୍ଦ୍ରକୁ ରେଳ ବିଭାଗ ଜବର ଦଖଲ କରିବା ଘଟଣାକୁ ନେଇ ବିରୋଧ କରିଛି ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ସହ ଆଉ ୩ ସଂଗଠନ। ସୋମବାର ଦିନ ସଂଗଠନ ପକ୍ଷରୁ ଭୁବନେଶ୍ୱରସ୍ଥିତ ଲୋହିୟା ଏକାଡେମୀରେ ଏକ ଖବରଦାତା ସମ୍ମିଳନୀରେ ସର୍ବସେବା ସଂଘର ସମ୍ପାଦକ ଗୌରାଙ୍ଗ ମହାପାତ୍ର କହିଛନ୍ତି ଗାନ୍ଧୀ ହତ୍ୟା ପରେ ଏବେ କେନ୍ଦ୍ର ସରକାର ଗାନ୍ଧୀ ବିଚାରଧାରା ମଧ୍ୟ ଲୋପ କରିବାକୁ ଚେଷ୍ଟା କରୁଛି। ଗାନ୍ଧୀ ବିଦ୍ୟା ସଂସ୍ଥାନର ମ୍ୟୁଜିୟମ, ଲାଇବ୍ରେରୀର ଜିନିଷ ପତ୍ର, ଅଫିସ ସରଞ୍ଜାମ ଗୁଡିକ ଖୋଲା ଆକାଶ ତଳେ ପଡିରହିଥିବା ବେଳେ ଉକ୍ତ ସ୍ଥାନଟିକୁ କେନ୍ଦ୍ର ସରକାରଙ୍କର ରେଳ ବିଭାଗ ଜବର ଦଖଲ କରୁଛି। କୋର୍ଟରେ କୌଣସି ନିର୍ଦ୍ଦେଶନାମା ନଥାଇ ସୁଦ୍ଧା ଏଭଳି କାଣ୍ଡ ଘଟାଇଛନ୍ତି। ଉକ୍ତ ଘଟଣାଟି ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀ ଅବଗତ ଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ୍ୟ। ଅପରପକ୍ଷେର ରେଳ ବିଭାଗ ଯଦି ଉକ୍ତ କାର୍ଯ୍ୟରୁ ଓହରି ନଯାଏ ତେବେ ଆଗାମୀ ନିର୍ବାଚନରେ ଓଡିଶାରୁ ରେଳମନ୍ତ୍ରୀ ଯେଉଁସ୍ଥାନରୁ ଛିଡା ହେବେ ତାଙ୍କ ବିରୋଧରେ ଗାନ୍ଧୀ ଓ ସର୍ବୋଦୟ ଆନ୍ଦୋଳନ ପ୍ରଚାର କରିବୁ। ସମ୍ମିଳନୀରେ ମନୋରଞ୍ଜନ ମହାନ୍ତି, ରବିଦାସ, ବିଜୟ ତ୍ରିପାଠୀ, ଦେବ ପ୍ରସାଦ ରାୟ, ଜୟନ୍ତ ଦାସ, ମାନସ ପଟ୍ଟନାୟକ,ଜ୍ଞାନରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ।



ଲୋହିଆ ଏକାଡେମୀରେ ଉତ୍କଳ ଗାନ୍ଧୀ ସ୍ମାରକନିଧି।

# ମିଳିଲା ପରିଚୟ, ଭିଶୋଇଙ୍କ ନାଁରେ ଶଳାଙ୍କ ଏତଲା

## ରେଳ ଧାରଣାରୁ ମହିଳାଙ୍କ ମୃତଦେହ ଜବତ ଘଟଣା

- ଅନ୍ୟଜଣେ ଯୁବତୀଙ୍କ ସହ ସମ୍ପର୍କ ରଖି ନିର୍ଯାତନା ଦେଉଥିଲେ
- ହତ୍ୟା କରି ଫିଙ୍ଗି ଦେଇଥିବା ଅଭିଯୋଗ

**ଭୁବନେଶ୍ୱର,୨୪।୭ (ସୂର୍ଯ୍ୟକାନ୍ତ ବେହେରା)**

ଭିଏସ୍‌ଏସ୍‌ନଗର ଲେଭଲ୍ କ୍ରସିଂ ନିକଟ ରେଳ ଧାରଣାରୁ ରେଳ ଧାରଣାରୁ ଜିଆରପି ଦ୍ୱାରା ଜବତ ହୋଇଥିବା ମୃତା ମହିଳାଙ୍କ ପରିଚୟ ମିଳିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସମେଇ ଗାଡିଆରେ ରହୁଥିବା କେନ୍ଦ୍ରାପଡାର ଅନିତା ସାହୁ। ଅନିତା ଏକ ଘରୋଇ ମେଡିକାଲରେ ନର୍ସ ଭାବେ କାମ କରୁଥିଲେ। ଅନ୍ୟପଟେ ଏହି ଘଟଣା ସୋମବାର ଭିନ୍ନ ମୋଡ ନେଇଛି। ଅନିତାଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଭାଇ ପୂର୍ଣ୍ଣଚନ୍ଦ୍ର ପ୍ରଶ୍ନ ଉଠାଇଛନ୍ତି। ସେ ଭିଣୋଇ ସଞ୍ଜୟ ରାଉଳଙ୍କୁ ଏନେଇ ଦାୟୀ କରି ମଞ୍ଚେଶ୍ୱର ଥାନାରେ ଏତଲା ଦେଇଛନ୍ତି। ଭିଣୋଇ ସଞ୍ଜୟ ଅନ୍ୟଜଣେ ଯୁବତୀଙ୍କ ସହ ସଂପର୍କରେ ରହିବା ସହ ଭଉଣୀଙ୍କୁ ନିର୍ଯାତନା ଦେଇଆସୁଥିଲେ ବୋଲି ଏତଲାରେ ଉଲ୍ଲେଖ କରିଛନ୍ତି। ଏପରିକି ଅନିତା ଚରମ ପଦକ୍ଷେପ ନେଇଥିବା କିମ୍ବା ତାଙ୍କୁ ହତ୍ୟା ପରେ ଫୋପାଡିଦିଆଯାଇଥିବା ପୂର୍ଣ୍ଣଚନ୍ଦ୍ର ଗଣମାଧମକୁ କହିଛନ୍ତି। ଏନେଇ ଥାନା ଅଧିକାରୀ ସୁଧିର ସାହୁ କହିଛନ୍ତି, ପୂର୍ବରୁ ଏହି ଘଟଣାରେ ଜିଆରପି ଏକ ମାମଲା ରୁଜୁ କରିଛି। ତେଣୁ ସେଠାରେ ଏହି ଅଭିଯୋଗ ସଂକ୍ରାନ୍ତରେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଜିଆରପି ଅଧିକାରିଣୀ ନିବେଦିତା ଦାସ କହିଛନ୍ତି, ମହିଳାଙ୍କ ଯେଉଁ ସ୍ଥାନରେ ନିର୍ଯ୍ୟାତନା ଦିଆଯାଇଛି ଉକ୍ତ ଅଞ୍ଚଳର ଥାନାରେ ଏନେଇ ମାମଲା ରୁଜୁ କରାଯିବା କଥା। ତେବେ ଏଭଳିସ୍ଥିତିରେ ଦୁଇ ଥାନାର ମତକୁ ନେଇ ଅଭିଯୋଗକାରୀ ଦ୍ୱନ୍ଦରେ ପଡ଼ିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଶନିବାର ଅପରାହ୍ନରେ ଅନିତାଙ୍କ ଖଣ୍ଡବିଖଣ୍ଡିତ ମୃତଦେହକୁ ଜିଆରପି ଜବତ କରିଥିଲା।

# କାଳିଚରଣ ଓଡ଼ିଶାର କଳା, ସଂସ୍କୃତି ପାଇଁ ସମର୍ପିତ ଥିଲେ

## କବିଚନ୍ଦ୍ରଙ୍କ ୪୫ତମ ଶ୍ରାଦ୍ଧୋତ୍ସବ

**ଭୁବନେଶ୍ୱର,୨୪।୭(ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଶାର ମଞ୍ଚ ନାଟକ, ନୃତ୍ୟ, ସଙ୍ଗୀତ ଜଗତର ଅମ୍ଳାନ ପ୍ରତିଭା କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ୪୫ତମ ଶ୍ରାଦ୍ଧୋତ୍ସବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସୋମବାର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଜୟ କୁମାର ଜେନା ସ୍ୱାଗତ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବାଙ୍କୀ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କୁମାର ପଟେଲ୍, ପ୍ରାଧାପକ ଡ. ରଙ୍ଗାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବାଙ୍କୀ ମାଟିର ଦାୟାଦ କାଳିଚରଣ ବଡ଼ମ୍ବାରେ ଜନ୍ମହୋଇ ପରବର୍ତ୍ତୀ ଅବସ୍ଥାରେ ବାଙ୍କୀ ଓ ଖୋର୍ଦ୍ଧାରେ ବିଦ୍ୟାଳୟ ଶିକ୍ଷା ସମାପ୍ତ କରି ରେଭେନ୍‌ଶା ମହାବିଦ୍ୟାଳୟରୁ ସ୍ନାତକ ଶିକ୍ଷା ପରେ ଖଣ୍ଡପଡ଼ା ରାଜାଙ୍କ ଅଧିନରେ ଶିକ୍ଷା ପରିଦର୍ଶକ କାର୍ଯ୍ୟ କରିଥିଲେ । ପରବର୍ତ୍ତୀ ଅବସ୍ଥାରେ ସେ କଟକରେ ଅବସ୍ଥାନ କରି 'ଉତ୍କଳଦୀପିକା' ଓ 'ମୁକୁର' ଖବର କାଗଜ ସମ୍ପାଦନା ସହଯୋଗୀ କାର୍ଯ୍ୟ କରିଥିଲେ । ସେ ସମୟରେ ବିଭିନ୍ନ ନାଟକ ରଚନା କରିବା ସଙ୍ଗେସଙ୍ଗେ ଏହାର ନିର୍ଦ୍ଦେଶନା ଦେଇ ପରିବେଷଣ କରାଉଥିଲେ । ସେ କଳଙ୍କଭଞ୍ଜନ, ଦାରିଦ୍ର୍ୟ ଭଞ୍ଜନ, ମିଳନ ମାଧୁରୀ, ଶ୍ରୀରାଧା, ବାଁସୁରୀ ବିଳାପ, ଶ୍ରୀ ଗୀତଗୋବିନ୍ଦ, ପ୍ରୀତି ସୁଧାକର, କୌତୁକ ଚିନ୍ତାମଣି, କିଶୋର ଚନ୍ଦ୍ରାନନ ଚମ୍ପୁ, ମାନିନୀ, ଆଖିର ଦେଖା ଦେହି ପଦ ପଲ୍ଲବ ମୁଦାରଂ, ଧ୍ରୁବ ମୃଗୟା ବନ ବିହାର, ବିଦ୍ୟାବଳୀ, ଶକୁନ୍ତଳା, ହରିଶ୍ଚନ୍ଦ୍ର, ଚକ୍ରୀ, ଦଶଭୂଜା, ଅଭିଯାନ, ମାଳତୀ ଓ ରକ୍ତମନ୍ଦାର ଆଦି ନାଟକ ରଚନା କରିଥିଲେ । ଗୋଟିପୁଅ ନୃତ୍ୟକୁ ନେଇ ସେ ଓଡ଼ିଶୀ ନୃତ୍ୟର ବିକାଶ କରିଥିଲେ। ଗଜପତିଙ୍କଠାରୁ ସେ କବିଚନ୍ଦ୍ର ଉପାଧି ଗ୍ରହଣ କରିଥିଲେ। ସେ ତାଙ୍କ ସମଗ୍ର ଜୀବନ ଓଡ଼ିଶାର କଳା ଓ ସଂସ୍କୃତିର ବିକାଶ ପାଇଁ ସମର୍ପଣ କରିଥିଲେ ବୋଲି ଉପସ୍ଥିତ ଅତିଥିମାନେ ମତ ଦେଇଥିଲେ। ଅଧ୍ୟାପକ ନିମାକାନ୍ତ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।



ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟସ୍ଥିତ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

## ସଂକ୍ଷେପରେ

### ସାମାଜିକ କର୍ମୀ କେଶବ ନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

କଟକ ସଦର,୨୪।୭(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ଗୋପାଳ ସ୍ମୃତି ବିଦ୍ୟାପୀଠ, ଚିନ୍ତାମଣୀ ବାଳିକା ବିଦ୍ୟାଳୟ ଓ କନ୍ଦରପୁର କଲେଜର ପ୍ରତିଷ୍ଠାତା ସମ୍ପାଦକ ତଥା ସାମାଜିକ କର୍ମୀ କେଶବ ଚନ୍ଦ୍ର ନନ୍ଦଙ୍କ ୧୮ତମ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମ ସୋମବାର ସିଦ୍ଧେଶ୍ୱରପୁରଠାରେ ପାଳିତ ହୋଇଯାଇଛି। ଗୋପାଳ ସ୍ମୃତି ବିଦ୍ୟାପୀଠର ପୁରାତନ ଛାତ୍ର ସଂସଦ ଓ ପ୍ରହରାଜ ପ୍ରତିଭା ପୂଜା ପରିଷଦ ପକ୍ଷରୁ ଉଭୟ ବିଦ୍ୟାପୀଠରେ ଥିବା ନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପ୍ରହରାଜ ପ୍ରତିଭା ପୂଜା ପରିଷଦ ସଭାପତି ପ୍ରତାପ ଚନ୍ଦ୍ର ବେହେରା, ଉପସଭାପତି ତଥା କବି ପୀତାମ୍ବର ମହାପାତ୍ର, କାଳୀ ପ୍ରସାଦ ମହାପାତ୍ର, ମନମୋହନ ପରିଡ଼ା, ତାପସ ରାଉତରାୟଙ୍କ ସହିତ ଉଭୟ ବିଦ୍ୟାପୀଠର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ନନ୍ଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### ସାହିତ୍ୟିକ ନିରଞ୍ଜନ ଖଟୁଆଙ୍କ ପରଲୋକ

କଟକ ସଦର,୨୪।୭(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ଧରିଣା ପଞ୍ଚାୟତ କମରପଦା ଗ୍ରାମର ଜଣାଶୁଣା ଶିଶୁ ସାହିତ୍ୟିକ ନିରଞ୍ଜନ ଖଟୁଆ(୮୨)ଙ୍କର ରବିବାର ରାତିରେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି।



ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ପରେ ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ବଡ଼ପୁଅ ଅଲେଖ ଖଟୁଆ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ନିରଞ୍ଜନଙ୍କ ଲିଖିତ ପୁସ୍ତକ ଅଜାଙ୍କ ମଜା ଗପ, ଗପ ହେଲେ ବି ସତ ଓ ଭକ୍ତି କମଳ ବେଶ ପରିଚିତ ଥିଲା।

### ଭାଜପାର ମହା ଜନସମ୍ପର୍କ ଶୋଭାଯାତ୍ରା

ଫୁଲନଖରା, ୨୪।୭(ସତ୍ୟରଞ୍ଜନ ଦାସ ମହାପାତ୍ର): ବାରଙ୍ଗ ବ୍ଲକ ଅଧୀନ ଶାବଳ ଗ୍ରାମଠାରେ ଭାଜପା ପକ୍ଷରୁ ମହା ଜନସମ୍ପର୍କ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନିଆଳି ଅଞ୍ଚଳର ଭାଜପା ନେତା ଅଭିମନ୍ୟୁ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶୋଭାଯାତ୍ରାରେ ୮ଟି ପଞ୍ଚାୟତର ଶତାଧିକ କର୍ମୀ ସାମିଲ ହୋଇଥିଲେ। ଏହି ଅବସରରେ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଘର ଘର ବୁଲି ଲୋକମାନଙ୍କୁ ଅବଗତ କରାଯାଇଥିଲା। ଯୁବନେତା ଜୀବନ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପାଲାଗାୟକଙ୍କ ଆରୋଗ୍ୟ କାମନା କରି ଦୀପଦାନ

ଚୌଦ୍ୱାର,୨୪।୭(ଆଶୁତୋଷ ଦାସ): ପାଲା ଗାୟକ ଅରୁଣ ଚକ୍ରଧର ବାରିକଙ୍କ ଆଶୁଆରୋଗ୍ୟ କାମନା କରି ସୋମବାର ସନ୍ଧ୍ୟାରେ ଚୌଦ୍ୱାର ନୁଆଁଗିରିସ୍ଥିତ ହନୁମାନ ମନ୍ଦିର ନିକଟରେ ବିଶେଶ୍ୱର ପାଲା ମଣ୍ଡଳ ପକ୍ଷରୁ ଦୀପଦାନ କରାଯାଇଥିଲା। ରାଜ୍ୟର ବିଭିନ୍ନ ଜିଲାରେ ପାଲା ପରିବେଷଣ କରିଥିବା ଶ୍ରୀ ଶ୍ରୀ ନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦର ସଦସ୍ୟ ତଥା ଖୋର୍ଦ୍ଧା ଅଞ୍ଚଳର ଗାୟକ ଅରୁଣ ଗତ ୨୧ ତାରିଖରେ ଭୁବନେଶ୍ୱର ଯାଉଥିବାବେଳେ ତାଙ୍କୁ ଏକ ଗାଡ଼ି ଧକ୍କା ଦେଇଥିଲା। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଚିକିତ୍ସାଲାଗି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଦୀପଦାନ କାର୍ଯ୍ୟକ୍ରମରେ ଗାୟକ ବିଚିତ୍ରାନନ୍ଦ ପଣ୍ଡାଙ୍କ ସମେତ ବହୁ ଗାୟିକା ଓ ଗାୟକ ଯୋଗଦେଇଥିଲେ।

# ଭୁବନେଶ୍ୱରରୁ କଟକ କାର୍‌କେଡ୍ ରିହର୍ସାଲ

**ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ପୋଲିସ ପ୍ରସ୍ତୁତି**

## ମୁତୟନ ହେବ ବ୍ୟାପକ ଫୋର୍ସ

କଟକ,୨୪।୭ (କାର୍ତ୍ତିକ ସାହୁ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କଟକ ଗସ୍ତକୁ ନେଇ କମିଶନରେଟ୍ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୨୬ ତାରିଖରେ ରାଷ୍ଟ୍ରପତି ସଡ଼କ ପଥରେ ଭୁବନେଶ୍ୱରରୁ କଟକ ଆସିବାକୁ ଥିବାରୁ କମିଶନରେଟ ପୋଲିସ ପକ୍ଷରୁ ସୋମବାର ମକ୍‌ଡ୍ରିଲ କରାଯାଇଛି। ଏଥିସହ ଭୁବନେଶ୍ୱରରୁ କଟକ ପର୍ଯ୍ୟନ୍ତ କାରକେଡ୍ ରିହର୍ସାଲ କରାଯାଇଛି। ଆର୍‌ଡିସିଙ୍କ ବୈଠକର ନିଷ୍ପତ୍ତି ଅନୁସାରେ ଉକ୍ତ ଦିନ ସହରର କେତେକ ସ୍କୁଲ ଓ କଲେଜ ଛୁଟି ଘୋଷଣା କରାଯାଇଛି।

ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ,କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ପିନାକ ମିଶ୍ର ଏବଂ ରାଷ୍ଟ୍ରପତିଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀମାନେ ସୋମବାର କଟକର ବିଭିନ୍ନ ଅଞ୍ଚଳ ଗସ୍ତ କରିଥିଲେ। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପ୍ରସ୍ତୁତ ରୋଡ୍ ମ୍ୟାପ୍ ଅନୁସାରେ ସେମାନେ ମା’ କଟକ ଚଣ୍ଡୀଙ୍କ ପୀଠ, ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ, ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଆଦି ସ୍ଥାନରେ ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ। କଟକଚଣ୍ଡୀ ମନ୍ଦିର ପରିଚାଳନା କମିଟି ମୁଖ୍ୟ, ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଗାୟତ୍ରୀ ବିଶ୍ୱାଳ ଓ କର୍ମଚାରୀମାନଙ୍କ ସହିତ ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏହା ରାଷ୍ଟ୍ରପତିଙ୍କ ପ୍ରଥମ କଟକ ଗସ୍ତ ହୋଇଥିବାରୁ ସେ କଟକ ଚଣ୍ଡୀଙ୍କୁ ପୂଜାର୍ଚ୍ଚନା କରି ସହରର ବିଭିନ୍ନ ସ୍ଥାନକୁ ଗସ୍ତ କରିବେ। ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ, ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଏବଂ ପରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ଓଡ଼ିଶା ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତିର ଉଦ୍‌ଯାପନ ଉତ୍ସବରେ ଯୋଗଦେବେ। ସେହିପରି ଏସ୍‌ସିବି ମେଡିକାଲ କଲେଜ ଛାତ୍ର ସଂସଦର ବାର୍ଷିକ ଉତ୍ସବ ଓ ନରାଜସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ଏ ସମ୍ପର୍କରେ ଡିସିପି ମିଶ୍ର କହିଛନ୍ତି, କାର୍‌କେଡ୍ ଯିବାଆସିବା ରାସ୍ତାରେ ଅଧିକ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ଲୋକମାନେ ରାଷ୍ଟ୍ରପତିଙ୍କୁ ଦେଖିବା ପାଇଁ ଉତ୍ସୁକତା ରହିବା ସ୍ୱାଭାବିକ। ତେଣୁ ସେମାନେ ଶୃଙ୍ଖଳିତ ଭାବେ ପୋଲିସକୁ ସହଯୋଗ କରିବେ। ପୋଲିସ ବ୍ୟବସ୍ଥାରେ ଯେପରି ଅସୁବିଧା ନ ରହିବ ସେଥିପ୍ରତି ଲୋକମାନେ ସଚେତନ ରହିବେ। ଏହାବାଦ ବିଭିନ୍ନ ଛକରେ ବ୍ୟାରିକେଡ୍ ସହିତ ପୂରା ରୋଡ୍‌ମ୍ୟାପ ଅଞ୍ଚଳରେ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା କଡ଼ାକଡ଼ି କରାଯିବ। ରାଷ୍ଟ୍ରପତିଙ୍କ ଗାଡ଼ି ଯେଉଁ ରାସ୍ତା ଦେଇ ଯିବ ସେହି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଉଠାଦୋକନଗୁଡ଼ିକୁ ହଟାଇ ଦିଆଯାଇଛି ବୋଲି ଡିସିପି କହିଛନ୍ତି।





ରାଷ୍ଟ୍ରପତିଙ୍କ କଟକ ଗସ୍ତର ଅବ୍ୟବହିତ ପୂର୍ବରୁ ସୋମବାର କମିଶନରେଟ୍ ପୋଲିସ ପକ୍ଷରୁ କାରକେଡ୍ ରିହର୍ସାଲ୍। କଟକଚଣ୍ଡୀ ମନ୍ଦିରଠାରେ ପୋଲିସ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛନ୍ତି।

## ୨୨ ସ୍କୁଲ, କଲେଜ ଛୁଟି ଘୋଷଣା

ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିକ୍ଷାଧିକାରୀ ସହରର ୨୨ଟି ସ୍କୁଲ, କଲେଜକୁ ୨୬ ତାରିଖ ଦିନ ଛୁଟି ଘୋଷଣା କରିଛନ୍ତି। ଆଇଏମ୍‌ଆଇଟି କଲେଜ, ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ, ଖ୍ରୀଷ୍ଟ କଲେଜ, ଷ୍ଟିୱାର୍ଟ ସାଇନ୍ସ କଲେଜ, ବୋସ୍ ଇଞ୍ଜିନିୟରିଂ କଲେଜ, ବିଜୁ ପଟ୍ଟନାୟକ ଫିଲ୍ମ ଇନ୍‌ଷ୍ଟିଚ୍ୟୁଟ୍, ଜେକେବିକେ କଲେଜ, ବାରବାଟୀ ଷ୍ଟାଡିୟମସ୍ଥିତ ଜାଭିୟର ସ୍କୁଲ, ସେଣ୍ଟ ଜୋସେଫ ସ୍କୁଲ, କେମ୍ବ୍ରିଜ ସ୍କୁଲ, ନ୍ୟୁ ଷ୍ଟିୱାର୍ଟ ସ୍କୁଲ, ଷ୍ଟିୱାର୍ଟ ସ୍କୁଲ, ଗୁରୁ ନାନକ ପବ୍ଲିକ ସ୍କୁଲ, ସତ୍ୟସାଇ ପବ୍ଲିକ ସ୍କୁଲ, ବିଡ଼ାନାସୀ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ଖ୍ରୀଷ୍ଟ କଲିଜିଏଟ୍ ସ୍କୁଲ, ପି.ଏମ୍. ଏକାଡେମୀ, ତୁଳସୀପୁର ସରକାରୀ ହାଇସ୍କୁଲ, ରେଭେନ୍‌ଶା କଲିଜିଏଟ୍ ସ୍କୁଲ, କମଳାକାନ୍ତ ବିଦ୍ୟାପୀଠ, ଆଠଗଡ଼ ବ୍ରଜବିହାରୀପୁର ପ୍ରାଇମେରୀ ସ୍କୁଲ, ଓଡ଼ିଆବଜାର ୟୁପି ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଏନେଇ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି।

## ରାଷ୍ଟ୍ରପତିଙ୍କ ସୁରକ୍ଷା ଦାୟିତ୍ୱରେ ୩୬ ପ୍ଲାଟୁନ୍ ଫୋର୍ସ

ଭୁବନେଶ୍ୱର,୨୪।୭ (ସୂର୍ଯ୍ୟକାନ୍ତ ବେହେରା)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାରଠାରୁ ୩ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ଲୁ ବୁକ୍ ଗାଇଡ୍‌ଲାଇନ ଅନୁସାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ରୁଟ୍ ଲାଇନ୍, କାର୍‌କେଡ୍, ଟ୍ରାଫିକ ଓ ପାର୍କିଂ ପାଇଁ ଆବଶ୍ୟକ ବ୍ୟସ୍ଥା ଗ୍ରହଣ କରାଯାଇଥିବାବେଳେ ୩୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ସେହିପରି ୩ଟି କୁଇକ୍ ରେସ୍‌ପନ୍ସ ଟିମ୍, ୨ଟି ସ୍ପେଶାଲ ଟାକ୍ଟିକାଲ ୟୁନିଟ୍ ରାଷ୍ଟ୍ରପତିଙ୍କ ସୁରକ୍ଷା ଦାୟିତ୍ୱରେ ରହିବ। ୧୨ଜଣ ଅତିରିକ୍ତ ଡିସିପି, ୨୫ଜଣ ଏସିପି, ୪୦ଜଣ ଇନ୍ସପେକ୍ଟର, ୧୨୦ଜଣ ଏସ୍‌ଆଇ ଓ ଏଏସ୍‌ଆଇ ସୁରକ୍ଷା ଦାୟିତ୍ୱରେ ରହିବେ। ଏଥିସହ ୧୬୦ ଜଣ ଟ୍ରାଫିକ କର୍ମଚାରୀ ଓ ୧୫୦ ହୋମ୍‌ଗାର୍ଡ, ଅଗ୍ନିଶମ ବିଭାଗର ଅଧିକାରୀ ମଧ୍ୟ ବିଭିନ୍ନ ସ୍ଥାନରେ ମୁତୟନ ହେବେ। ସବୁ ଭେନ୍ୟୁରେ ପ୍ରୋଟକଲ୍ ଅନୁସାରେ ସୁରକ୍ଷା ବ୍ୟବସ୍ଥା ହୋଇଛି। ସମସ୍ତ ନିମନ୍ତ୍ରିତ ଅତିଥିଙ୍କ ତଥ୍ୟ ରଖାଯିବା ସହ ଏହାର ଯାଞ୍ଚ କରାଯାଇଥିବା ଡିସିପି ସିଂ ସୂଚନା ଦେଇଛନ୍ତି।

# ଅଗଷ୍ଟ ୫ ସୁଦ୍ଧା ନିର୍ମାଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ



ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସର ନିର୍ମାଣ କାର୍ଯ୍ୟ ସମୀକ୍ଷା କରୁଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ।

**ରେଭେନ୍‌ଶା ଦ୍ୱିତୀୟ କ୍ୟାମ୍ପସରେ ଉଚ୍ଚଶିକ୍ଷା ମନ୍ତ୍ରୀ**

କଟକ,୨୪।୭ (କାର୍ତ୍ତିକ ସାହୁ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସର ନିର୍ମାଣ କାର୍ଯ୍ୟ ଆସନ୍ତା ଅଗଷ୍ଟ ୫ ସୁଦ୍ଧା ଶେଷ କରିବାକୁ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ନାୟକ ସୋମବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ପରିଦର୍ଶନରେ ଆସି ଏକାଡେମିକ୍ ବ୍ଲକରେ ଥିବା କ୍ଲାସରୁମ୍, ଲାଇବ୍ରେରି, ହଷ୍ଟେଲ ଆଦିକୁ ବୁଲି ଦେଖିଥିଲେ। ପରେ ଅଧିକାରୀମାନଙ୍କ ସହ ଦ୍ୱିତୀୟ କ୍ୟାମ୍ପସରେ ଚାଲିଥିବା ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ଓ କୁଳସଚିବ କାହ୍ନୁଚରଣ ମଲ୍ଲିକଙ୍କୁ ମନ୍ତ୍ରୀ କାର୍ଯ୍ୟ ଶେଷ କରିବା ନେଇ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ଗସ୍ତବେଳେ ଉଚ୍ଚ ଶିକ୍ଷା ବିଭାଗର କମିଶନର ଅରବିନ୍ଦ ଅଗ୍ରୱାଲ, ନିରାମୟ ଉପଦେଷ୍ଟା ରଞ୍ଜନ କୁମାର ବିଶ୍ୱାଳ, ଗଣଶିକ୍ଷା ବିଭାଗର ଉପଦେଷ୍ଟା ଶିଶିର ପରିଜା, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ‘ଔଷଧ କମ୍ପାନୀର ଲାଭଖୋର୍ ମନୋବୃତ୍ତି ଯୋଗୁ ଦର ବୃଦ୍ଧି ପାଉଛି’

କଟକ,୨୪।୭ (କାର୍ତ୍ତିକ ସାହୁ)

ଓଡ଼ିଶା ମେଡିକାଲ ସେଲ୍ସ ରିପ୍ରେଜେଣ୍ଟେଟିଭ ୟୁନିୟନ୍‌ର ବାର୍ଷିକ ସମ୍ମିଳନୀ କଟକ ମେରିଆ ବଜାରସ୍ଥିତ ୟୁନିୟନର କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ୟୁନିୟନ ସଭାପତି ମହେନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ସିଟୁର ବରିଷ୍ଠ ନେତା ରବିନାରାୟଣ ମଲ୍ଲିକ, ୟୁନିୟନର ସର୍ବଭାରତୀୟ ସମ୍ପାଦକ ଶାନ୍ତନୁ ମିତ୍ର ଯୋଗଦେଇ କହିଥିଲେ, ଗୋଟିଏ ପଟେ ସରକାରଙ୍କର ଔଷଧ ଶିଳ୍ପ ଉପରେ ଟିକସ୍ ଓ ଅନ୍ୟପଟେ ବହୁ ରାଷ୍ଟ୍ରୀୟ ଔଷଧ କମ୍ପାନୀର ଲାଭଖୋର୍ ମନୋବୃତ୍ତି ଯୋଗୁ ଦର ବୃଦ୍ଧି ପାଇବାରେ ଲାଗିଛି। ୟୁନିୟନ ସମ୍ପାଦକ ସତ୍ୟବ୍ରତ ମହାପାତ୍ର ସ୍ୱାଗତ ଭାଷଣ ଦେଇ ମେଡିକାଲ ରିପ୍ରେଜେଣ୍ଟେଟିଭମାନଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ୟୁନିୟନ ପକ୍ଷରୁ କର୍ମଚାରୀମାନଙ୍କ ପାଇଁ ଡ୍ରେସ୍ କୋଡ୍ ପ୍ରଚଳନ ଏବଂ ସରକାରୀ ଡାକ୍ତରଖାନାର ଉନ୍ନତୀକରଣ ପାଇଁ ଦାବି କରାଯାଇଥିଲା। ମଳୟ ପଣ୍ଡା, ଆଶୁତୋଷ ଦାସ ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱାରୋପ କରିଥିଲେ।

## ଆତ୍ମନିର୍ଭରଶୀଳ ହୁଅନ୍ତୁ ମହିଳା

**ସଚେତନତା କାର୍ଯ୍ୟକ୍ରମ**

କଟକ ସଦର,୨୪।୭(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କଳପଡ଼ାଠାରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଓ ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଉଦ୍‌ଘାଟନ କରିଥିଲେ। କଟକ ସଦର ବ୍ଲକ ସିଡିପିଓ ରଶ୍ମିତା ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମିଶନଶକ୍ତି ଜିଲା ସଂଯୋଜିକା ସ୍ୱାଗତିକା ପରିଡ଼ା, ବ୍ଲକ ପ୍ରକଳ୍ପ ସଂଯୋଜିକା ନିବେଦିତା ବିଶ୍ୱାଳ ପ୍ରମୁଖ ଯୋଗଦେଇ ୪ ଓ ୬ ନଂ. ଜିଲା ପରିଷଦ ଜୋନ୍‌ର ୯ଟି ପଞ୍ଚାୟତର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କୁ ଆତ୍ମ ନିର୍ଭରଶୀଳ ହେବା ଉପରେ ସୂଚନା ଦେଇଥିଲେ। ପରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ତେଲେଙ୍ଗାପେଣ୍ଠ, ବାଲିକୁଦା ଓ ଫୁଲନଖରା ଶାଖା, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ୪୨ ମୌଜା ଶାଖା, ଇଣ୍ଡିଆନ ଓଭରସିଜ ବ୍ୟାଙ୍କ କଳପଡ଼ା ଶାଖା ପକ୍ଷରୁ ୬୭ଟି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କୁ ୨ କୋଟି ୫୪ ଲକ୍ଷ ଟଙ୍କାର ଋଣପତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ସସ୍ମିତା ମହାର୍ଥା, ଆଶାଲତା ବେହେରା, ମିଶନଶକ୍ତି ବ୍ଲକ ସଂଯୋଜକ ଶରତ କୁମାର ରାୟ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ପ୍ରୀତମ ପୁହାଣ,ପ୍ରତ୍ୟୁଷ କୁମାର ସାହୁ, ସୀତାକାନ୍ତ ସାହୁ ଓ ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକ ଅମୂଲ୍ୟ କୁମାର ଦାସ ଉପସ୍ଥିତ ଥିଲେ।

## କେନ୍ଦ୍ରମନ୍ତ୍ରୀଙ୍କୁ ଜଣାଇଲେ ସହର ସମସ୍ୟା

କଟକ,୨୪।୭ (କାର୍ତ୍ତିକ ସାହୁ)



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ କର୍ପୋରେଟର ଗଗନ ଓଝା।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ଭେଟିଛନ୍ତି ଭାଜପା ଯୁବନେତା ତଥା କର୍ପୋରେଟର ଗଗନ ଓଝା। ସେ ତାଙ୍କ ସହ କଟକ ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ସହରରେ ପାନୀୟ ଜଳ, ଜଳବନ୍ଦୀ, ମୁକୁଳା ଡ୍ରେନ ଭଳି ବିଭିନ୍ନ ମୌଳିକ ସମସ୍ୟା ରହିଛି। ଜାଇକା କାର୍ଯ୍ୟରେ ବିଳମ୍ବ ହେତୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୁର୍ଘଟଣାରେ ଅନେକ ମୃତାହତ ହୋଇଛନ୍ତି। କିଛି ଦିନ ମଧ୍ୟରେ ମୁକୁଳା ନାଳରେ ପଡି ୨ଜଣଙ୍କ ଜୀବନହାନି ଘଟିଛି। ରାଜସ୍ଥାନ ଅଞ୍ଚଳର ଯୁବକ ରାହୁଲ ଖଟିକ୍ ବାପାଙ୍କୁ ଦେଖା କରିବାକୁ ଆସିଥିବାବେଳେ ମୁକୁଳା ଡ୍ରେନ୍‌ରେ ପଡି ମୃତ୍ୟୁ ଘଟିଥିଲା। ସେହିପରି ବାରପଥର ଅଞ୍ଚଳର ଯୁବକ ପି. ନରସିଂହ ଡ୍ରେନ୍‌ରେ ପଶି କାମ କରୁଥିବାବେଳେ ପାଣିରେ ବୁଡିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏ ବିଷୟରେ ସେ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା ସୂଚନା ଦେଇଛନ୍ତି।

## ପୋଲିସ ପରିଚୟ ଦେଇ ଟଙ୍କା ଲୁଟ୍, ମହିଳା ଗିରଫ

ବାଲିଅନ୍ତା,୨୪।୭(ନୀଳମାଧବ ସାହୁ)

ଜଣେ ବ୍ୟକ୍ତିଙ୍କୁ ଲିଫ୍ଟ ମାଗିବା ପରେ ଅଧା ବାଟରେ ଅଟକାଇ ଟଙ୍କା ଛଡାଇ ନେବା ଅଭିଯୋଗରେ ପାହାଳ ପୋଲିସ ଜଣେ ମହିଳାଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଅଞ୍ଚଳର ଉର୍ମିଳା ବାରିକ(୪୮)। ଏନେଇ ଥାନାରେ ଏକ ମାମଲା(ନଂ.୨୩୦/୨୩) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଗତ ୩ ତାରିଖରେ ଏକ ଘରୋଇ କମ୍ପାନୀର ଟେକ୍ନିସିଆନ ପଦିଆ ଦାସ ବାଇକ୍‌ରେ ଯାଉଥିବାବେଳ ପାହାଳ ଛକରେ ଉର୍ମିଳା ତାଙ୍କୁ ଅଟକାଇ ଲିଫ୍ଟ ମାଗିଥିଲେ। କିଛି ବାଟ ଯିବା ପରେ ଉର୍ମିଳା ତାଙ୍କୁ ଗାଡ଼ି ଅଟକାଇବାକୁ କହିଥିଲେ। ପଦିଆ ଗାଡି ଅଟକାଇବା ପରେ ମହିଳା ଜଣଙ୍କ ପୋଲିସ ପରିଚୟ ଦେଇ ତାଙ୍କଠାରୁ ୩୫୦୦ ଟଙ୍କା ଛଡାଇ ନେଇଥିଲେ। ରବିବାର ପଦିଆ ଘରକୁ ଫେରୁଥିବାବେଳେ ଉକ୍ତ ମହିଳା ନଖରାସ୍ଥିତ ଏକ ମନ୍ଦିର ନିକଟରେ ଠିଆ ହୋଇଥିଲେ। ପଦିଆ ତାଙ୍କୁ ଚିହ୍ନି ପାରି ତାଙ୍କ ପିଛା କରି ପିସିଆର୍ କର୍ମଚାରୀ ସହାୟତାରେ କାବୁ କରିଥିଲେ।

# ନିୟମାବଳୀ ମାନିବାକୁ ଚାଳକଙ୍କୁ ପରାମର୍ଶ

କଟକ,୨୪।୭ (କାର୍ତ୍ତିକ ସାହୁ)





ବାର୍ଷିକ ସମ୍ମିଳନୀରେ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ସହ ଅନ୍ୟମାନେ।

**ଟାଟା ମ୍ୟାଜିକ୍ ଅଟୋ ଆସୋସିଏଶନର ବାର୍ଷିକ ସମ୍ମିଳନୀ**

କଟକ ଜିଲା ଟାଟା ମ୍ୟାଜିକ ଅଟୋ ଆସୋସିଏଶନ (ସ୍କୁଲ ଗାଡ଼ି ସଂଘ)ର ଅଷ୍ଟମ ବାର୍ଷିକ ସମ୍ମିଳନୀ ବିଡ଼ାନାସୀସ୍ଥିତ ମଙ୍ଗେଶ୍ୱରୀ ଗଡ଼ା ନିକଟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ, ସମ୍ମାନିତ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ, ଅନ୍ୟତମ ଅତିଥି ଭାବେ ଏମଭିଆଇ ବିଶ୍ୱଜିତ୍ ଦାସ, କଟକ ଅଟୋ ମହାସଂଘର ସାଧାରଣ ସମ୍ପାଦକ ଶୈଳେନ୍ଦ୍ର କୁମାର ଧଳ, ଉପସଭାପତି ଦେବେନ୍ଦ୍ର କୁମାର ପାଣିଗ୍ରାହୀ ଓ କର୍ପୋରେଟର ପୁଷ୍ପିତା ମହାନ୍ତି ଯୋଗ ଦେଇଥିଲେ। ସଂଘ ସାଧାରଣ ସମ୍ପାଦକ ତୋଫାନ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ତରଫରୁ ଗଠନ ହୋଇଥିବା ପରିବହନ ବିଭାଗର କଲ୍ୟାଣ ବୋର୍ଡ ଦ୍ୱାରା ପ୍ରତ୍ୟେକ ଡ୍ରାଇଭର କିପରି ଉପକୃତ ହୋଇପାରିବେ ସେ ସମ୍ପର୍କରେ ମେୟର କହିଥିଲେ। କଟକ ସହରର ଗଳି ରାସ୍ତାରେ ପିଲାଙ୍କୁ ନେବା ଆଣିବା କରୁଥିବା ଅଟୋ ଓ ଟାଟା ମ୍ୟାଜିକ୍‌ର ଦୁଇପଟେ ଜାଲି ଲଗାଇବା, ଗାଡ଼ିର ସମସ୍ତ କାଗଜପତ୍ର ଓ ଡ୍ରାଇଭିଂ ଲାଇସେନ୍ସ ଅପ ଟୁ ଡେଟ୍ ରଖି ନିୟମାବଳୀକୁ ମାନିବା ପାଇଁ ଅଟୋ ଚାଳକମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏଥିରେ ସଂଘର କାର୍ଯ୍ୟକାରୀ ସଭାପତି ବସନ୍ତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ସଂଘ ଉପସଭାପତି ପ୍ରଦୀପ ମିଶ୍ର, ସମ୍ପାଦକ କବିନ୍ଦ୍ର କୁମାର ମଲ୍ଲିକ, କର୍ମକର୍ତ୍ତା ସୁଦୀପ୍ତ ଦାସ, ଭଗବାନ ସାହୁ, ପ୍ରତାପ ସାହୁ, ସନାତନ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ସଂଘର ସଙ୍ଗଠନ ସମ୍ପାଦକ ସୁଦାମ ଚରଣ ଜେନା ଧନ୍ୟବାଦ ଦେଇଥିଲେ।

# ରାସ୍ତାରେ ଗୋରୁ, ବଢ଼ୁଛି ଦୁର୍ଘଟଣା

- ଯାତାୟାତରେ ସମସ୍ୟା
- ଗୋରୁ ମାଲିକଙ୍କଠାରୁ ଜରିମାନା ଆଦାୟ କରାଯିବ

ମଙ୍ଗୁଳି–ଜଗତପୁର,୨୪।୭(ମାନସ ସାମଲ)



ଚୌଦ୍ୱାର ପୌରପାଳିକା ଅଧୀନ ୫୫ନଂ. ଜାତୀୟ ରାଜପଥର ମଙ୍ଗୁଳି ଛକଠାରୁ ଧୁମାବତୀ ଛକ ପର୍ଯ୍ୟନ୍ତ ରାସ୍ତା ଗୋରୁଙ୍କ ଆଡ୍ଡାସ୍ଥଳି ପାଲଟିଛି। ଏଥିଯୋଗୁ ଯାତାୟତରେ ସମସ୍ୟା ସୃଷ୍ଟି ହେବା ସହ ଦୁର୍ଘଟଣା ବୃଦ୍ଧି ପାଉଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ରାସ୍ତାରୁ ଗୋରୁ ହଟାଇବା ପାଇଁ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ରାସ୍ତାରେ ପ୍ରତିଦିନ ବହୁ ସଂଖ୍ୟାରେ ଗାଡ଼ି ଚଳାଚଳ କରୁଛି। ଏପରି କି ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ସମେତ ବ୍ୟବସାୟୀମାନେ ଏହି ବାଟଦେଇ ଯାତାୟତ କରୁଛନ୍ତି। ହେଲେ ଏହି ରାସ୍ତାରେ ଅଧିକାଂଶ ସମୟ ଷଣ୍ଢ ଓ ଗୋରୁପଲ ଶୋଇ ରହୁଥିବାରୁ ଗାଡ଼ି ଚଳାଚଳରେ ସମସ୍ୟା ହେଉଛି। ସ୍ଥାନୀୟ ଲୋକମାନେ ସେମାନଙ୍କ ଗୋରୁକୁ ଗୁହାଳରେ ନ ବାନ୍ଧି ବାହାରକୁ ଛାଡି ଦେଉଛନ୍ତି। ଏଥିଯୋଗୁ କେତେକ ସ୍ଥାନରେ ରାସ୍ତାଉପରେ ଗୋରୁଗୁଡ଼ିକ ଛିଡା ହେବା ଯୋଗୁ ଯାତାୟତରେ ସମସ୍ୟା ସୃଷ୍ଟି ହେବା ସହ ଦୁର୍ଘଟଣା ଘଟୁଛି। ଗତ ଜୁନ୍ ୫ ତାରିଖ ସନ୍ଧ୍ୟାରେ ଓଟିଏମ୍ ପରିବା ମାର୍କେଟଠାରେ ଦୁଇଟି ଷଣ୍ଢ ଲଢେଇ କରି ମୁଣ୍ଡମାଳ ଗ୍ରାମର ସୁଶାନ୍ତ ସାହୁ ନାମକ ଜଣେ ଯୁବକଙ୍କ ବାଇକ୍‌କୁ ଧକ୍କା ଦେଇଥିଲେ। ଫଳରେ ସେ ତଳେ ପଡି ଆହତ ହୋଇଥିଲେ। ସେହିପରି ଜୁନ୍ ୨୦ ତାରିଖ ରାତିରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀ ସ୍କୁଟିରେ ଯାଉଥିବାବେଳେ ନୁଆଁଗିରି ଛକଠାରେ ରାସ୍ତାରେ ଶୋଇଥିବା ଏକ ଗାଇ ସହ ପିଟି ହୋଇ ଆହତ ହୋଇଥିଲେ। ଚୌଦ୍ୱାର ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ଗତ ୧୧ ତାରିଖରେ ଧୁମାବତୀ ଛକ ନିକଟରେ ଏକ ଗାଇକୁ ଷଣ୍ଢ ଗୋଡାଉଥିଲା। ଏହି ସମୟରେ ଜଣେ ବାଇକଚାଳକ ଭୟଭୀତ ହୋଇ ଏକ ସାଇକେଲ ଆରୋହୀଙ୍କୁ ଧକ୍କା ଦେଇଥିଲେ। ପରେ ସେ ତଳେ ପଡି ଆହତ ହୋଇଥିଲେ। ତୁରନ୍ତ ରାସ୍ତାରୁ ଗୋରୁପଲ ହଟାଇବା ପାଇଁ ବ୍ୟବସ୍ଥା କରା ନ ଗଲେ ଦୁର୍ଘଟଣା ବୃଦ୍ଧି ପାଇବା ଆଶଙ୍କା ପ୍ରକାଶ ପାଇଛି। ଏ ସମ୍ପର୍କରେ ଚୌଦ୍ୱାର ପୌରପାଳିକାର ଚେୟାରମ୍ୟାନ ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ କହିଛନ୍ତି, ଯେଉଁ ଲୋକମାନେ ଗୋରୁଗୁଡ଼ିକୁ ଗୁହାଳରେ ନ ବାନ୍ଧି ବାହାରକୁ ଛାଡୁଛନ୍ତି ସେମାନଙ୍କୁ ଚିହ୍ନଟ କରାଯିବ। ଏଥିସହ ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇ ସେମାନଙ୍କ ଗୋରୁକୁ ସ୍ଥାନୀୟ ଗୋଶାଳାରେ ଛଡାଯିବ।

## ସଂକ୍ଷେପରେ

### ଚାଲାଣବେଳେ ଧରାପଡ଼ିଲା ଗୋମାଂସ ବୋଝେଇ ଟ୍ରକ

**ବାରଙ୍ଗ,୨୪।୭(ଲିଙ୍ଗରାଜ ରାଉତ):** ତିଗିରିଆରୁ ହାଇଦ୍ରାବାଦ ଗୋମାଂସ ଚୋରାଚାଲାଣ ହେଉଥିବା ଏକ ଟ୍ରକ୍‌କୁ ବାରଙ୍ଗ ତହସିଲ କାର୍ଯ୍ୟାଳୟ ସାମ୍ନାରୁ ସୋମବାର ବଜରଙ୍ଗ ଦଳର କର୍ମୀ ଧରିଛନ୍ତି। ଖବରପାଇ ବାରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାଂସ ବୋଝେଇ ଟ୍ରକକୁ ଜବତ କରିବା ସହ ଚାଳକ ଓ ହେଲ୍ପରକୁ ଗିରଫ କରିଛି। ଏନେଇ ପୋଲିସ ୨୭୭/୨୩ରେ ଏକ ମାମଲା ରୁଜୁ କରି ମହାରାଷ୍ଟ୍ରର ଲଛମନ ଗଇକୁଦା ଓ ମାର୍ଗୋ ଚାଓଲିଙ୍କୁ ଗିରଫ କରି ପଚରାଉଚରା କରୁଛି। ଜବତ ୧୫ଟନ ଗୋମାଂସକୁ ପୋଲିସ ନିଛାଟିଆ ସ୍ଥାନରେ ପୋତିବାକୁ ସୂଚନା ଦେଇଛି। ପ୍ରକାଶ ଯେ, ଆଠଗଡ଼ ତିଗିରିଆ ଅଞ୍ଚଳରୁ ୩ଟି ଟ୍ରକରେ ହାଇଦ୍ରାବାଦକୁ ଗୋମାଂସ ଚୋରାଚାଲାଣ ହେଉଥିବା କଟକ ବଜରଙ୍ଗ ଦଳର କର୍ମୀ ଖବର ପାଇଥିଲେ। ସେମାନେ ବାରଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଗୋମାଂସ ବୋଝେଇ ଟ୍ରକ(ଏମ୍‌ଏଚ୍ ୧୩ ସିୟୁ ୩୩୩୩)କୁ ରୋକିବାବେଳେ ଅନ୍ୟ ୨ଟି ଟ୍ରକ ଫେରାର ହୋଇଯାଇଥିଲା। ଗାଡି ଆଗରେ କାର୍‌ରେ ଆସୁଥିବା ଏକ ବୋଲେରୋ ଗାଡ଼ିରେ ମାରଣାସ୍ତ୍ର ଧରିଥିବା ଯୁବକ ବଜରଙ୍ଗ କର୍ମୀଙ୍କୁ ଆକ୍ରମଣ କରିବାକୁ ବାହାରିଥିଲେ। ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯିବାରୁ ସେମାନେ ପଳାଇ ଯାଇଥିଲେ। ଖବରପାଇ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୋମାଂସ ବୋଝେଇ ଟ୍ରକକୁ ଜବତ କରିବା ସହ ଚାଳକ ଓ ହେଲ୍ପରଙ୍କୁ ଗିରଫ କରିଥିଲା।

### ଘର ତାଲା ଭାଙ୍ଗି ନେଇ ଗଲେ ସୁନା ଅଳଙ୍କାର

**ବାରଙ୍ଗ,୨୪।୭(ଲିଙ୍ଗରାଜ ରାଉତ):** ମେଣ୍ଢାଶାଳ ଫାଣ୍ଡି ଅଧୀନ କୁକୁଡାମୁଣ୍ଡି ପାଖରେ ଥିବା ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ଼ (ଓପିଟିସିଏଲ୍)ର ସରକାରୀ କ୍ୱାର୍ଟର୍ସରେ କେହି ନ ଥିବା ସୁଯୋଗରେ ଚୋରି ହୋଇଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମକଦମା ରୁଜୁ କରି ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରିଥିଲେ ସୁଦ୍ଧା ଦୁର୍ବୃତ୍ତଙ୍କ ସନ୍ଧାନ ପାଇପାରିନାହିଁ। ତେବେ ରାତ୍ରି ଜଗୁଆଳିଙ୍କୁ ଡାକି ପୋଲିସ ପଚରାଉଚରା ଆରମ୍ଭ କରିଛି। ସୂଚନା ମୁତାବକ ଓପିଟିସିଏଲ୍ ଇଲେକ୍ଟ୍ରି ଗ୍ରୀଡ଼ ସବ୍‌ଷ୍ଟେଶନରେ ଟେକ୍ନିସିଆନ ଭାବେ କାମ କରୁଥିବା ରାଜେଶ ସାହୁ ଶନିବାର ରାତିରେ ସ୍ତ୍ରୀଙ୍କ ସହ ନିଜ ଘର ଖଲ୍ଲିକୋଟକୁ ଯାଇଥିଲେ। ସୋମବାର ସକାଳେ କ୍ୱାର୍ଟର୍ସକୁ ଫେରିବାବେଳକୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଦୁର୍ବୃତ୍ତ ଆଲମିରା ଭାଙ୍ଗି ସେଥିରେ ଥିବା ୧୨ଟି ସୁନାମୁଦି, ୨ ଭରି ଓଜନର ସୁନାଚେନ, ୧୨ଟି କାନଫୁଲ, ଅନେକ ରୁପା ଅଳଙ୍କାର ସମେତ ନଗଦ ୨୦ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ଏହାସହ ଡିଭିଜନ ଅଫିସର ତାଲା ଭାଙ୍ଗି ଟେଣ୍ଡର ବାକ୍ସ ତାଲା ଭଙ୍ଗା ଯାଇଥିଲା। ଅନ୍ୟ ଜଣେ କର୍ମଚାରୀ ଉତ୍ତମ ଜାହିରାଙ୍କ କ୍ୱାର୍ଟର ମଧ ଭଙ୍ଗାଯାଇଛି। ସେ ଛୁଟିରେ ଥିବାରୁ କ'ଣ ଚୋରି ହୋଇଛି ତାହା ଜଣାପଡ଼ିନାହିଁ।

### ଘରୋଇ ବସ୍ ଧକ୍କାରେ ମୋ ବସ୍ ଇଞ୍ଜିନ ଫାଟିଲା
### ରାସ୍ତାରେ ବୋହିଥିବା ତେଲରେ ପଡି ୬ ଆହତ

**ଭୁବନେଶ୍ୱର,୨୪।୭ (ସୂର୍ଯ୍ୟକାନ୍ତ ବେହେରା) :** ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶ୍ରୀବିହାର ଛକ ନିକଟରେ ସୋମବାର ମଧାହ୍ନରେ ମୋ ବସ୍‌କୁ ପଛରୁ ଏକ ଘରୋଇ ସିଟି ବସ୍ ଧକ୍କା ଦେଇଥିଲା। ଫଳରେ ଦୁଇ ବସ୍‌ର ଏକାଧିକ କାଚ ଭାଙ୍ଗି ଯିବା ସହ ମୋ ବସ୍‌ର ଇଞ୍ଜିନ ଫାଟିଯିବାରୁ ତେଲ ଲିକ ହୋଇ ରାସ୍ତାରେ ବୋହିଥିଲା। ତେବେ ଏହି ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା କେତେଜଣ ବାଇକଆରୋହୀ ଉକ୍ତ ତେଲରେ ଗାଡି ନେବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ୬ ଜଣ ଆହତ ହୋଇଥିବାବେଳେ ଜଣେ ଯୁବକ ଗୁରୁତର ଥିବା ଜଣାପଡିଛି। ଦୁର୍ଘଟଣା ପରେ ଟ୍ରାଫିକ୍ ଜାମ୍ ସମସ୍ୟା ଦେଖାଯାଇଥିଲା। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜନଗହଳି ରାସ୍ତାରେ ଟ୍ରାଫିକ ନିୟନ୍ତ୍ରଣ କରିବା ସହିତ ଦୁଇ ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଜବତ କରି ଥାନାକୁ ନେଇଥିଲା। ସୂଚନାନୁସାରେ, ମୋ ବସ୍‌ଟି ପଟିଆ ଆଡୁ ଆସି ଯାତ୍ରୀ ଉଠାଇବା ପାଇଁ ଶ୍ରୀବିହାର ଛକରେ ରାସ୍ତା କଡରେ ଠିଆହୋଇଥିବାବେଳେ ପଛରୁ ଆସୁଥିବା ଉକ୍ତ ଘରୋଇ ବସ୍‌ଟି ଧକ୍କାଦେଇଥିଲା।

# ଘର ସହ ଜଳିଗଲେ ବୟସ୍କ ଦମ୍ପତି

## ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ ସନ୍ଦେହ

**ଭୁବନେଶ୍ୱର,୨୪।୭(ସୂର୍ଯ୍ୟକାନ୍ତ ବେହେରା)**



ରାଜଧାନୀରେ ଏକ ଅଭାବନୀୟ ଘଟଣା ଘଟିଛି। ଅଗ୍ନିକାଣ୍ଡ ଘଟି ଘର ସହ ଏକ ବୟସ୍କ ଦମ୍ପତି ଜଳିଯାଇଛନ୍ତି। ରବିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବାବେଳେ ସୋମବାର ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ଉକ୍ତ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଶ୍ୟାମପୁର ଜ୍ଞାନଦୀପ ବସ୍ତିରେ ରହୁଥିବା କନ୍ଧମାଳ ଜିଲା କୋଟଗଡ଼ ଥାନାଞ୍ଚଳର ବିଦେଶୀ ପ୍ରଧାନ (୬୧) ଓ କସ୍ତୁରୀ ପ୍ରଧାନ (୫୧)। ଏନେଇ ପୋଲିସ ପୃଥକ ଅପମୃତ୍ୟୁ ମାମଲା (ନଂ. ୧୬୩/୨୦୨୩), (ନଂ.୧୬୪/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗ୍ୟାସ୍ ଲିକ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ପୋଲିସ ସନ୍ଦେହ କରୁଥିବାବେଳେ ସ୍ଥାନୀୟ ଲୋକେ ବିଦ୍ୟୁତ୍ ଉପକରଣ ବିସ୍ଫୋରଣ ବା ଶର୍ଟସର୍କିଟରୁ ଏହି ଘଟଣା ଘଟିଥିବା ଅନୁମାନ କରୁଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ବିଦେଶୀ ଓ କସ୍ତୁରୀ ବହୁବର୍ଷ ହେବ ଏଠାରେ ରହି ଭରତପୁର ଅଞ୍ଚଳରେ ହୋଟେଲ ବ୍ୟବସାୟ କରି ଚଳୁଥିଲେ। ରବିବାର ରାତି ପ୍ରାୟ ୧୨ଟା ୩୦ରେ ତାଙ୍କ ଘରେ ଥିବା ରନ୍ଧନ ଗ୍ୟାସ୍ ଟାଙ୍କିରୁ ଗ୍ୟାସ୍ ଲିକ୍ ହୋଇଥିଲା। ହେଲେ ସେମାନେ ଏହା ଜାଣିପାରି ନ ଥିଲେ। ତେବେ ମଶାଧୂପ ଲଗାଇବା ଲଗାଇବା ସମୟରେ ଗ୍ୟାସ ନିଆଁ ସଂସ୍ପର୍ଶରେ ଆସିଯିବାରୁ ଘର ସହ ସେମାନେ ଜଳି ଉଠିଥିଲା। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଘଟଣା ଜାଣିବା ପରେ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲା। ପ୍ରାୟ ଏକ ଘଣ୍ଟାର ପ୍ରୟାସ ପରେ ନିଆଁ ଲିଭାଇବା ସହ ଦମ୍ପତିଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ଦମ୍ପତିଙ୍କ ଶରୀରର ପ୍ରାୟ ୬୦ ପ୍ରତିଶତ ପୋଡ଼ିଯାଇଥିଲା। ପରେ ଗୁରୁତର ଅବସ୍ଥାରେ ଉକ୍ତ ଦମ୍ପତିଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ଚାଲିଥିବାବେଳେ ସୋମବାର ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିଯାଇଥିଲା।

ଅନ୍ୟପକ୍ଷରେ ରାତିରେ ବିଦ୍ୟୁତ୍ କାଟ ହୋଇଥିଲା। ରାତି ପ୍ରାୟ ସାଢ଼େ ୧୨ଟାରେ ବିଦ୍ୟୁତ୍ ଆସିବାକ୍ଷଣି ଉକ୍ତ ଦମ୍ପତିଙ୍କ ଘରୁ କିଛି ଶବ୍ଦ ହେବା ସହ ନିଆଁ ଲାଗିଯାଇଥିଲା। ତେଣୁ କୌଣସି ବିଦ୍ୟୁତ୍ ଉପକରଣ ବିସ୍ଫୋରଣରୁ ଘର ସହ ଦମ୍ପତି ଜଳିଯାଇଥିବା ଆଶଙ୍କା କରାଯାଉଛି। ଏନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି।

# ଗିରଫ ହେଲେ ଦୁଇ ଅଭିଯୁକ୍ତ

## ଶିଶୁକନ୍ୟାଙ୍କୁ ବାନ୍ଧି ନିର୍ଯାତନା ଘଟଣା

- ପୋଲିସ ଓ ଡିସିପିୟୁଙ୍କୁ ଶିଶୁ ସୁରକ୍ଷା ଆୟୋଗଙ୍କ ନୋଟିସ୍
- ଶିଶୁକନ୍ୟାଙ୍କ ମାନସିକ, ଶାରୀରିକ ସ୍ଥିତି ସଂକ୍ରାନ୍ତରେ ଜଣାଇବେ ଡିସିପିୟୁ

**ଭୁବନେଶ୍ୱର,୨୪।୭(ସତ୍ୟଜିତ୍ ରାଉତ)**

ଖଣ୍ଡଗିରି ଛକ ନିକଟ ଏକ ହୋଟେଲ ସାମ୍ନାରେ ଜଣେ ଶିଶୁକନ୍ୟାଙ୍କୁ ବାନ୍ଧି ନିର୍ଯାତନା ଦେବା ଘଟଣାରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ସୋମବାର ଗିରଫ ପରେ କୋର୍ଟଚାଲାଣ କରିଛି। ସେମାନେ ହେଲେ ଏଠାରେ ରହି ହୋଟେଲ୍‌ରେ କାମ କରୁଥିବା ଗଞ୍ଜାମ ଜିଲା ଛତ୍ରପୁର ଥାନା ଅନ୍ତର୍ଗତ ନିମପଲ୍ଲୀର ପବିତ୍ର ଦାସ ଓରଫ ସାଗର (୨୨) ଓ ଫୁଲବାଣୀ ଜିଲା ଖଜୁରିପଡ଼ା ଥାନା ଅନ୍ତର୍ଗତ ଉରୁମୁଣ୍ଡାର କାର୍ତ୍ତିକ ଦାସ ଓରଫ କାର୍ତ୍ତିକ ମଲ୍ଲୀକ (୨୦)। ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସ ଉଦ୍ୟମ ଚଳାଇଛି। ଅନ୍ୟପକ୍ଷରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ପକ୍ଷରୁ ଖଣ୍ଡଗିରି ଥାନାଧିକାରୀ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ (ଡିସିପିୟୁ)ଙ୍କୁ ନୋଟିସ୍ କରାଯାଇଛି। ଏହି ନିର୍ଦ୍ଦେଶ କପିକୁ ଭୁବନେଶ୍ୱର ଡିସିପିଙ୍କୁ ମଧ୍ୟ ପଠାଯାଇଛି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଏନେଇ ରିପୋର୍ଟ ଦେବାକୁ କମିଶନଙ୍କ ପକ୍ଷରୁ ପୋଲିସକୁ କୁହାଯାଇଛି। ସେହିଭଳି ଶିଶୁକନ୍ୟାଙ୍କ ମାନସିକ ଓ ଶାରିରୀକ ସ୍ଥିତି କେମିତି ଅଛି, ତାଙ୍କ ପିତାମାତାଙ୍କ ରାଶନ୍ କାର୍ଡ, ଲେବର କାର୍ଡ ଅଛି କି ନାହିଁ ଏବଂ ଶିଶୁକନ୍ୟା ଯେଉଁ ସ୍ଥାନରେ ରହୁଛନ୍ତି ତାହା ସୁରକ୍ଷିତ କି ନୁହେଁ – ଏସବୁ ସଂକ୍ରାନ୍ତରେ ରିପୋର୍ଟ ଦେବାକୁ ଡିସିପିୟୁଙ୍କୁ ନିର୍ଦ୍ଦେଶ ହୋଇଛି। ଏହି ରିପୋର୍ଟ ଦାଖଲ ପାଇଁ କମିଶନଙ୍କ ପକ୍ଷରୁ ୨୦ ଦିନ ସମୟ ଦିଆଯାଇଛି।

ସୂଚନାଯୋଗ୍ୟ, ନିର୍ଯାତିତ ଶିଶୁକନ୍ୟାଙ୍କ ମା' ଖଣ୍ଡଗିରି ଛକ ନିକଟ ଏକ ହୋଟେଲ ପଛପଟେ ରହୁଛନ୍ତି। କିଛିଦିନ ତଳେ ଏହି ନିର୍ଯାତନାର ଭିଡିଓ ଭାଇରାଲ ହୋଇଥିଲା। ଭିଡିଓରେ ୫ରୁ ଉର୍ଦ୍ଧ୍ୱ ଯୁବକ ୧ ବର୍ଷ ୬ ମାସର ଶିଶୁକନ୍ୟାଙ୍କୁ ଝରକା ଗ୍ରିଲରେ ବାନ୍ଧି ଭୟଭୀତ କରିବା ସହ ନିର୍ଯାତନା ଦେଉଥିବା ଦେଖିବାକୁ ମିଳିଥିଲା। ତେବେ ଶିଶୁକନ୍ୟାଙ୍କ ମା' ଉକ୍ତ ହୋଟେଲରେ କାମ କରୁଥିବା ବେଳେ ଭୟରେ ଏନେଇ ଥାନାରେ ଏତଲା ଦେଇ ନ ଥିବା ଚାଇଲ୍ଡଲାଇନ ତଦନ୍ତରେ ଜାଣିବାକୁପାଇଥିଲା। ଏନେଇ ଚାଇଲ୍ଡଲାଇନ ସଦସ୍ୟ ଘନଶ୍ୟାମ ଭୋଇ ଥାନାରେ ଶନିବାର ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୩୦୭/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

# ଗଙ୍ଗୁଆ ନାଳର ପ୍ରଦୂଷିତ ଜଳକୁ ବିଶୋଧନ କରାଯାଉ

**କଣାସ,୨୪।୭(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକର ବଡ଼ାଲ ପାଲାମଣ୍ଡପଠାରେ ସୋମବାର ଗୋଦାବରୀ ବଳିୟାରସିଂଙ୍କ ଅଧ୍ୟକ୍ଷତାରେ ଚିଲିକା, ଦୟା, ମକରା, ରାଜୁଆ ନଦୀର ଜଳ ପ୍ରଦୂଷଣ ବିରୋଧରେ ଏକ ଜନସଭା ଅନୁଷ୍ଠିତ ହୋଇଯାଇଛି। ଚନ୍ଦକା ଅଞ୍ଚଳରୁ ସୃଷ୍ଟି ହୋଇଥିବା ଗଙ୍ଗୁଆ ନାଳ ଭୁବନେଶ୍ୱର ମହାନଗର ନିଗମର ସମସ୍ତ କଠିନ, ତରଳ ଓ ରାସାୟନିକ ବର୍ଜ୍ୟବସ୍ତୁକୁ ନେଇ ପିପିଲି ବ୍ଲକର କଣ୍ଟିଠାରେ ଦୟାନଦୀକୁ ନିଷ୍କାସିତ ହେଉଛି। ଚନ୍ଦକା, ମଞ୍ଚେଶ୍ୱର ଶିଳ୍ପାଞ୍ଚଳର ସମସ୍ତ ବର୍ଜ୍ୟବସ୍ତୁ, ହୋଟେଲ, ଡାକ୍ତରଖାନା, ଶିକ୍ଷା ଅନୁଷ୍ଠାନ, ବ୍ୟବସାୟ ଅନୁଷ୍ଠାନର ବିଷାକ୍ତ ପ୍ରଦୂଷିତ ଜଳକୁ ବିଶୋଧନ କରି ଭୁବନେଶ୍ୱର ଅଞ୍ଚଳରେ ବ୍ୟବହାର କରାଯାଉ। ସ୍ୱରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଆଧୁନିକ ଉପାୟରେ ପ୍ରତିଷ୍ଠା କରାଯାଉ। ଗଙ୍ଗୁଆନାଳର ବିଷାକ୍ତ ଜଳ ବ୍ୟବହାର କରାଯାଉଥିବା କୃଷିକ୍ଷେତ୍ରରେ ପୋଟଳ, କଲରା, ବାଇଗଣ, ଭେଣ୍ଡି, କଖାରୁ, ଧାନ ଓ ଚିନାବାଦାମ ଆଦି ଫସଲ ଉତ୍ପାଦନ ଶକ୍ତି ବହୁ ପରିମାଣରେ ପ୍ରଭାବିତ ହେଉଛି। ଦୂଷିତ ପାଣିକୁ ବ୍ୟବହାର କରୁଥିବା ନଦୀକୂଳିଆ ଜନସାଧାରଣ ଜଣ୍ଡିସ୍, କିଡ୍‌ନୀ, ହୃଦ୍‌ରୋଗ ଓ ଚର୍ମରୋଗ ଆଦିରେ ଆକ୍ରାନ୍ତ ହେଉଛନ୍ତି। ନଦୀରେ ରାଜଦଳ ଭର୍ତ୍ତି ହୋଇଯିବା ଫଳରେ ମତ୍ସ୍ୟଜୀବୀ ଚିଲିକାକୁ ଯାଇପାରୁନାହାନ୍ତି। ନଦୀ ଦୂଷିତ ପାଣି ଓ ରାଜଦଳ ଭର୍ତ୍ତି ଯୋଗୁ ମାର୍ଚ୍ଚ ଓ ଅପ୍ରେଲ ମାସରେ ଅଣ୍ଡା ଦେବାକୁ ଚିଲିକାର ମାଛମାନେ ଆସୁନାହାନ୍ତି। ମତ୍ସ୍ୟଜୀବୀ ତାଙ୍କ ଜୀବିକା ହରାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଚାଲିଯାଉଛନ୍ତି। ଜୀବନ, ଜୀବିକା, ପରିବେଶ ବଞ୍ଚାଇବାକୁ ଆଗାମୀ ଅଗଷ୍ଟ ୭ରେ ବ୍ଲକରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଦିବସରେ ସମସ୍ତଙ୍କୁ ସାମିଲ ହେବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ସାମାଜିକ କର୍ମୀ ସୁକାନ୍ତ ସାମନ୍ତରାୟ, ଅଖିଳ ଭାରତ ମହାସଭା ରାଜ୍ୟ ସମ୍ପାଦକ ଅଶୋକ ପ୍ରଦାନ, ଚିଲିକା ମତ୍ସ୍ୟଜୀବୀ ମହାସଂଘ ନେତା ବିରଞ୍ଚି ବେହେରା, ଅନାମ ବେହେରା, ଯୁଧିଷ୍ଠିର ବେହେରା, ପବିତ୍ର ସୁନ୍ଦରାୟ, ନିର୍ମଳ ସାମନ୍ତରାୟ, ନିମାଇଁ ସାହୁ, ସର୍ବେଶ୍ୱର ଜେନା ପ୍ରମୁଖ ଶତାଧିକ ଦୟା ବଞ୍ଚାଅ ଅଭିଯାନର କର୍ମୀ ବୈଠକରେ ଯୋଗ ଦେଇଥିଲେ।



ପୁରୀ: ରାହଡ଼ମଲ ସେତୁର ପୁନରୁଦ୍ଧାର ପାଇଁ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଗ୍ରାମବାସୀ।

# ସ୍ତ୍ରୀ ଗଳାକାଟି ହତ୍ୟା ଉଦ୍ୟମ, ନର୍ସିଂ ଅଫିସର ଗିରଫ

**ଭୁବନେଶ୍ୱର,୨୪।୭ (ସୂର୍ଯ୍ୟକାନ୍ତ ବେହେରା)**

ଯୌତୁକ ପାଇଁ ସ୍ତ୍ରୀକୁ ଆକ୍ରମଣ କରିବା ସହ ଛୁରିରେ ତାଙ୍କ ଗଳାକୁ କାଟି ହତ୍ୟା ଉଦ୍ୟମ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ସ୍ୱାମୀଙ୍କୁ ତମାଣ୍ଡୋ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଏକ ସରକାରୀ ମେଡିକାଲରେ ନର୍ସିଂ ଅଫିସର ଥିବା ସ୍ଥାନୀୟ ଅଞ୍ଚଳର ଜୟନ୍ତ କୁମାର ପ୍ରଧାନ। ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୋଗକାରିଣୀ ମହିଳାଙ୍କୁ ଅଭିଯୁକ୍ତ ଜୟନ୍ତ ୨୦୨୧ରେ ବିବାହ କରିଥିଲେ। ଉଭୟଙ୍କର ଜଣେ ପୁତ୍ର ସନ୍ତାନ ଅଛନ୍ତି। ଜୟନ୍ତ ଏମ୍ସରେ ଚୁକ୍ତିଭିତ୍ତିକ ନର୍ସିଂ ଅଫିସର ଭାବରେ କାମ କରନ୍ତି। ହେଲେ ବିବାହର କିଛି ମାସ ପରେ ଅଭିଯୁକ୍ତ ଓ ତାଙ୍କ ପରିବାର ସଦସ୍ୟ ଯୌତୁକ ଦାବିକରି ତାଙ୍କୁ ନିର୍ଯାତନା ଦେଉଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଗତ ୯ ତାରିଖରେ ଜୟନ୍ତ ପୁଣି ଯୌତୁକ ଦାବି କରିବା ସହ ତାଙ୍କ ସ୍ତ୍ରୀଙ୍କୁ ବାପଘରକୁ ଚାଲିଯିବାକୁ କହିଥିଲେ। ଏନେଇ ମହିଳା ଜଣକ ମନା କରିବାରୁ ସ୍ୱାମୀ ଜୟନ୍ତ ଆକ୍ରମଣ କରିବା ସହ ଏକ ଛୁରିରେ ତାଙ୍କ ଗଳାକୁ କାଟି ହତ୍ୟା ଉଦ୍ୟମ କରିଥିଲେ। ଏଥିରେ ମହିଳା ମୁହଁ ଓ ବେକରେ ଆଘାତ ଲାଗି ପ୍ରଚୁର ରକ୍ତ ସ୍ରାବ ହୋଇଥିଲା।

# ସମର୍ଥକ ପାଳିଲେ ମୁକ୍ତି ଦିବସ




ଖବରଦାତା ସମ୍ମିଳନୀରେ ବିଜେଡି ନେତା ଓ କର୍ମୀମାନେ।

**ବାଣପୁର(ଶଙ୍କର ବସ୍ତି)/ଗମ୍ଭାରୀମୁଣ୍ଡା, ୨୪।୭(ଦିଲ୍ଲୀପ ସ୍ୱାଇଁ)**

ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ବର୍ଷେ ପର୍ଯ୍ୟନ୍ତ ନିଜ ନିର୍ବାଚନମଣ୍ଡଳୀ ଗସ୍ତ ଓ ସଭାସମିତି କରିବା ଉପରେ ରୋକ ଲଗାଇଥିଲେ ସୁପ୍ରିମକୋର୍ଟ। ମଙ୍ଗଳବାର କଟକଣା ହଟିବାକୁଥିବା ବେଳେ ଜଗଦ୍ଦେବଙ୍କ ସମର୍ଥକମାନେ ପାଳନ କରିଛନ୍ତି ମୁକ୍ତି ଦିବସ। ବିଧାୟକଙ୍କ ପ୍ରତିନିଧି ଜୟନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବାଣପୁର ବାଇପାସ ସ୍ଥିତ ବିଜେଡି କାର୍ଯ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜଗଦ୍ଦେବଙ୍କ ସମର୍ଥକ ଓ କେତେଜଣ ଜନ ପ୍ରତିନିଧି ଉପସ୍ଥିତ ଥିଲେ। ବିଧାୟକଙ୍କ ଶୁଭ ମନାସି ପରସ୍ପର ପରସ୍ପରକୁ ମିଠା ଖୁଆଇ ଅଭିନନ୍ଦନ କରୁଥିବା ଦେଖିବାକୁ ମିଳିଥିଲା। ଆସନ୍ତା ୨୮ ତାରିଖରେ ଜଗଦ୍ଦେବ ନିଜ ନିର୍ବାଚନମଣ୍ଡଳୀ ଚିଲିକା ଆସିବେ ଏବଂ ତାଙ୍କୁ ସମର୍ଥକଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯିବ ବୋଲି ସ୍ୱାଇଁ କହିଛନ୍ତି। ଜଗଦ୍ଦେବ ମା' ଭଗବତୀଙ୍କ ଦର୍ଶନ କରି ପଲଟନ ପଡିଆ ଯିବେ। ସେଠାରେ ତାଙ୍କୁ ବିଭିନ୍ନ ପାଇକ ସଙ୍ଗଠନ ଏବଂ ସମର୍ଥକଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ତେବେ ଜଗଦ୍ଦେବଙ୍କ ଉପରୁ ଦଳୀୟ ନିଲମ୍ବନ ପ୍ରତ୍ୟାହାର ପାଇଁ ଖବରଦାତା ସମ୍ମିଳନୀ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି।

# ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ

**ପୁରୀ,୨୪।୭(ଅଜିତ୍ ମହାନ୍ତି)**

ଶ୍ରାବଣ ମଳ ଶୁକ୍ଳ ଷଷ୍ଠୀ ସୋମବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ନୀତି ସମ୍ପନ କରିଛନ୍ତି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହେବା ପରେ ଦକ୍ଷିଣ ଘର ଭୋଗ ହୋଇଥିଲା। ପରେ ମଇଲମ ନୀତି ଅନୁଷ୍ଠିତ ହୋଇଥିଲା। ଏହାପରେ ଶ୍ରୀଦେବୀ, ଭୂଦେବୀ ଖଟଶେଯ ଘରକୁ ବିଜେ କରିଥିଲେ। ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଏହାପରେ ମହାପ୍ରଭୁଙ୍କ ଖସାପଡ଼ା ନୀତି ନିମନ୍ତେ ଦଇତାପତିମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ସନ୍ଧ୍ୟା ପ୍ରାୟ ୬ଟା ୫ରେ ନୀତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ଏହା ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଥିଲା। ଖସାପଡ଼ା ହେଉଛି ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଦେଉଳକରଣ ଧଳାକନା ଧୋଇ ଶୁଖାଇ ଗାରଦରେ ଜମା ଦେଇଥିଲେ। ଧଳାକନା, ଖଳି ଓ କଇଁଥ ଅଠାକୁ ବ୍ୟବହାର କରି ଦଇତାପତି ସେବକମାନେ ମହାପ୍ରଭୁଙ୍କ ଗୁପ୍ତନୀତି ସମ୍ପନ କରିଥିଲେ।

# ବ୍ୟାଙ୍କ ଆଗରେ ଟଳିପଡ଼ିଲେ ବୃଦ୍ଧ

**ବ୍ରହ୍ମଗିରି,୨୪।୭(ସ୍ୱାଧୀନ ଚମ୍ପତିରାୟ)**

ବ୍ରହ୍ମଗିରି ଥାନା ଅନ୍ତର୍ଗତ ବ୍ରହ୍ମଗିରି ବଜାରସ୍ଥିତ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ଆଗରେ ସୋମବାର ଜଣେ ବୃଦ୍ଧ ବ୍ୟାଙ୍କକୁ ଆସିଥିବା ସମୟରେ ହଠାତ୍ ଟଳିପଡ଼ିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ କୋଠସାହି ଗ୍ରାମର ଦୁର୍ଯ୍ୟୋଧନ ଦଳାଇ। ସୂଚନା ଅନୁଯାୟୀ, ଦୁର୍ଯ୍ୟୋଧନ ବ୍ରହ୍ମଗିରିସ୍ଥିତ ଇଣ୍ଡିଆନ ବ୍ୟାଙ୍କକୁ କାର୍ଯ୍ୟରେ ଆସିଥିଲେ। ହେଲେ ବ୍ୟାଙ୍କ ଖୋଲି ନ ଥିଲା। ସେଠାରେ ହଠାତ୍ ସେ ଟଳିପଡ଼ିଥିଲେ।

# ୬ ମାସ ନ ପୂରୁଣୁ ଫାଟିଲା ରାସ୍ତା

**ଗୋପ,୨୪।୭(ଭାରତୀ ଭୂଷଣ ଉପାଧ୍ୟାୟ)**

## ଭିଜିଲାନ୍ସ ତଦନ୍ତ ଦାବି କଲେ ପଞ୍ଚାୟତବାସୀ



ଚତୁର୍ଦ୍ଦଶ ଅର୍ଥ କମିଶନ ଯୋଜନାରେ ୪ ଲକ୍ଷ ଟଙ୍କା ବ୍ୟୟରେ ଈଶାଣପୁର ପଞ୍ଚାୟତ ଅନ୍ତର୍ଗତ ଡଗରାସାହି –ଅରେଇ କଂକ୍ରିଟ ରାସ୍ତାକୁ ୬ ମାସ ନ ପୂରୁଣୁ ଫାଟି ଆଁ କରିଛି। ଏନେଇ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଏହି ରାସ୍ତା ଉପରେ ମଧ ଲକ୍ଷାଧିକ ଟଙ୍କାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଅର୍ଥ ଆତ୍ମସାତ୍ ହୋଇଥିବା ମଧ ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି।

ପ୍ରକାଶ ଯେ, ଈଶାଣପୁର ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହିତ ଆଉ କେତେକ ସରକାରୀ ଯୋଜନାରେ ଅନିୟମିତତା ଅଭିଯୋଗକୁ ନେଇ ପଞ୍ଚାୟତର ଜନୈକ ବ୍ୟକ୍ତି ଉଚ୍ଚତମ ନ୍ୟାୟାଳୟରେ ଏକ ପିଟିଶନ ଦାଏର କରିଥିଲେ। ଦୀର୍ଘ ୬ ମାସ ତଳେ ପଞ୍ଚାୟତ ପୂର୍ବତନ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ରହିଥିବାବେଳେ ଜଣେ ଶାସକ ଦଳର ବ୍ୟକ୍ତି ଏହି ରାସ୍ତା ନିର୍ମାଣ କରିଥିଲେ। କିନ୍ତୁ ରାସ୍ତା ନିର୍ମାଣକୁ ୬ ମାସ ନ ପୂରୁଣୁ ତାହା ଫାଟି ଆଁ କଲାଣି। ପଞ୍ଚାୟତ ଦାୟିତ୍ୱରେ ରହିଥିବା ଯନ୍ତ୍ରୀ ଜଣଙ୍କ ରାସ୍ତା କାର୍ଯ୍ୟ ନ ଦେଖି ବିଲ୍ କରିବା ସହିତ ମୋଟା ଅଙ୍କର ପିସି ନେଇଥିବାରୁ ଏପରି ହୋଇଥିବା ଗ୍ରାମବାସୀ କହିଛନ୍ତି। ଉକ୍ତ ରାସ୍ତା ଉପରେ ୨ ଗୋଟି ମୌଜାର ୧ ହଜାରରୁ ଅଧିକ ଲୋକ ନିର୍ଭର କରୁଥିବାବେଳେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ ଏହି ରାସ୍ତା ନିର୍ମାଣ ଶେଷ ହୋଇ ପାରିନାହିଁ। ତୁରନ୍ତ ଈଶାଣପୁରରେ ସରକାରୀ ଯୋଜନାରେ କାର୍ଯ୍ୟ ହୋଇଥିବା ସମସ୍ତ କାର୍ଯ୍ୟକୁ ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ କରା ଯିବାକୁ ଦାବି କରାଯାଇଛି। ବିଡ଼ିଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରେ, ରାସ୍ତା କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ଫାଟିଯିବା ନିଶ୍ଚିତ ବୋଲି କହିଥିଲେ। ଆଉ ଅନ୍ୟ ଯୋଜନାରେ ଅନ୍ତର୍ଭୁକ୍ତ ବିଲ୍ ବନ୍ଦ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏପରି ଅଭିଯୋଗ ପରେ ଖୁବ୍‌ଶୀଘ୍ର ଏହି ରାସ୍ତାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ଦୀପ୍ତିରାଣୀ ଦାସ କହିଛନ୍ତି।

# ପଞ୍ଚାୟତ ମିଶନଶକ୍ତି ଗୃହରେ ତାଲା ପଡ଼ିବାକୁ ନେଇ ପ୍ରତିବାଦ

**ନିମାପଡ଼ା,୨୪।୭(ବିଚିତ୍ରାନନ୍ଦ ସାହୁ)**



ନିମାପଡ଼ା ବ୍ଲକ ଅଧୀନ ତେରୁଣ୍ଡିଆ ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଗୃହରେ ଦୀର୍ଘ ୨ ବର୍ଷ ହେଲା ସ୍ୱୟଂପ୍ରଭା ପଞ୍ଚାୟତ ମିଶନ ଶକ୍ତି କାର୍ଯ୍ୟାଳୟ ଚାଲିଥିଲା। ହେଲେ ରବିବାର ମିଶନ ଶକ୍ତି ବୈଠକ ପୂର୍ବରୁ ସରପଞ୍ଚଙ୍କ ସ୍ୱାମୀ ଚିତ୍ତରଞ୍ଜନ ପ୍ରଧାନ କୌଣସି କାରଣରୁ ମିଶନ ଶକ୍ତି ଚାଲିଥିବା ଗୃହକୁ ତାଲା ପକାଇ ଦେଇଥିଲେ। ଫଳରେ ବୈଠକ ହୋଇ ନ ପାରି ମହିଳାମାନେ ନିରାଶ ହୋଇ ଫେରିଥିଲେ। ଏହି ତାଲା ପଡ଼ିବା ପ୍ରତିବାଦରେ ପଞ୍ଚାୟତ ମିଶନଶକ୍ତିର ସଭାନେତ୍ରୀ କ୍ଷୀରମଣି ନାୟକ, ସମ୍ପାଦିକା ଜୟଲକ୍ଷ୍ମୀ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ମହିଳା ତାତିବା, ମାତିବା ସହ ସୋମବାର ବ୍ଲକ କାର୍ଯ୍ୟାଳୟକୁ ଆସି ନାରାବାଜି, ହୋହଲ୍ଲା କରିବା ସହ କିଛି ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଆନ୍ଦୋଳନରେ ମିଶନଶକ୍ତିର ଏମ୍‌ବିକେ ମିରା ମଞ୍ଜରୀ ସାହୁ, ବ୍ୟାଙ୍କ ମିତ୍ର ଲିପିକା ନାୟକ, ସିଆର୍‌ପି ତିଳୋତ୍ତମା ସାହୁ, ସଞ୍ଚିତା ବିବିଙ୍କ ସମେତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ସାମିଲ ହୋଇଥିଲେ। ପରେ ମିଶନଶକ୍ତିର କର୍ମକର୍ତ୍ତାମାନେ ବିଡିଓ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଓଏଲ୍‌ଏମ୍‌ର ବିପିଏମ୍‌ଙ୍କ ସମେତ ସିଡିପିଓଙ୍କ କାର୍ଯ୍ୟାଳୟରେ ଅଭିଯୋଗପତ୍ର ଦେଇଥିଲେ। ଏ ସମ୍ପର୍କରେ ବିଡିଓ ବସନ୍ତ ମଲ୍ଲିକଙ୍କୁ ପଚାରିବାରେ, ସରକାରଙ୍କ ଗାଇଡଲାଇନ ଅନୁସାରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ବ୍ୟାଙ୍କ ଖୋଲାଯିବ, ତେଣୁ ପଞ୍ଚାୟତରେ ନୂତନ ଭାବେ ନିର୍ମିତ ହୋଇଥିବା ମିଶନଶକ୍ତି ଗୃହକୁ ହସ୍ତାନ୍ତର କରାଯିବ, ସେହି ନୂତନ ଗୃହରେ ମିଶନଶକ୍ତି ଖୁବ୍‌ଶୀଘ୍ର କାର୍ଯ୍ୟ କରିବ ବୋଲି କହିଥିଲେ। ଏ ସମ୍ପର୍କରେ ସିଡିପିଓ ଦାୟିତ୍ୱରେ ଥିବା ମିଶନଶକ୍ତି ସଂଯୋଜକ ଦେବକୀ ସାହୁଙ୍କୁ ପଚାରିବାରେ, ନବନିର୍ମିତ ମିଶନଶକ୍ତି ଗୃହ ଅଦ୍ୟାବଧି ସିଡିପିଓଙ୍କୁ ହସ୍ତାନ୍ତର ହୋଇନାହିଁ। ହସ୍ତାନ୍ତର ହେବା ପରେ ପଞ୍ଚାୟତ ମିଶନଶକ୍ତି ସିଡିପିଓଙ୍କୁ ବିଧି ମୁତାବକ ଆବେଦନ କରିବା ପରେ ମିଶନଶକ୍ତିକୁ ଏହି ନୂତନ ଗୃହ ହସ୍ତାନ୍ତର କରାଯାଇ ଯୋଗାଇ ଦିଆଯିବ ବୋଲି ସାହୁ କହିଛନ୍ତି। ଏନେଇ ସରପଞ୍ଚଙ୍କ ସ୍ୱାମୀ ଯୁବନେତା ଚିତ୍ତରଞ୍ଜନଙ୍କୁ ପଚାରିବାରେ, ସେ ମିଶନଶକ୍ତି ଗୃହ ଆଦୌ ତାଲା ପକାଇ ନାହାନ୍ତି। ମହିଳାମାନେ ତାଙ୍କ ବିରୋଧରେ ଆଣିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା, ଭିତ୍ତିହୀନ। ସଂରକ୍ଷିତ ସ୍ଥାନରେ ସଠିକ୍ ଜାଗାରେ ସରକାରୀ ନୀତି ନିୟମ ଅନୁସାରେ ନୂତନ ମିଶନଶକ୍ତି ଗୃହ ନିର୍ମାଣ କରାଯାଇଛି। ନୂତନ ମିଶନଶକ୍ତି ଗୃହକୁ ମିଶନଶକ୍ତି କାର୍ଯ୍ୟାଳୟ ସ୍ଥାନାନ୍ତରିତ କରାଯାଇ ସେଠାରେ କାର୍ଯ୍ୟ କରାଯିବା ଆବଶ୍ୟକ ବୋଲି ଯୁବନେତା ପ୍ରଧାନ କହିଛନ୍ତି।

## ସଂକ୍ଷେପରେ

### ବ୍ୟାଙ୍କ ଆଗରେ ଟଳିପଡ଼ିଲେ ବୃଦ୍ଧ

ବ୍ରହ୍ମଗିରି,୨୪।୭(ସ୍ୱାଧୀନ ଚମ୍ପତିରାୟ): ବ୍ରହ୍ମଗିରି ଥାନା ଅନ୍ତର୍ଗତ ବ୍ରହ୍ମଗିରି ବଜାରସ୍ଥିତ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ଆଗରେ ସୋମବାର ଜଣେ ବୃଦ୍ଧ ବ୍ୟାଙ୍କକୁ ଆସିଥିବା ସମୟରେ ହଠାତ୍ ଟଳିପଡ଼ିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ କୋଠସାହି ଗ୍ରାମର ଦୁର୍ଯ୍ୟୋଧନ ଦଳାଇ । ମିଳିଥିବା ସୂଚନା ଅନୁଯାୟୀ, ଦୁର୍ଯ୍ୟୋଧନ ସୋମବାର ବ୍ରହ୍ମଗିରିସ୍ଥିତ ଇଣ୍ଡିଆନ ବ୍ୟାଙ୍କକୁ କୌଣସି କାର୍ଯ୍ୟରେ ଆସିଥିଲେ। ହେଲେ ସେତେବେଳେ ବ୍ୟାଙ୍କ ଖୋଲି ନ ଥିଲା। ଫଳରେ ସେଠାରେ ସେ ବ୍ୟାଙ୍କ ବାହାରେ ଅପେକ୍ଷା କରି ରହିଥିଲେ। ହେଲେ କିଛି ସମୟ ପରେ ହଠାତ୍ ସେ ଟଳିପଡ଼ିଥିଲେ। ଖବର ପାଇ ପରିବାର ଲୋକେ ଆସି ଦୁର୍ଯ୍ୟୋଧନଙ୍କୁ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ମାନସିକ ବିକାରଗ୍ରସ୍ତ ବୃଦ୍ଧାଙ୍କୁ ବଳାତ୍କାର, ଯୁବକ ଗିରଫ

ନିମାପଡ଼ା,୨୪।୭(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ଥାନା ଅଞ୍ଚଳର ଜଣେ ମାନସିକ ବିକାରଗ୍ରସ୍ତ ୬୫ ବର୍ଷୀୟାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଅଧୀନ ମିଟେଇପୁର ପଞ୍ଚାୟତ ମାଲିସାହି ଗ୍ରାମର ବନ ଦାସ(୨୭)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ପୋଲିସ ୨୫୫/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ବୃଦ୍ଧାଙ୍କ ଲୁଗାପଟା ଜବତ କରିଛି। ଏଥିସହ ନିମାପଡ଼ା ମେଡିକାଲରେ ଦୁହିଁଙ୍କ ଡାକ୍ତରୀ ମାଇନା କରାଇଛି। ସହକାରୀ ସାଇଣ୍ଟିଫିକ୍ ଅଫିସର ଆଦିତ୍ୟ ରଞ୍ଜନ ନାୟକ ସାଇଣ୍ଟିଫିକ୍ ଟିମ୍ ସହ ସୋମବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

### ପୂର୍ବ ବିବାଦକୁ କେନ୍ଦ୍ର କରି ୨ ଭଉଣୀଙ୍କୁ ଆକ୍ରମଣ

ନିମାପଡ଼ା,୨୪।୭(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ଥାନା ଅଧୀନ ମିଟେଇପୁର ଗ୍ରାମରେ ପୂର୍ବ ବିବାଦକୁ କେନ୍ଦ୍ର କରି କିଛି ଜଣ ମିଶି ଦୁଇ ଭଉଣୀଙ୍କୁ ଆକ୍ରମଣ କରିବା ସହ ତାଙ୍କ ଆସବାବପତ୍ର ଭାଙ୍ଗି ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ୩ ଗଣ୍ଡଗୋଳକାରୀଙ୍କ ବିରୋଧରେ ୨୫୬/୨୩ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ଶିବ ଦାସ, ଦଣ୍ଡାନୀ ଦାସ, ଯମୁନା ଦାସ ପ୍ରମୁଖ ମିଶି ଗ୍ରାମର ପରୀ ଦାସଙ୍କୁ ରବିବାର ତାଙ୍କ ଘର ଆଗରେ ଅତି କଦର୍ଯ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ପରୀ ଏଥିରେ ପ୍ରତିବାଦ କରିବାରୁ ଗଣ୍ଡଗୋଳକାରୀ ତାଙ୍କୁ ଟଣାଓଟରା ସହ ମାଡ଼ ମାରି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ପରୀଙ୍କ ଭଉଣୀ ଜାନକୀ ଦାସ ଆସି ଏଥିରେ ପ୍ରତିବାଦ କରିବାରୁ ତାଙ୍କୁ ମଧ ସେମାନେ ମାଡ଼ ମାରି ଦୁର୍ବ୍ୟବହାର କରି ଧମକଚମକ ଦେଇଥିଲେ। ଏପରିକି ଆକ୍ରମଣକାରୀ ପରୀଙ୍କ ଘରେ ପଶି ଘରର ଆସବାବପତ୍ର ଓ ଆଜବେଷ୍ଟକୁ ପିଟି ଭଙ୍ଗାରୁଜା କରିବା ସହ ୮ ହଜାର ଟଙ୍କା ଲୁଟି ନେଇଥିଲେ।

# ବିଲୁପ୍ତପ୍ରାୟ ଲାଲ ଟୁକ୍ ଟୁକ୍ ସାଧବବୋହୂ

## ମାତ୍ରାଧିକ କୀଟନାଶକ ବ୍ୟବହାର ଯୋଗୁ ଆସୁ ନ ଥିବା ସନ୍ଦେହ

କାକଟପୁର,୨୪।୭(ଶୁଭଦର୍ଶନ ମିଶ୍ର)



ମୌସୁମୀ ସାଙ୍ଗକୁ ଆକାଶରୁ ଝରି ପଡ଼େ ଟିପ ଟିପ ବର୍ଷା। ସବୁଜିମାରେ ଭରିଯାଏ ବସୁନ୍ଧରା। ତା'ସାଙ୍ଗକୁ ସବୁଜିମାକୁ ଆହୁରି ସୁନ୍ଦର କରିଦିଏ ଲାଲ ଟୁକ ଟୁକ ସାଧବ ବୋହୂ। ଓଡ଼ିଆ ଢଗ ଢମାଳିରେ ଗୋଟିଏ କଥା ଅଛି। ନାଲି ଟୁକୁଟୁକୁ ସାଧବ ବୋହୂ, ମେଘ ବରଷାରେ କୁଆଡ଼େ ଯାଉ। ବର୍ଷାର ପ୍ରଥମ ଅସରା ଯେତେବେଳେ ଧରାପୃଷ୍ଠକୁ ସ୍ପର୍ଶ କରେ ସେତେବେଳେ ନିଜର ସୁନ୍ଦର ରୂପରେ ସମସ୍ତଙ୍କ ମନ ମୋହି ନିଏ ସାଧବ ବୋହୂ। ନାଲି ରଙ୍ଗ ଆବରଣରେ ସବୁଜ ଧରଣୀକୁ ଅଧିକ ଆକର୍ଷଣୀୟ କରନ୍ତି ଏମାନେ। ସାଧବବୋହୂକୁ ଶୁଖ ଓ ସମୃଦ୍ଧିର ବାର୍ତ୍ତାବହ ବୋଲି ବିଶ୍ୱାସ କରନ୍ତି ଚାଷୀକୂଳ। କାହିଁ କେଉଁ କାଳରୁ ଚାଷୀ ଭାଇର ସାଥୀ ପାଲଟିଛି ସାଧବ ବୋହୂ। ସାଧବବୋହୂକୁ ଦେଖି ଏ ବର୍ଷ ଭଲ ଫସଲ ହେବ ବୋଲି ଅନୁମାନ କରିନିଏ ଚାଷୀ ଭାଇ। କିନ୍ତୁ ଚାଷୀକୂଳଙ୍କ ସେହି ବିଶ୍ୱାସ ଧୀରେ ଧୀରେ ମଳିନ ହେବାରେ ଲାଗିଛି। ବିକାଶର ପ୍ରଶସ୍ତ ପଥ ଉପରେ ନିଜର କୁନି କୁନି ପାଦ ରଖିବାକୁ ଆଉ ସ୍ଥାନ ପାଉନାହିଁ ସାଧବବୋହୂ। ବର୍ତ୍ତମାନ ଯେଭଳି ୬ଟି ଋତୁ ମଧ୍ୟରେ କେବଳ ବର୍ଷା, ଖରା, ଶୀତକୁ ଅନୁଭବ କରୁଥିବାବେଳେ ଅନ୍ୟ ଋତୁ ସବୁ ଦେଖିବାକୁ ମିଳୁନି। ଠିକ୍ ସେହିଭଳି ଏହି ସାଧବ ବୋହୂ ପୋକ ମଧ ଦେଖିବାକୁ ମିଳୁ ନାହିଁ। ଋତୁ ଉଭେଇ ଯିବାଭଳି ସାଧବ ବୋହୂ ପୋକ ମଧ ବିଲୁପ୍ତ ହେବାରେ ଲାଗିଲାଣି। ଉ ତ୍ତ ପ୍ତ ଖ ର । ଦି ନ ରେ କେଉଁଆଡେ ଉଭାନ ହୋଇଯାଉଥିବା ଏହି ପୋକ ବର୍ଷା ହେବା ମାତ୍ରେ କେଉଁଠୁ ଯେ ଆବିର୍ଭାବ ହୁଅନ୍ତି ତାହା କେହି ଜାଣି ନାହାନ୍ତି। ସାଧବ ବୋହୂ ନାଁଟି କେଉଁଠୁ ଆସିଛି ତାହା ମଧ କହିପାରିବା କଷ୍ଟ। ସାଧବଘର ବୋହୂ ନାଲିପାଟ ଶାଢ଼ି ପିନ୍ଧିବା ପରେ ଯେମିତି ସୁନ୍ଦର ଦେଖାଯାଏ, ସେମିତି ସୁନ୍ଦର ଏହି ପୋକ ଦେଖାଯାଉଥିବାରୁ ବୋଧହୁଏ ତାକୁ ମଧ ସାଧବବୋହୂ ବୋଲି କୁହାଯାଏ। ଭିନ୍ନ ଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ନାଁରେ ଜଣା ଶୁଣା ଏହି କୁନି କୀଟଟି। କେଉଁଠି ବୀର ବାହୁଟି, କେଉଁଠି ରାନୀ କିଡା, ସ୍କାଲେଟ ଫ୍ଲାଏ, ତ କେଉଁଠି ରେନ ବଗ ।ପ୍ରକୃତିରେ ଅନେକ ସୁନ୍ଦର ସୃଷ୍ଟି ମଧ୍ୟରୁ ଅନ୍ୟତମ ହେଉଛି ସାଧବ ବୋହୂ। ତେବେ ମଣିଷ ଯୋଗୁ ଆଜି ଏ କୁନି ଜୀବଟି ମଧ ଖୋଜୁଛି ନିଜ ଜୀବନର ସତ୍ତା। ଦିନ ଥିଲା ବର୍ଷା ପଡ଼ିବା ମାତ୍ରେ ଘାସ ଉପରେ ହସି ଉଠୁଥିଲେ ଅନେକ ସାଧବ ବୋହୂ। ଏବେ କିନ୍ତୁ ସେ ଦୃଶ୍ୟ ବିଲୁପ୍ତ। ଚାଷୀମାନେ ନିଜ କ୍ଷେତରେ ବହୁଳ ମାତ୍ରାରେ ରାସାୟନିକ ସାର ଏବଂ କୀଟନାଶକ ପ୍ରୟୋଗ ଯୋଗୁ ନ ଦେଖାଯିବାର ଏହାର ମୁଖ୍ୟ କାରଣ ବୋଲି କୁହାଯାଇପାରେ । ଯଥାଶୀଘ୍ର ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ନଚେତ ବିରଳ ଜୀବଙ୍କ ତାଲିକାରେ ସାଧବ ବୋହୂର ନାଁ ବି ଖୁବ୍‌ଶୀଘ୍ର ଯୋଡ଼ି ହୋଇଯିବ ବୋଲି ପରିବେଶବିତ ଶୋଭାକାର ଯାଦବ କୁହନ୍ତି।

# ଅସ୍ତରଙ୍ଗର ମୌଳିକ ସମସ୍ୟା ଉପରେ ଆଲୋଚନା



ବୈଠକରେ ଅସ୍ତରଙ୍ଗ ସାମ୍ବାଦିକ ସଂଘର ସଦସ୍ୟ ଓ ଅନ୍ୟମାନେ ।

ଅସ୍ତରଙ୍ଗ,୨୪।୭(ମମତା ଜେନା)

ଅସ୍ତରଙ୍ଗ ବ୍ଲକ ମୁଖ୍ୟ ବଜାର ଲକ୍ଷ୍ମୀକଲ୍ୟାଣ ମଣ୍ଡପଠାରେ ଅସ୍ତରଙ୍ଗ ସାମ୍ବାଦିକ ସଂଘର ଏକ ସ୍ୱତନ୍ତ୍ର ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଧୃଶାସନ ନାୟକଙ୍କ ନେତୃତ୍ୱରେ ଏହି ବୈଠକ ହୋଇଥିଲା। ଅସ୍ତରଙ୍ଗ ଅଞ୍ଚଳର ରାସ୍ତା, ପାନୀୟଜଳ, ବିଦ୍ୟୁତ୍, ହସ୍ପିଟାଲ, ଲୋକଙ୍କ ମୌଳିକ ସୁବିଧା ଉପରେ ଗୁରୁତ୍ୱ ଦିଆଯିବା ସହ ଆଲୋଚନା କରାଯାଇଥିଲା। ଅସ୍ତରଙ୍ଗ ଅଞ୍ଚଳରେ ୭ଟି ସ୍ମାର୍ଟ ବିଦ୍ୟାଳୟକୁ ରୂପାନ୍ତରିତ କରାଯାଇଛି। ଛାତ୍ରୀଛାତ୍ରମାନେ ଡିଜିଟାଲ ଶିକ୍ଷା ପାଇବା ସହ ସ୍ମାର୍ଟ ବିଦ୍ୟାଳୟରେ ମୌଳିକ ସୁବିଧା ମଧ ପାଉଛନ୍ତି। ଅସ୍ତରଙ୍ଗ ଅଞ୍ଚଳରେ ଶିକ୍ଷାର ଭିତ୍ତିଭୂମି ବିକାଶକୁ ଦୃଷ୍ଟିରେ ରଖି ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକଙ୍କୁ ଏହି ବୈଠକରେ ଜନହିତକର କାର୍ଯ୍ୟ ପାଇଁ ପ୍ରଶଂସା କରାଯାଇଥିଲା। ବିଭିନ୍ନ ସମୟରେ ଅନେକ ସାଧାରଣ ବୁଦ୍ଧିଜୀବୀ ତହସିଲ, ବ୍ଲକ, ମେଡିକାଲ, ଥାନାରେ ନ୍ୟାୟ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘ ସେହି ଜନସାଧାରଣଙ୍କ ସ୍ୱର ହୋଇ ଆଗାମୀ ଦିନରେ ତାଙ୍କ ନ୍ୟାୟ ପାଇବା ପାଇଁ ଅଭିଯାନ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ସଂଘ ପରାମର୍ଶଦାତା ସାମ୍ବାଦିକ ନିରଞ୍ଜନ ଦାସ, ସମ୍ପାଦକ ଲୋକନାଥ ନାୟକ, ଆଇନ ପରାମର୍ଶଦାତା ଦିବ୍ୟଦର୍ଶୀ ବିଶ୍ୱାଳ, କୋଷାଧ୍ୟକ୍ଷ ସମୀର କର, ଉପଦେଷ୍ଟା ସାମ୍ବାଦିକ ଶରତ ପରିଡ଼ା, ମମତା ଜେନାଙ୍କ ସମେତ ସଭ୍ୟ ବୃନ୍ଦାବନ ବିଶ୍ୱାଳ, ମନୋଜ ବିଶ୍ୱାଳ, ପ୍ରିୟବ୍ରତ ମୁଦୁଲି ଯୋଗଦେଇଥିଲେ।



ପୁରୀ ସଦର ବ୍ଲକରେ ଦୁର୍ନୀତି ନେଇ ପ୍ରତାପପୁରୁଷୋତ୍ତମପୁର ପଞ୍ଚାୟତର ଲୋକମାନେ ସୋମବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରିଛନ୍ତି ।

# ପ୍ରତ୍ୟେକ ମଣିଷ ଗଛ ଲଗାଇବା ଆବଶ୍ୟକ

ପୁରୀ,୨୪।୭( ଅଜିତ୍ ମହାନ୍ତି )

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆହ୍ୱାନକୁ ପାଳନ କରିବାକୁ ଯାଇ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀର କୁଳପତି ପ୍ରଫେସର ଶ୍ରୀନିବାସ ବରଖଡ଼ିଙ୍କ ନେତୃତ୍ୱରେ ଶ୍ରୀ ସଦାଶିବ ପରିସରର ଛାତ୍ରାବାସ ନିକଟରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ଅତୁଲ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ପେଣ୍ଟକଟାସ୍ଥ ଶ୍ରୀ ବାଲ୍ମିକୀ ଛାତ୍ରାବାସ ପରିସରରେ ବୃହତ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆମ୍ବ, ଜାମୁ, ନିମ, ପିଜୁଳି, ପଣସ, ବଉଳ, ଇତ୍ୟାଦି ୪୦୦ ପ୍ରକାରର ଚାରା ପରିସରର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀଛାତ୍ର ଏବଂ କର୍ମଚାରୀମାନଙ୍କ ଦ୍ୱାରା ରୋପଣ ହୋଇଥିଲା। ବୃକ୍ଷ ହିଁ ଆମ ଜୀବନ, ଆମର ଜୀବନଦାତା ଭାବେ ପ୍ରତ୍ୟେକ ମନୁଷ୍ୟ ବୃକ୍ଷ ଲଗାଇବା ଆବଶ୍ୟକ ବୋଲି ପରିସରର ନିର୍ଦ୍ଦେଶକ ପ୍ରଫେସର ନନ୍ଦ ମତପୋଷଣ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରଫେସର ବିଜୟପାଲ କଚ୍ଛୱା, ଡ.ଧର୍ମେନ୍ଦ୍ର କୁମାର ସିଂହଦେଓ, ପ୍ରଫେସର ଗଣପତି ଶୁକ୍ଳା, ସୁଶାନ୍ତ କୁମାର ଶତପଥୀ, ଡ. ରୁଦ୍ରପ୍ରସାଦ ମିଶ୍ର, ଡ. ଅନିଲ କୁମାର ଦାସ, ଶିବାର୍ଚ୍ଚିତ ମିଶ୍ର, ଡ.ଅଜୟ କୁମାର ସାହୁ, ଡ. ବିଶ୍ୱନାଥ ପତିଙ୍କ ସମେତ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ସୁରେନ୍ଦ୍ର ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ଓ ଅଧ୍ୟାୟୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଆଧୁନିକ ବିଭାଗର ବରିଷ୍ଠ ଅଧ୍ୟାପକ ବିଶ୍ୱନାଥ ମିଶ୍ର ସଂଯୋଜନା କରିଥିଲେ।

# ନିଖିଳ ଉତ୍କଳ ପାଟରା ସମିତିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

ପୁରୀ,୨୪।୭(ଅଜିତ୍ ମହାନ୍ତି)

ନିଖିଳ ଉତ୍କଳ ପାଟରା ସମିତି, ପାଟବୈଶ୍ୟ ମହାସଭା ଚଉଦ ଚକଲାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ କୁଣ୍ଢେଇ ବେଣ୍ଟ ସାହିସ୍ଥିତ ପାଟରା ମଠରେ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ପଦାଧିକାରୀ, ଥାନପତି ଓ ବଡ଼ଥାନ ପତିମାନଙ୍କ ପ୍ରଶିକ୍ଷଣ, ଭୁବନେଶ୍ୱରଠାରେ ଆଗାମୀ ଗହ୍ମା ପୂର୍ଣ୍ଣିମା ଅବସରରେ ପୂର୍ବବର୍ଷ ପରି ପ୍ରତିକାତ୍ମକ ଭାବେ ଗହ୍ମାପର୍ବ ପାଳନ, ନିର୍ମାଣାଧୀନ ପାଟରା ଭକ୍ତ ନିବାସର ପୂର୍ଣ୍ଣାଙ୍ଗୀକରଣ ସହିତ ଅନ୍ୟ କେତେକ ସାଂସ୍କୃତିକ ଓ ସେବାମୂଳକ କାର୍ଯ୍ୟକ୍ରମମାନ କରାଯିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ସାଧାରଣ ସମ୍ପାଦକ ସଞ୍ଜୟ କୁମାର ପାତ୍ର ସମ୍ପାଦକୀୟ ସୂଚନା ପ୍ରଦାନ କରିଥିବା ବେଳେ ଉପସଭାପତି ମନୋଜ ସାହୁ ଆୟବ୍ୟୟର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ଶ୍ରୀନାଥ ଖୁଣ୍ଟିଆ, ଉପସଭାପତି କୃଷ୍ଣଚନ୍ଦ୍ର ପାତ୍ର, ରବୀନ୍ଦ୍ରନାଥ ସେନାପତି, ଫଗୁଭୂଷଣ ଦାସ, ସମ୍ପାଦକ ଦିବାକର ସାହୁ, ବଲ୍ଲଭ ସାହୁ, ଆର୍ତ୍ତ ପାତ୍ର, ଉପଦେଷ୍ଟା ନାରାୟଣ ପାତ୍ର, ଦୀନବନ୍ଧୁ ସାହୁ, ଲକ୍ଷ୍ମୀଧର ପୃଷ୍ଟି ପ୍ରମୁଖ ଆଲୋଚନାରେ ଭାଗ ନେଇ ଥିବାବେଳେ ଚଉଦ ଗୋଟି ଚକଲାରୁ ଦୁଇଶହ ପ୍ରତିନିଧି ଯୋଗଦେଇଥିଲେ। ଅନିଲ ଚୌଧୁରୀ, ପ୍ରିୟବ୍ରତ ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମଠ ପରିଚାଳନା ସବ୍‌କମିଟିରେ ଆବାହକ ଶରତ ଚନ୍ଦ୍ର ପାତ୍ର, ଜଟାଧାରୀ ପୃଷ୍ଟି, ସୌଭାଗ୍ୟ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଦେଲା ଶ୍ରୀଜଗନ୍ନାଥ ସେନା

## ୬ ପ୍ରଶ୍ନ କଲେ ପ୍ରିୟଦର୍ଶନ ପଟ୍ଟନାୟକ

ପୁରୀ ୨୪।୭( ଅଜିତ୍ ମହାନ୍ତି)

ଭକ୍ତମାନଙ୍କ ନିମନ୍ତେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ନେଇ ବିଭିନ୍ନ ସଂଗଠନଠାରୁ ଆରମ୍ଭ କରି ବିଭିନ୍ନ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଦାବି କରାଯିବା ପରେ ପୁରୀବାସିନ୍ଦାଙ୍କ ନିମନ୍ତେ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ପଶ୍ଚିମଦ୍ୱାର ଖୋଲାଯାଇଛି। ପୁରୀବାସୀମାନେ ସେମାନଙ୍କ ପରିଚୟପତ୍ର ଦେଖାଇ ପଶ୍ଚିମଦ୍ୱାର ପଟେ ଶ୍ରୀମନ୍ଦିରକୁ ପ୍ରବେଶ କରୁଛନ୍ତି। ତେବେ ପ୍ରଶାସନ ପକ୍ଷରୁ ପୁରୀବାସୀଙ୍କ ପାଇଁ ଖୋଲାଯାଇଥିବା ନିଷ୍ପତ୍ତିକୁ ନେଇ ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ୬ଟି ପ୍ରଶ୍ନ ପଚାରିଛନ୍ତି। ସେହିପରି ଭକ୍ତଙ୍କ ପାଇଁ ଚାରିଦ୍ୱାର ଖୋଲା ନ ଯିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସୂଚନା ଦେଇଛନ୍ତି। ପଟ୍ଟନାୟକ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଶ୍ରୀମନ୍ଦିର ପଶ୍ଚିମଦ୍ୱାର ଖୋଲିବା ନେଇ ପ୍ରଶାସନର ଷଡ଼ଯନ୍ତ୍ର ଧରାପଡ଼ିଲା। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ସୁର୍ଦ୍ଦଶନ ପଟ୍ଟନାୟକଙ୍କୁ ଲଗାଇ ଓ କୁହାଇ ପଶ୍ଚିମଦ୍ୱାର ଖୋଲିବା ଏକ ଷଡ଼ଯନ୍ତ୍ର। ଯେପରି ସମସ୍ତେ ଭାବିବେ ସରକାର ଏହାକୁ ଖୋଲିଲେ। ସେହିପରି ଗଠନ ହୋଇଥିବା ସବ୍‌କମିଟିର ବୈଠକ ବସି ନାହିଁ କିମ୍ବା ସବ୍‌କମିଟି କୌଣସି ନିଷ୍ପତ୍ତି ନେଇ ନ ଥିବାବେଳେ ଯଦି ପଶ୍ଚିମଦ୍ୱାର ଖୋଲିପାରୁଛି, ତେବେ ଚାରିଦ୍ୱାର ଖୋଲାହେଲା ନାହିଁ କାହିଁକି। ତେଣୁ ଏହି ସବ୍‌କମିଟି ଏକ ପ୍ରହସନ ଓ ଖେଳଣା କଣ୍ଢେଇ। ଅପରପକ୍ଷେ ମନ୍ତ୍ରୀ କହୁଛନ୍ତି ଦକ୍ଷିଣ ଦ୍ୱାର ଓ ଉତ୍ତର ଦ୍ୱାରଠାରେ କାମ ଚାଲିଥିବାରୁ କାଳେ ଲୋକେ ଆହତ ହେବେ ତେଣୁ ଅନ୍ୟଦ୍ୱାର ଖୋଲୁନାହିଁ। ବୋଧହୁଏ ମନ୍ତ୍ରୀ ଜାଣିନାହାନ୍ତି ଏବେ ମଧ ଦକ୍ଷିଣଦ୍ୱାର ବାଟେ ସେବାୟତ ଓ ଉତ୍ତର ଦ୍ୱାର ପଟେ ସାଧରଣ ଭକ୍ତ ଯିବାଆସିବା କରୁଛନ୍ତି। କାହିଁ କିଏ ଆହତ ହେଉ ନାହାନ୍ତି। ସେହିପରି ପଶ୍ଚିମ ଦ୍ୱାରକୁ ଯିବାକୁ ହେଲେ ପୁରୀବାସୀ ଦକ୍ଷିଣ ଏବଂ ଉତ୍ତର ଦ୍ୱାର ହୋଇ ପଶ୍ଚିମଦ୍ୱାର ପଟକୁ ଯିବେ, ସେତେବେଳେ କେହି ଆହତ ହେବେନି ତା। କୋଭିଡ୍ ସମୟରେ ବନ୍ଦ ହୋଇଥିବା ଚାରିଦ୍ୱାର କୋଭିଡ୍ ପରେ କାହିଁକି ଖୋଲାଯାଉ ନାହିଁ। ଏହାର ରହସ୍ୟ କ'ଣ, କିଏ ମନା କରିଛି ଖୋଲିବାକୁ। ସୁର୍ଦ୍ଦଶନ ପଟ୍ଟନାୟକଙ୍କ ଭଳି ସରକାର ତାଙ୍କର ନିଜ ରାଜନୈତିକ ପ୍ରାର୍ଥୀଙ୍କୁ ଖୋଜୁଛନ୍ତି କି ଯିଏ ସ୍ୱର ଉତ୍ତୋଳନ କଲେ ଚାରିଦ୍ୱାର ଖୋଲିବ ଓ ସରକାରୀ ଦଳ ତା'ର ରାଜନୈତିକ ଫାଇଦା ନେଇପାରିବେ ବୋଲି କି। ଆଗରୁ ମଧ୍ଯ ପଶ୍ଚିମ ଦ୍ୱାର ପୁରୀ ବାସୀଙ୍କ ପାଇଁ ଖୋଲାଯାଇଥିଲା ପରେ ଏହାକୁ ବନ୍ଦ ଯେପରୀ ଭୁଆଁ ବୁଲାଉଛନ୍ତି ସେମିତି ହେବନି ତ ବୋଲି ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

# ନାଗପୁର ବଜାରରେ ଖୁଲମଖୁଲା ମଦ ବିକ୍ରି

## ପୋଲିସ, ଅବକାରୀ ବିଭାଗ ଚୁପ୍

ଗୋପ,୨୪।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ନାଗପୁର ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ଜଣାଶୁଣା। ମାତ୍ର ଏଠାରେ ଦିନ ଦ୍ୱିପ୍ରହରରେ ଖୁଲମଖୁଲା ଭାବେ ଦେଶୀ ବିଦେଶୀ ମଦ ସହିତ ଅନ୍ୟାନ୍ୟ ନିଶାଦ୍ରବ୍ୟ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ନାଗପୁରରେ ସପ୍ତାହକୁ ୨ ଥର ହାଟ ବସୁଥିବାବେଳେ ଏଠାକୁ ବିଭିନ୍ନ ସ୍ଥାନରୁ ବ୍ୟବସାୟ କରିବାକୁ ବେପାରୀ ଆସନ୍ତି। କିନ୍ତୁ ବିଭିନ୍ନ ସମୟରେ ନିଶାଗ୍ରସ୍ତ ଯୁବକ ବଟି ଆଦାୟ କରିବା ଭଳି ଅଭିଯୋଗ ରହିଥିବାବେଳେ ୨ ବିଭାଗ ନୀରବଦ୍ରଷ୍ଟା ସାଜିଛି। ଏପରି ବେଆଇନ ଦେଶୀ ବିଦେଶୀ ମଦ କାରବାର ବନ୍ଦ କରିବାକୁ ସାଧାରଣରେ ଦାବି ହେଉଥିଲେ ମଧ ପୋଲିସ କିମ୍ବା ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନି। ଗୋପ- ବାଲିଘାଇ ରାସ୍ତାର ନାଗପୁର ବଜାର ଦେଇ ଦୈନିକ ପୁରୀକୁ ପର୍ଯ୍ୟଟକ ସହିତ ସ୍କୁଲ, କଲେଜ ଛାତ୍ରୀଛାତ୍ର ଯା' ଆସ କରୁଥିବାବେଳେ ନିଶାଗ୍ରସ୍ତ ବ୍ୟକ୍ତିଙ୍କ ଶିକାର ହେଉଛନ୍ତି। ଜିଲା ଏସ୍‌ପି କେ. ବିଶାଲ୍ ସିଂ ଏଥିପ୍ରତି ଦୃଷ୍ଟି ଦେବାକୁ ମଧ ଦାବି କରାଯାଇଛି। ଏ ସମ୍ପର୍କରେ କୋଣାର୍କ ଅବକାରୀ ବିଭାଗ ସବ୍- ଇନ୍ସପେକ୍ଟର ମମତା ଦାସ କୁହନ୍ତି, ଅଭିଯୋଗ ଅନୁସାରେ ଚଢ଼ାଉ କରାଯାଉଛି। ଆଗକୁ ଅଧିକ ଚଢ଼ାଉ କରାଯିବ ।

# ସୂଚନା ଅଧିକାର ଆଇନ ସମ୍ପର୍କରେ ସଚେତନତା

## ପିପିଲିରେ ବୁଲିଲା ସୂଚନା ରଥ

ପିପିଲି,୨୪।୭(ଦୁର୍ଗାମାଧବ ମିଶ୍ର)

ସୂଚନା ଅଧିକାର ଆଇନ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇବା ଏବଂ ଏହାର ବ୍ୟାପକ ବ୍ୟବହାର କରିବାକୁ ଲୋକଙ୍କୁ ବୁଝାଇବା ଉଦ୍ଦେଶ୍ୟରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଆରମ୍ଭ ହୋଇଥିବା ସୂଚନା ରଥ ସୋମବାର ପିପିଲି ବ୍ଲକର ବିଭିନ୍ନ ଅଞ୍ଚଳରେ ବୁଲିଛି। ପଥପ୍ରାନ୍ତ ସଭା ଓ ଲିଫଲେଟ୍ ମାଧ୍ୟମରେ ଲୋକଙ୍କୁ ଏହି ଆଇନର ଉପକାରିତା ସମ୍ପର୍କରେ ବୁଝାଯାଇଛି। ଗତ ୧୬ ତାରିଖରୁ ପୁରୀରୁ ବାହାରିଥିବା ସୂଚନା ରଥ ବ୍ରହ୍ମଗିରି, କୃଷ୍ଣପ୍ରସାଦ, ପୁରୀ ସଦର, କାକଟପୁର ଅସ୍ତରଙ୍ଗ, ନିମାପଡା, ଗୋପ ଆଦି ଅଞ୍ଚଳ ବୁଲିବା ପରେ ପିପିଲି ଜଗନ୍ନାଥପୁରରେ ଏହାକୁ ସ୍ୱାଗତ କରାଯାଇଥିଲା। ସ୍ୱାଗତ ସଭାରେ ହାଇକୋର୍ଟର ଆଡଭୋକେଟ୍ ନିଶିକାନ୍ତ ମିଶ୍ରଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ସାମାଜିକ କର୍ମୀ, ମାନବିକ ଅଧିକାର କର୍ମୀ, ସୂଚନା ଅଧିକାର କର୍ମୀ, ମହିଳା ସଂଗଠନର କର୍ମୀମାନେ ଯୋଗ ଦେଇଥିଲେ। ପିପିଲି ହାଟଛକ ଓ ପିପିଲି ବ୍ଲକ ଛକରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ଯୋଗଦେଇ କହିଥିଲେ, ସରକାରୀ ସ୍ତରରେ ହେଉଥିବା ଦୁର୍ନୀତି ଓ ଅନିୟମିତତାକୁ ସୂଚନା ଅଧିକାର ଆଇନ ହିଁ ଲୋକଲୋଚନକୁ ଆଣିବାରେ ସମର୍ଥ ହୋଇଛି। ତେଣୁ ଏହାକୁ ସାଧାରଣ ଲୋକେ ଅଧିକରୁ ଅଧିକ ବ୍ୟବହାର କରିବା ଉଚିତ। ପରେ ରଥ ନୂଆଶାସନ, ମଙ୍ଗଳପୁର, ଦାଣ୍ଡମୁକୁନ୍ଦପୁର, ଡେଇଁଶିପୁର, ହାଟସାହି ପଞ୍ଚାୟତ ଅଞ୍ଚଳ ପରିକ୍ରମା କରିଥିଲା। କୌଣସି କାର୍ଯ୍ୟାଳୟରୁ ମାତ୍ର ୧୦ ଟଙ୍କାରେ ତଥ୍ୟ ମାଗିପାରିବେ ଏବଂ ବିପିଏଲ୍‌ଙ୍କୁ କୌଣସି ଅର୍ଥ ଦେବାକୁ ପଡିବ ନାହିଁ ବୋଲି ସୂଚନା ଅଧିକାର କର୍ମୀମାନେ ସୂଚନା ଦେଇଥିଲେ। ସୂଚନା ଅଧିକାର ଅଭିଯାନର ରାଜ୍ୟ ସହ-ସଂଯୋଜକ ଶ୍ରୀ ଅଖଣ୍ଡଙ୍କ ସଂଯୋଜନାରେ ପରିଚାଳିତ ଏହି ଅଭିଯାନରେ ଅନୁପ ପରିଡ଼ା, କବିତା ଦାଶ, ପୂର୍ଣ୍ଣଚନ୍ଦ୍ର ନାୟକ, ଶେଖ ମାହବୁବ୍, ବିକାଶ ରାୟ, ଗୁଟୁ ପରିଡ଼ା, ପ୍ରଦୀପ ବଢ଼େଇ, ଭକ୍ତିରଂଜନ, ଭରତ ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।





ସୂଚନା ଅଧିକାରୀମାନେ ସୂଚନା ରଥକୁ ସ୍ୱାଗତ ଜଣାଉଛନ୍ତି ।

# ଜରିପାଲ ତଳେ ବିତୁଛି ୨୩ ଜୀବନ

## ଆବାସ ଘର ଅପେକ୍ଷାରେ

ପିପିଲି,୨୪।୭(ପ୍ରଭାତ ମହାପାତ୍ର)



ଆବାସଘର ଅପେକ୍ଷାରେ ଥିବା ହିତାଧିକାରୀ ।

ପିପିଲି ବ୍ଲକ ହାଟସାହିପଞ୍ଚାୟତ ଦାନୋଗହିର ଗ୍ରାମର ୮୨ ବର୍ଷୀୟ ମହମ୍ମଦ ସିଦ୍ଦିକଙ୍କ ଘର ଫନିରେ ଭାଙ୍ଗିଯାଇଥିବାବେଳେ ଏପର୍ଯ୍ୟନ୍ତ ତାଙ୍କୁ ଘର ଖଣ୍ଡିଏ ମିଳିପାରିନି। ୪ ପୁଅ ବୋହୂ, ନାତୁଣୀ ନାତିଙ୍କୁ ମିଶାଇ ମୋଟ ୨୩ ଜଣ ୪ ବଖରା ଭଙ୍ଗା ମାଟି କାନ୍ଥ ଘରେ ଜରିପାଲ ତଳେ ରହିଆସୁଛନ୍ତି। ୯୫ ହଜାର ଟଙ୍କା ତାଲିକାରେ ତାଙ୍କ ନାମ ରହିଥିଲେ ମଧ ୩୨ ହଜାର ଟଙ୍କା ସହାୟତା ମିଳିଥିଲା। ଏହା ମଧ୍ୟରେ ୪ ବର୍ଷ ବିତିଗଲାଣି। ନିର୍ବାଚନ ସମୟରେ ନେତା ଆବାସ ଦେବେ ବୋଲି କହିଥିଲେ। ହେଲେ ପଞ୍ଚାୟତଠାରୁ ବ୍ଲକ ପର୍ଯ୍ୟନ୍ତ ଦୌଡ଼ିଦୌଡ଼ି ସେ ନିରାଶ ହୋଇଥିଲେ। ଏହି ଭଙ୍ଗା କାନ୍ଥ ଘରେ କେତେବେଳେ କ'ଣ ହେବ ତାହା ଭଗବାନ ଭରସା ବୋଲି ମହମ୍ମଦଙ୍କ ସ୍ତ୍ରୀ ସାକେରୁନ ବିବି କହିଛନ୍ତି। ମଜୁରି କରି ଚଳୁଥିବା ମହମ୍ମଦଙ୍କ ୪ପୁଅ ଅର୍ଥାଭାବରୁ ଭଙ୍ଗା ମାଟି ଘରକୁ ସଜାଡ଼ି ପକ୍କାଘର କରି ପାରୁନାହାନ୍ତି। ସେହି ଭଙ୍ଗା ଘରେ ଜରି ପାଲ ପକାଇ ପିଲାଛୁଆ ଧରି ଚଳୁଥିବାବେଳେ ଆବାସ ଘର ପାଇଁ ଚାହିଁ ବସିଛନ୍ତି। ଏନେଇ ସମସ୍ତ ପୁଅ ଅନେକ ଥର ଆବାସ ପାଇଁ ଆବେଦନ କରିଥିବାବେଳେ ବାବୁଙ୍କ ଆନ୍ତରିକତା ଅଭାବରୁ ସମସ୍ତେ ଆବାସ ଯୋଜନାରୁ ବଞ୍ଚିତ ଅଛନ୍ତି। ଏହାକୁ ନେଇ ଗତବର୍ଷ ଡିସେମ୍ବର ୨୨ରେ ଜିଲାପାଳ ଶୁଣାଣିରେ ମଝିଆ ପୁଅ ମହମ୍ମଦ ଆୟୁବ୍‌ଙ୍କୁ ପ୍ରକୃତ ହିତାଧିକାରୀ ଚୟନ ତାଲିକାଭୁକ୍ତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତାଲିକାକୁ ତାଙ୍କ ନାଁ ବାଦ ପଡ଼ିଥିବା ଆୟୁବ୍ କହିଛନ୍ତି। ଆକଳନ ଟିମ ସର୍ଭେ କରି ହିତାଧିକାରୀ ଚୟନ କରି ଚୂଡ଼ାନ୍ତ ତାଲିକା ପ୍ରକାଶ କରିବା ପରେ ଏଥିରେ କୋଠାବାଲାଙ୍କୁ ଦୁଇଦୁଇ ଥର ଆବାସ ତାଲିକାଭୁକ୍ତ କରି ପ୍ରକୃତ ହିତାଧିକାରୀ ନାମ ବାଦ କରାଯାଇଥିବା ଅଭିଯୋଗ ହେଉଛି। ଏନେଇ ହାଟସାହି ସରପଞ୍ଚ ଗଣେଶ ବେହେରାଙ୍କୁ ପଚାରିବାରେ, ସେ ଏହାର କୌଣସି ଠିକ୍ ଉତ୍ତର ନ ଦେଇ ପଛରେ ବୁଝିବେ ବୋଲି କହିଥିଲେ। ଏନେଇ ପିପିଲି ବିଡିଓ ରଶ୍ମିତା ନାଥଙ୍କୁ ପଚାରିବାରେ, ଫନି ସର୍ଭେ ରିପୋର୍ଟ ଅନୁଯାୟୀ ଆବାସ ଯୋଜନା ଦିଆଯାଇଛି। ଏମାନଙ୍କୁ କେଉଁ କାରଣ ବାଦ କରାଯାଇଛି ତାହା ଆରଟିଆଇ ତଥ୍ୟ ମାଗିଲେ ଜଣାପଡିବ ବୋଲି କହିଥିଲେ।

## ସଂକ୍ଷେପରେ

### ପୋଲିସ ପରିଚୟ ଦେଇ ଟଙ୍କା ଲୁଟ୍, ମହିଳା ଗିରଫ

ବାଲିଅନ୍ତା,୨୪।୭(ନୀଳମାଧବ ସାହୁ)- ଜଣେ ବ୍ୟକ୍ତିଙ୍କୁ ଲିଫ୍ଟ ମାଗିବା ପରେ ଅଧା ବାଟରେ ଅଟକାଇ ଟଙ୍କା ଛଡାଇ ନେବା ଅଭିଯୋଗରେ ପାହାଳ ପୋଲିସ ଜଣେ ମହିଳାଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଅଞ୍ଚଳର ଉର୍ମିଳା ବାରିକ(୪୮)। ଏନେଇ ଥାନାରେ ଏକ ମାମଲା(ନଂ.୨୩୦/୨୩) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଗତ ୩ ତାରିଖରେ ଏକ ଘରୋଇ କମ୍ପାନୀର ଟେକ୍ନିସିଆନ ପଦିଆ ଦାସ ବାଇକ୍‌ରେ ଯାଉଥିବାବେଳେ ପାହାଳ ଛକରେ ଉର୍ମିଳା ତାଙ୍କୁ ଅଟକାଇ ଲିଫ୍ଟ ମାଗିଥିଲେ। କିଛି ବାଟ ଯିବା ପରେ ଉର୍ମିଳା ତାଙ୍କୁ ଗାଡ଼ି ଅଟକାଇବାକୁ କହିଥିଲେ। ପଦିଆ ଗାଡି ଅଟକାଇବା ପରେ ମହିଳା ଜଣକ ପୋଲିସ ପରିଚୟ ଦେଇ ୩୫୦୦ ଟଙ୍କା ଛଡାଇ ନେଇଥିଲେ। ରବିବାର ପଦିଆ ଘରକୁ ଫେରୁଥିବାବେଳେ ଉକ୍ତ ମହିଳା ନଖରାସ୍ଥିତ ଏକ ମନ୍ଦିର ନିକଟରେ ଠିଆ ହୋଇଥିଲେ। ପଦିଆ ତାଙ୍କୁ ଚିହ୍ନି ପାରି ପିସିଆର୍ କର୍ମଚାରୀ ସହାୟତାରେ କାବୁ କରିଥିଲେ।

### ହାଇଦ୍ରାବାଦ ଚାଲାଣବେଳେ ଧରାପଡ଼ିଲା ଗୋମାଂସ ବୋଝେଇ ଟ୍ରକ

ବାରଙ୍ଗ,୨୪।୭(ଲିଙ୍ଗରାଜ ରାଉତ)- ତିଗିରିଆରୁ ହାଇଦ୍ରାବାଦ ଗୋମାଂସ ଚୋରାଚାଲାଣ ହେଉଥିବା ଏକ ଟ୍ରକ୍‌କୁ ବାରଙ୍ଗ ତହସିଲ କାର୍ଯ୍ୟାଳୟ ସାମ୍ନାରୁ ସୋମବାର ବଜରଙ୍ଗ ଦଳର କର୍ମୀ ଧରିଛନ୍ତି। ବାରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାଂସ ବୋଝେଇ ଟ୍ରକକୁ ଜବତ କରିବା ସହ ଚାଳକ ଓ ହେଲ୍ପରକୁ ଗିରଫ କରିଛି। ଏନେଇ ପୋଲିସ ୨୭୭/୨୩ରେ ଏକ ମାମଲା ରୁଜୁ କରି ମହାରାଷ୍ଟ୍ରର ଲଛମନ ଗଇକୁଦା ଓ ମାର୍ଗୋ ଚାଓଲିଙ୍କୁ ଗିରଫ କରି ପଚରାଉଚରା କରୁଛି। ଜବତ ୧୫ଟନ ଗୋମାଂସକୁ ପୋଲିସ ନିଛାଟିଆ ସ୍ଥାନରେ ପୋତିବାକୁ ସୂଚନା ଦେଇଛି। ପ୍ରକାଶ ଯେ, ଆଠଗଡ଼ ତିଗିରିଆ ଅଞ୍ଚଳରୁ ୩ଟି ଟ୍ରକରେ ହାଇଦ୍ରାବାଦକୁ ଗୋମାଂସ ଚୋରାଚାଲାଣ ହେଉଥିବା କଟକ ବଜରଙ୍ଗ ଦଳର କର୍ମୀ ଖବର ପାଇଥିଲେ। ସେମାନେ ବାରଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଗୋମାଂସ ବୋଝେଇ ଟ୍ରକ(ଏମ୍‌ଏଚ୍ ୧୩ ସିୟୁ ୩୩୩୩)କୁ ରୋକିବାବେଳେ ଅନ୍ୟ ୨ଟି ଟ୍ରକ ଫେରାର ହୋଇଯାଇଥିଲା। ଗାଡି ଆଗରେ କାର୍‌ରେ ଆସୁଥିବା ଏକ ବୋଲେରୋ ଗାଡ଼ିରେ ମାରଣାସ୍ତ୍ର ଧରି ଥିବା ଯୁବକ ବଜରଙ୍ଗ କର୍ମୀଙ୍କୁ ଆକ୍ରମଣ କରିବାକୁ ବାହାରିଥିଲେ। ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯିବାରୁ ସେମାନେ ପଳାଇ ଯାଇଥିଲେ। ବାରଙ୍ଗ ଥାନା ପୋଲିସ ପହଞ୍ଚି ଗୋମାଂସ ବୋଝେଇ ଟ୍ରକକୁ ଜବତ କରିବା ସହ ଚାଳକ ଓ ହେଲ୍ପରଙ୍କୁ ଗିରଫ କରିଥିଲା।

### ୨୬ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବ ୬୬୨ ବର୍ଗ କଲେଜ ମହାସଂଘ

ଭୁବନେଶ୍ୱର,୨୪।୭ (ଅନୁରାଧା ମହାରଣା)- ଜୁଲାଇ ୨୬ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କଲେଜରେ ପାଠପଢ଼ା ବନ୍ଦ କରି ୬୬୨ ବର୍ଗ କଲେଜ ମହାସଂଘ ମହାଆନ୍ଦୋଳନକୁ ଓହ୍ଲାଇବ। ଏନେଇ ସୋମବାର ଅନୁଷ୍ଠିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସମାନ ଗ୍ରେଡ୍ ପେ' ଆଧାରରେ ସବୁ ବର୍ଗକୁ ସମାନ ଦରମା ସହ ୪ଦଫା ଦାବି ନେଇ ୧୬୦ ଦିନ ଧରି ଏହି ବର୍ଗର ଅଧାପିକା ଅଧାପକ ଓ କର୍ମଚାରୀମାନେ ଲୋୟର ପିଏମଜିରେ ଧାରଣା ଦେଇଛନ୍ତି। ତେବେ ରାଜ୍ୟ ସରକାର ସେମାନଙ୍କର କୌଣସି ଦାବି ପୂରଣ କରିବା ପରିବର୍ତ୍ତେ ଏକ ମନ୍ତ୍ରୀ ସ୍ତରୀୟ କମିଟି ଗଠନ କରି ଚୁପ୍ ବସିଥିବା ସଂଘ ପକ୍ଷରୁ କୁହାଯାଇଛି।

# ଘର ସହ ଜଳିଗଲେ ବୟସ୍କ ଦମ୍ପତି





ଭୁବନେଶ୍ୱର,୨୪।୭(ସୂର୍ଯ୍ୟକାନ୍ତ ବେହେରା)

## ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ ସନ୍ଦେହ

ରାଜଧାନୀରେ ଏକ ଅଭାବନୀୟ ଘଟଣା ଘଟିଛି। ଅଗ୍ନିକାଣ୍ଡ ଘଟି ଘର ସହ ଏକ ବୟସ୍କ ଦମ୍ପତି ଜଳିଯାଇଛନ୍ତି। ରବିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବାବେଳେ ସୋମବାର ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ଉକ୍ତ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଶ୍ୟାମପୁର ଜ୍ଞାନଦୀପ ବସ୍ତିରେ ରହୁଥିବା କନ୍ଧମାଳ ଜିଲା କୋଟଗଡ଼ ଥାନାଞ୍ଚଳର ବିଦେଶୀ ପ୍ରଧାନ (୬୧) ଓ କସ୍ତୁରୀ ପ୍ରଧାନ (୫୧)। ଏନେଇ ପୋଲିସ ପୃଥକ ଅପମୃତ୍ୟୁ ମାମଲା (ନଂ. ୧୬୩/୨୦୨୩), (ନଂ.୧୬୪/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗ୍ୟାସ୍ ଲିକ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ପୋଲିସ ସନ୍ଦେହ କରୁଥିବାବେଳେ ସ୍ଥାନୀୟ ଲୋକେ ବିଦ୍ୟୁତ୍ ଉପକରଣ ବିସ୍ଫୋରଣ ବା ଶର୍ଟସର୍କିଟରୁ ଏହି ଘଟଣା ଘଟିଥିବା ଅନୁମାନ କରୁଛନ୍ତି। ପୋଲିସ ସୂଚନା ଅନୁଯାୟୀ, ବିଦେଶୀ ଓ କସ୍ତୁରୀ ବହୁବର୍ଷ ହେବ ଏଠାରେ ରହି ଭରତପୁର ଅଞ୍ଚଳରେ ହୋଟେଲ ବ୍ୟବସାୟ କରି ଚଳୁଥିଲେ। ରବିବାର ରାତି ପ୍ରାୟ ୧୨ଟା ୩୦ରେ ତାଙ୍କ ଘରେ ଥିବା ରନ୍ଧନ ଗ୍ୟାସ୍ ଟାଙ୍କିରୁ ଗ୍ୟାସ୍ ଲିକ୍ ହୋଇଥିଲା। ହେଲେ ସେମାନେ ଏହା ଜାଣିପାରି ନ ଥିଲେ। ତେବେ ମଶାଧୂପ ଲଗାଇବା ସମୟରେ ଗ୍ୟାସ ନିଆଁ ସଂସ୍ପର୍ଶରେ ଆସିଯିବାରୁ ଘର ସହ



ସେମାନେ ଜଳି ଉଠିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଘଟଣା ଜାଣିବା ପରେ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲା। ପ୍ରାୟ ଏକ ଘଣ୍ଟାର ପ୍ରୟାସ ପରେ ନିଆଁ ଲିଭାଇବା ସହ ଦମ୍ପତିଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ଦମ୍ପତିଙ୍କ ଶରୀରର ପ୍ରାୟ ୬୦ ପ୍ରତିଶତ ପୋଡ଼ିଯାଇଥିଲା। ପରେ ଗୁରୁତର ଅବସ୍ଥାରେ ଉକ୍ତ ଦମ୍ପତିଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ଚାଲିଥିବାବେଳେ ସୋମବାର ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିଯାଇଥିଲା। ଅନ୍ୟପକ୍ଷରେ ରାତିରେ ବିଦ୍ୟୁତ୍ କାଟ ହୋଇଥିଲା। ରାତି ପ୍ରାୟ ସାଢ଼େ ୧୨ଟାରେ ବିଦ୍ୟୁତ୍ ଆସିବାକ୍ଷଣି ଉକ୍ତ ଦମ୍ପତିଙ୍କ ଘରୁ କିଛି ଶବ୍ଦ ହେବା ସହ ନିଆଁ ଲାଗିଯାଇଥିଲା। ତେଣୁ କୌଣସି ବିଦ୍ୟୁତ୍ ଉପକରଣ ବିସ୍ଫୋରଣରୁ ଘର ସହ ଦମ୍ପତି ଜଳିଯାଇଥିବା ଆଶଙ୍କା କରାଯାଉଛି। ଏନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି।

# ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର, ସମ୍ପର୍କୀୟ ଗିରଫ

ଭୁବନେଶ୍ୱର,୨୪।୭(ସତ୍ୟଜିତ୍ ରାଉତ)

ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଛି। ଚନ୍ଦ୍ରଶେଖରପୁର ଥାନାଞ୍ଚଳରେ ଏହି ଘଟଣା ଘଟିଛି। ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରିବା ସମ୍ପୃକ୍ତ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ହାଉସିଂବୋର୍ଡ କଲୋନୀରେ ରହୁଥିବା କଟକ ସଦର ଥାନା ଅନ୍ତର୍ଗତ ନଗରପଲ୍ଲୀ ଗ୍ରାମର ମାଧବ ଚନ୍ଦ୍ର ଦଳେଇ (୫୯)। ମାଧବଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ୧୨ ବର୍ଷୀୟ ପୀଡ଼ିତା ନାବାଳିକାଙ୍କ ବାପାଙ୍କର କିଛିବର୍ଷ ତଳେ ଦେହାନ୍ତ ହୋଇଥିଲା। ଏହାପରେ ନାବାଳିକାଙ୍କ ମା' ଓ ମାଧବଙ୍କ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥିଲା। ନାବାଳିକା ଜଣକ ମାଧବଙ୍କୁ ବାପା ବୋଲି ମଧ୍ୟ ସମ୍ବୋଧନ କରୁଥିଲେ। ଗତ ୧୮ ତାରିଖରେ ନାବାଳିକାଙ୍କ ଘରକୁ ମାଧବ ଯାଇଥିଲେ। ଏହି ସମୟରେ କୌଣସି କାରଣକୁ ନେଇ ତାଙ୍କ ମା'ଙ୍କ ସହିତ ମାଧବଙ୍କର ଝଗଡା ହୋଇଥିଲା। ପରେ ଘରେ ଅନ୍ୟକେହି ନ ଥିବାବେଳେ ମାଧବ ନାବାଳିକାଙ୍କୁ ଅପରହଣ କରି ମହାବୀର ବସ୍ତିରେ ଥିବା ଭଡା ଘରକୁ ନେଇଯାଇଥିଲେ। ସେହିଦିନ ରାତିରେ ପୀଡ଼ିତା ଉକ୍ତ ଘରେ ଶୋଇଥିବା ସମୟରେ ମାଧବ ତାଙ୍କୁ ବଳାତ୍କାର କରିଥିଲେ। ଏନେଇ ପୀଡ଼ିତାଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୩୪୮/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## କାର୍‌ରେ ଯୁବତୀଙ୍କୁ ଅପହରଣବେଳେ ଧରିଲା ପୋଲିସ

ବାରଙ୍ଗ,୨୪।୭(ଲିଙ୍ଗରାଜ ରାଉତ)

କାର୍‌ରେ ଜଣେ ଯୁବତୀଙ୍କୁ ଅପହରଣ କରିନେଉଥିବାବେଳେ ସୋମବାର ରାତିରେ ବାରଙ୍ଗ ପୋଲିସ ତାଙ୍କୁ ଉଦ୍ଧାର କରିଛି। ଏଥିସହ ଯୁବକଙ୍କୁ ଅଟକ ରଖିଛି। ଆଠଗଡ଼ ରାଜନଗର ନିକଟ ଜଙ୍ଗଲ ପାଖରୁ ଜଣେ ଯୁବତୀ ସ୍କୁଟିରେ ଯାଉଥିଲେ। ଏକ କାର୍‌ରେ ଜଣେ ଯୁବକ ତାଙ୍କୁ ଅପହରଣ କରିନେଇଯାଉଥିବା ପୋଲିସକୁ ଖବର ମିଳିଥିଲା। ଖବରପାଇ ପୋଲିସ ରାସ୍ତା ବ୍ଲକିଂ କରି ଚେକିଂ କରୁଥିବାବେଳେ ଦ୍ରୁତ ଗତିରେ ଆସୁଥିବା କାର୍(ଓଡି୦୨ସି-୮୦୭୭)କୁ ଅଟକାଇ ଯାଞ୍ଚ କରି ଯୁବତୀଙ୍କୁ ଉଦ୍ଧାର କରିଥିଲା। ଅପହରଣକାରୀ ଯୁବକଙ୍କ ଘର ଆଠଗଡ଼ ବେଣ୍ଟପଦର ହୋଇଥିବାବେଳେ ସେ ଟିପିସିଏଲ୍‌ର ଜେଇ ଥିବା ଜଣାପଡିଛି। ପୋଲିସ ଉଭୟଙ୍କୁ ଅଟକରଖି ପଚରାଉଚରା କରୁଛି।



ଆଜିଠାରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ୩ଦିନିଆ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ସୋମବାର କମିଶନରେଟ ପୋଲିସ ପକ୍ଷରୁ ହୋଇଥିବା କାର୍‌କେଡ୍ ରିହର୍ସାଲ। (ଫଟୋ-ମନୋରଞ୍ଜନ ମିଶ୍ର)

## ସ୍ତ୍ରୀ ଗଳାକାଟି ହତ୍ୟା ଉଦ୍ୟମ, ନର୍ସିଂ ଅଫିସର ଗିରଫ

ଭୁବନେଶ୍ୱର,୨୪।୭ (ସୂର୍ଯ୍ୟକାନ୍ତ ବେହେରା)

ଯୌତୁକ ପାଇଁ ସ୍ତ୍ରୀକୁ ଆକ୍ରମଣ କରିବା ସହ ଛୁରିରେ ତାଙ୍କ ଗଳାକୁ କାଟି ହତ୍ୟା ଉଦ୍ୟମ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ସ୍ୱାମୀଙ୍କୁ ତମାଣ୍ଡୋ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଏକ ସରକାରୀ ମେଡିକାଲରେ ନର୍ସିଂ ଅଫିସର ଥିବା ସ୍ଥାନୀୟ ଅଞ୍ଚଳର ଜୟନ୍ତ କୁମାର ପ୍ରଧାନ। ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୋଗକାରିଣୀ ମହିଳାଙ୍କୁ ଅଭିଯୁକ୍ତ ଜୟନ୍ତ ୨୦୨୧ରେ ବିବାହ କରିଥିଲେ। ଉଭୟଙ୍କର ଏକ ପୁତ୍ର ସନ୍ତାନ । ଜୟନ୍ତ ଏମ୍ସରେ ଚୁକ୍ତିଭିତ୍ତିକ ନର୍ସିଂ ଅଫିସର ଭାବରେ କାମ କରନ୍ତି। ହେଲେ ବିବାହର କିଛି ମାସ ପରେ ଅଭିଯୁକ୍ତ ଓ ତାଙ୍କ ପରିବାର ସଦସ୍ୟ ଯୌତୁକ ଦାବିକରି ତାଙ୍କୁ ନିର୍ଯାତନା ଦେଉଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଗତ ୯ ତାରିଖରେ ଜୟନ୍ତ ପୁଣି ଯୌତୁକ ଦାବି କରିବା ସହ ତାଙ୍କ ସ୍ତ୍ରୀଙ୍କୁ ବାପଘରକୁ ଚାଲିଯିବାକୁ କହିଥିଲେ। ଏନେଇ ମହିଳା ଜଣକ ମନା କରିବାରୁ ଜୟନ୍ତ ଆକ୍ରମଣ କରିବା ସହ ଏକ ଛୁରିରେ ତାଙ୍କ ଗଳାକୁ କାଟି ହତ୍ୟା ଉଦ୍ୟମ କରିଥିଲେ। ଏଥିରେ ମହିଳାଙ୍କ ମୁହଁ ଓ ବେକରେ ଆଘାତ ଲାଗି ପ୍ରଚୁର ରକ୍ତ ସ୍ରାବ ହୋଇଥିଲା। ଘଟଣା ସ୍ଥଳରେ ସେ ଚେତାଶୂନ୍ୟ ହୋଇଯିବା ଦେଖି ଜୟନ୍ତ ତାଙ୍କର ପୁଅକୁ ଧରି ଘଟଣାସ୍ଥଳରୁ ପଳାଇଥିଲେ। ପରଦିନ ଘର ମାଲିକ ମହିଳାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏନେଇ ପୀଡିତାଙ୍କ ବାପା ତମାଣ୍ଡୋ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଘର ତାଲା ଭାଙ୍ଗି ନେଇଗଲେ ସୁନା ଅଳଙ୍କାର

ବାରଙ୍ଗ,୨୪।୭(ଲିଙ୍ଗରାଜ ରାଉତ)

ମେଣ୍ଢାଶାଳ ଫାଣ୍ଡି ଅଧୀନ କୁକୁଡାମୁଣ୍ଡି ପାଖରେ ଥିବା ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ (ଓପିଟିସିଏଲ୍)ର ସରକାରୀ କ୍ୱାର୍ଟର୍ସରେ କେହି ନ ଥିବା ସୁଯୋଗରେ ଚୋରି ହୋଇଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମକଦମା ରୁଜୁ କରି ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରିଥିଲେ ସୁଦ୍ଧା ଦୁର୍ବୃତ୍ତଙ୍କ ସନ୍ଧାନ ପାଇପାରିନାହିଁ। ତେବେ ରାତ୍ରି ଜଗୁଆଳିଙ୍କୁ ଡାକି ପୋଲିସ ପଚରାଉଚରା ଆରମ୍ଭ କରିଛି। ସୂଚନା ମୁତାବକ ଓପିଟିସିଏଲ୍ ଇଲେକ୍ଟ୍ରି ଗ୍ରୀଡ଼ ସବ୍‌ଷ୍ଟେଶନରେ ଟେକ୍ନିସିଆନ ଭାବେ କାମ କରୁଥିବା ରାଜେଶ ସାହୁ ଶନିବାର ରାତିରେ ସ୍ତ୍ରୀଙ୍କ ସହ ନିଜ ଘର ଖଲ୍ଲିକୋଟକୁ ଯାଇଥିଲେ। ସୋମବାର ସକାଳେ କ୍ୱାର୍ଟର୍ସକୁ ଫେରିବାବେଳକୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଦୁର୍ବୃତ୍ତ ଆଲମିରା ଭାଙ୍ଗି ସେଥିରେ ଥିବା ୧୨ଟି ସୁନାମୁଦି, ୨ ଭରି ଓଜନର ସୁନାଚେନ, ୧୨ଟି କାନଫୁଲ, ଅନେକ ରୁପା ଅଳଙ୍କାର ସମେତ ନଗଦ ୨୦ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ଏହାସହ ଡିଭିଜନ ଅଫିସର ତାଲା ଭାଙ୍ଗି ଟେଣ୍ଡର ବାକ୍ସ ତାଲା ଭଙ୍ଗା ଯାଇଥିଲା। ଅନ୍ୟ ଜଣେ କର୍ମଚାରୀ ଉତ୍ତମ ଜାହିରାଙ୍କ କ୍ୱାର୍ଟର ମଧ୍ୟ ଭଙ୍ଗାଯାଇଛି। ସେ ଛୁଟିରେ ଥିବାରୁ କ'ଣ ଚୋରି ହୋଇଛି ତାହା ଜଣାପଡ଼ିନାହିଁ।

# ରାଷ୍ଟ୍ରପତିଙ୍କ ସୁରକ୍ଷା ଦାୟିତ୍ୱରେ ୩୬ ପ୍ଲାଟୁନ୍ ଫୋର୍ସ

ଭୁବନେଶ୍ୱର,୨୪।୭ (ସୂର୍ଯ୍ୟକାନ୍ତ ବେହେରା)

### ସରିଲା କାର୍‌କେଡ୍ ରିହର୍ସାଲ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାରଠାରୁ ୩ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ଲୁ ବୁକ୍ ଗାଇଡ୍‌ଲାଇନ ଅନୁସାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ରୁଟ୍ ଲାଇନ୍, କାର୍‌କେଡ୍, ଟ୍ରାଫିକ ଓ ପାର୍କିଂ ପାଇଁ ଆବଶ୍ୟକ ବ୍ୟସ୍ଥା ଗ୍ରହଣ କରାଯାଇଥିବାବେଳେ ୩୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ସେହିପରି ୩ଟି କୁଇକ୍ ରେସ୍‌ପନ୍ସ ଟିମ୍, ୨ଟି ସ୍ପେଶାଲ ଟାକ୍ଟିକାଲ ୟୁନିଟ୍ ରାଷ୍ଟ୍ରପତିଙ୍କ ସୁରକ୍ଷା ଦାୟିତ୍ୱରେ ରହିବ। ୧୨ଜଣ





ଅତିରିକ୍ତ ଡିସିପି, ୨୫ଜଣ ଏସିପି, ୪୦ଜଣ ଇନ୍ସପେକ୍ଟର, ୧୨୦ଜଣ ଏସ୍‌ଆଇ ଓ ଏଏସ୍‌ଆଇ ସୁରକ୍ଷା ଦାୟିତ୍ୱରେ ରହିବେ। ଏଥିସହ ୧୬୦ ଜଣ ଟ୍ରାଫିକ କର୍ମଚାରୀ ଓ ୧୫୦ ହୋମ୍‌ଗାର୍ଡ, ଅଗ୍ନିଶମ ବିଭାଗର ଅଧିକାରୀ ମଧ୍ୟ ବିଭିନ୍ନ ସ୍ଥାନରେ ମୁତୟନ ହେବେ। ସବୁ ଭେନ୍ୟୁରେ ପ୍ରୋଟକଲ୍ ଅନୁସାରେ ସୁରକ୍ଷା ବ୍ୟବସ୍ଥା ହୋଇଛି। ସମସ୍ତ ନିମନ୍ତ୍ରିତ ଅତିଥିଙ୍କ ତଥ୍ୟ ରଖାଯିବା ସହ ଏହାର ଯାଞ୍ଚ କରାଯାଇଥିବା ଡିସିପି ସିଂ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ କମିଶନରେଟ ପୋଲିସର ବରିଷ୍ଠ ଅଧିକାରୀମାନେ ସୋମବାର ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିବାବେଳେ ବିମାନବନ୍ଦରଠାରୁ ରାଜଭବନ ଓ ରାଜଭବନରୁ କାର୍ଯ୍ୟକ୍ରମ ସ୍ଥାନକୁ ଫୁଲ୍ କାର୍‌କେଡ୍ ରିହର୍ସାଲ କରାଯାଇଥିଲା।

## ଘରୋଇ ବସ୍ ଧକ୍କାରେ ମୋ ବସ୍ ଇଞ୍ଜିନ ଫାଟିଲା

ଭୁବନେଶ୍ୱର,୨୪।୭ (ସୂର୍ଯ୍ୟକାନ୍ତ ବେହେରା)

### ରାସ୍ତାରେ ବୋହିଥିବା ତେଲରେ ପଡି ୬ ଆହତ

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶ୍ରୀବିହାର ଛକ ନିକଟରେ ସୋମବାର ମଧ୍ୟାହ୍ନରେ ମୋ ବସ୍‌କୁ ପଛରୁ ଏକ ଘରୋଇ ସିଟି ବସ୍ ଧକ୍କା ଦେଇଥିଲା। ଫଳରେ ଦୁଇ ବସ୍‌ର ଏକାଧିକ କାଚ ଭାଙ୍ଗି ଯିବା ସହ ମୋ ବସ୍‌ର ଇଞ୍ଜିନ ଫାଟିଯିବାରୁ ତେଲ ଲିକ ହୋଇ ରାସ୍ତାରେ ବୋହିଥିଲା। ତେବେ ଏହି ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା କେତେଜଣ ବାଇକଆରୋହୀ ଉକ୍ତ ତେଲରେ ଗାଡି ନେବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ୬ ଜଣ ଆହତ ହୋଇଥିବାବେଳେ ଜଣେ ଯୁବକ ଗୁରୁତର ଥିବା ଜଣାପଡିଛି। ଦୁର୍ଘଟଣା ପରେ ଟ୍ରାଫିକ୍ ଜାମ୍ ସମସ୍ୟା ଦେଖାଯାଇଥିଲା। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜନଗହଳି ରାସ୍ତାରେ ଟ୍ରାଫିକ ନିୟନ୍ତ୍ରଣ କରିବା ସହିତ ଦୁଇ ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଜବତ କରି ଥାନାକୁ ନେଇଥିଲା। ସୂଚନାନୁସାରେ, ମୋ ବସ୍‌ଟି ପଟିଆ ଆଡୁ ଆସି ଯାତ୍ରୀ ଉଠାଇବା ପାଇଁ ଶ୍ରୀବିହାର ଛକରେ ରାସ୍ତା କଡରେ ଠିଆହୋଇଥିବାବେଳେ ପଛରୁ ଆସୁଥିବା ଉକ୍ତ ଘରୋଇ ବସ୍‌ଟି ଧକ୍କାଦେଇଥିଲା।

# ନିଯୁକ୍ତି ଦାବିରେ ଆଗ୍ରୋ ପଲିଟେକ୍‌ନିକ୍ ଛାତ୍ରୀଛାତ୍ରଙ୍କ ଧାରଣା

ଭୁବନେଶ୍ୱର,୨୪।୭ (ଅନୁରାଧା ମହାରଣା)

ସରକାରୀ ନିଯୁକ୍ତି ଦାବିରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଆଗ୍ରୋ ପଲିଟେକନିକ ଛାତ୍ରୀଛାତ୍ର ଧାରଣା ଦେଇଛନ୍ତି। ସୋମବାର ଲୋୟର ପିଏମଜିରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନ ଆରମ୍ଭ କରିଥିବାବେଳେ ଦାବି ପୂରଣ ନ ହେବା ଯାଏ ସେହିଠାରେ ବସିରହିବେ ବୋଲି କହିଛନ୍ତି। ସେମାନଙ୍କ ସୂଚନାନୁସାରେ, ଯୁକ୍ତ ୨ ବିଜ୍ଞାନ ପରେ ଆଗ୍ରୋ ପଲିଟେକନିକର କୃଷି ଉଦ୍ୟାନ, ମତ୍ସ୍ୟ ତଥା ପ୍ରାଣୀ ବିଜ୍ଞାନ ପାଠ୍ୟକ୍ରମରେ ୨୦୧୨ରୁ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଆସୁଛନ୍ତି। ମାତ୍ର ପାଠପଢ଼ା ସରିବାର ୧୦ ବର୍ଷ ପରେ ମଧ୍ୟ ରାଜ୍ୟ ସରକାର କିମ୍ବା ଓୟୁଏଟି କର୍ତ୍ତୃପକ୍ଷ ସେମାନଙ୍କ ନିଯୁକ୍ତି ନେଇ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ପୂର୍ବରୁ ଏନେଇ ଛାତ୍ରୀଛାତ୍ର ଆନ୍ଦୋଳନକୁ ଓହ୍ଲାଇବା ସହ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ବର୍ତ୍ତମାନ ଯାଏ କୌଣସି ଦାବି ପୂରଣ ହୋଇନାହିଁ। ତେଣୁ କୃଷି ବିଭାଗ ଅଧୀନସ୍ଥ ବିଭିନ୍ନ ବିଭାଗ ତଥା ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, କୃଷି ଖାଲିପଡ଼ିଥିବା ଗ୍ରାମ୍ୟ କୃଷି କର୍ମଚାରୀ, ଉଦ୍ୟାନ କୃଷି ସମ୍ପ୍ରସାରଣ କର୍ମଚାରୀ, ମୃତ୍ତିକା ସଂରକ୍ଷଣ କର୍ମଚାରୀ ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ପ୍ରାଣୀଧନ ନିରୀକ୍ଷକ ଆଦି ପଦବୀରେ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପାଇଁ ଦାବି ହୋଇଛି।



ଲୋୟର ପିଏମଜିରେ ଧାରଣା ଦେଉଥିବା ଓୟୁଏଟି ଆଗ୍ରୋ ପଲିଟେକନିକ ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)

### ଶିଶୁକନ୍ୟାଙ୍କୁ ବାନ୍ଧି ନିର୍ଯାତନା ଘଟଣା

# ଗିରଫ ହେଲେ ଦୁଇ ଅଭିଯୁକ୍ତ

ଭୁବନେଶ୍ୱର,୨୪।୭(ସତ୍ୟଜିତ୍ ରାଉତ)

- ପୋଲିସ ଓ ଡିସିପିୟୁଙ୍କୁ ଶିଶୁ ସୁରକ୍ଷା ଆୟୋଗଙ୍କ ନୋଟିସ୍
- ଶିଶୁକନ୍ୟାଙ୍କ ମାନସିକ, ଶାରୀରିକ ସ୍ଥିତି ସଂକ୍ରାନ୍ତରେ ଜଣାଇବେ ଡିସିପିୟୁ

ଖଣ୍ଡଗିରି ଛକ ନିକଟ ଏକ ହୋଟେଲ ସାମ୍ନାରେ ଜଣେ ଶିଶୁକନ୍ୟାଙ୍କୁ ବାନ୍ଧି ନିର୍ଯାତନା ଦେବା ଘଟଣାରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ସୋମବାର ଗିରଫ ପରେ କୋର୍ଟଚାଲାଣ କରିଛି। ସେମାନେ ହେଲେ ଏଠାରେ ରହି ହୋଟେଲ୍‌ରେ କାମ କରୁଥିବା ଗଞ୍ଜାମ ଜିଲା ଛତ୍ରପୁର ଥାନା ଅନ୍ତର୍ଗତ ନିମପଲ୍ଲୀର ପବିତ୍ର ଦାସ ଓରଫ ସାଗର (୨୨) ଓ ଫୁଲବାଣୀ ଜିଲା ଖଜୁରିପଡ଼ା ଥାନା ଅନ୍ତର୍ଗତ ଉରୁମୁଣ୍ଡାର କାର୍ତ୍ତିକ ଦାସ ଓରଫ କାର୍ତ୍ତିକ ମଲ୍ଲିକ (୨୦)। ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପାଲିସ ଉଦ୍ୟମ ଚଳାଇଛି। ଅନ୍ୟପକ୍ଷରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ପକ୍ଷରୁ ଖଣ୍ଡଗିରି ଥାନାଧିକାରୀ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ (ଡିସିପିୟୁ)ଙ୍କୁ ନୋଟିସ୍ କରାଯାଇଛି। ଏହି ନିର୍ଦ୍ଦେଶ କପିକୁ ଭୁବନେଶ୍ୱର ଡିସିପିଙ୍କୁ





ଦୁଇ ଅଭିଯୁକ୍ତ କାର୍ତ୍ତିକ ଦାସ ଓ ପବିତ୍ର ଦାସ।

ମଧ୍ୟ ପଠାଯାଇଛି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଏନେଇ ରିପୋର୍ଟ ଦେବାକୁ କମିଶନଙ୍କ ପକ୍ଷରୁ ପୋଲିସକୁ କୁହାଯାଇଛି। ସେହିଭଳି ଶିଶୁକନ୍ୟାଙ୍କ ମାନସିକ ଓ ଶାରୀରିକ ସ୍ଥିତି କେମିତି ଅଛି, ତାଙ୍କ ପିତାମାତାଙ୍କ ରାଶନ୍ କାର୍ଡ, ଲେବର କାର୍ଡ ଅଛି କି ନାହିଁ ଏବଂ ଶିଶୁକନ୍ୟା ଯେଉଁ ସ୍ଥାନରେ ରହୁଛନ୍ତି ତାହା ସୁରକ୍ଷିତ କି ନୁହେଁ - ଏସବୁ ସଂକ୍ରାନ୍ତରେ ରିପୋର୍ଟ ଦେବାକୁ ଡିସିପିୟୁଙ୍କୁ ନିର୍ଦ୍ଦେଶ ହୋଇଛି। ଏହି ରିପୋର୍ଟ ଦାଖଲ ପାଇଁ କମିଶନଙ୍କ ପକ୍ଷରୁ ୨୦ ଦିନ ସମୟ ଦିଆଯାଇଛି। ସୂଚନାଯୋଗ୍ୟ, ନିର୍ଯାତିତା ଶିଶୁକନ୍ୟାଙ୍କ ମା' ଖଣ୍ଡଗିରି ଛକ ନିକଟ ଏକ ହୋଟେଲ ପଛପଟେ ରହୁଛନ୍ତି। କିଛିଦିନ ତଳେ ଏହି ନିର୍ଯାତନାର ଭିଡିଓ ଭାଇରାଲ ହୋଇଥିଲା। ଭିଡିଓରେ ୫ରୁ ଉର୍ଦ୍ଧ୍ୱ ଯୁବକ ୧ ବର୍ଷ ୬ ମାସର ଶିଶୁକନ୍ୟାଙ୍କୁ ଝରକା ଗ୍ରିଲରେ ବାନ୍ଧି ଭୟଭୀତ କରିବା ସହ ନିର୍ଯାତନା ଦେଉଥିବା ଦେଖିବାକୁ ମିଳିଥିଲା। ତେବେ ଶିଶୁକନ୍ୟାଙ୍କ ମା' ଉକ୍ତ ହୋଟେଲରେ କାମ କରୁଥିବା ବେଳେ ଭୟରେ ଏନେଇ ଥାନାରେ ଏତଲା ଦେଇ ନ ଥିବା ଚାଇଲ୍ଡଲାଇନ ତଦନ୍ତରେ ଜାଣିବାକୁ ପାଇଥିଲା। ଏନେଇ ଚାଇଲ୍ଡଲାଇନ ସଦସ୍ୟ ଘନଶ୍ୟାମ ଭୋଇ ଥାନାରେ ଶନିବାର ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୩୦୭/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ଚୋରା ମଦ ଜବତ: ଜଣେ ଗିରଫ

ନିଶ୍ଚିନ୍ତକୋଇଲି,୨୪।୭(ଅଶୋକ କୁମାର ମହାପାତ୍ର): ଚୋରା ମଦ କାରବାର ଅଭିଯୋଗରେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ଆଇଆଇସି ଯୁଗଳ କିଶୋର ଦାସ କହିଛନ୍ତି। ସେ ହେଲେ ବଡ଼କ୍ଷୀର ଗ୍ରାମର ପରୀକ୍ଷିତ ସାମଲ। ତାଙ୍କଠାରୁ ୫.୨ ଲିଟର ଚୋରା ମଦ ଜବତ କରାଯାଇଛି। ସେ ଦୀର୍ଘ ଦିନ ହେବ ବରଧାରୀସ୍ଥିତ ପ୍ରସିଦ୍ଧ ବିଂଶଭୂଜାଙ୍କ ପୀଠ ନିକଟରେ ଦେଶୀ ଓ ବିଦେଶୀ ମଦ ବିକ୍ରି କରୁଥିଲେ। କୌଣସିସୂତ୍ରରୁ ଖବରପାଇ ପୋଲିସ ସେଠାରେ ଚଢ଼ାଉ କରି ସାମଲଙ୍କୁ କାବୁ କରିଛି। ଏନେଇ ଥାନାରେ ମାମଲା (ନଂ. ୧୪୦/୨୩) ରୁଜୁ ହୋଇଛି।

### କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ



ବାଙ୍କୀ,୨୪।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ କବିଚନ୍ଦ୍ର ଭବନ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦରେ ଏନ୍‌ଏସି ପକ୍ଷରୁ ବାଙ୍କୀର ବରପୁତ୍ର ସ୍ୱର୍ଗତ କାଳିଚରଣ ପଟ୍ଟନାୟକଙ୍କ ୪୫ତମ ଶ୍ରାଦ୍ଧ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସେଠାରେ ସ୍ଥାପିତ କବିଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ନଗରପାଳଙ୍କ ପ୍ରତିନିଧି କାଉନସିଲର ସନାତନ ବେହେରା, ଉପନଗରପାଳ ସନ୍ତୋଷ କୁମାର ରଣା, କାଉନସିଲର ପଠାଣୀ ବେହେରା, ଆଇନଜୀବୀ ପ୍ରଦୀପ କୁମାର ପୃଷ୍ଟି, ସମବାୟବିତ୍ ସମରେନ୍ଦ୍ର ମହାପାତ୍ର, ପ୍ରେସ୍‌କ୍ଲବ ସଭାପତି ବଳଭଦ୍ର ପଣ୍ଡା, ବାଙ୍କୀ କଲେଜ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଓ ମାନସ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

### ଘର ତାଲା ଭାଙ୍ଗି ସୁନା ଅଳଙ୍କାର ଚୋରି

ବାରଙ୍ଗ,୨୪।୭(ଲିଙ୍ଗରାଜ ରାଉତ): ମେଣ୍ଢାଶାଳ ଫାଣ୍ଡି ଅଧୀନ କୁକୁଡାମୁଣ୍ଡି ପାଖରେ ଥିବା ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ଼ (ଓପିଟିସିଏଲ୍)ର ସରକାରୀ କ୍ୱାର୍ଟର୍ସରେ କେହି ନ ଥିବା ସୁଯୋଗରେ ଚୋରି ହୋଇଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ସୁଦ୍ଧା ଦୁର୍ବୃତ୍ତଙ୍କ ସନ୍ଧାନ ପାଇନାହାଁ। ଓପିଟିସିଏଲ୍ ଇଲେକ୍ଟ୍ରିଗ୍ରୀଡ଼ ସବ୍‌ଷ୍ଟେଶନରେ ଟେକ୍ନିସିଆନ ଭାବେ କାମ କରୁଥିବା ରାଜେଶ ସାହୁ ଶନିବାର ରାତିରେ ସ୍ତ୍ରୀଙ୍କ ସହ ନିଜ ଘର ଖଲ୍ଲିକୋଟକୁ ଯାଇଥିଲେ। ସୋମବାର କ୍ୱାର୍ଟର୍ସକୁ ଫେରିବାବେଳକୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଦୁର୍ବୃତ୍ତ ଆଲମିରା ଭାଙ୍ଗି ୧୨ଟି ସୁନାମୁଦି, ୨ ଭରି ଓଜନର ସୁନାଚେନ, ୧୨ଟି କାନଫୁଲ, ଅନେକ ରୁପା ଅଳଙ୍କାର ସମେତ ନଗଦ ୨୦ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ଏହାସହ ଡିଭିଜନ ଅଫିସର ତାଲା ଭାଙ୍ଗି ଟେଣ୍ଡର ବାକ୍ସ ତାଲା ଭଙ୍ଗା ଯାଇଥିଲା। ଅନ୍ୟ ଜଣେ କର୍ମଚାରୀ ଉତ୍ତମ ଜାହିରାଙ୍କ କ୍ୱାର୍ଟର ମଧ ଭଙ୍ଗାଯାଇଛି। ସେ ଛୁଟିରେ ଥିବାରୁ କ'ଣ ଚୋରି ହୋଇଛି ତାହା ଜଣାପଡ଼ିନାହିଁ।

# ୧୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗୋମାଂସ ଜବତ : ୨ ଅଟକ

- ଗୋଡ଼ାଇ ସାଲେପୁର ବଜାରରେ ଧରିଲେ
- ଉତ୍ତ୍ୟକ୍ତ ଲୋକଙ୍କ ପିକଅପ୍ ଭ୍ୟାନ ଭଙ୍ଗାରୁଜା
- ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମା

ସାଲେପୁର,୨୪।୭(ଅରବିନ୍ଦ ଭୂୟାଁ)

ସାଲେପୁର ବଜାରରୁ ସୋମବାର ଏକ ଗୋମାଂସ ବୋଝେଇ ପିକ୍‌ଅପ ଭ୍ୟାନ୍ ଜବତ କରାଯାଇଛି। ଏହି ଅଭିଯୋଗରେ ଉତ୍ତ୍ୟକ୍ତ ଲୋକ ଗାଡ଼ି ଭଙ୍ଗାରୁଜା କରିବା ସହ ଅଭିଯୁକ୍ତ ଦ୍ୱୟଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ଏନେଇ ସାଲେପୁର ବଜାରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ରାତିପ୍ରାୟ ୯ଟା ୩୦ରେ ଜଗତ୍‌ସିଂହପୁର ଜିଲାରୁ ନେମାଳ ଅଞ୍ଚଳ ଦେଇ ଏକ ଗୋରୁମାଂସ



ଉତ୍ତ୍ୟକ୍ତ ଲୋକେ ପିକ୍‌ଅପ ଭ୍ୟାନ୍‌କୁ ଭଙ୍ଗାରୁଜା କରୁଛନ୍ତି ।

ବୋଝେଇ ପିକ୍‌ଅପ ଭ୍ୟାନ୍ (ନଂ.ଓଡି-୦୫-ବିଏଫ୍-୦୪୩୬) ସାଲେପୁର ବଜାରଦେଇ ଭଦ୍ରକ ଅଭିମୁଖେ ଯାଉଥିଲା। କୌଣସି ସୂତ୍ରରୁ ଖବରପାଇ ବଜରଙ୍ଗଦଳର କର୍ମୀମାନେ ଉକ୍ତ ଗାଡିକୁ ଗୋଡାଇ ସାଲେପୁର ବଜାରରେ ଅଟକାଇଥିଲେ। ଏଥିସହ ଗାଡି ଚାଳକଙ୍କ ସମେତ ୨ ଜଣଙ୍କୁ ମାଡ଼ ମାରି ଥାନାରେ ଜିମା ଦେଇଛନ୍ତି। ଏହାପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପିକ୍‌ଅପ ଭ୍ୟାନ୍ ସହ ପ୍ରାୟ ଦଶ କୁଇଣ୍ଟାଲରରୁ ଉର୍ଦ୍ଧ୍ୱ ଗୋମାଂସ ଜବତ କରିଛି। ଉତ୍ତ୍ୟକ୍ତ ବଜରଙ୍ଗ ଦଳ କର୍ମୀମାନେ ଏହି ଭ୍ୟାନ୍ ଆଗରେ ହୋ ହଲ୍ଲା କରିଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରି ଗୋମାଂସକୁନେଇଜେସିବିସାହାଯ୍ୟରେ ଚିତ୍ରୋତ୍ପଳା ନଦୀ ପଠାରେ ପୋତି ଦେଇଛି। ଏଥିସହ ଅଭିଯୁକ୍ତ ଦ୍ୱୟଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

# ଭ୍ରାମ୍ୟମାଣ କୋର୍ଟରେ ୩୦ ମାମଲାର ସମାଧାନ



ରଘୁନାଥପୁରରେ ଚାଲିଥିବା ଭ୍ରାମ୍ୟମାଣ କୋର୍ଟ।

ରଘୁନାଥପୁର,୨୪।୭ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଚିକିଣିଆ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଭ୍ରାମ୍ୟମାଣ କୋର୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବରୁ ପଡ଼ି ରହିଥିବା ୩୦ ମାମଲାର ସମାଧାନ କରାଯାଇଛି। ରଘୁନାଥପୁର ଗ୍ରାମ ନ୍ୟାୟାଳୟ ବିଚାରପତି ତନବୀ ରଥ ଉପସ୍ଥିତ ରହି ମାମଲାଗୁଡ଼ିକର ବିଚାର କରିଥିଲେ। ପୂର୍ବାହ୍ନ ୧୦ଟା ୩୦ରେ ବିଚାରପତି ରଥ ଉକ୍ତ ସ୍ଥାନରେ ପହଞ୍ଚିବା ପରେ ପୂର୍ବରୁ ପ୍ରସ୍ତୁତ ଥିବା ସ୍ଥାନୀୟ ଗୁଆଳିପୁର ମହେଶ୍ୱର ଉଚ୍ଚ ବିଦ୍ୟାଳୟର ଏନ୍‌ସିସି କ୍ୟାଡେଟମାନେ ଗାର୍ଡ ଅଫ ଅନର ଦେଇ ରଥଙ୍କୁ ପାଛୋଟି ନେଇଥିଲେ। ଉକ୍ତ ପଞ୍ଚାୟତର ସରପଞ୍ଚ ବିଷ୍ଣୁ ଚରଣ ସେଠୀ ଓ ସମିତିସଭ୍ୟ ବିଚିତ୍ର ସ୍ୱାଇଁ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଏହାପରେ କୋର୍ଟକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଭାଗୀୟ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ। ଏନ୍‌ସିସି କ୍ୟାଡେଟଙ୍କ କାର୍ଯ୍ୟଦକ୍ଷତା ଓ ସମୟାନୁବର୍ତ୍ତିତା ପ୍ରତି ଖୁସି ପ୍ରକଟ କରି ରଥ ସେମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଅପରାହ୍ନ ୩ଟାରେ କୋର୍ଟ କାର୍ଯ୍ୟ ଶେଷ ହୋଇଥିଲା। ଏଥିରେ ଆଇନଜୀବୀ ଗଗନ ଦାଶ, ଅନିଲ ଖଟୁଆ, ରାମ ଆଚାର୍ଯ୍ୟ, ଶୁଭେନ୍ଦୁ ଦାସ ଓ ନରେଶ ଦାସ ସହଯୋଗ କରିଥିଲେ।

# ଜନଶୁଣାଣିରେ ୨୪୮ ଅଭିଯୋଗ: ୧୪୮ ତତ୍କାଳ ଫଇସଲା

ନରସିଂହପୁର,୨୪।୭ (ନିରଞ୍ଜନ ଦେବକୁମାର)

- ଆସିଲେନି ଜିଲାପାଳ
- ୨୪୪ ବ୍ୟକ୍ତିଗତ ଓ ୪ ଗୋଷ୍ଠିଗତ ଅଭିଯୋଗ ପଞ୍ଜୀକୃତ

ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ନରସିଂହପୁରରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଆସି ନ ଥିବା ବେଳେ ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ ଉପସ୍ଥିତ ଥିଲେ । ଏଥିରେ କଟକ ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡା, ଅତିରିକ୍ତ ପିଡି ପ୍ରଶାନ୍ତ କୁମାର ନାଏକ, ଆଠଗଡ଼ ଡିଏଫଓ ଜେଡି ପତି, ସିଡିଏମଓ ଏମ୍.ବେହେରା ଯୋଗଦେଇଥିଲେ। ସମୁଦାୟ ୨୪୮ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୧୪୮ଟି ତତ୍କାଳ ସମାଧାନ କରାଯାଇଥିଲା। ଅଭିଯୋଗ ମଧ୍ୟରେ ୨୪୪ ବ୍ୟକ୍ତିଗତ ଓ ୪ ଗୋଷ୍ଠିଗତ ଅଭିଯୋଗ ଥିଲା। ଏହି ଅବସରରେ ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଗୋଟିଏ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିବା ବିଡିଓ ନୀଳ ମାଧବ ସୁନା ସୂଚନା ଦେଇଛନ୍ତି। ଏହି ଶିବିରରେ ବ୍ଲକ ଅଧକ୍ଷା ସସ୍ମିତା ଜେନାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ। ନରସିଂହପୁର ଯୋଡ୍ଡମୁ କାନପୁର ଥାନାର ଅଧିକାରୀ ସଦଳବଳ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଅନ୍ୟମାନଙ୍କ ମଧରେ ଶିବିରରେ ତହସିଲଦାର ଆଲୋକ ରଞ୍ଜନ ଦେହୁରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜନଶୁଣାଣି ଶିବିରରେ ଅତିରିକ୍ତ ଜିଲାପାଳ, ଏସ୍‌ପି, ଅତିରିକ୍ତ ପିଡି, ଡିଏଫ୍‌ଓ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ।

## ସବୁଜ ବନାନୀ ପରିବେଶର ସୁରକ୍ଷା କବଚ

ରଘୁନାଥପୁର,୨୪।୭ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଗୋଠଣାସ୍ଥିତ ଶଙ୍କର ସରକାରୀ ଉପ୍ରା ବିଦ୍ୟାଳୟରେ ଜଗତସିଂହପୁର ଜିଲା କୃଷକ ସଙ୍ଗଠନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ଗୋବିନ୍ଦ ଜେନା ଓ ସମ୍ପାଦକ ଇଂ.ବାବାଜୀ ଚରଣ ଜେନା ବିଦ୍ୟାଳୟରେ ପହଞ୍ଚି ଚାରାରୋପଣ କରିବା ସହ ଏହାର ଉଦ୍ଦେଶ୍ୟ ଓ ଭବିଷ୍ୟତ ଉପକାରିତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେଇଥିଲେ। ପରିବେଶର ସୁରକ୍ଷା ସହ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି କୃଷକ ସଙ୍ଗଠନ ଏହି କାର୍ଯ୍ୟକ୍ରମକୁ ହାତକୁ ନେଇଛି ବୋଲି ସମ୍ପାଦକ ବାବାଜୀ ଚରଣ କହିଛନ୍ତି। ସବୁଜ ବନାନୀ ପରିବେଶ ପାଇଁ ସୁରକ୍ଷା କବଚ ବୋଲି ସଙ୍ଗଠନ ସଭାପତି ଗୋବିନ୍ଦ ପ୍ରକାଶ କରିଛନ୍ତି। ଜିଲାର ବିଭିନ୍ନ ସ୍ଥାନରେ ବନ ସଂରକ୍ଷ ବିଭାଗ ଆନୁକୂଲ୍ୟରେ ଇଚ୍ଛୁକ ଥିବା ପ୍ରତ୍ୟେକ ଅନୁଷ୍ଠାନ, ଯୁବକ ସଂଘ ଓ ବ୍ୟକ୍ତି ବିଶେଷଙ୍କୁ ୧୦ଟି ଲେଖାଏ ମୂଲ୍ୟବାନ ଚାରା ଯୋଗାଇ ଦିଆଯିବ ବୋଲି ସଙ୍ଗଠନ ସଭାପତି ଗୋବିନ୍ଦ ପ୍ରକାଶ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟରେ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦ ସଭାପତି ଅଜୟ ନାୟକ ପୌରୋହିତ୍ୟ କରିଥିଲେ। ପ୍ରଧାନଶିକ୍ଷକ ଶେଖ ଅବଦୁଲ ଫାରୁକ, ଶିକ୍ଷକ ଦେବାଶିଷ ବେହେରା ଓ ପ୍ରକାଶ ସ୍ୱାଇଁଙ୍କ ସହ ସମସ୍ତ ଶିକ୍ଷକମାନେ ଏଥିରେ ସହଯୋଗ କରିଥିଲେ।

# 'ନଦୀ ଅବବାହିକାର ସୁରକ୍ଷା ଅତ୍ୟନ୍ତ ଜରୁରୀ'




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଣ୍ଟାପଡା,୨୪।୭(ସୁରନାରାୟଣ ସାହୁ)

ଓଡ଼ିଶା ନଦୀ ସୁରକ୍ଷା ସମିତି ଓ ପ୍ରାଚୀପ୍ରଜ୍ଞା ପରିଷଦର ମିଳିତ ସହଯୋଗରେ କଣ୍ଟାପଡା ଅଞ୍ଚଳର ଦଧିଚି ଶିକ୍ଷା ସମୂହ ଅନୁଷ୍ଠାନ ସଭାଗୃହରେ ଏକ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଡ. ମନୋଜ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଡ. ସ୍ନେହାଲ ତୋଣ୍ଡେ ଯୋଗଦେଇ କହିଥିଲେ, ଭାରତୀୟ ନଦୀ ଓ ଏହାର ଅବବାହିକାଗୁଡିକର ସୁରକ୍ଷା ଅତ୍ୟନ୍ତ ଜରୁରୀ। ଛୋଟ ଛୋଟ ନଦୀଗୁଡିକୁ ବଞ୍ଚାଇ ଏହାକୁ ଚିରସ୍ରୋତାରେ ପରିଣତ କରିବା ଆଜିର ସମାଜ ପାଇଁ ଆହ୍ୱାନ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧରେ ସୁଦର୍ଶନ ଦାସ, ଡ. ଅନିଲ ଧିର, ହଂସନାଥ ସାହୁ, ଡ. ପ୍ରତିନ୍ଦୀ ଜେନା, ଇଂ. ସନ୍ତୋଷ ସ୍ୱାଇଁ, ଡ. ରଜତ କର, ସ୍ୱପ୍ନେଶ୍ୱର ସାହୁ, ଇଂ. ଦୁର୍ଗାଚରଣ ମିଶ୍ର, ଆଇନଜୀବୀ ଶିଶିର ଦାସ, ଚିତ୍ତରଞ୍ଜନ ସାହୁ, ଅଶୋକ ଠାକୁର, ଡ. ଲକ୍ଷ୍ମୀଧର ବିଶ୍ୱାଳ, ବିଦ୍ୟାଧର ନାୟକ ପ୍ରମୁଖ ଏହି ଆଲୋଚନାରେ ଭାଗ ନେଇଥିଲେ। ଚିରସ୍ରୋତା ନଦୀଗୁଡିକ ବିଲୁପ୍ତ ହେଲେ ପାଣି ବିନା ପୃଥିବୀ ପୃଷ୍ଠରୁ ଜୀବସତ୍ତା ଲୋପପାଇବ ବୋଲି ବକ୍ତାମାନେ କହିଥିଲେ। ଦଧିଚି ଶିକ୍ଷାନୁଷ୍ଠାନ ବିଭିନ୍ନ ବିଭାଗର ଛାତ୍ରୀଛାତ୍ର ଯୋଗଦେଇ ନଦୀ ସୁରକ୍ଷା ଓ ଏହାର ଉପଯୋଗୀତା ବିଷୟରେ ବକ୍ତୃତା ପ୍ରଦାନ କରିଥିଲେ। ଓଡ଼ିଶା ନଦୀ ସୁରକ୍ଷା ସମିତିର ଚେୟାରମ୍ୟାନ୍ ଅଶ୍ୱିନୀ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା ଓ ଦଧିଚି ଆର୍ଯ୍ୟାନ୍ ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ଅଭିମନ୍ୟୁ ଜେନା ଧନ୍ୟବାଦ ଦେଇଥିଲେ।

# ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର, ସମ୍ପର୍କୀୟ ଗିରଫ

ଭୁବନେଶ୍ୱର,୨୪।୭(ସତ୍ୟଜିତ୍ ରାଉତ): ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଛି। ଚନ୍ଦ୍ରଶେଖରପୁର ଥାନାଞ୍ଚଳରେ ଏହି ଘଟଣା ଘଟିଛି। ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରିବା ସମ୍ପୃକ୍ତ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ହାଉସିଂବୋର୍ଡ କଲୋନୀରେ ରହୁଥିବା କଟକ ସଦର ଥାନା ଅନ୍ତର୍ଗତ ନଗରପଲ୍ଲୀ ଗ୍ରାମର ମାଧବ ଚନ୍ଦ୍ର ଦଳେଇ (୫୯)। ମାଧବଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ୧୨ ବର୍ଷୀୟ ପୀଡ଼ିତା ନାବାଳିକାଙ୍କ ବାପାଙ୍କର କିଛିବର୍ଷ ତଳେ ଦେହାନ୍ତ ହୋଇଥିଲା। ଏହାପରେ ନାବାଳିକାଙ୍କ ମା' ଓ ମାଧବଙ୍କ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥିଲା। ନାବାଳିକା ଜଣକ ମାଧବଙ୍କୁ ବାପା ବୋଲି ମଧ ସମ୍ବୋଧନ କରୁଥିଲେ। ଗତ ୧୮ ତାରିଖରେ ନାବାଳିକାଙ୍କ ଘରକୁ ମାଧବ ଯାଇଥିଲେ। ଏହି ସମୟରେ କୌଣସି କାରଣକୁ ନେଇ ତାଙ୍କ ମା'ଙ୍କ ସହିତ ମାଧବଙ୍କର ଝଗଡା ହୋଇଥିଲା। ପରେ ଘରେ ଅନ୍ୟକେହି ନ ଥିବାବେଳେମାଧବନାବାଳିକାଙ୍କୁଅପରହଣ କରି ମହାବୀର ବସ୍ତିରେ ଥିବା ଭଡା ଘରକୁ ନେଇଯାଇଥିଲେ। ସେହିଦିନ ରାତିରେ ପୀଡ଼ିତା ଉକ୍ତ ଘରେ ଶୋଇଥିବା ସମୟରେ ମାଧବ ତାଙ୍କୁ ବଳାତ୍କାର କରିଥିଲେ। ଏନେଇ ପୀଡ଼ିତାଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୩୪୮/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଜିଲାସ୍ତରୀୟ ଯୋଗାସନ ପ୍ରତିଯୋଗିତା

ବାଙ୍କୀ,୨୪।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

କଟକ କଲେଜ ଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପତଞ୍ଜଳି ଯୋଗପରିବାର ପକ୍ଷରୁ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସୁନୀଲ୍ ଶର୍ମାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଏସିଆନ୍ ଗୋଲ୍ଡ ମେଡାଲିଷ୍ଟ ଚନ୍ଦ୍ରଶେଖର ବାରିକ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ବାଙ୍କୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପଞ୍ଚମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ସାଇ ଶୁଭଶ୍ରୀ ସାହୁ ଅଂଶ ଗ୍ରହଣ କରି ଟ୍ରାଡିସନାଲ୍ ଯୋଗ ଆସନରେ ପ୍ରଥମ ଓ ଆର୍ଟିଷ୍ଟ ଯୋଗାସନରେ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି।



ଛାତ୍ରୀ ସୁଶ୍ରୀ ସାଇ ଶୁଭଶ୍ରୀ ସାହୁଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ପରିବେଶ ସନ୍ତୁଳନ ପାଇଁ ଚାରାରୋପଣ ଜରୁରୀ

ନିଶ୍ଚିନ୍ତକୋଇଲି, ୨୪।୭ (ଅଶୋକ କୁମାର ମହାପାତ୍ର)

ସମଗ୍ର ବିଶ୍ୱର ଜଳବାୟୁ ପରିବର୍ତ୍ତନ ହେଉଛି। ପରିବେଶ ସନ୍ତୁଳନ ହରାଉଥିବାରୁ ବିଶ୍ୱରେ ତାପମାତ୍ରା ବୃଦ୍ଧି ପାଉଛି। ଋତୁ ପରିବର୍ତନ ଅନୁଯାୟୀ ଖରା ବର୍ଷା ଓ ଶୀତ ଅନୁଭବ ହେଉନାହିଁ। ଫଳରେ ଏବେ ଜୀବଜଗତ ବିପଦଜନକ ସ୍ଥିତିରେ ଗତି କରୁଛି ବୋଲି ଶିଶୁ ମନ୍ଦିରର ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସୋମବାର ନିଶ୍ଚିନ୍ତକୋଇଲି ସରସ୍ୱତି ଶିଶୁ ବିଦ୍ୟାମନ୍ଦିରରେ ଚାରା ରୋପଣ କରାଯିବା ସହ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏନେଇ ଛାତ୍ରୀଛାତ୍ରମାନେ ଘରୁ ଉପାଦେୟ ଗଛ ଚାରା ନେଇ ବିଦ୍ୟାଳୟକୁ ଆସିଥିଲେ। ସେଠାରେ ଗୁରୁମା ଓ ଗୁରୁଜୀମାନେ ଚାରା ରୋପଣର କୌଶଳ ଓ ଏହାର ଉପାଦେୟତା ସମ୍ପର୍କରେ ସଚେତନ କରାଇଥିଲେ। ପରିବେଶ ସନ୍ତୁଳନ ପାଇଁ ଚାରାରୋପଣ ଜରୁରୀ ବୋଲି କହିଥିଲେ। ଏଥିସହ ବିଦ୍ୟାଳୟ ପରିସର ଓ ସମ୍ମୁଖ ଭାଗରେ ଥିବା କେନାଲରେ ଫଳ,ଫୁଲ ଏବଂ ଔଷଧୀୟ ଚାରା ରୋପଣ କରାଯାଇଥିଲା। ଆୟୋଜିତ କର୍ମଶାଳାରେ ପରିଚାଳନା କମିଟି ସଭାପତି ଦୀପାଞ୍ଜଳୀ ମିଶ୍ର ସଭାପତିତ୍ୱ କରିଥିଲେ। ଅତିଥିଭାବେ ବିଦ୍ୟାଳୟର ସମ୍ପାଦକ ତପନ କୁମାର ଦାସ, ଉପସଭାପତି ଅଶୋକ କୁମାର ମହାପାତ୍ର, ସହ ସମ୍ପାଦିକା ବିଦୁଲତା ପଣ୍ଡା, କୋଷାଧ୍ୟକ୍ଷ ସୁବୋଧ କୁମାର ଷଡ଼ଙ୍ଗୀ, ସଭ୍ୟ ତଡିତ କୁମାର ମଲିକ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରାଣ କୃଷ୍ଣ ମଲିକଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଗୁରୁଜୀ ଗୁରୁମାଙ୍କ ସହଯୋଗରେ ୪୮୭ଟି ଚାରାରୋପଣ କରାଯାଇଥିଲା।



ଚାରାରୋପଣ କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ।

# ୧ କୁଇଣ୍ଟାଲ ଗଞ୍ଜେଇ ଜବତ: ବୃଦ୍ଧା ଗିରଫ

## ଅବକାରୀ ଚଢ଼ାଉ

- ଖସିଗଲେ ଅନ୍ୟ ଅଭିଯୁକ୍ତ

ଆଠଗଡ଼,୨୪।୭(ସତ୍ୟପ୍ରସାଦ ରଥ)

ଆଠଗଡ ଅବକାରୀ ବିଭାଗ ପକ୍ଷରୁ ଟିଗିରିଆ ଥାନା ଭିରୁଡାସ୍ଥିତ ଗୋଡିଝରିଆ ଗ୍ରାମରେ ଚଢ଼ାଉ କରାଯାଇ ଗୋଟିଏ ଘର ପଛପଟୁ ୧କୁଇଣ୍ଟାଲ ଚୋରା ଗଞ୍ଜେଇ ଜବତ କରାଯାଇଛି। ଏହି ଅଭିଯୋଗରେ ଉକ୍ତ ଗ୍ରାମର ଜଣେ ବୃଦ୍ଧାଙ୍କୁ ଗିରଫ କରାଯାଇଛି। ସେ ହେଲେ ଗୁଲରୀ ସାହୁ (୭୫)। ରାଜ୍ୟ ଅବକାରୀ ଆୟୁକ୍ତ ନରସିଂହ ଭୋଳଙ୍କ ନିର୍ଦ୍ଦେଶରେ ଆଠଗଡ, ଟିଗିରିଆ, ଢେଙ୍କାନାଳ ସଦର, ବଡ଼ମ୍ବା, ନରସିଂହପୁର ଅଞ୍ଚଳରେ ଅବକାରୀ ଚଢ଼ାଉ କରାଯାଇଥିଲା। କଟକ ଅବକାରୀ ଅଧୀକ୍ଷକ ଦେବାଶିଷ ପଟେଲ ଓ ପ୍ରମୋଦ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏନେଇ ୪ଟି ପାଟ୍ରୋଲିଂ ସ୍କ୍ୱାଡ୍ ଗଠନ କରାଯାଇଥିଲା। ଏହି ସ୍କ୍ୱାଡ୍ ଗୋଡିଝରିଆ ଗ୍ରାମରେ ଚଢ଼ାଉ କରିଥିବାବେଳେ ଗୁଲାରୀଙ୍କ ବ୍ୟତୀତ ଅନ୍ୟ ଅଭିଯୁକ୍ତମାନେ ଖସି ପଳାଇଥିଲେ। ଅଭିଯୁକ୍ତ ଫେରାର ହେବା ଘଟଣାରେ ଅବକାରୀ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ଏହି ଚଢାଉରେ କଟକ ଅବକାରୀ ଅଧୀକ୍ଷକ ଦେବାଶିଷ ପଟେଲ, ଉପାଧ୍ୟକ୍ଷ ପ୍ରମୋଦ କୁମାର ପଣ୍ଡା, ଜିଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ସଞ୍ଜୀବ ବାର୍ଲା, କେଶବ ଚନ୍ଦ୍ର ଦାସ, ଅବକାରୀ ନିରୀକ୍ଷକ, ଆଠଗଡ ଅଜିତ କୁମାର ପାତ୍ର, ଅର୍ପିତା ସାହୁ, ଦୁଃଖିଶ୍ୟାମ ଟୁଡୁ, ପ୍ରମୁଖ ସାମିଲ ହୋଇଥିଲେ।



ଜବତ ଗଞ୍ଜେଇ ଓ ଗିରଫ ବୃଦ୍ଧା।

# ୮ ଶ୍ରେଣୀକୁ ୫ ଗୃହ

**ବୋଲଗଡ଼,୨୪।୭(ଦେବବ୍ରତ ହୋତା)**



ଶ୍ରେଣୀଗୃହ ମଝିରେ ପାଲଟାଣି ପାଠପଢ଼ା ଯାଉଛି।

**କାଉଁରୀପାଟଣା ଉ. ପ୍ରା. ବିଦ୍ୟାଳୟ**
- ଗୃହ ମଝିରେ ପାଲଟାଣି ଚାଲିଛି ପାଠପଢ଼ା
- ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ଅନ୍ତର୍ଗତ କାଉଁରୀପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ ସାଙ୍ଗକୁ ନାହିଁ ମୌଳିକ ସୁବିଧା। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ପ୍ରାୟ ଦୁଇଶହ ଛାତ୍ରୀଛାତ୍ରଙ୍କ ନିମନ୍ତେ ୮ଟି ଶ୍ରେଣୀ ଗୃହ ଏବଂ ପ୍ରଧାନଶିକ୍ଷକ କାର୍ଯ୍ୟାଳୟ ଓ ଷ୍ଟୋର ରୁମ ମିଶାଇ ମୋଟ୍ ଦଶଟି ଗୃହ ଆବଶ୍ୟକ ଥିବାବେଳେ ଏଠାରେ ପାଞ୍ଚଟି ଗୃହ ରହିଛି। ଗୃହ ଅଭାବରୁ ଗୋଟିଏ ରୁମରେ ପଞ୍ଚମ ଓ ଷଷ୍ଠ, ଗୋଟିକରେ ଚତୁର୍ଥ ଓ ସପ୍ତମ ଅନ୍ୟ ଗୋଟିକରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଯାଉଛି। ଗୃହର ମଝିରେ ପାଲଟାଣି ପାଠ ପଢ଼ାଯାଉଥିବା ଦେଖିବାକୁ ମିଳିଛି। ସେହିପରି ଅନ୍ୟ ଦୁଇଟି ଗୃହରେ ତୃତୀୟ ଓ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ପଢ଼ାଯିବା ସହିତ ଅଫିସ କାର୍ଯ୍ୟ ମଧ କରାଯାଉଛି। ଫଳରେ ପାଠପଢ଼ା ବ୍ୟାଘାତ ଘଟୁଛି । ଅନ୍ୟପକ୍ଷରେ ବିଦ୍ୟାଳୟର ଛାତ ମରାମତି ଅଭାବରୁ ଦୁଇଟି ଶ୍ରେଣୀଗୃହରେ ବର୍ଷାପାଣି ଗଳି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହି ବିଦ୍ୟାଳୟରେ ଭିତ୍ତିଭୂମି ଅଭାବରୁ ଶୌଚାଳୟ ନ ଥିବାରୁ ଛାତ୍ରୀଛାତ୍ର ବାଧ ହୋଇ ବାହାରକୁ ଯାଉଛନ୍ତି। ସରକାର ବିଦ୍ୟାଳୟର ଉନ୍ନତୀକରଣ ଓ ଶିକ୍ଷା ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ ସରକାରଙ୍କ ଯୋଜନା ଏଠାରେ ପହଞ୍ଚିପାରିନାହିଁ। ସ୍କୁଲର ଉନ୍ନତି ଓ ବିକାଶ ପାଇଁ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ସ୍ୱାଇଁ ଲିଖିତଭାବେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଯାହାକୁ ନେଇ ଅଭିଭାବକଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ କୁହନ୍ତି, ଏହି ବିଦ୍ୟାଳୟର ସମସ୍ତ ସମସ୍ୟା ସୁଧାର ପାଇଁ ରାଜ୍ୟ ସରକାରଙ୍କ ୫-ଟି ଯୋଜନାରେ ସାମିଲ କରାଯିବାକୁ ଉଦ୍ୟମ କରାଯାଉଛି। ଅନ୍ୟପକ୍ଷରେ ଗୋଷ୍ଠୀ ଶିକ୍ଷାଧିକାରୀ ଭାସ୍କର ଲେଙ୍କା କହିଛନ୍ତି, ଏହି ବିଦ୍ୟାଳୟର ବିକାଶ ତଥା ଉନ୍ନତି ଦାୟିତ୍ୱ ପଞ୍ଚାୟତ ଅଧୀନକୁ ଦିଆଯାଇଛି। ତଥାପି ବିଡିଓଙ୍କୁ ଉକ୍ତ ସ୍କୁଲ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହିତ ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଜନଶୁଣାଣି ଶିବିରରେ ୧୮୨ ଅଭିଯୋଗ



ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

**ବୋଲଗଡ଼,୨୪।୭(ଦେବବ୍ରତ ହୋତା)**

ଖୋର୍ଦ୍ଧା ଜିଲା ବୋଲଗଡ଼ ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୧୮୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୧୬୫ଟି ଓ ସାମୂହିକ ଗ୍ରାମ ବିବାଦ ୧୭ଟି ଅଭିଯୋଗ ରହିଥିଲା। ତନ୍ମଧ୍ୟରୁ ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗଗୁଡ଼ିକର ସାମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆବାସ ଯୋଜନା ଗୃହ ନିର୍ମାଣ ନେଇ ଶତାଧିକ ଅଭିଯୋଗ ସହିତ ସାମାଜିକ ସୁରକ୍ଷା, ଜମିପଟ୍ଟା, ଜଳସେଚନ, ରାଶନ କାର୍ଡ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ରାସ୍ତା ସମସ୍ୟା ସମ୍ପର୍କିତ ଅଭିଯୋଗ ରହିଥିଲା। ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଏଡିଏମ୍ ପ୍ରତାପ ବେଉରା ଓ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କ ସମତେ ସମସ୍ତ ବିଭାଗର ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସଂକ୍ଷେପରେ

## ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର, ସମ୍ପର୍କୀୟ ଗିରଫ

**ଭୁବନେଶ୍ୱର,୨୪।୭(ସତ୍ୟଜିତ୍ ରାଉତ):** ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଛି। ଚନ୍ଦ୍ରଶେଖରପୁର ଥାନାଞ୍ଚଳରେ ଏହି ଘଟଣା ଘଟିଛି। ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରିବା ସମ୍ପୃକ୍ତ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ହାଉସିଂବୋର୍ଡ କଲୋନୀରେ ରହୁଥିବା କଟକ ସଦର ଥାନା ଅନ୍ତର୍ଗତ ନଗରପଲ୍ଲୀ ଗ୍ରାମର ମାଧବ ଚନ୍ଦ୍ର ଦଲେଇ (୫୯)। ମାଧବଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ୧୨ ବର୍ଷୀୟ ପୀଡ଼ିତା ନାବାଳିକାଙ୍କ ବାପାଙ୍କର କିଛିବର୍ଷ ତଳେ ଦେହାନ୍ତ ହୋଇଥିଲା। ଏହାପରେ ନାବାଳିକାଙ୍କ ମା' ଓ ମାଧବଙ୍କ ମଧରେ ସମ୍ପର୍କ ଗଢ଼ି ଉଠିଥିଲା। ନାବାଳିକା ଜଣକ ମାଧବଙ୍କୁ ବାପା ବୋଲି ମଧ ସମ୍ବୋଧନ କରୁଥିଲେ। ଗତ ୧୮ ତାରିଖରେ ନାବାଳିକାଙ୍କ ଘରକୁ ମାଧବ ଯାଇଥିଲେ। ଏହି ସମୟରେ କୌଣସି କାରଣକୁ ନେଇ ତାଙ୍କ ମା'ଙ୍କ ସହିତ ମାଧବଙ୍କର ଝଗଡା ହୋଇଥିଲା। ପରେ ଘରେ ଅନ୍ୟକେହି ନ ଥିବାବେଳେ ମାଧବ ନାବାଳିକାଙ୍କୁ ଅପରହଣ କରି ମହାବୀର ବସ୍ତିରେ ଥିବା ଭଡା ଘରକୁ ନେଇଯାଇଥିଲେ। ସେହିଦିନ ରାତିରେ ପୀଡ଼ିତା ଉକ୍ତ ଘରେ ଶୋଇଥିବା ସମୟରେ ମାଧବ ତାଙ୍କୁ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୩୪୮/ ୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଦୁର୍ଘଟଣା: ସ୍କୁଟି ଚାଳକ ମୃତ

**ଖୋର୍ଦ୍ଧା,୨୪।୭(ପ୍ରଭାତ ପାଣିଗ୍ରାହୀ):** ନାଚୁଣୀ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥ ହରିପୁର ଛକ ପେଟ୍ରୋଲ ପମ୍ପ ନିକଟରେ ସୋମବାର ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୋରଣ ଗ୍ରାମର କାହ୍ନା ନାୟକ(୨୫)। ସୂଚନା ମୁତାବକ, ବାଲୁଗାଁରୁ କାହ୍ନା ସ୍କୁଟିରେ ନିଜ ଗ୍ରାମ ସୋରଣକୁ ଫେରୁଥିଲେ। ନାଚୁଣୀ ହରିପୁର ଛକ ପେଟ୍ରୋଲ ପମ୍ପ ନିକଟରେ କୌଣସି ଏକ ଭାରିଯାନ ସହ ଧକ୍କା ହୋଇଥିଲା। ଫଳରେ କାହ୍ନାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଖବରପାଇ ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ତାଙ୍କୁ ଆମ୍ବୁଲାନ୍ସରେ ଟାଙ୍ଗୀ ମେଡିକାଲ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନାଚୁଣୀ ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

## ଟଙ୍କା ଛଡ଼ାଇ ନେବା ଅଭିଯୋଗରେ ମହିଳା ଗିରଫ

**ବାଲିଅନ୍ତା,୨୪।୭(ନୀଳମାଧବ ସାହୁ)-** ଜଣେ ବ୍ୟକ୍ତିଙ୍କୁ ଲିଫ୍ଟ ମାଗି ଅଧା ବାଟରେ ଅଟକାଇ ତାଙ୍କଠାରୁ ଟଙ୍କା ଛଡ଼ାଇ ନେବା ଅଭିଯୋଗରେ ପାହାଳ ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଅଞ୍ଚଳର ଉର୍ମିଳା ବାରିକ୍(୪୮)। ଏନେଇ ପୋଲିସ ୨୩୦/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗତ ୩ ତାରିଖରେ ପଦିଆ ଦାସ ନାମକ ଜଣେ ଘରୋଇ କମ୍ପାନୀର ଟେକ୍ନିସିଆନ ବାଇକ୍‌ରେ ଯାଉଥିବାବେଳେ ପାହାଳ ଛକରେ ଜଣେ ମହିଳା ତାଙ୍କୁ ଲିଫ୍ଟ ମାଗିଥିଲେ। କିଛି ବାଟ ଯିବା ପରେ ମହିଳା ତାଙ୍କୁ ଗାଡ଼ି ଅଟକାଇବାକୁ କହିଥିଲେ। ସେଠାରେ ସେ ଜଣେ ପୋଲିସ ବିଭାଗର କର୍ମଚାରୀ ଭାବେ ପରିଚୟ ଦେଇ ପଦିଆଙ୍କ ବ୍ୟାଗରୁ ଟଙ୍କା ଛଡ଼ାଇ ନେଇଥିଲେ। ରବିବାର ପଦିଆ ଘରକୁ ଫେରୁଥିବାବେଳେ ଉକ୍ତ ମହିଳା ନଖରାସ୍ଥିତ ଏକ ମନ୍ଦିର ନିକଟରେ ଠିଆ ହୋଇଥିଲେ। ପଦିଆ ତାଙ୍କୁ ଚିହ୍ନି ପାରି ତାଙ୍କ ପିଛା କରି ପିସିଆର୍ କର୍ମଚାରୀ ସହାୟତାରେ କାବୁ କରିଥିଲେ।

## କାର୍‌ରେ ଯୁବତୀଙ୍କୁ ଅପହରଣ ବେଳେ ଧରିଲା ପୋଲିସ

**ବାରଙ୍ଗ,୨୪।୭(ଲିଙ୍ଗରାଜ ରାଉତ):** କାର୍‌ରେ ଜଣେ ଯୁବତୀଙ୍କୁ ଅପହରଣ କରିନେଉଥିବାବେଳେ ସୋମବାର ରାତିରେ ବାରଙ୍ଗ ପୋଲିସ ତାଙ୍କୁ ଉଦ୍ଧାର କରିଛି। ଏଥିସହ ଯୁବକଙ୍କୁ ଅଟକ ରଖିଛି। ଆଠଗଡ଼ ରାଜନଗର ନିକଟ ଜଙ୍ଗଲ ପାଖରୁ ଜଣେ ଯୁବତୀ ସ୍କୁଟିରେ ଯାଉଥିଲେ। ଏକ କାର୍‌ରେ ଜଣେ ଯୁବକ ତାଙ୍କୁ ଅପହରଣ କରିନେଇଯାଉଥିବା ପୋଲିସକୁ ଖବର ମିଳିଥିଲା। ଖବରପାଇ ପୋଲିସ ରାସ୍ତା ବ୍ଲକିଂ କରି ଚେକିଂ କରୁଥିବାବେଳେ ଦ୍ରୁତ ଗତିରେ ଆସୁଥିବା କାର୍(ଓଡି୦୨ସି-୮୦୭୭)କୁ ଅଟକାଇ ଯାଞ୍ଚ କରି ଯୁବତୀଙ୍କୁ ଉଦ୍ଧାର କରିଥିଲା। ଅପହରଣକାରୀ ଯୁବକଙ୍କ ଘର ଆଠଗଡ଼ ବେଣ୍ଟପଦର ହୋଇଥିବାବେଳେ ସେ ଟିପିସିଏଲ୍‌ର ଜେଇ ଥିବା ଜଣାପଡିଛି। ପୋଲିସ ଉଭୟଙ୍କୁ ଅଟକରଖି ପଚରାଉଚରା କରୁଛି।

# ଗୋରୁକଟାକୁ ନେଇ ଉତ୍ତେଜନା, ରାସ୍ତାରୋକୋ



ପୋଲିସ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରୁଛି।

**ଖୋର୍ଦ୍ଧା,୨୪।୭ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ମୁକୁନ୍ଦପ୍ରସାଦର ଏକ ବସ୍ତିରେ ଗୋରୁକଟାକୁ କେନ୍ଦ୍ରକରି ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ହିନ୍ଦୁ ସଙ୍ଗଠନ ଏହାର ବିରୋଧ କରିଛି। ଏହାର ପ୍ରତିବାଦରେ ୫୭ ନମ୍ବର ଜାତୀୟ ରାଜପଥ ମୁକୁନ୍ଦପ୍ରସାଦ ଛକରେ ସୋମବାର ପୂର୍ବାହ୍ନରେ ହିନ୍ଦୁ ସଙ୍ଗଠନର କର୍ମକର୍ତ୍ତା ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ ଲାଗି ଦାବି କରିଥିଲେ। ଫଳରେ ଉଭୟପଟୁ ଆସୁଥିବା ଗାଡ଼ି ଅଟକି ରହିଥିଲା। ଖବରପାଇ ଟାଉନ ଥାନା ଅଧିକାରୀ ତାରିକ ଅହମ୍ମଦ ଏକ ପ୍ଲାଟୁନ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ଘଟଣାର ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ ଅହମ୍ମଦ ପ୍ରତିଶ୍ରୁତି ଦେବା ପରେ ପ୍ରାୟ ଏକ ଘଣ୍ଟା ପରେ ରାସ୍ତାରୋକୋ ହଟିଥିଲା। ତେବେ ଗୋରୁ କଟାଯାଇଥିବା ସ୍ଥାନ ପରିଦର୍ଶନ ଲାଗି ଆନ୍ଦୋଳନକାରୀ ଜିଦ୍ ଧରିଥିଲେ। ଉକ୍ତ ଅଞ୍ଚଳରେ ଆନ୍ଦୋଳନକାରୀ ଏବଂ ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ଘଟଣାସ୍ଥଳରେ ପୁଣି ଉତ୍ତେଜନା ପ୍ରକାଶ ପାଇଥିଲା। ସମ୍ପୃକ୍ତ ହିନ୍ଦୁ ସଙ୍ଗଠନ କର୍ମକର୍ତ୍ତା ଏବଂ ଉକ୍ତ ବସ୍ତିର କେତେଜଣ ଯୁବକ ମୁହାଁମୁହିଁ ହୋଇଥିବା ଜଣାପଡିଛି। ଖବରପାଇ ପୋଲିସ ଟିମ୍ ପହଞ୍ଚିଥିଲା। ଆଇନଶୃଙ୍ଖଳା ଦୃଷ୍ଟିରୁ ମୁକୁନ୍ଦପ୍ରସାଦରେ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ ରହିଛି। ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି ଥାନାଧିକାରୀ ଅହମ୍ମଦ ସୂଚନା ଦେଇଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

## ଶାଳିଆ କେନାଲରୁ ବୃଦ୍ଧଙ୍କ ମୃତଦେହ ଜବତ

**ବାଣପୁର(ଶଙ୍କର ବସ୍ତି)/ଗମ୍ଭାରୀମୁଣ୍ଡା, ୨୪।୭(ଦିଲ୍ଲୀପ ସ୍ୱାଇଁ)**

ବାଣପୁର ଥାନା ଅଧୀନ ମୁକ୍ତଦେଇପୁର ଗ୍ରାମ ନିକଟ ଶାଳିଆ କେନାଲରୁ ସୋମବାର ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଏହି ଥାନା ଅନର୍ଗତ ମଙ୍ଗରାଜପୁର ଗ୍ରାମର ଶରତ ପାଣି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗତ ରବିବାର ଶରତ ଘରୁ ଆସିଥିବା ବେଳେ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ତାଙ୍କ ସନ୍ଧାନ ପାଇ ନ ଥିଲେ। ଶାଳିଆ କେନାଲରେ ଏକ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରିଥିଲେ। ମଙ୍ଗଳବାର ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

## ଲାଗିବାର ସପ୍ତାହ ପରେ ଜଳୁନି ୩୦ ଷ୍ଟ୍ରିଟ୍ ଲାଇଟ

**ବୋଲଗଡ଼,୨୪।୭(ଦେବବ୍ରତ ହୋତା)**

ବୋଲଗଡ ବ୍ଲକ ଅନ୍ତର୍ଗତ କଡବ ପଞ୍ଚାୟତ ଅଞ୍ଚଳରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ)ପକ୍ଷରୁ ୬ ମାସ ପୂର୍ବେ ୩୦ଟି ଷ୍ଟ୍ରିଟ ଲାଇଟ୍ ଲଗାଯାଇଥିଲା। ତେବେ ଲାଗିବାର ଏକ ସପ୍ତାହ ମଧ୍ୟରେ ଖରାପ ହୋଇଯାଇଥିବା ନେଇ ସୋମବାର ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। କଡବ ସରପଞ୍ଚ ନଳିନୀ କୁମାର ବଡଜେନାଙ୍କ ଅଭିଯୋଗ ଅନୁଯାୟୀ, ୬ ମାସ ପୂର୍ବେ ଡିଆରଡିଏ ପକ୍ଷରୁ ଠିକାଦାରଙ୍କ ଜରିଆରେ ଉକ୍ତ ପଞ୍ଚାୟତ ଅଞ୍ଚଳରେ ଆଲୋକୀକରଣ ପାଇଁ ଗଡ କଡବ ମୌଜାରେ ୧୦ଟି ଏବଂ ଚଟୁଆ ଗ୍ରାମରେ ୨୦ଟି ଷ୍ଟ୍ରିଟଲାଇଟ ଲଗାଯାଇଥିଲା। ମାତ୍ର ଏହା ଏକ ସପ୍ତାହ ମଧ୍ୟରେ ଖରାପ ହୋଇଯାଇଥିଲା। ଏନେଇ ସମ୍ପୃକ୍ତ ସଂସ୍ଥା ତଥା ଠିକାଦାରଙ୍କୁ ବାରମ୍ବାର କରାଯାଇଥିଲେ ମଧ ସୁଫଳ ମିଳିଲା ନାହିଁ। ଅନ୍ୟପକ୍ଷରେ ଏହି ଅଭିଯୋଗ ପାଇବା ପରେ ଜିଲପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ବିରକ୍ତି ପ୍ରକାଶ କରିବା ସହ ବୋଲଗଡ ମଣ୍ଡଳ ଉନ୍ନୟନ ଅଧିକାରୀ ଧୋବେଇ ନାୟକଙ୍କୁ ଏ ସଂକ୍ରାନ୍ତରେ ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ବିଲ୍‌ରେ ଦସ୍ତଖତ ନ ହେବା ନେଇ ହୋହଲ୍ଲା

**ବାଲିପାଟଣା,୨୪।୭(ଅଭିମନ୍ୟୁ ନାୟକ)**

ବାଲପାଟଣା ବ୍ଲକ ସଭାଗୃହରେ ସୋମବାର ବିଡିଓ ଆଦିକନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୋ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପ୍ରତି ପଞ୍ଚାୟତରେ କେଉଁଠି କ'ଣ କାମ ହେବ ସେନେଇ ଆଲୋଚନା ହୋଇଥିଲା। ବ୍ଲକ ଅନ୍ତର୍ଗତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। ତେବେ ଦୀର୍ଘ ଦୁଇମାସ ହେବ ବିଧାୟକଙ୍କ ହାତପାଣ୍ଠି, ସମିତି ସେୟାର, ୫-ଟି ପରି ବିଭିନ୍ନ ଯୋଜନାରେ କାମ ହୋଇଥିବା ବିଲ୍‌ରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ହରପ୍ରିୟା ଦାସ ଦସ୍ତଖତ କରୁନାହାନ୍ତି ବୋଲି ଦେଉଳିଧରପୁର ସମିତି ସଭ୍ୟା ସୌଭାଗ୍ୟଲକ୍ଷ୍ମୀ ପ୍ରିୟଦର୍ଶିନୀ ଅଭିଯୋଗ ଆଣିଥିଲେ। ଅନ୍ୟପକ୍ଷରେ ଦେହ ଖରାପ ଥିବାରୁ ବ୍ଲକକୁ ନ ଆସିପାରିବାରୁ ଦସ୍ତଖତ କରିପାରିନାହିଁ ବୋଲି ଅଧ୍ୟକ୍ଷା ଦାସ କହିଛନ୍ତି। ତେବେ ଏପରି ମନୋଭାବ ରଖିଲେ ଭବିଷ୍ୟତରେ ଅସୁବିଧା ହେବ ବୋଲି ଅଭିଯୋଗୀକାରୀମାନେ କହିଥିଲେ। ଜିଲାପରିଷଦ ସଭ୍ୟ ପବିତ୍ର ପଟେଲ ଏଥିରେ ହସ୍ତକ୍ଷେପ କରିବାରୁ ବଚସା ହୋଇଥିଲା। ଏହି ସମୟରେ ଅଧ୍ୟକ୍ଷା ଦାସ ଉତ୍କ୍ଷିପ୍ତ ହୋଇ ଟେବୁଲରେ ହାତବାଡେଇ ଉଠିଯାଇଥିଲେ। ଅନ୍ୟପକ୍ଷରେ ଟେବୁଲରେ ନୁହେଁ ଏଇଟା ଆମକୁ ମାଡ ବୋଲି କହି କେତେଜଣ ସମିତିସଭ୍ୟ ସରପଞ୍ଚ ହୋହଲ୍ଲା କରିଥିଲେ। ଏପରି ଟାଳଟୁଳ ନୀତି ଅବଲମ୍ବନ କଲେ ଆଗାମୀ ଦିନରେ ୫-ଟି ସଚିବ, ବିଭାଗୀୟ ମନ୍ତ୍ରୀ ଓ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିବେ ବୋଲି କେତେଜଣ ସରପଞ୍ଚ ଓ ସମିତି ସଭ୍ୟ କହିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ବିଡିଓ ବେହେରା କହିଛନ୍ତି, ବିଲ୍‌ରେ ଦସ୍ତଖତ ନ ହେବାରୁ ଅଧ୍ୟକ୍ଷା ଏବଂ ଅଭିଯୋଗକାରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ତେବେ ଉକ୍ତ ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର କରାଯିବ।

## ବୃଦ୍ଧାଙ୍କ ବେକରୁ ଝାମ୍ପିନେଲେ ସୁନାଚେନ

**ଜଟଣୀ,୨୪।୭(ରବୀନ୍ଦ୍ର ନାଥ ମହାକୁଡ଼)**

ଜଟଣୀ ଥାନା ୧୫ନଂ. ୱାର୍ଡ ଅଧୀନ ଜଟଣୀ ଗାଁ(ହାଟବଜାର) ଅଞ୍ଚଳରୁ ସୋମବାର ଜଣେ ବୃଦ୍ଧାଙ୍କ ବେକରୁ ସୁନାଚେନ ଦୁର୍ବୃତ୍ତମାନେ ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ଲୁଟର ଶିକାର ହୋଇଥିବା ବୃଦ୍ଧା ହେଲେ ବିନୋଦିନୀ ଜେନା(୬୫)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବିନୋଦିନୀ ସ୍ଥାନୀୟ ମେଳଣ ପଡିଆସ୍ଥିତ ମହାଦେବଙ୍କ ମନ୍ଦିରକୁ ପୂଜା କରିବା ପାଇଁ ଯାଇଥିଲେ। ମନ୍ଦିରରେ ପୂଜା କାର୍ଯ୍ୟ ସାରି ଘରକୁ ଫେରିବା ବେଳେ ବାଇକରେ ଜଣେ ଦୁର୍ବୃତ୍ତ ଆସି ହଠାତ୍ ତାଙ୍କ ବେକରୁ ସୁନା ଚେନ ଝାମ୍ପିନେଇ ପଳାଇଥିଲା। ଏନେଇ ବିନୋଦିନୀ ଘଟଣା ସମ୍ପର୍କରେ କହିବା ପରେ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

## ବିଜ୍ଞାନମେଳାରେ ୩୭ ପ୍ରକଳ୍ପ



ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ପ୍ରକଳ୍ପ।

**ନିରାକାରପୁର,୨୪।୭(ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ପଞ୍ଚାୟତ ସ୍ଥିତ କ୍ଷେତ୍ରବାସୀ ଏକାଡେମୀ ହାଇସ୍କୁଲରେ ସୋମବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଉଦ୍‌ଯାପିତ ହୋଇଯାଇଛି। ଏହି ବିଜ୍ଞାନମେଳାରେ ବ୍ଲକର ୨୫ଟିସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବା ବେଳେ ମୋଟ ୩୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କିପରି ସ୍ୱଳ୍ପ ଖର୍ଚ୍ଚରେ ପ୍ରଦୂଷଣ ମାତ୍ରା ରୋକାଯାଇପାରିବ, କିପରି ଘରେ ଘରେ ସ୍ୱଳ୍ପ ବିଦ୍ୟୁତ୍ ବିନିଯୋଗ କରାଯାଇ ଅନ୍ଧାରରୁ ମୁକ୍ତି ମିଳିବ ଆଦି ପ୍ରକଳ୍ପ କୁନିବୈଜ୍ଞାନିକମାନେ ପ୍ରଦର୍ଶିତ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ଅତିଥିଭାବେ ଟାଙ୍ଗୀ ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ, ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ସାହୁ, ଶିକ୍ଷାବିତ୍ ଶଙ୍କର୍ଷଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା ଯୋଗଦେଇଥିଲେ। ଦାୟିତ୍ୱରେ ଥିବା ହାଇସ୍କୁଲର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଦର୍ଶିତ ପ୍ରକଳ୍ପରୁ ୧୦ଟି ପ୍ରକଳ୍ପ ବିଚାରକଙ୍କ ଦ୍ୱାରା ମନୋନୀତ ହୋଇଛି। ସେମାନେ ଜିଲାସ୍ତରୀୟ ବିଜ୍ଞାନମେଳା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ଶିକ୍ଷାଧିକାରୀ ସାହୁ ସୂଚନା ଦେଇଛନ୍ତି। ସ୍କୁଲ ପରିଚାଳନା କମିଟିର ସଭାପତି ରବି ନାରାୟଣ ବାହିନୀପତି ଧନ୍ୟବାଦ ଦେଇଥିଲେ।

## ମଣ୍ଡଳ ରେଳ ପ୍ରବନ୍ଧକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଜଟଣୀ,୨୪।୭(ରବୀନ୍ଦ୍ର ନାଥ ମହାକୁଡ଼)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଟ୍ରାଫିକ କେଲୋନୀସ୍ଥିତ ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ବକ୍ସି ଜଗବନ୍ଧୁ ବିଦ୍ୟାଧର ଇଲୱେ ଇନ୍‌ଷ୍ଟିଚ୍ୟୁଟରେ ମଣ୍ଡଳ ପ୍ରବନ୍ଧକ ରିଙ୍କେଶ ରୟଙ୍କୁ ରେଲୱେ ଶ୍ରମିକ କଂଗ୍ରେସ ପକ୍ଷରୁ ସୋମବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଶ୍ରମିକ କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ପୌରୋହିତ୍ୟ କରିଥିଲେ। ମହିଳା ସଙ୍ଗଠନର ସଭାନେତ୍ରୀ ଶୁଭଲକ୍ଷ୍ମୀ ଜେନା, ଅତିରିକ୍ତ ମଣ୍ଡଳ ପ୍ରବନ୍ଧକ କଲ୍ୟାଣ ପଟ୍ଟନାୟକ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ରୟ କହିଥିଲେ, ରେଳମଣ୍ଡଳର ସମସ୍ତ କର୍ମଚାରୀ, ଅଧିକାରୀଙ୍କ ସହଯୋଗ ଭୁଲିବା ଅସମ୍ଭବ। ଏହି ଅବସରରେ ରୟଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଖୋର୍ଦ୍ଧାରୋଡ୍ ମଣ୍ଡଳର ସମସ୍ତ ବ୍ରାଞ୍ଚର ନେତୃବୃନ୍ଦ, କେନ୍ଦ୍ରୀୟ ପଦାଧିକାରୀ ସମେତ ଚାରିଶହରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ୭ଦିନରେ ଜଳସେଚନ ବ୍ୟବସ୍ଥାର ସମାଧାନ: ମନ୍ତ୍ରୀ

**ନିରାକାରପୁର,୨୪।୭(ମାନସ ଚନ୍ଦ୍ର ପଟ୍ଟନାୟକ)**



କାର୍ଯ୍ୟକ୍ରମରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଏବଂ ଅନ୍ୟ ଅତିଥି।

**ଛତୁ ପ୍ରକ୍ରିୟାକରଣ 'ସମ୍ଭବ' ଉଦ୍‌ଘାଟିତ**

ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତରେ ସୋମବାର ଛତୁ ପ୍ରକ୍ରିୟାକରଣ 'ସମ୍ଭବ' ଉଦ୍‌ଘାଟିତ ହୋଇଛି। କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିବା ସହ ଉକ୍ତ ଗୃହରେ ଲାଗିଥିବା ଅତ୍ୟାଧୁନିକ ମେଶିନଗୁଡିକୁ ବୁଲି ଦେଖିଥିଲେ। ଏହା ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ ବିନୋଦିନୀ ଦାଶ ପୌରୋହିତ୍ୟ କରିଥିଲେ। ଏହି ସଭାରେ ମନ୍ତ୍ରୀ ସ୍ୱାଇଁ ଯୋଗଦେଇ କୃଷିର ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତାଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜିଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନସିଂ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥଶର୍ମା, ଜିଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ, ସମିତି ସଭ୍ୟ ବିକାଶ କୁମାର ନାୟକ ଅତିଥିଭାବେ ଉପସ୍ଥିତ ଥିଲେ। ଡ.ମୃତ୍ୟୁଞ୍ଜୟ ରଥ ସଭା ପରିଚାଳନା କରିଥିଲେ। ଅନୁଷ୍ଠାନର ୭ଜଣ ଶ୍ରମଜୀବୀ ମହିଳାଙ୍କ ସମେତ ସମ୍ଭବ ପରିବାରକୁ ମନ୍ତ୍ରୀ ସ୍ୱାଇଁ ସମ୍ବର୍ଦ୍ଧିତ କରିଥିଲେ। ଏହି ପକଳ୍ପରେ ୩୦ଲକ୍ଷ ଟଙ୍କା ବିନିଯୋଗ ହୋଇଛି ବୋଲି ସୂଚନା ଦେଇଥିଲେ। ଅଞ୍ଚଳର କୃଷି ଓ ଜଳସେଚନ ସମସ୍ୟା ସମ୍ପର୍କରେ ଜଲା ପରିଷଦ ସଭ୍ୟ ଓ ସ୍ଥାନୀୟ ସରପଞ୍ଚ ମନ୍ତ୍ରୀଙ୍କୁ ଅବଗତ କରାଇବା ସହିତ ସ୍ଥାନୀୟ ବିଧାୟକ ବ୍ଲକରେ ଏକ କୃଷି ଗବେଷଣା କେନ୍ଦ୍ର ଖୋଲିବା ପାଇଁ ପ୍ରସ୍ତାବ ଦେଇଥିଲେ। ୭ଦିନ ମଧ୍ୟରେ ଜଳସେଚନ ବ୍ୟବସ୍ଥାର ସମାଧାନ କରାଯିବ ବୋଲି ପାଇଁ ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ବ୍ଲକ ଉପାଧ୍ୟକ୍ଷ ଧନ୍ୟବାଦ ଦେଇଥିଲେ। ପ୍ରକାଶ ଯେ, ମଞ୍ଚରେ ଅତିଥିଙ୍କୁ ସ୍ୱାଗତ ପରେ ଜାତୀୟ ସଙ୍ଗୀତ ଗାନ କରାଯାଉଥିବା ବେଳେ ବିଧାୟକ ମିତ୍ର ଅଧାରୁ ବନ୍ଦ କରିଦେଇଥିଲେ। ଫଳରେ ଉପସ୍ଥିତ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଏନେଇ ବିଧାୟକ ମିତ୍ରଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଭକ୍ତ, ସେବାୟତଙ୍କ ମହଲରେ ନାପସନ୍ଦ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୪।୭।୨୦୨୩

| ୪,୫୫,୮୬୮ ଟଙ୍କା | |
|---|---|
| ସୁନା | ୭,୬୫୦ ଗ୍ରାମ୍ |
| ରୁପା | ୨୭,୯୦୦ ଗ୍ରାମ୍ |



ପଶ୍ଚିମଦ୍ୱାର ଦେଇ ଛଡା ନ ଯିବାରୁ ମହାପ୍ରଭୁଙ୍କ ଦର୍ଶନ କରି ନ ପାରି ବରିଷ୍ଠ ନାଗରିକମାନେ ଫେରୁଛନ୍ତି ।

ପୁରୀ, ୨୪।୭(ଅଜିତ୍ ମହାନ୍ତି)

### ଶ୍ରୀମନ୍ଦିର ପଶ୍ଚିମଦ୍ୱାର ଖୋଲିବା ପ୍ରସଙ୍ଗ

ଶ୍ରୀମନ୍ଦିର ଚାରିଦ୍ୱାର ଦେଇ ଭକ୍ତଙ୍କ ପ୍ରବେଶ ନିମନ୍ତେ ଚାରିଦ୍ୱାର ଖୋଲିବା ନେଇ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହୋଇଆସୁଥିଲା। ଏହି ଦାବି ଜୋର ଧରିବା ପରେ ଶେଷରେ ପ୍ରଶାସନ ଏକ ଜରୁରୀ ବୈଠକ କରି ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିର ପଶ୍ଚିମଦ୍ୱାର ଖୋଲିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ, ସୋମବାରଠାରୁ ପୁରୀବାସୀ ସେମାନଙ୍କର ପରିଚୟପତ୍ର ଦେଖାଇ ପଶ୍ଚିମଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ତେବେ ପୁରୀବାସୀଙ୍କ ପାଇଁ ପ୍ରଶାସନର ଏଭଳି ନିଷ୍ପତ୍ତିକୁ ନେଇ ବିଭିନ୍ନ ମହଲରେ ଭିନ୍ନ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଅନେକ ଲୋକ, ସଂଗଠନ, ଭକ୍ତ ଏପରିକି ସେବାୟତମାନେ ଏପରି ନିଷ୍ପତ୍ତିକୁ ନାପସନ୍ଦ କରିଛନ୍ତି। ସମସ୍ତ ଭକ୍ତଙ୍କୁ ଚାରିଦ୍ୱାର ଦେଇ ପ୍ରବେଶ ଲାଗି ପ୍ରଶାସନ ବ୍ୟବସ୍ଥା କରୁ ବୋଲି ସାଧାରଣରେ ଦାବି ହେଉଛି।

“ ପୁରୀବାସିନ୍ଦାଙ୍କ ପାଇଁ ପଶ୍ଚିମଦ୍ୱାର ଖୋଲିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଏହାଦ୍ୱାରା ପଶ୍ଚିମଦ୍ୱାର ଦେଇ ମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ। ତେବେ ସମସ୍ତଙ୍କ ପାଇଁ ସବୁ ହେଲା, ମାତ୍ର ଭକ୍ତମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରାଗଲା ନାହିଁ। ଭକ୍ତମାନେ ପୂର୍ବରୁ ଯେପରି ଧାଡିରେ ଆସି ସିଂହଦ୍ୱାର ଦେଇ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଆସିବା କଥା ଆସୁଛନ୍ତି। ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର। ଆମେ ହେଲୁ କେୟାରଟେକ୍ର। ଭକ୍ତଙ୍କୁ ଆଗ ପ୍ରାଥମିକତା ଦିଆଯିବା କଥା, କିନ୍ତୁ ପ୍ରଶାସନ କିଛି କରିନାହିଁ। ତେଣୁ ଭକ୍ତମାନଙ୍କ ପାଇଁ ଚାରିଦ୍ୱାର ଖୋଲାଯାଉ। ପୋଲିସ ପ୍ରଶାସନ ପକ୍ଷରୁ ଯେପରି ଚେକିଂ କରାଯାଉଛି ସେପରି ଚେକିଂ କରାଯାଉ। ଭକ୍ତଙ୍କ ପାଇଁ ଚାରିଦ୍ୱାର ଖୋଲିଦିଆଗଲେ ସିଂହଦ୍ୱାରରେ ଭକ୍ତଙ୍କ ଏତେ ଲମ୍ବା ଲାଇନ ଆଉ ହୁଅନ୍ତା ନାହିଁ। ସମସ୍ତ ଭଲରେ ଆସି ମହାପ୍ରଭୁଙ୍କୁ ଦର୍ଶନ କରି ଖୁସିରେ ମହାପ୍ରସାଦ ପାଇ ଫେରିପାରନ୍ତେ।

**–ନବକିଶୋର ପତି ମହାପାତ୍ର, ପତିମହାପାତ୍ର**

“ ବାସ୍ତବରେ ପଶ୍ଚିମଦ୍ୱାର ଖୋଲାଯାଇ ନାହିଁ। ବର୍ତ୍ତମାନ ରାଜନୀତି ଚାଲିଛି। ପୁରୀ ଲୋକ ପରିଚୟ ପତ୍ର ଦେଖାଇ ପଶ୍ଚିମଦ୍ୱାର ଦେଇ ଯିବେ, ଯାହା ଗ୍ରହଣଯୋଗ୍ୟ ନୁହେଁ। ପରିଚୟ ପତ୍ର ବ୍ୟବସ୍ଥା କରିବା ଭକ୍ତ– ଭଗବାନଙ୍କ ମଧ୍ୟରେ ଠିକ୍ ନୁହେଁ। ଯଦି ଖୋଲିବାର ଅଛି, ତେବେ ସମସ୍ତଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯାଉ। ଫଳରେ ସମସ୍ତେ ଖୁସି ହେବେ। ତେବେ ପ୍ରଶାସନର ଏପରି ନିଷ୍ପତ୍ତି କାରଣରୁ ସେବାୟତଙ୍କଠାରୁ ଆରମ୍ଭ କରି ପୁରୀବାସୀଙ୍କ ନିନ୍ଦା ସହିବାକୁ ପଡୁଛି। ଶ୍ରୀମନ୍ଦିର ହେଉଛି ଭକ୍ତମାନଙ୍କ ପାଇଁ। ଶ୍ରୀମନ୍ଦିର ଚାରିଦ୍ୱାର ଚାରିଅର୍ଥକୁ ବୁଝାଇଥାଏ। ତେଣୁ ଭକ୍ତମାନଙ୍କ ପାଇଁ ଚାରିଦ୍ୱାର ଖୋଲାଯାଉ।

**–ସୋମନାଥ ଖୁଣ୍ଟିଆ, ସେବାୟତ**

“ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସିଥିଲୁ। ତେବେ ଶ୍ରୀମନ୍ଦିର ସିଂହଦ୍ୱାରକୁ ଛାଡିଦେଲେ ଅନ୍ୟଦ୍ୱାର ବନ୍ଦ ରହିଛି, ଯାହା ଠିକ୍ ନୁହେଁ। ଭକ୍ତମାନଙ୍କ ପାଇଁ ସମସ୍ତ ଦ୍ୱାର ଖୋଲାହେବା ଆବଶ୍ୟକ। ଶ୍ରୀଜଗନ୍ନାଥ ହେଉଛନ୍ତି ସମସ୍ତଙ୍କ ଆସ୍ଥାର ପୀଠ। ଜଗନ୍ନାଥ କେଉଁ ଭକ୍ତଙ୍କ ପାଇଁ ଭେଦଭାବ କରି ନ ଥାନ୍ତି। ତେଣୁ ଭକ୍ତଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ସମସ୍ତ ଚାରିଦ୍ୱାର ଖୋଲାଯାଉ।

**–ଜ୍ଞାନେନ୍ଦ୍ର ବର୍ମନ, ଆସାମ**

“ ଦୀର୍ଘଦିନ ପରେ ପଶ୍ଚିମଦ୍ୱାର ଦେଇ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କଲି। ତେବେ ପ୍ରଶାସନର ବ୍ୟବସ୍ଥା ଠିକ୍ ନାହିଁ। ପୁରୀବାସୀଙ୍କ ପାଇଁ ଗୋଟିଏ ଦ୍ୱାର ଖୋଲିଲେ ମଧ୍ୟ ପୁରୀବାସୀଙ୍କ ସମସ୍ୟା କମ୍ ହେବ ନାହିଁ। ପଶ୍ଚିମଦ୍ୱାର ପଟ ଲୋକଙ୍କୁ ସୁବିଧା ହେଲା, ମାତ୍ର ଅନ୍ୟ ସାହିର ଲୋକମାନେ ବୁଲି ଆସି ଯିବାକୁ ପଡିବ, ଯାହା ଠିକ୍ ନୁହେଁ। ସମସ୍ତ ଦ୍ୱାରରେ ପରିଚୟ ପତ୍ର ଦେଖାଇ ପୁରୀବାସୀଙ୍କୁ ଛଡ଼ାଯାଉ। ତାହା ସହ ସମସ୍ତ ଭକ୍ତଙ୍କ ପାଇଁ ମଧ୍ୟ ଚାରିଦ୍ୱାର ପ୍ରବେଶ ନେଇ ବ୍ୟବସ୍ଥା ହେଉ।

**–କୈଳାସ ଚନ୍ଦ୍ର ସାହୁ, ପୁରୀବାସିନ୍ଦା**

“ ପୁରୀବାସୀଙ୍କ ପାଇଁ ପଶ୍ଚିମଦ୍ୱାର ଖୋଲାଯାଇଛି। ସେମାନେ ପରିଚୟପତ୍ର ଦେଖାଇ ପଶ୍ଚିମଦ୍ୱାର ଏବଂ ସିଂହଦ୍ୱାର ଦେଇ ଯାଇପାରିବେ। ତେବେ ଚାରିଦ୍ୱାର ଖୋଲିବା ପାଇଁ ଦାବି ରହିଥିଲା। ମାତ୍ର ସବ୍କମିଟି ଅନୁଧ୍ୟାନ କରି ଦେଖିଥିଲା କି ପରିକ୍ରମା ମାର୍ଗ କାର୍ଯ୍ୟ ଜାରି ରହିଛି। ତେଣୁ ଅନ୍ୟ ଦ୍ୱାର ଖୋଲିବା ଠିକ୍ ହେବ ନାହିଁ, ତେଣୁ ପ୍ରଥମତଃ ପଶ୍ଚିମଦ୍ୱାର ପୁରୀବାସୀଙ୍କ ପାଇଁ ଖୋଲାଯାଇଛି। ପରିକ୍ରମା ମାର୍ଗ କାର୍ଯ୍ୟ ଶୀଘ୍ର ସାରିବା ପାଇଁ ସମସ୍ତେ ଚେଷ୍ଟା କରୁଛୁ। ଏହି କାର୍ଯ୍ୟ ସରିବା ପରେ ଚାରିଦ୍ୱାର ଖୋଲିବା ନେଇ ସମସ୍ତ ଦିଗକୁ ଦେଖି ଆଲୋଚନା କରି ନିଷ୍ପତ୍ତି ନିଆଯିବ। ସେହିପରି ପୁରୀରେ ଭଡ଼ାରେ ରହୁଥିବା ଲୋକମାନଙ୍କ ପାଇଁ ସବ୍ କମିଟି ବସି ବ୍ୟବସ୍ଥା ଗ୍ରହଣ କରାଯିବ।

**–ସମର୍ଥ ବର୍ମା, ଜିଲାପାଳ**

## ଚନ୍ଦ୍ରଶେଖର ଏକାଡେମୀରେ ଲାଗିଲା ୩୦୦ ଚାରା

ପୁରୀ, ୨୪।୭(ଅଜିତ୍ ମହାନ୍ତି)

ଚନ୍ଦ୍ରଶେଖର ଏକାଡେମୀ ପରିସରରେ ସୋମବାର ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ମିଳିତ ପ୍ରାର୍ଥନା ଭିତରେ ଏକାଡେମୀ ପରିସରରେ ତିନିଶହ ଚାରା ଲଗାଯାଇଛି। ଏକାଡେମୀ ଅଧ୍ୟକ୍ଷ ଶ୍ରୀମନ୍ତ ଦାଶଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଭବତାରଣ ସାହୁ, ସହକାରୀ ବନସଂରକ୍ଷକ ଉତ୍ତମ ଗଡ଼ନାୟକ ଓ ପ୍ରକୃତି ବନ୍ଧୁ ବଦ୍ରି ମିଶ୍ର ଯୋଗଦେଇ ମିଳିତ ଭାବେ ଏହାକୁ ଉଦ୍ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଫରେଷ୍ଟ ରେଞ୍ଜର ବେଣୁଧର ବେହେରା, ସଂଜୀବ ନାୟକ, ରଂଜିତା ପାଣିଗ୍ରାହୀ, ଅମିତା ପଟ୍ଟନାୟକ, ସୁମନ୍ତ ପରିଡା ଓ ମାନସ ଦାସ ଯୋଗଦେଇଥିଲେ। ପରେ ଏକାଡେମୀ ପରିସରରେ ଚାରାରୋପଣ ସହ ଗଛ, ପରିବେଶ ଓ ଜୀବନ ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏହି ସବୁ କାର୍ଯ୍ୟକ୍ରମକୁ ସତ୍ୟନାରାୟଣ ରାଉତରାୟ, ଶ୍ୟାମାକାହ୍ନା ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ସୁଚିତ୍ରା ନାୟକ, ସସ୍ମିତାରାଣୀ ଦଳବେହେରା, ଦୀପକ ସ୍ୱାଇଁ, ଲକ୍ଷ୍ମୀରାମ ସରେନ, କର୍ମଚାରୀ ପ୍ରକାଶ ମଲ୍ଲିକ, ଯୋଗେଶ ରାଉତ୍, ସୁମନ୍ତ ପ୍ରଧାନ, ସସ୍ମିତା ପଶ୍ଚିମକବାଟ, ସୌଦାମିନୀ ମହାରଣାଙ୍କ ସମେତ ଛାତ୍ରୀଛାତ୍ର ଥିଲେ। ଆଗାମୀ ଦିନରେ ଏକାଡେମୀ ପକ୍ଷରୁ ବ୍ୟାପକ ଚାରାରୋପଣ ସହ ସମସ୍ତ ଛାତ୍ରୀଛାତ୍ରଙ୍କୁ ନେଇ ଚାରାରୋପଣ ଉପରେ ଏକ ତାଲିମ କାର୍ଯ୍ୟକ୍ରମ କରାଯିବ ବୋଲି ଅଧ୍ୟକ୍ଷ ଶ୍ରୀମନ୍ତ ଦାଶ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଗ୍ରାହକଙ୍କୁ ମାଡ଼, ଦୋକାନ ଭଙ୍ଗାରୁଜା କରି ୨ ଗିରଫ

ସାକ୍ଷୀଗୋପାଳ,(ଭରତ ରାଉତ)/ ୨୪।୭(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)- ସାକ୍ଷୀଗୋପାଳ କଲେଜ ଛକରେ ଥିବା ଏକ ଦୋକାନକୁ ଆସିଥିବା ଗ୍ରାହକ ଦମ୍ପତିଙ୍କୁ ମାଡ଼ ମାରିବା ସହ ଦୋକାନରେ ଭଙ୍ଗାରୁଜା କରିବା ଅଭିଯୋଗରେ ସତ୍ୟବାଦୀ ଥାନା ପୋଲିସ ୨ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଚନ୍ଦନପୁର ଥାନା ବୀରକିଶୋରପୁର ଗ୍ରାମର ବିକାଶ ବାରିକ ଓ ଶୁଳବେଦେଇପୁରର ଦୀପକ ସାହୁ। ଏ ନେଇ ପୋଲିସ ଏକ ମାମଲା(ନଂ.୨୩୪/୩୨) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟାରେ ୪ଜଣ ଯୁବକ ନିଶାସକ୍ତ ଅବସ୍ଥାରେ କଲେଜ ଛକସ୍ଥିତ ଏକ ଦୋକାନକୁ ଆସି ଥଣ୍ଡା ପାନୀୟ ମାଗିଥିଲେ। ଗ୍ରାହକ ଅଧିକ ଥିବାରୁ ଦେବା ସମୟରେ ବିଳମ୍ବ ହେବାରୁ ସେମାନେ ଦୋକାନୀଙ୍କ ସହ ପାଟିତୁଣ୍ଡ କରିଥିଲେ। ଦୋକାନୀ ବିରୋଧ କରିବାରୁ ୪ଯୁବକ ମିଶି ତାଙ୍କୁ ଆକ୍ରମଣ କରିବା ସହ ସାମଗ୍ରୀ ସବୁ ଭଙ୍ଗାରୁଜା କରି ଫିଙ୍ଗା ଫୋପଡ଼ା କରିଥିଲେ। ଏହି ସମୟରେ ଦୋକାନକୁ ଆସିଥିବା ଝୁଲୁ ବଳମାଛୁ ଓ ତାଙ୍କ ସ୍ୱାମୀ ବାବୁଲା ଯୁବକମାନଙ୍କୁ ରୋକିବାରୁ ସେମାନଙ୍କୁ ମଧ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ପାଟିଶୁଣି ସେଠାରେ ସ୍ଥାନୀୟ ଲୋକ ଆସିଯିବାରୁ ଯୁବକମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ନେଇ ଆହତ ମହିଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ପୋଲିସ ତଦନ୍ତ କରି ୨ଜଣଙ୍କୁ ଗିରଫ କରିଥିବା ବେଳେ ଫେରାର ଥିବା ଅନ୍ୟ ୨ଜଣଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରଖିଛି ବୋଲି ସତ୍ୟବାଦୀ ଥାନା ଅଧିକାରୀ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି।

### କନକ ଜୁଏଲେରି ଉଦ୍ଘାଟିତ

କଣାସ, ୨୪।୭(ବିଭୂତି ଭୂଷଣ ତ୍ରିପାଠୀ)- କଣାସ ବ୍ଲକ ବାଲିଘାଇ ନିକଟରେ ସୋମବାର କନକ ଜୁଏଲେରି ସୁନା ଦୋକାନ ଆନୁଷ୍ଠାନିକ ଭାବେ ଉଦ୍ଘାଟିତ ହୋଇଯାଇଛି। କଣାସ ମୁଖ୍ୟ ପଶୁ ଚିକିତ୍ସାକେନ୍ଦ୍ରର ମୁଖ୍ୟ ଡାକ୍ତର ବିଶ୍ୱରଞ୍ଜନ ବେହେରା ଆନୁଷ୍ଠାନିକ ଭାବେ ରିବନ୍ କାଟି ସୁନା ଦୋକାନକୁ ଉଦ୍ଘାଟନ କରିଥିଲେ। ଉଦ୍ଘାଟନ ସମୟରେ ବରିଷ୍ଠ ଖବରଦାତା ବିଭୂତି ଭୂଷଣ ତ୍ରିପାଠୀ, ଶ୍ରୀକାନ୍ତ ପଟ୍ଟଯୋଷୀ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇ ଦିଆଯିବ ବୋଲି ଦୋକାନ ମାଲିକ ସିପିନ୍ ସେନାପତି ସୂଚନା ଦେଇଛନ୍ତି।




ବାଲିକେରା, ରାହାଡାମାଲ ଓ ତିନିକୁଡ଼ି ଗ୍ରାମର ଲୋକମାନେ ସେତୁର ପୁନରୁଦ୍ଧାର ନିମନ୍ତେ ସୋମବାର ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି ।

## ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ

ପୁରୀ, ୨୪।୭(ଅଜିତ୍ ମହାନ୍ତି)

ଶ୍ରାବଣ ମଳ ଶୁକ୍ଳ ଷଷ୍ଠୀ ସୋମବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ନୀତି ସମ୍ପନ୍ନ କରିଛନ୍ତି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହେବା ପରେ ଦକ୍ଷିଣ ଘର ଭୋଗ ହୋଇଥିଲା। ପରେ ମଇଲମ ନୀତି ଅନୁଷ୍ଠିତ ହୋଇଥିଲା। ଏହାପରେ ଶ୍ରୀଦେବୀ, ଭୂଦେବୀ ଖଟଶେଯ ଘରକୁ ବିଜେ କରିଥିଲେ। ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଏହାପରେ ମହାପ୍ରଭୁଙ୍କ ଖସାପଡ଼ା ନୀତି ନିମନ୍ତେ ଦଇତାପତିମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ସନ୍ଧ୍ୟା ପ୍ରାୟ ୬ଟା ୫ରେ ନୀତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ଏହା ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଥିଲା। ଖସାପଡ଼ା ହେଉଛି ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଦେଉଳକରଣ ଧଳାକନା ଧୋଇ ଶୁଖାଇ ଗାରଦରେ ଜମା ଦେଇଥିଲେ। ଶୁଦ୍ଧସୁଆର ଖଳି, କଇଁଥ ଅଠା ଯୋଗାଇଥିଲେ। ଏହି ଧଳାକନା, ଖଳି ଓ କଇଁଥ ଅଠାକୁ ବ୍ୟବହାର କରି ଦଇତାପତି ସେବକମାନେ ମହାପ୍ରଭୁଙ୍କ ଗୁପ୍ତନୀତି ସମ୍ପନ୍ନ କରିଥିଲେ। ମହାପ୍ରଭୁଙ୍କ ଏହି ଗୁପ୍ତ ନୀତି ଦ୍ୱିତୀୟ ଭୋଗ ମଣ୍ଡପ ପରେ ଅନୁଷ୍ଠିତ ହୋଇଥିଲା। ଦଇତାପତିମାନେ ଗୁପ୍ତନୀତି ସାରି ସନ୍ଧ୍ୟା ୮ଟା ୫୦ରେ ଶ୍ରୀମନ୍ଦିର ଗର୍ଭ ଗୃହରୁ ବାହାରିଥିଲେ। ପରେ ସିଂହାସନ ଧୂଆ ଯାଇ ମହାପ୍ରଭୁଙ୍କ ମହାସ୍ନାନ କରାଯାଇ ଥିଲା। ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

## ନୂତନ ଜଗନ୍ନାଥ ସଡ଼କ କାର୍ଯ୍ୟ ହୋଇ ନ ଥିବାରୁ କ୍ଷୋଭ



ଖବରଦାତା ସମ୍ମିଳନୀରେ ସମିତି ସଦସ୍ୟ ।

ପୁରୀ, ୨୪।୭(ଅଜିତ୍ ମହାନ୍ତି)

ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶା ସହିତ ସଂଯୋଗ କରୁଥିବା ଅବିଭକ୍ତ ପୁରୀ ଜିଲାର ନୂତନ ଜଗନ୍ନାଥ ସଡ଼କ ୨୦୧୬ରୁ ଜାତୀୟ ରାଜପଥର ମାନ୍ୟତା ପାଇଥିଲେ ମଧ୍ୟ ଅଦ୍ୟାବଧି ଔପଚାରିକ ଭାବେ ପୂର୍ଣ୍ଣାଙ୍ଗ ରାଜପଥ ହୋଇପାରି ନ ଥିବାରୁ କ୍ଷୋଭ ପ୍ରକାଶ କରିଛି ନୂଆ ଜଗନ୍ନାଥ ସଡ଼କ ସୁରକ୍ଷା ସମିତି। ଏ ନେଇ ସୋମବାର ପୁରୀ ସର୍କିଟ ହାଉସ ପରିସରରେ ସମିତି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମିତିର ଆବାହକ କୃଷ୍ଣ ଜଗଦ୍ଦେବ କହିଛନ୍ତି, ଜଗନ୍ନାଥ ସଡ଼କର ଜାତୀୟ ରାଜପଥ ମାନ୍ୟତା ପାଇବା ପାଇଁ ଆବଶ୍ୟକ ସମସ୍ତ ମାନଦଣ୍ଡ ଥାଇ ମଧ୍ୟ ଅଦ୍ୟାବଧି ଏହାର କାର୍ଯ୍ୟ ଆରମ୍ଭ କରା ନ ଯିବା ନିନ୍ଦନୀୟ। ବିଶେଷ କରି ଏହି ଜାତୀୟ ରାଜପଥ ମାଲ ପରିବହନ ଏବଂ ଯାତ୍ରୀ ପରିବହନର ଦକ୍ଷତା, ଅଞ୍ଚଳର ସାମାଜିକ–ଅର୍ଥନୈତିକ ବିକାଶର ଉନ୍ନତି ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି ମତବ୍ୟକ୍ତ କରିଛନ୍ତି। ଏ ଅବସରରେ ସୁରକ୍ଷା ସମିତି ପକ୍ଷରୁ ଜଗନ୍ନାଥ ସଡ଼କ ଜାତୀୟ ରାଜପଥ ଶୀଘ୍ର କାର୍ଯ୍ୟ କରିବା ଦାବିରେ ସଂଗୃହିତ ୭୦୦୦ ହସ୍ତାକ୍ଷର ପତ୍ର କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ସ୍ପିଡପୋଷ୍ଟ ମାଧ୍ୟମରେ ପଠାଯାଇଥିଲା। ସୁରକ୍ଷା ସମିତି ପକ୍ଷରୁ କୁହାଯାଇଛି ଯେ, ତୁରନ୍ତ ଏ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଯାଏ, ତା'ହେଲେ ହଜାର ହଜାର ସଂଖ୍ୟାରେ ସ୍ଥାନୀୟ ଅଧିବାସୀ ରାଜରାସ୍ତାକୁ ଓହ୍ଲାଇବେ। ଏହି ଖବରଦାତା ସମ୍ମିଳନୀରେ ଯୁବନେତା କାମାକ୍ଷା ପ୍ରଧାନ, ଆଦିକନ୍ଦ ଶ୍ରୀଚନ୍ଦନ, ବିଶ୍ୱଜିତ ବଡ଼ଜେନା, ବିଶ୍ୱଜିତ ଜଗଦ୍ଦେବ ଓ ତରୁଣସେନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଗଙ୍ଗୁଆ ନାଳର ପ୍ରଦୂଷିତ ଜଳକୁ ବିଶୋଧନ କରାଯାଉ

କଣାସ, ୨୪।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ବଡ଼ାଲ ପାଲାମଣ୍ଡପଠାରେ ସୋମବାର ଗୋଦାବରୀ ବଳିୟାରସିଂଙ୍କ ଅଧ୍ୟକ୍ଷତାରେ ଚିଲିକା, ଦୟା, ମକରା, ରାଜୁଆ ନଦୀର ଜଳ ପ୍ରଦୂଷଣ ବିରୋଧରେ ଏକ ଜନସଭା ଅନୁଷ୍ଠିତ ହୋଇଯାଇଛି। ଚନ୍ଦକା ଅଞ୍ଚଳରୁ ସୃଷ୍ଟି ହୋଇଥିବା ଗଙ୍ଗୁଆ ନାଳ ଭୁବନେଶ୍ୱର ମହାନଗର ନିଗମର ସମସ୍ତ କଠିନ, ତରଳ ଓ ରାସାୟନିକ ବର୍ଜ୍ୟବସ୍ତୁକୁ ନେଇ ପିପିଲି ବ୍ଲକର କଣ୍ଟିଠାରେ ଦୟାନଦୀକୁ ନିଷ୍କାସିତ ହେଉଛି। ଚନ୍ଦକା, ମଞ୍ଚେଶ୍ୱର ଶିଳ୍ପାଞ୍ଚଳର ସମସ୍ତ ବର୍ଜ୍ୟବସ୍ତୁ, ହୋଟେଲ, ଡାକ୍ତରଖାନା, ଶିକ୍ଷା ଅନୁଷ୍ଠାନ, ବ୍ୟବସାୟ ଅନୁଷ୍ଠାନର ବିଷାକ୍ତ ପ୍ରଦୂଷିତ ଜଳକୁ ବିଶୋଧନ କରି ଭୁବନେଶ୍ୱର ଅଞ୍ଚଳରେ ବ୍ୟବହାର କରାଯାଉ। ସ୍ୱରେଜ ଟ୍ରିଟ୍ମେଣ୍ଟ ପ୍ଲାଣ୍ଟ ଆଧୁନିକ ଉପାୟରେ ପ୍ରତିଷ୍ଠା କରାଯାଉ। ଗଙ୍ଗୁଆନାଳର ବିଷାକ୍ତ ଜଳ ବ୍ୟବହାର କରାଯାଉଥିବା କୃଷିକ୍ଷେତ୍ରରେ ପୋଟଳ, କଲରା, ବାଇଗଣ, ଭେଣ୍ଡି, କଖାରୁ, ଧାନ ଓ ଚିନାବାଦାମ ଆଦି ଫସଲ ଉତ୍ପାଦନ ଶକ୍ତି ବହୁ ପରିମାଣରେ ପ୍ରଭାବିତ ହେଉଛି। ଦୂଷିତ ପାଣିକୁ ବ୍ୟବହାର କରୁଥିବା ନଦୀକୂଳିଆ ଜନସାଧାରଣ ଜଣ୍ଡିସ୍, କିଡ୍ନୀ, ହୃଦ୍‌ରୋଗ ଓ ଚର୍ମରୋଗ ଆଦିରେ ଆକ୍ରାନ୍ତ ହେଉଛନ୍ତି। ନଦୀରେ ରାଜଦଳ ଭର୍ତ୍ତି ହୋଇଯିବା ଫଳରେ ମତ୍ସ୍ୟଜୀବୀ ଚିଲିକାକୁ ଯାଇପାରୁନାହାନ୍ତି। ନଦୀ ଦୂଷିତ ପାଣି ଓ ରାଜଦଳ ଭର୍ତ୍ତି ଯୋଗୁ ମାର୍ଚ୍ଚ ଓ ଅପ୍ରେଲ ମାସରେ ଅଣ୍ଡା ଦେବାକୁ ଚିଲିକାର ମାଛମାନେ ଆସୁନାହାନ୍ତି। ମତ୍ସ୍ୟଜୀବୀ ତାଙ୍କ ଜୀବିକା ହରାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଚାଲିଯାଉଛନ୍ତି। ଜୀବନ, ଜୀବିକା, ପରିବେଶ ବଞ୍ଚାଇବାକୁ ଆଗାମୀ ଅଗଷ୍ଟ ୭ରେ ବ୍ଲକରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଦିବସରେ ସମସ୍ତଙ୍କୁ ସାମିଲ ହେବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ସାମାଜିକ କର୍ମୀ ସୁକାନ୍ତ ସାମନ୍ତରାୟ, ଅଖିଳ ଭାରତ ମହାସଭା ରାଜ୍ୟ ସମ୍ପାଦକ ଅଶୋକ ପ୍ରଦାନ, ଚିଲିକା ମତ୍ସ୍ୟଜୀବୀ ମହାସଂଘ ନେତା ବିରଞ୍ଚି ବେହେରା, ଅନାମ ବେହେରା, ଯୁଧିଷ୍ଠିର ବେହେରା, ପବିତ୍ର ସୁନ୍ଦରାୟ, ନିର୍ମଳ ସାମନ୍ତରାୟ, ନିମାଇଁ ସାହୁ, ସର୍ବେଶ୍ୱର ଜେନା ପ୍ରମୁଖ ଶତାଧିକ ଦୟା ବଞ୍ଚାଅ ଅଭିଯାନର କର୍ମୀ ବୈଠକରେ ଯୋଗ ଦେଇଥିଲେ।

## ୬ ମାସ ନ ପୂରୁଣୁ ଫାଟିଲା ରାସ୍ତା

ଗୋପ, ୨୪।୭
(ଭାରତୀ ଭୂଷଣ ଉପାଧ୍ୟାୟ)



### ଭିଜିଲାନ୍ସ ତଦନ୍ତ ଦାବି କଲେ ପଞ୍ଚାୟତବାସୀ

ଚତୁର୍ଦ୍ଦଶ ଅର୍ଥ କମିଶନ ଯୋଜନାରେ ୪ ଲକ୍ଷ ଟଙ୍କା ବ୍ୟୟରେ ଇଶାଣପୁର ପଞ୍ଚାୟତ ଅନ୍ତର୍ଗତ ଡଗରାସାହି –ଅରେଇ କଂକ୍ରିଟ ରାସ୍ତାକୁ ୬ ମାସ ନ ପୂରୁଣୁ ଫାଟି ଆଁ କରିଛି। ଏନେଇ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଏହି ରାସ୍ତା ଉପରେ ମଧ ଲକ୍ଷାଧିକ ଟଙ୍କାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଅର୍ଥ ଆତ୍ମସାତ୍ ହୋଇଥିବା ମଧ ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି।

ପ୍ରକାଶ ଯେ, ଇଶାଣପୁର ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହିତ ଆଉ କେତେକ ସରକାରୀ ଯୋଜନାରେ ଅନିୟମିତତା ଅଭିଯୋଗକୁ ନେଇ ପଞ୍ଚାୟତର ଜନୈକ ବ୍ୟକ୍ତି ଉଚ୍ଚତମ ନ୍ୟାୟାଳୟରେ ଏକ ପିଟିଶନ ଦାଏର କରିଥିଲେ। ଦୀର୍ଘ ୬ ମାସ ତଳେ ପଞ୍ଚାୟତ ପୂର୍ବତନ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ରହିଥିବାବେଳେ ଜଣେ ଶାସକ ଦଳର ବ୍ୟକ୍ତି ଏହି ରାସ୍ତା ନିର୍ମାଣ କରିଥିଲେ। କିନ୍ତୁ ରାସ୍ତା ନିର୍ମାଣକୁ ୬ ମାସ ନ ପୂରୁଣୁ ତାହା ଫାଟି ଆଁ କଲାଣି। ପଞ୍ଚାୟତ ଦାୟିତ୍ୱରେ ରହିଥିବା ଯନ୍ତ୍ରୀ ଜଣଙ୍କ ରାସ୍ତା କାର୍ଯ୍ୟ ନ ଦେଖି ବିଲ୍ କରିବା ସହିତ ମୋଟା ଅଙ୍କର ପିସି ନେଇଥିବାରୁ ଏପରି ହୋଇଥିବା ଗ୍ରାମବାସୀ କହିଛନ୍ତି। ଉକ୍ତ ରାସ୍ତା ଉପରେ ୨ ଗୋଟି ମୌଜାର ୧ ହଜାରରୁ ଅଧିକ ଲୋକ ନିର୍ଭର କରୁଥିବାବେଳେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ ଏହି ରାସ୍ତା ନିର୍ମାଣ ଶେଷ ହୋଇ ପାରିନାହିଁ। ତୁରନ୍ତ ଇଶାଣପୁରରେ ସରକାରୀ ଯୋଜନାରେ କାର୍ଯ୍ୟ ହୋଇଥିବା ସମସ୍ତ କାର୍ଯ୍ୟକୁ ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ କରା ଯିବାକୁ ଦାବି କରାଯାଇଛି। ବିଡ଼ିଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରେ, ରାସ୍ତା କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ଫାଟିଯିବା ନିଶ୍ଚିତ ବୋଲି କହିଥିଲେ। ଆଉ ଅନ୍ୟ ଯୋଜନାରେ ଅନ୍ତର୍ଭୁକ୍ତ ବିଲ୍ ବନ୍ଦ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏପରି ଅଭିଯୋଗ ପରେ ଖୁବ୍‌ଶୀଘ୍ର ଏହି ରାସ୍ତାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ଦୀପ୍ତିରାଣୀ ଦାସ କହିଛନ୍ତି।

## ମିଶନଶକ୍ତି ଗୃହରେ ତାଲା ପଡ଼ିବାକୁ ନେଇ ପ୍ରତିବାଦ

ନିମାପଡ଼ା, ୨୪।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅଧୀନ ତେରୁଣ୍ଡିଆ ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଗୃହରେ ଦୀର୍ଘ ୨ ବର୍ଷ ହେଲା ସ୍ୱୟଂପ୍ରଭା ପଞ୍ଚାୟତ ମିଶନ ଶକ୍ତି କାର୍ଯ୍ୟାଳୟ ଚାଲିଥିଲା। ହେଲେ ରବିବାର ମିଶନ ଶକ୍ତି ବୈଠକ ପୂର୍ବରୁ ସରପଞ୍ଚଙ୍କ ସ୍ୱାମୀ ଚିତ୍ତରଞ୍ଜନ ପ୍ରଧାନ କୌଣସି କାରଣରୁ ମିଶନ ଶକ୍ତି ଚାଲିଥିବା ଗୃହକୁ ତାଲା ପକାଇ ଦେଇଥିଲେ। ଫଳରେ ବୈଠକ ହୋଇ ନ ପାରି ମହିଳାମାନେ ନିରାଶ ହୋଇ ଫେରିଥିଲେ। ଏହି ତାଲା ପଡ଼ିବା ପ୍ରତିବାଦରେ ପଞ୍ଚାୟତ ମିଶନଶକ୍ତିର ସଭାନେତ୍ରୀ କ୍ଷୀରମଣି ନାୟକ, ସମ୍ପାଦିକା ଜୟଲକ୍ଷ୍ମୀ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ମହିଳା ତାତିବା, ମାତିବା ସହ ସୋମବାର ବ୍ଲକ କାର୍ଯ୍ୟାଳୟକୁ ଆସି ନାରାବାଜି, ହୋହଲ୍ଲା କରିବା ସହ କିଛି ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଆନ୍ଦୋଳନରେ ମିଶନଶକ୍ତିର ଏମ୍‌ବିକେ ମିରା ମଞ୍ଜରୀ ସାହୁ, ବ୍ୟାଙ୍କ ମିତ୍ର ଲିପିକା ନାୟକ, ସିଆର୍‌ପି ତିଳୋତ୍ତମା ସାହୁ, ସଞ୍ଜିତା ବିବିଙ୍କ ସମେତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ସାମିଲ ହୋଇଥିଲେ। ପରେ ମିଶନଶକ୍ତିର କର୍ମକର୍ତ୍ତାମାନେ ବିଡିଓ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଓଏଲ୍‌ଏମ୍‌ର ବିପିଏମ୍‌ଙ୍କ ସମେତ ସିଡିପିଓଙ୍କ କାର୍ଯ୍ୟାଳୟରେ ଅଭିଯୋଗପତ୍ର ଦେଇଥିଲେ। ଏ ସମ୍ପର୍କରେ ବିଡିଓ ବସନ୍ତ ମଲ୍ଲିକଙ୍କୁ ପଚାରିବାରେ, ସରକାରଙ୍କ ଗାଇଡଲାଇନ ଅନୁସାରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ବ୍ୟାଙ୍କ ଖୋଲାଯିବ, ତେଣୁ ପଞ୍ଚାୟତରେ ନୂତନ ଭାବେ ନିର୍ମିତ ହୋଇଥିବା ମିଶନଶକ୍ତି ଗୃହକୁ ହସ୍ତାନ୍ତର କରାଯିବ, ସେହି ନୂତନ ଗୃହରେ ମିଶନଶକ୍ତି ଖୁବ୍‌ଶୀଘ୍ର କାର୍ଯ୍ୟ କରିବ ବୋଲି କହିଥିଲେ। ଏ ସମ୍ପର୍କରେ ସିଡିପିଓ ଦାୟିତ୍ୱରେ ଥିବା ମିଶନଶକ୍ତି ସଂଯୋଜକ ଦେବକୀ ସାହୁଙ୍କୁ ପଚାରିବାରେ, ନବନିର୍ମିତ ମିଶନଶକ୍ତି ଗୃହ ଅଦ୍ୟାବଧି ସିଡିପିଓଙ୍କୁ ହସ୍ତାନ୍ତର ହୋଇନାହିଁ। ହସ୍ତାନ୍ତର ହେବା ପରେ ପଞ୍ଚାୟତ ମିଶନଶକ୍ତି ସିଡିପିଓଙ୍କୁ ବିଧି ମୁତାବକ ଆବେଦନ କରିବା ପରେ ମିଶନଶକ୍ତିକୁ ଏହି ନୂତନ ଗୃହ ହସ୍ତାନ୍ତର କରାଯାଇ ଯୋଗାଇ ଦିଆଯିବ ବୋଲି ସାହୁ କହିଛନ୍ତି। ଏନେଇ ସରପଞ୍ଚଙ୍କ ସ୍ୱାମୀ ଯୁବନେତା ଚିତ୍ତରଞ୍ଜନଙ୍କୁ ପଚାରିବାରେ, ସେ ମିଶନଶକ୍ତି ଗୃହ ଆଦୌ ତାଲା ପକାଇ ନାହାନ୍ତି। ମହିଳାମାନେ ତାଙ୍କ ବିରୋଧରେ ଆଣିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା, ଭିତ୍ତିହୀନ। ସଂରକ୍ଷିତ ସ୍ଥାନରେ ସଠିକ୍ ଜାଗାରେ ସରକାରୀ ନୀତି ନିୟମ ଅନୁସାରେ ନୂତନ ମିଶନଶକ୍ତି ଗୃହ ନିର୍ମାଣ କରାଯାଇଛି। ନୂତନ ମିଶନଶକ୍ତି ଗୃହକୁ ମିଶନଶକ୍ତି କାର୍ଯ୍ୟାଳୟ ସ୍ଥାନାନ୍ତରିତ କରାଯାଇ ସେଠାରେ କାର୍ଯ୍ୟ କରାଯିବା ଆବଶ୍ୟକ ବୋଲି ଯୁବନେତା ପ୍ରଧାନ କହିଛନ୍ତି।



ମିଶନଶକ୍ତିର ମହିଳାମାନେ ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଡିଷ୍ଟ୍ରିକ୍ଟ ଇନ୍‌ଷ୍ଟାଲେଶନ ବେଂ ଲିଡରଶିପ୍ ଟ୍ରେନିଂ, ସ୍ୱସ୍ତି ପ୍ରିମିୟମ୍, ସକାଳ ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର ପକ୍ଷରୁ ଜାତୀୟ ନାଟ୍ୟ ରଚନା କର୍ମଶାଳା, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟା ୩୦।
- ରବିନାରାୟଣ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ରକ୍ତଦାନ ଶିବିର, କ୍ୟାପିଟାଲ ହସ୍ପିଟାଲ ବ୍ଲଡ୍ ବ୍ୟାଙ୍କ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୦ଟା ୩୦।
- ମଣିପୁର ହିଂସାକାଣ୍ଡ ପ୍ରତିବାଦରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଶୋଭାଯାତ୍ରା, ଭଗବତୀ ଭବନ, ପୂର୍ବାହ୍ନ ୧୦ଟା ୩୦।
- ୬୯ତମ ସଂସ୍କୃତି ଚର୍ଚ୍ଚା, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସନ୍ଧ୍ୟା ୬ଟା।

# ହୋଟେଲ ଶିଳ୍ପ ନାଁରେ ସାଇବର ଠକେଇ

### ହାରୋ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କୁ ଚିଠି

**ଭୁବନେଶ୍ୱର,୨୪।୭(ଶର୍ମିଷ୍ଠା ପାଣିଗ୍ରାହୀ):** ହୋଟେଲ ସମ୍ପର୍କିତ ମିଛ ସୂଚନା ଦେଇ ପର୍ଯ୍ୟଟକମାନଙ୍କୁ ଅସୁବିଧାରେ ପକାଉଛନ୍ତି ସାଇବର ଠକ। ହୋଟେଲ ନାମରେ ଫେକ୍ ୱେବ୍‌ସାଇଟ୍ ଖୋଲି ଭୁଆଁ ବୁଲାଇବା ସହ ସେମାନଙ୍କଠାରୁ ଟଙ୍କା ଲୁଟୁଛନ୍ତି। ପର୍ଯ୍ୟଟକମାନେ ଉକ୍ତ ନକଲି ୱେବ୍‌ସାଇଟ୍‌ରେ ବୁକିଙ୍ଗ କରି ହୋଟେଲରେ ପହଞ୍ଚିବାପରେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଉଛନ୍ତି। ଏହାକୁ ନେଇ ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା (ହାରୋ)ର ଅଧ୍ୟକ୍ଷ ଜେ.କେ. ମହାନ୍ତି ସୋମବାର ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କୁ ଏକ ଚିଠି ଲେଖି ଅବଗତ କରିଛନ୍ତି। ଏହାଦ୍ୱାରା ଉଭୟ ପର୍ଯ୍ୟଟକ ଓ ହୋଟେଲ ମାଲିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ହୋଟେଲ ଶିଳ୍ପ ଆଶଙ୍କାରେ ରହିବା ସହ ଏପରି ଠକେଇ ସମସ୍ୟାର ସମାଧାନ କରିବା ପାଇଁ ସକ୍ଷମ ନୁହେଁ। ହୋଟେଲ ଶିଳ୍ପ ନାଁରେ ସାଇବର ଠକେଇ ରୋକିବା ଲାଗି ସରକାର ସହଯୋଗ କରିବାକୁ ଆସୋସିଏଶନ ଚିଠି ମାଧ୍ୟମରେ ଅନୁରୋଧ କରିଛି।

# ୭ ହଜାର ନୂଆ ମେଡିକାଲ ଅଫିସର ନିଯୁକ୍ତ ହେବେ

### ଓପିଏସ୍‌ସିକୁ ଚିଠି ଲେଖିଲା ସ୍ୱାସ୍ଥ୍ୟ ବିଭାଗ

**ଭୁବନେଶ୍ୱର,୨୪।୭(ଅଭିଜିତ ଦାସ):** ରାଜ୍ୟରେ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲକ୍ଷ୍ୟରେ ରାଜ୍ୟ ସରକାର ଆଉ ୭ ହଜାର କ୍ଲାସ-୧ ମେଡିକାଲ ଅଫିସର ପଦବୀ ସୃଷ୍ଟି କରିଛନ୍ତି। ସେଥିରେ ଅଣସଂରକ୍ଷିତ ବର୍ଗଙ୍କ ପାଇଁ ୨,୫୦୦ ପଦବୀ ରହିଥିବାବେଳେ ସାମାଜିକ-ଶିକ୍ଷାଗତ ପଛୁଆ ବର୍ଗଙ୍କ ପାଇଁ ୭୧୪, ଅନୁସୂଚିତ ଜାତିବର୍ଗଙ୍କ ଲାଗି ୧,୫୯୭ ଏବଂ ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ୨,୪୬୫ଟି ପଦବୀ ରହିଛି। ଏହି ପଦବୀଗୁଡିକ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ କରିବା ସକାଶେ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଶାଳିନୀ ପଣ୍ଡିତ ଓଡିଶା ଲୋକସେବା ଆୟୋଗ(ଓପିଏସ୍‌ସି)କୁ ଅନୁରୋଧ କରିଛନ୍ତି। ଏହି ନୂତନ ନିଯୁକ୍ତି ହେଲେ ରାଜ୍ୟରେ ବିଭିନ୍ନ ସରକାରୀ ଡାକ୍ତରଖାନାରେ ଖାଲି ଥିବା ୨,୨୭୬ ପଦବୀ ପୂରଣ ହୋଇପାରିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏହି ନିଯୁକ୍ତି ଓଡିଶା ମେଡିକାଲ ଓ ସ୍ୱାସ୍ଥ୍ୟସେବା ରୁଲ୍-୨୦୧୭, ଓଡିଶା ମେଡିକାଲ ଓ ସ୍ୱାସ୍ଥ୍ୟସେବା ସଂଶୋଧନ ରୁଲ୍-୨୦୨୦ ଅନୁଯାୟୀ କରାଯିବ।

# ପୁରୀବାସୀଙ୍କ ପାଇଁ ଖୋଲିଲା ପଶ୍ଚିମଦ୍ୱାର

**ପୁରୀ ଅଫିସ,୨୪।୭(ଅଜିତ ମହାନ୍ତି)**

- ଖୁସିବ୍ୟକ୍ତ କଲେ ସ୍ଥାନୀୟ ବାସିନ୍ଦା
- ବ୍ୟାରିକେଡ୍ ଦେଇ ଧାଡ଼ିରେ ଗଲେ




ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ନେଇ ବିଭିନ୍ନ ସଂଗଠନଠାରୁ ଆରମ୍ଭ କରି ରାଜନେତା, ପରିଚାଳନା କମିଟି ସଦସ୍ୟ, ସେବାୟତଙ୍କ ପକ୍ଷରୁ ଦାବି କରାଯିବା ପରେ ଶେଷରେ ମୁଣ୍ଡ ନୁଆଁଇଛି ପ୍ରଶାସନ। ପ୍ରାଥମିକତା ଦୃଷ୍ଟିରୁ ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିର ପଶ୍ଚିମଦ୍ୱାର ସୋମବାରଠାରୁ ଖୋଲାଯାଇଛି। ଫଳରେ ପୁରୀବାସୀ ଏହି ନିଷ୍ପତ୍ତି ପ୍ରତି ସନ୍ତୋଷପ୍ରକାଶ କରିଥିବାବେଳେ ପ୍ରଥମ ଦିନରେ ଶୃଙ୍ଖଳିତ ଭାବେ ପରିଚୟପତ୍ର ଦେଖାଇ ବ୍ୟାରିକେଡ୍ ଦେଇ ସ୍ଥାନୀୟ ବାସିନ୍ଦା ଶ୍ରୀମନ୍ଦିରକୁ ପ୍ରବେଶ କରିଛନ୍ତି। ଅପରପକ୍ଷେ ପ୍ରଶାସନ ପଶ୍ଚିମଦ୍ୱାର ପୁରୀବାସୀଙ୍କ ପାଇଁ ଖୋଲି ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ଲାଗି ହେଉଥିବା ଦାବିକୁ ଦବେଇଦେବା ଏହା ଏକ ସୁଚିନ୍ତିତ ଯୋଜନା ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଥିବା ବେଳେ ଭକ୍ତଙ୍କ ପାଇଁ ଚାରିଦ୍ୱାର ଖୋଲିବା ଆନ୍ଦୋଳନ ଜାରି ରହିବ ବୋଲି ବିଭିନ୍ନ ସଂଗଠନ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, କୋଭିଡ୍ ପରଠାରୁ ଭକ୍ତମାନଙ୍କୁ କେବଳ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିବାକୁ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଥିଲା। ଫଳରେ ଅନ୍ୟ ତିନିଦ୍ୱାର ଦେଇ ଭକ୍ତମାନେ ଯାଇପାରୁ ନଥିଲେ, ଯାହାକୁ ନେଇ ପୁରୀବାସୀଙ୍କଠାରୁ ଆରମ୍ଭ କରି ଭକ୍ତମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିଲେ। କୋଭିଡ୍ ସରିଯିବା ପରେ ମଧ୍ୟ ଉକ୍ତ କଟକଣାକୁ ପ୍ରଶାସନ ଉଠାଇ ନ ଥିଲେ। ଫଳରେ ଏହାକୁ ବିରୋଧ କରି ବିଭିନ୍ନ ଅନୁଷ୍ଠାନ, ଓକିଲ ସଂଘ, ରାଜନୈତିକ ଦଳ, ସେବାୟତ, ପରିଚାଳନା କମିଟି ସଦସ୍ୟ ପ୍ରମୁଖ ଚାରିଦ୍ୱାର ଖୋଲିବା ପାଇଁ ଦାବି ଜୋରଦାର କରିଥିଲେ। ଫଳରେ ଛତିଶା ନିଯୋଗ ବୈଠକ ବସି ଦ୍ୱାର ଖୋଲିବା ନେଇ ଏକ ସବ୍‌କମିଟି ଗଠନ କରାଯାଇଥିଲା। ମାତ୍ର ଉକ୍ତ ସବ୍‌କମିଟି ଗଠନକୁ ମଧ୍ୟ ଅନେକେ ବିରୋଧ କରିଥିଲେ। ଫଳରେ ରବିବାର ଏକ ବୈଠକ ବସି ପୁରୀବାସୀଙ୍କ ପାଇଁ ପଶ୍ଚିମଦ୍ୱାର ଖୋଲିବା ନେଇ ନିଷ୍ପତ୍ତି ହୋଇଥିଲା। ନିଷ୍ପତ୍ତି ଅନୁଯାୟୀ, ପୁରୀବାସୀ ସେମାନଙ୍କ ପରିଚୟପତ୍ର ଦେଖାଇ ସୋମବାରଠାରୁ ପଶ୍ଚିମଦ୍ୱାରରେ ପ୍ରବେଶ କରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପୋଲିସ ପ୍ରଶାସନ ମଧ୍ୟ ସଜାଗ ରହିଥିଲା। ଭକ୍ତମାନଙ୍କ ସୁବିଧା ପାଇଁ ପଶ୍ଚିମଦ୍ୱାର ନିକଟରେ ଥିବା ଶେଲଟର୍ ପାଭିଲିୟନରେ ଜୋତା ଓ ଅନ୍ୟ ଆସବାବପତ୍ର ରଖି ଧାଡ଼ିରେ ପ୍ରବେଶ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଦୀର୍ଘଦିନ ପରେ ପୁରୀବାସୀ ପଶ୍ଚିମଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରି ବେଶ୍ ଖୁସିବ୍ୟକ୍ତ କରିଛନ୍ତି। ଅପରପକ୍ଷେ ପୁରୀରେ ଦୀର୍ଘଦିନ ଧରି ରହୁଥିବା ଭକ୍ତମାନଙ୍କୁ ପଶ୍ଚିମଦ୍ୱାର ଦେଇ ଶ୍ରୀମନ୍ଦିର ପରିସରକୁ ଯିବା ପାଇଁ ଛଡ଼ାଯାଇ ନ ଥିଲା, ଯାହାକୁ ନେଇ ଅନେକ ବ୍ୟକ୍ତିବିଶେଷ ଅସନ୍ତୋଷ ପ୍ରକାଶ କରିଥିଲେ। ବିଶେଷ କରି ବୟସ୍କମାନେ ଯାଇ ନ ପାରି ମନ ଦୁଃଖ କରି ଫେରିଥିବା ଦେଖିବାକୁ ମିଳିଥିଲା। ତେବେ ପ୍ରଶାସନ ପରିକ୍ରମା ମାର୍ଗ କାର୍ଯ୍ୟ ଚାଲିଥିବାର ଆଳ ଦେଖାଇ ବର୍ତ୍ତମାନ ଉତ୍ତର ଓ ଦକ୍ଷିଣ ଦ୍ୱାରରେ ପ୍ରବେଶ ବନ୍ଦ ରଖିବା ନେଇ ସୂଚନା ଦେଇଛି। ଭଗବାନଙ୍କ ଆଗରେ ସବୁ ଭକ୍ତ ସମାନ, ତେଣୁ ସମସ୍ତଙ୍କ ପାଇଁ ଚାରିଦ୍ୱାର ଖୋଲାଯାଉ ବୋଲି ଭକ୍ତ, ସେବାୟତ ଓ ବିଭିନ୍ନ ସଙ୍ଗଠନ ଦାବି କରିଛନ୍ତି।


ଭୁବନେଶ୍ୱର ଓୟୁଏଟି କୃଷି ଫାର୍ମ ପରିସର ଏକ କ୍ଷେତରେ ଶ୍ରମିକମାନେ ଧାନ ତଳି ରୋଉଛନ୍ତି। (ଫଟୋ- ବିକାଶ ନାୟକ)

# କୃଷି ବିଭାଗର ପୂର୍ବତନ ଉପନିର୍ଦ୍ଦେଶକଙ୍କ ପରଲୋକ

**ଭୁବନେଶ୍ୱର,୨୪।୭ (ଅନୁରାଧା ମହାରଣା)**

କୃଷି ବିଭାଗର ପୂର୍ବତନ ଉପନିର୍ଦ୍ଦେଶକ ଶିବାଜୀ ମିଶ୍ରଙ୍କ ରବିବାର ରାତି ୨ଟାରେ ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ହୋଇଛି। ତାଙ୍କୁ ୮୨ ବର୍ଷ ହୋଇଥିଲା। ସେ କୃଷିସେବା ଅଧିକାରୀ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ମଧ୍ୟ ଥିଲେ। ସେ ଗଙ୍ଗନଗରର ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ପ୍ରସନ୍ନ ମିଶ୍ର, ରାମ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଭାଜପା ନେତା ଜଗନ୍ନାଥ ପ୍ରଧାନ, ସ୍ଥାନୀୟ କର୍ପୋରେଟରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ସ୍ୱର୍ଗତ ମିଶ୍ରଙ୍କ ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ କରାଯାଇଛି।

# ଚାଇନା ମାଷ୍ଟରମାଇଣ୍ଡଙ୍କ ବିରୋଧରେ ଲୁକ୍‌ଆଉଟ୍ ସର୍କୁଲାର୍

**ଭୁବନେଶ୍ୱର,୨୪।୭(ସତ୍ୟଜିତ୍ ରାଉତ)**

### ଅନ୍‌ଲାଇନ୍ ପୋଞ୍ଜି ସ୍କାମ୍ ମାମଲା

- ୨୦୧୯-୨୦ ମଧ୍ୟରେ ଭାରତକୁ ଆସିଛନ୍ତି ୬ଥର
- ବିଦେଶ ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସିର ନିଆଯାଉଛି ସହାୟତା


ଗୁଆଁହୁଆ ୱାଙ୍ଗ୍

ଦେଶର ବଡ଼ ବଡ଼ ଶିଳ୍ପପତି, ଖେଳାଳି, ଅଭିନେତାଙ୍କ ସମେତ ବିଶିଷ୍ଟ ବ୍ୟକ୍ତିଙ୍କ ଫଟୋ ବ୍ୟବହାର କରି ଅନ୍‌ଲାଇନ୍ ପୋଞ୍ଜି ସ୍କାମ୍ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଖୋଳତାଡ଼ ଜାରି ରଖିଛି। ଏହି ମାମଲାରେ ମାଷ୍ଟରମାଇଣ୍ଡ କୁହାଯାଉଥିବା ଚାଇନା ନାଗରିକଙ୍କୁ ଧରିବାକୁ ଇଓଡବ୍ଲ୍ୟୁ ପ୍ରୟାସ ଜାରି ରଖିଛି। ସେ ହେଲେ ଚାଇନା ଝେନ୍‌ଝିଆଙ୍ଗ୍ ରାଜ୍ୟର ଝିହୁଜିଲା ହାଙ୍ଗ୍‌ଝୋଉ ସହର ୱେନ୍‌ସେନ୍ ରୋଡ ନମ୍ବର ୧୯୯ର ଫ୍ଲାଟ୍ ନଂ.୨୦୨ରେ ରହୁଥିବା ଗୁଆଁହୁଆ ୱାଙ୍ଗ୍। ଗୁଆଁହୁଆଙ୍କୁ ଧରିବାକୁ ଇଓଡବ୍ଲ୍ୟୁର ଅନୁରୋଧକ୍ରମେ କେନ୍ଦ୍ର ସରକାରଙ୍କ ବ୍ୟୁରୋ ଅଫ୍‌ଇମିଗ୍ରେଶନ୍(ବିଓଆଇ) ତାଙ୍କ ବିରୋଧରେ ଲୁକ୍‌ଆଉଟ୍ ସର୍କୁଲାର ଜାରି କରିଛି। ବିଓଆଇ ପକ୍ଷରୁ ଦେଶର ସମସ୍ତ ଏୟାରପୋର୍ଟ ଓ ସି ବିଚ୍ ସମେତ ଅନ୍ୟାନ୍ୟ ଚେକ୍ ପୋଷ୍ଟରେ ଆଲର୍ଟ କରାଯାଇଛି। ଏଥିସହ ଗୁଆଁହୁଆଙ୍କ ଉପରେ ନଜର ରଖିବାକୁ ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଓ ପୋଲିସ ସହ ମଧ୍ୟ ଯୋଗାଯୋଗ କରାଯାଉଛି। ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ବିଦେଶୀ ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସିଗୁଡ଼ିକ ସହ ମଧ୍ୟ ଯୋଗାଯୋଗ କରାଯାଉଛି। ତେବେ ଗୁଆଁହୁଆଙ୍କୁ ଧରିବା ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି।

ଇଓଡବ୍ଲ୍ୟୁର ସୂଚନା ଅନୁଯାୟୀ, ଗୁଆଁହୁଆ ୨୦୧୯ରୁ ବେଙ୍ଗାଲୁରୁ ଡିକେନ୍‌ଶୋନ୍ ରୋଡ୍‌ରେ 'ବେଙ୍କେକ୍ ଟେକ୍ନୋଲୋଜିସ୍ ପ୍ରାଇଭେଟ୍ ଲିମିଟେଡ୍' ନାଁରେ ଏକ କମ୍ପାନୀ କରିଛନ୍ତି। ଏଥିସହ ବେଙ୍ଗାଲୁରୁରେ ପଞ୍ଜୀକୃତ ଅନ୍ୟ ଦୁଇଟି କମ୍ପାନୀ ଗେମ୍‌କାମ୍ପ ସଲ୍ୟୁଶନ୍ସ ପ୍ରାଇଭେଟ୍ ଲିମିଟେଡ୍ ଓ ବାୟିରୋଷ୍ଟେକ୍ ଟେକ୍ନୋଲୋଜିସ୍ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟ ସେ ଚଲାଉଛନ୍ତି। ଏଥିପାଇଁ ୨୦୧୯ରୁ ୨୦୨୦ ମଧ୍ୟରେ ସେ ଭାରତକୁ ୬ଥର ଆସିଛନ୍ତି। ଏଠାରେ ସେ ଭାରତୀୟ ଏଜେଣ୍ଟଙ୍କ ସହଯୋଗରେ ସାମ୍ରାଜ୍ୟ ବିସ୍ତାର କରିବା ପରେ ଚାଇନା ପଳାଇ ଯାଇଥିଲେ। ପରେ ସେ ଚାଇନାରେ ରହି ଏହି ର୍ୟାକେଟ୍ ଚଳାଉଛନ୍ତି। ପୂର୍ବରୁ ୭୦ ଲକ୍ଷ ଟଙ୍କା ଥିବା ଗୁଆଁହୁଆଙ୍କ କମ୍ପାନୀ ଆକାଉଣ୍ଟକୁ ଇଓଡବ୍ଲ୍ୟୁ ଫ୍ରିଜ୍ କରିଥିଲା। ଅଭିଯୁକ୍ତମାନେ ଫେକ୍ ଆପ୍‌ଗୁଡ଼ିକରେ ଅମିତାଭ ବଚ୍ଚନ୍, ମୁକେଶ ଅମ୍ବାନୀ, ସଚିନ ତେନ୍ଦୁଲକର ପ୍ରମୁଖଙ୍କ ଫଟୋକୁ ବିଜ୍ଞାପନ ଭାବେ ବ୍ୟବହାର କରି ଲୋକଙ୍କ ବିଶ୍ୱାସ ଜନ୍ମାଉଥିଲେ। ୫ ଟଙ୍କାରୁ ୧୨୫ ଟଙ୍କା, ୨୦ ଟଙ୍କାରୁ ୧୨୮୫ ଟଙ୍କା ମିଳିବ ବୋଲି କୁହାଯାଇ ଫସାଉଥିଲେ। ଏଭଳି ଭାବେ ବିନିଯୋଗ ଆଳରେ ଦେଶବ୍ୟାପୀ ବହୁ କୋଟି ଟଙ୍କା ଠକି ନେଇଥିବା ତଦନ୍ତରୁ ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଏହାପୂର୍ବରୁ ଦୁଇଟି ଲୋନ୍ ଆପ୍ ମାମଲାରେ ୫ଜଣ ଚାଇନା ନାଗରିକଙ୍କ ନାଁରେ ୨୦୨୨ରେ ଲୁକ୍ ଆଉଟ୍ ସର୍କୁଲାର ମଧ୍ୟ ଜାରି ହୋଇଛି। ହେଲେ ସେମାନେ ଏପର୍ଯ୍ୟନ୍ତ ଧରା ନ ପଡ଼ି ନ ଥିବାବେଳେ ଗୁଆଁହୁଆ ଗିରଫ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ରଶ୍ମି


@ ରିତେଶ


@ ବାମନ


@ ଦେବାଶିଷ


@ ଦୁଲେଶ୍ୱର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ବ୍ରହ୍ମପଡ଼ା ମଠ: ୪୫୫ ବର୍ଷ ହେବ ଜଳୁଛି ଧୁନି


ବ୍ରହ୍ମପଡ଼ା ମଠରେ ଅବିରତ ଜଳୁଥିବା ଧୁନି।

**ପୁରୀ,୨୪।୭(ଅଜିତ ମହାନ୍ତି)**

ବ୍ରହ୍ମଗିରି ସାତପଡା ରାସ୍ତା ଦେଇ ଯିବାବେଳେ ବାଟରେ ମାଣିକପାଟଣା ପଡ଼େ। ଏହି ମାଣିକପାଟଣା ରାସ୍ତାରେ ରହିଛି ବ୍ରହ୍ମପଡ଼ା ମଠ। ଉକ୍ତ ମଠରେ ଆଜକୁ ଦୀର୍ଘ ୪୫୫ ବର୍ଷ ହେବ ଏକ ଧୁନି ଜଳୁଥିବା ଗ୍ରାମବାସୀ କହିଛନ୍ତି। ମଠ ପରିସରରେ ୪ ପ୍ରହର ଅର୍ଥାତ୍ ଅହରହ ଧୁନି ଜଳିବା ସହ ନାମ ସଂକୀର୍ତ୍ତନ ଜାରି ରହିଛି। ବ୍ରହ୍ମପଡ଼ା ମଠ ସହ ଶ୍ରୀମନ୍ଦିରର ସମ୍ପର୍କ ରହିଛି। ମଠ ସମ୍ପର୍କରେ ସୂଚନା ଦେଇ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର କୁହିଛନ୍ତି, ୧୫୬୮ ମସିହା କଥା। କଳାପାହାଡ଼ ଆକ୍ରମଣ ପୂର୍ବରୁ ସେବକ ଓ ଗଜପତିଙ୍କ ପାଇକ ବାହିନୀ ନଦୀ ପଥରେ ମହାପ୍ରଭୁଙ୍କୁ ସ୍ଥାନାନ୍ତର କରି ଚିଲିକାର ହାତୀପାଟଣା କୁଦକୁ ନେଇଥାନ୍ତି। ସେଠାରେ ଦ୍ୱିତୀୟଥର ପାଇଁ ମହାପ୍ରଭୁଙ୍କୁ ବାଲି ଖୋଳି ପାତାଳି କରିଥାନ୍ତି। ନିମକହାରାମ ପାହାନ୍ତା ସିଂହ ଜାଗିରି ଲୋଭରେ ପାହାନ୍ତା ପହରେ କଳାପାହାଡ଼କୁ ସେନା ସହ କୁଦ ଦେଖାଇଦେଇଥିଲା। ବର୍ବର ହତ୍ୟାରେ ସେବକ, ପାଇକମାନଙ୍କ ରକ୍ତ ଚିଲିକା ପାଣିରେ ମିଶିବା ପୂର୍ବରୁ ଆଦେଶ ହେଲା କୁଦର ଆବାଳ ବୃଦ୍ଧବନିତାଙ୍କୁ ହତ୍ୟା କର। ଫଳରେ କଳାପାହାଡର ସୈନ୍ୟମାନଙ୍କ ରକ୍ତର ଧାର ସେଦିନ ଚିଲିକା ଜଳକୁ ରକ୍ତିମ କରିଦେଇଥିଲା। ପରେ କଳାପାହାଡ଼ ବିଗ୍ରହଙ୍କୁ ହାତୀ ପିଠିରେ ଲଦି ଗଙ୍ଗା କୂଳକୁ ନେଇ ପୋଡ଼ି ଦେବା ପାଇଁ ଆଦେଶ ଦେଇଥିଲା। ହାତୀପିଠିରେ ନେଲାବେଳେ ମହାପ୍ରଭୁଙ୍କ ବିଗ୍ରହ ଏଇଠି ଚିଲିକାର ଜଙ୍ଗଲ ଭିତରକୁ ପଶି ଆସିଥିବା ନାଳରେ ଖସି ପଡ଼ିଥିଲେ। ସେବେଠୁ ସେ ନାଳର ନାଁ ହେଇଗଲା ହାତୀନାଳ। ଯେଉଁଠି ପଡିଯାଇଥିଲେ ସେ ସ୍ଥାନ-ବ୍ରହ୍ମପଡା ଭାବେ ପ୍ରସିଦ୍ଧ ହୋଇଗଲା। ସେଇଠି ଗଢି ଉଠିଲା ବ୍ରହ୍ମପଡା ମଠ। ଯେଉଁଠି ପ୍ରଭୁ ପଡ଼ିଥିଲେ, ସେଇ ପବିତ୍ର ସ୍ଥାନରେ ଉଚ୍ଚା କରି ଚାଳିଆ ନିର୍ମାଣ କରିଥିଲେ ଭକ୍ତ। ତାହାଥିଲା ସ୍ମୃତିର ଧୁନି ମନ୍ଦିର। ସେଠାରେ ଯଜ୍ଞ କରାଯାଇଥିଲା। ସେବେଠାରୁ ମଠରେ ହେଉଥିବା ଯଜ୍ଞକୁଣ୍ଡରୁ ଧୁନି ଜଳୁଛି। ପ୍ରାୟ ୪୫୫ ବର୍ଷ ହେଲା ଧୁନି ଜଳି ଆସୁଛି। ମଠର ସାଧୁମାନେ ପାଳି କରି କେବଳ ଧୁନି ଜଗି ରହିବା ସହ ଅହରହ କୀର୍ତ୍ତନ ମଧ୍ୟ କରୁଛନ୍ତି। ତେବେ କିଛି ଦିନ ତଳେ ଓଡ଼ିଶା ଐତିହ୍ୟ ପରିଷଦର ସମ୍ପାଦକ ଦେବୀ ପ୍ରସନ୍ନ ନନ୍ଦ, ବ୍ରହ୍ମଗିରି ଐତିହ୍ୟ ପରିଷଦର ସଭାପତି ଅଧ୍ୟାପକ କାଶୀନାଥ ନାୟକ, ଐତିହ୍ୟ ବିଶାରଦ ଡ.ସୁରେନ୍ଦ୍ର ମିଶ୍ର ଓ ସ୍ଥାନୀୟ ଯୋଗ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯାଇ ମଠର ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ। ତେବେ ମଠ ପକ୍କାଘରରେ ପରିଣତ ହୋଇଛି। ପାଖରେ ହାତୀନାଳିଆକୁ ଆଡିବନ୍ଧ କରାଯାଇଛି। ମଠର ଦକ୍ଷିଣରେ ଜଙ୍ଗଲ ରହିଛି। ଗଜପତି ମଠ ନାଁରେ ଦଶ ଏକର ଜମି ଖଞ୍ଜି ଦେଇଛନ୍ତି। ତେବେ ମିଶ୍ରଙ୍କ କହିବା ଅନୁଯାୟୀ, କଳାପାହାଡ ମହାପ୍ରଭୁଙ୍କୁ ହାତୀରେ ବସାଇ ଗଙ୍ଗାନଦୀ ନେବା ବେଳେ ବୋଧହୁଏ ଜାତିର ନମସ୍ୟ ପୁରୁଷ ବିଶ୍ୱର ମହାନ୍ତି ମୃଦଙ୍ଗଟିଏ କାନ୍ଧରେ ପକାଇ ହାତୀ ପଛେ ପଛେ ଯାଇ ଗଙ୍ଗା କୂଳରେ ପହଞ୍ଚିଥିଲେ। ମା ଗଙ୍ଗାଙ୍କୁ ଦର୍ଶନ ଦେବା ପରେ ସେଇ ଅକୁହା ପଦାର୍ଥକୁ ବିଗ୍ରହରୁ କାଢି ମୃଦଙ୍ଗେ ପୂରାଇ ପହଞ୍ଚିଥିଲେ କୁଜଙ୍ଗର ମହାବୀର ଆଶ୍ରମରେ। ତେବେ ଯେଉଁ ବିଶୋର ମହାନ୍ତି କୋଟି ଓଡ଼ିଆର ମହୁଡ ମଣିଙ୍କୁ କଳାପାହାଡ କବଳରୁ ଆଣିଥିଲେ, ସେହି ମହାପୁରୁଷଙ୍କ ଏକ ପ୍ରତିମୂର୍ତ୍ତି ଭୁବନେଶ୍ୱରଠାରେ ସ୍ଥାପନ ହେବା ଆବଶ୍ୟକ ବୋଲି ପରିଷଦ ପକ୍ଷରୁ ଦାବି କରାଯାଇଛି।

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୫ ଜୁଲାଇ, ୨୦୨୩



**ସ୍କୁଲ ପରିସରରେ ୩ ଭାଲୁ**

ନନ୍ଦାହାଣ୍ଡି,୨୪।୭(ପ୍ରତୀପ କୁମାର ଦାଶ): ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକସ୍ଥିତ ଦହଣା ସଦାଶିବ ହାଇସ୍କୁଲ ପରିସରରେ ମା' ସହ ୨ଟି ଛୁଆ ଭାଲୁ ରହିଛନ୍ତି। ସ୍କୁଲ ଭିତରେ ଥିବା ଦୁଇ ପାଇଖାନା ମଝିରେ ଭାଲୁ ୩ଟି ରହୁଥିବାବେଳେ ସେମାନେ ବେଳେବେଳେ ବାହାରକୁ ଆସୁଛନ୍ତି। ଫଳରେ ସୋମବାର ସ୍କୁଲକୁ ଅଧାରୁ ବନ୍ଦ କରିଦିଆଯାଇଛି। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ନିୟୋଜିତ ଅଛନ୍ତି। ସୋମବାର ସକାଳେ ସ୍କୁଲ ଜଗୁଆଳିମାନେ ବିଦ୍ୟାଳୟରେ ୬ଟି ଭାଲୁ ଥିବା ସୂଚନା ଦେବାପରେ ବନପାଳ, ବନରକ୍ଷୀ ଏବଂ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଭାଲୁର ସ୍ଥିତି ଅନୁଧାନ କରିଛନ୍ତି। ସ୍କୁଲ ଭିତରେ ୩ଟି ଭାଲୁ ଥିବାବେଳେ ଅନ୍ୟ ଭାଲୁମାନେ ବାହାରକୁ ପଳାଇଥିବା ଅନୁମାନ କରାଯାଉଛି ବୋଲି ନବରଙ୍ଗପୁର ଏସିଏଫ୍‌ଓ ଧନଞ୍ଜୟ ମହାପାତ୍ର କହିଛନ୍ତି।

# ଆଜି ସରିବ ଜଗଦେବଙ୍କ ସୁପ୍ରିମ୍‌କୋର୍ଟ କଟକଣା

ଖୋର୍ଦ୍ଧା,୨୪।୭(ପ୍ରଭାତ ପାଣିଗ୍ରାହୀ)

## ଲୋକଙ୍କ ଉପରେ ଗାଡ଼ି ମଡ଼ାଇଦେବା ଘଟଣା

## ୨୮ରେ ଯିବେ ଚିଲିକା, ସମର୍ଥକ ଉତ୍ସାହିତ

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ କାର୍ଯ୍ୟାଳୟ ଆଗରେ ସାଧାରଣ ଲୋକ ଓ ପୋଲିସ ଉପରକୁ ଗାଡ଼ି ମଡ଼ାଇଦେବା ଘଟଣାରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ସୁପ୍ରିମ୍‌କୋର୍ଟ ୨୦୨୨ ଜୁଲାଇ ୨୫ରେ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ଜଗଦେବ ବର୍ଷେ ପର୍ଯ୍ୟନ୍ତ ଜିଲାପାଳଙ୍କ ଅନୁମତି ବିନା ଚିଲିକା ନିର୍ବାଚନମଣ୍ଡଳୀ ଗସ୍ତ କରିପାରିବେ ନାହିଁ। ଏପରିକି ବର୍ଷକ ମଧ୍ୟରେ ୫ ଜଣରୁ ଅଧିକ ଲୋକଙ୍କୁ ନେଇ ସଭାସମିତି କରିପାରିବେନାହିଁ ବୋଲି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା। ଫଳରେ ଏକ ବର୍ଷ ଧରି ଜଗଦେବ ନିଜ ନିର୍ବାଚନମଣ୍ଡଳୀଠାରୁ ଦୂରରେ ରହିଥିଲେ। ମଙ୍ଗଳବାର ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶନାମା ସରିବ। କଟକଣା ହଟିବା ପରେ ଜଗଦେବ ଆସନ୍ତା ୨୮ତାରିଖରେ ଏକ ବିଶାଳ ଶୋଭାଯାତ୍ରାରେ ନିଜ ନିର୍ବାଚନମଣ୍ଡଳୀ ଚିଲିକାରେ ପ୍ରବେଶ କରିବା ସହ ଜନସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି। ଏନେଇ ଜଗଦେବଙ୍କ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ସୋମବାର ବାଣପୁରଠାରେ ଜଗଦେବଙ୍କ ସମର୍ଥକଙ୍କ ଦ୍ୱାରା ଏକ ଖବରଦାତା ସମ୍ମିଳନୀ ହୋଇଥିଲା। କଟକଣା ହଟିବା ଦିନକୁ ମୁକ୍ତି ଦିବସ ଭାବେ ପାଳନ କରାଯିବ ବୋଲି ଘୋଷଣା କରାଯାଇଛି। ତେବେ ସବୁବେଳେ ଜଗଦେବଙ୍କ ସାଥିରେ ରହୁଥିବା ଏବଂ ତାଙ୍କ ଅନୁଗତ କୁହାଯାଉଥିବା ଛାମୁଆ ନେତାଙ୍କୁ ଏହି ସମ୍ମିଳନୀରେ ଦେଖିବାକୁ ମିଳି ନ ଥିଲା। ଅନ୍ୟପକ୍ଷରେ ଗାଡି ମଡ଼ାଇଦେବା ଘଟଣାରେ ଜଗଦେବ ଦଳରୁ ନିଲମ୍ବିତ ଥିଲେ ମଧ୍ୟ ଦଳୀୟ କାର୍ଯ୍ୟକ୍ରମରେ ତାଙ୍କୁ ଦେଖିବାକୁ ମିଳୁଛି। ହେଲେ ଜଗଦେବଙ୍କ ଶୋଭାଯାତ୍ରା କିମ୍ବା ସମାବେଶରେ ଦଳୀୟ କର୍ମକର୍ତ୍ତା ନ ରହିବାକୁ ଦଳର ହାଇକମାଣ୍ଡଙ୍କ ପକ୍ଷରୁ ହୁଇପ୍ ଜାରି ହୋଇଥିବା ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ, ୨୦୨୨ ମାର୍ଚ୍ଚ ୧୨ରେ ବାଣପୁର ବ୍ଲକ ଚେୟାରମ୍ୟାନ ନିର୍ବାଚନ ଅନୁଷ୍ଠିତ ହେଉଥିଲା। ଏହି ସମୟରେ ପଲ୍ଟନ ପଡ଼ିଆପଟୁ ଏକ ଶୋଭାଯାତ୍ରା ଆସୁଥିଲା। ବିଧାୟକ ଜଗଦେବ ଏକ ଲ୍ୟାଣ୍ଡରୋଭର ରେଞ୍ଜର ଡିସ୍‌କଭରି କାରରେ ଦୁଇଟି ନମ୍ବରପ୍ଲେଟ୍ ଲଗାଇ ଭିଡ଼ ଭିତରେ ସାଧାରଣ ଜନତା ଏବଂ ପୋଲିସ ଉପରକୁ କାର ମଡ଼ାଇ ଦେଇଥିଲେ। ଏଥିରେ ପୋଲିସ ସମେତ ୨୦ଜଣ ଆହତ ହୋଇଥିଲେ। ଏଥିଯୋଗୁ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିବା ଜଗଦେବ ଲହୁଲୁହାଣ ହୋଇଥିଲେ। ଚିକିତ୍ସିତ ହୋଇ ହସ୍ପିଟାଲରୁ ବାହାରକୁ ବାହାରିବା ପରେ ବାଣପୁର ପୋଲିସ ତାଙ୍କୁ ଗିରଫ କରିଥିଲା। ଥାନା ଏସ୍‌ଆଇ ଦେବସ୍ମିତା ବେହେରାଙ୍କ ଅଭିଯୋଗକ୍ରମେ ହତ୍ୟା ଉଦ୍ୟମ, ହତ୍ୟା ଷଡ଼ଯନ୍ତ୍ର, ଗାଡ଼ିକୁ ଅସ୍ତ୍ର ଭାବେ ବ୍ୟବହାର କରି ଲୋକଙ୍କ ଉପରେ ଗାଡ଼ି ମଡ଼ାଇବା, ପୋଲିସକୁ ଡ୍ୟୁଟିରେ ବାଧାଦେବା, ଲୋକଙ୍କ ଉପରକୁ ଆକ୍ରମଣ ଭଳି ଏକାଧିକ ଦଫାରେ ଏକ ମାମଲା ରୁଜୁ ହୋଇଥିଲା। ପରେ ସେ ସ୍ୱାସ୍ଥ୍ୟଗତ କାରଣରୁ ହାଇକୋର୍ଟରୁ ଦୁଇଥର ଅନ୍ତରୀଣ ଜାମିନ ପାଇଥିଲେ। ହାଇକୋର୍ଟରେ ତାଙ୍କ ନିୟମିତ ଜାମିନ ଖାରଜ ହେବା ପରେ ସେ ସୁପ୍ରିମ୍‌କୋର୍ଟରେ ଜାମିନ ଆବେଦନ କରିଥିଲେ। ଜଗଦେବଙ୍କ ଜାମିନ ଆବେଦନକୁ ଓଡ଼ିଶା ସରକାର ବିରୋଧ କରିଥିଲେ। ସୁପ୍ରିମକୋର୍ଟ ବିଧାୟକ ଜଗଦେବଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ ଜଗଦେବ ଚିଲିକା ନ ଯାଇ ବଡ଼ପୋଖରିଆସ୍ଥିତ ବାସଭବନରେ ନିର୍ବାଚନମଣ୍ଡଳୀର କାର୍ଯ୍ୟ ତଦାରଖ କରୁଥିଲେ। ଏବେ ସେ ପ୍ରତ୍ୟକ୍ଷ ଭାବେ ଚିଲିକାରେ କାର୍ଯ୍ୟ କରିବେ। ୨୦୨୪ ନିର୍ବାଚନରେ ସେ ପୁଣି ଚିଲିକା କିମ୍ବା ଖୋର୍ଦ୍ଧାରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

# 'ଶାସକ ଦଳ ନେତାଙ୍କୁ ପୋଷିବାକୁ ୫-ଟି ରୂପାନ୍ତର କାର୍ଯ୍ୟ ହେଉଛି'

ଭୁବନେଶ୍ୱର, ୨୪।୭(ସୁନିତ୍ ମିଶ୍ର)

ସମଗ୍ର ରାଜ୍ୟର ବିଭିନ୍ନ ବିଦ୍ୟାପୀଠକୁ ୫-ଟି ଆଧାରରେ ରୂପାନ୍ତର କରିବା ପାଇଁ ରାଜ୍ୟ ସରକାର ଯେଉଁ ବ୍ୟବସ୍ଥା କରିଛନ୍ତି ଏହା କେବଳ ଶାସକ ଦଳର ମନ୍ତ୍ରୀ, ବିଧାୟକ ଓ ଦଳୀୟ କର୍ମୀଙ୍କୁ ପୋଷିବାର ଏକ ମସୁଧା। ବିଭିନ୍ନ ସ୍ଥାନରେ ଖୁବ୍ ନିମ୍ନମାନର କାମ କରାଯାଇଛି। ଯାହାଦ୍ୱାରା ସେହି ବିଦ୍ୟାଳୟଗୁଡ଼ିକ ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଯାହାର ନିଚ୍ଛକ ନମୁନା ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତର ପଢ଼ିଆରୀ ବିଦ୍ୟାପୀଠ। ଏହା ୫-ଟି ଅଧୀନରେ ରୂପାନ୍ତର କରାଯାଇଥିଲା। ଏହାର ଭିତ୍ତିଭୂମିରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ୨୦୨୧ ନଭେମ୍ବରରେ ପୁଞ୍ଜିନିବେଶ କାର୍ଯ୍ୟଟି ବ୍ଲକ ପ୍ରଶାସନ ଅଧୀନରେ ଥିବାବେଳେ ପ୍ରଶାସନର ସମ୍ପର୍କୀୟ ଠିକାଦାରଙ୍କୁ କାର୍ଯ୍ୟଭାର ଦିଆଯାଇଥିଲା। କିନ୍ତୁ ଦୁର୍ଭାଗ୍ୟର କଥା ଏଠାରେ ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ଏହି ରୂପାନ୍ତରିତ କାର୍ଯ୍ୟକୁ ୨ ବର୍ଷ ନ ପୂରୁଣୁ ଗତ ଜୁଲାଇ ୧୯ରେ ବିଦ୍ୟାଳୟର ଛାତରୁ ପଲସ୍ତରା ଖସିଲା। ଫଳରେ ସ୍କୁଲର ସିଆର୍‌ସିସି ଓ ଶିକ୍ଷୟିତ୍ରୀ ଗୁରୁତର ଆହତ ହେଲେ। ସ୍ଥାନୀୟ ଅଞ୍ଚଳ ଲୋକେ ଏହାର ପ୍ରତିବାଦ କଲେ ସୁଦ୍ଧା ଏହାକୁ ପ୍ରଶାସନ ପକ୍ଷରୁ ଏଡାଇ ଦିଆଯାଇଛି ବୋଲି କଂଗ୍ରେସ ନେତା ବିଶ୍ୱଭୂଷଣ ଦାସ ଅଭିଯୋଗ କରିଛନ୍ତି। କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଶ୍ୱଭୂଷଣ କହିଛନ୍ତି, ପଢ଼ିଆରୀ ବିଦ୍ୟାପୀଠରେ ସମ୍ପୂର୍ଣ୍ଣ ନିମ୍ନମାନର କାର୍ଯ୍ୟ କରାଯାଇଛି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଏବଂ ନିମ୍ନମାନର କାର୍ଯ୍ୟ ପାଇଁ ସମ୍ପୃକ୍ତ ବ୍ୟକ୍ତି ଓ ବ୍ଲକ ପ୍ରଶାସନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ବିଦ୍ୟାପୀଠର ସ୍ଥାୟୀ ଭିତ୍ତିଭୂମି ପ୍ରତିଷ୍ଠା କରିବାକୁ ସେ ଦାବି କରିଛନ୍ତି।

# ବିସ୍ଥାପିତଙ୍କୁ ଭେଟିବାକୁ ଯାଉଥିବା ସାମାଜିକ କାର୍ଯ୍ୟକର୍ତ୍ତାଙ୍କୁ ଅଟକାଇଲେ

ବଲାଙ୍ଗୀର, ୨୪।୭ (ବୀରେନ୍ଦ୍ର କୁମାର ଝାଙ୍କର)

**ଲୋୟର ସୁକ୍‌ତେଲ ପ୍ରକଳ୍ପ**

**ବଲାଙ୍ଗୀର ରେଲଷ୍ଟେଶନରୁ ଫେରିଲେ ପ୍ରଫୁଲ୍ଲ ସାମନ୍ତରା**

ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀଙ୍କୁ ଭେଟିବା ପାଇଁ ଯିବାକୁ ଚାହିଁଥିବା ଜଣାଶୁଣା ସାମାଜିକ କାର୍ଯ୍ୟକର୍ତ୍ତା ତଥା ଓଡିଶା ଲୋକଶକ୍ତି ଅଭିଯାନ ସଭାପତି ପ୍ରଫୁଲ୍ଲ ସାମନ୍ତରାଙ୍କୁ ଅଭିନବ ଢଙ୍ଗରେ ବଲାଙ୍ଗୀର ରେଲଷ୍ଟେଶନରେ ଅଟକାଯାଇ ଭୁବନେଶ୍ୱର ଫେରିଯିବାକୁ ବାଧ କରାଯାଇଛି। ତାଙ୍କ ସହ ପରିଦର୍ଶନରେ ଯିବାକୁ ଥିବା ଗଣମାଧ୍ୟମ ପ୍ରତିନିଧି ତଥା ଲେଖକ ରାଜୀବ ସଗରିଆଙ୍କୁ ପାଟଣାଗଡ ପୋଲିସ ଏବଂ ବୁଢ଼ି ଅଞ୍ଚଳର ସଙ୍ଗଠକ ତଥା ଗଣମାଧ୍ୟମ ପ୍ରତିନିଧି ସତ୍ୟ ବନ୍‌ଛୋରଙ୍କୁ ପୋଲିସ ବଲାଙ୍ଗୀର ଏସ୍‌ଡିପିଓ ଅଫିସ୍‌ରେ ଅଟକାଇଥିଲା।

ସାମାଜିକ କାର୍ଯ୍ୟକର୍ତ୍ତା ସାମନ୍ତରା ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ ଭୁବନେଶ୍ୱରରୁ ଇଣ୍ଟରସିଟି ଏକ୍ସପ୍ରେସ୍‌ରେ ଆସି ବଲାଙ୍ଗୀର ରେଲଷ୍ଟେଶନ୍‌ରେ ପହଞ୍ଚିଥିଲେ। ସେଠାରେ ୩୦/୪୦ ଜଣ ଅପରିଚିତ ଯୁବକ ନିଜକୁ ବିସ୍ଥାପିତ ପରିଚୟ ଦେଇ ଫୁଲତୋଡ଼ା ଓ ଫୁଲମାଳ ପିନ୍ଧାଇ ସ୍ୱାଗତ କରିଥିଲେ। ମାତ୍ର ସେମାନେ ତାଙ୍କୁ ସୁକ୍‌ତେଲ ବୁଡି ଅଞ୍ଚଳ ଲୋକଙ୍କ ଅବସ୍ଥା ଦେଖିବା ପାଇଁ ନ ଯିବାକୁ ବାଧ କରିଥିଲେ। ସେମାନେ ସାମନ୍ତରାଙ୍କୁ କହିଥିଲେ ଯେ, ପ୍ରଶାସନ ବିସ୍ଥାପିତଙ୍କୁ ଭଲରେ ରଖିଛି, ଆଉ କିଛି ଅସୁବିଧା ନାହିଁ। ସାମନ୍ତରା ସମ୍ପୃକ୍ତ ଯୁବକମାନଙ୍କୁ କହିଥିଲେ ଯେ, ଯେଉଁମାନେ ନ୍ୟାୟ ପାଇନାହାନ୍ତି ସେମାନଙ୍କ କଥା ବୁଝିବାକୁ ସେ ଆସିଛନ୍ତି। ତାଙ୍କୁ ସେଠାକୁ ନ ଯିବା ପାଇଁ ବାଧ କରାଯିବାର ଅର୍ଥ କ'ଣ। ହେଲେ ଯୁବକମାନେ କୌଣସି କଥା ନ ଶୁଣି ବିସ୍ଥାପିତଙ୍କ ଗାଁକୁ ନ ଯିବା ଲାଗି ତାଙ୍କୁ ବାରଣ କରିଥିଲେ। ଏଭଳିକି ସେଠାରୁ ଭୁବନେଶ୍ୱର ଫେରିଯିବାକୁ ଅନୁରୋଧ କରିଥିଲେ। ଏହି ଘଟଣାକୁ ନେଇ ସାମାଜିକ କାର୍ଯ୍ୟକର୍ତ୍ତା ସାମନ୍ତରା ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି ଜିଲା ପ୍ରଶାସନର ପ୍ରରୋଚନାରେ ଏହି ଯୁବକମାନେ ଏଭଳି କାଣ୍ଡ କରିଥିବା କହିଛନ୍ତି। ଅସଲ ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କ ପାଖକୁ ନ ଯିବା ପାଇଁ ତାଙ୍କୁ ଏଭଳି ଅଟକା ଯାଇଥିବା ସେ କହିଛନ୍ତି। ପ୍ରଶାସନ ନିଜ ଅମାନବିକ ଥଇଥାନ ବ୍ୟବସ୍ଥାକୁ ଘୋଡାଇବା ପାଇଁ ଅତି ଚାଲାକ୍ ବାଟରେ ତାଙ୍କୁ ଏଭଳି ଅଟକାଇଥିବା ସେ କହିଛନ୍ତି। ୨୦୧୩ ବିସ୍ଥାପନ ନୀତି ଲାଗୁକରି ଲୋକଙ୍କୁ ଉଚିତ୍ ନ୍ୟାୟ ଦିଆଯିବା ଦିଗରେ ବିସ୍ଥାପିତଙ୍କ ସହ ତାଙ୍କର ଲଢ଼େଇ ଜାରି ରହିବ ବୋଲି ସେ କହିଛନ୍ତି। ସାମନ୍ତରା ବଲାଙ୍ଗୀର ରେଲଷ୍ଟେଶନ୍‌ରୁ ଫେରିଯିବା ପରେ ପାଟଣାଗଡ଼ରୁ ସଗରିଆ ଏବଂ ବଲାଙ୍ଗୀରରୁ ବନ୍‌ଛୋରଙ୍କୁ ଛାଡି ଦେଇଥିବା ଜଣାପଡିଛି। ଏହି ଘଟଣାକୁ ବିସ୍ଥାପିତମାନେ ନିନ୍ଦା କରିଛନ୍ତି। ପ୍ରଶାସନ ଇଙ୍ଗିତରେ ରେଲଷ୍ଟେଶନରେ ସାମନ୍ତରାଙ୍କୁ ଅଟକାଇଥିବା ଯୁବକମାନେ ନକଲି ବିସ୍ଥାପିତ ବୋଲି କହିଛନ୍ତି।

# ଡ୍ରାଇଭର ସଂଘର ଚେତାବନୀ ପରେ ତତ୍ପରତା ଦେଖାଇଲେ ସରକାର

ଭୁବନେଶ୍ୱର, ୨୪।୭(ସୁନିତ୍ ମିଶ୍ର)

ଓଡ଼ିଶା ଡ୍ରାଇଭର ସଂଘର ଚେତାବନୀ ପରେ ରାଜ୍ୟ ସରକାର ମୋଟର ଚାଳକ ଓ କର୍ମଚାରୀ କଲ୍ୟାଣ ବୋର୍ଡ ଗଠନ ଲାଗି ତତ୍ପରତା ଦେଖାଇଛନ୍ତି। ଏହି ବୋର୍ଡ କିପରି ଗଠନ ହେବ ସେନେଇ ଏକପ୍ରକାର ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଦେଇଥିବା ଜଣାପଡ଼ିଛି। ବୋର୍ଡରେ ଜଣେ ଅଧ୍ୟକ୍ଷ ରହିବେ। ସରକାର ଯାହାକୁ ଚାହିଁବେ ଏହି ପଦରେ ବସାଇପାରିବେ। ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ଏହାର ଏକ୍ସ ଅଫିସିଓ ମେମ୍ବର ଏବଂ ପରିବହନ କମିଶନର ମେମ୍ବର ସେକ୍ରେଟାରି ରହିବେ। ଏହାସହ (ଏସ୍‌ଟିଏ) ରାଜ୍ୟ ପରିବହନ କର୍ତ୍ତୃପକ୍ଷର ଦୁଇ ଜଣ ଏବଂ ପରିବହନ ବିଭାଗର ଦୁଇ ଜଣ ଏହାର ସଦସ୍ୟ ରହିବେ। ଏହାସହ ଡ୍ରାଇଭର ସଂଘର ୩ ଜଣ ଏବଂ ସରକାର ଅନ୍ୟ ସଦସ୍ୟଙ୍କୁ ଚୟନ କରିବେ। ତେବେ ପରିବହନ ବିଭାଗ ଏବଂ ଏସ୍‌ଟିଏର ଦୁଇ ଜଣ ଲେଖାଏଁ ଅଧିକାରୀଙ୍କ ସମେତ ସିଭିଲ ସୋସାଇଟିରୁ ୨ ଜଣଙ୍କ ନାମ ପଠାଇବାକୁ ପରିବହନ ବିଭାଗ ଅଧିକାରୀଙ୍କୁ ମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଦିଆଯାଇଛି। ଯେତେଶୀଘ୍ର ହେବ ଏହି ତାଲିକା ପ୍ରଦାନ କଲେ ବୋର୍ଡ ଗଠନ ହେବ ବୋଲି ମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି। ଅନ୍ୟପଟେ ତୃତୀୟ ମହଲାରେ ଏନେଇ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଜଣେ ବରିଷ୍ଠ ଅଧିକାରୀଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରିଥିବା କୁହାଯାଉଛି। ତେବେ ବିଳମ୍ବିତ ସନ୍ଧ୍ୟା ସୁଦ୍ଧା ପରିବହନ ବିଭାଗ ଏବଂ ସିଭିଲ୍ ସୋସାଇଟିରୁ କାହାକୁ ସଦସ୍ୟ କରାଯିବ ତା'ର ତାଲିକା ମନ୍ତ୍ରୀଙ୍କ ଅଫିସ୍‌କୁ ଦିଆସରିଛି। ବିଗତ ଦିନରେ ଡ୍ରାଇଭର ସଂଘର ଆନ୍ଦୋଳନକୁ ଦେଖିବା ପରେ ଏବେ ସେମାନେ ଦେଇଥିବା ଚେତାବନୀକୁ ସରକାର ନଜର ଅନ୍ଦାଜ କରିବାକୁ ଚାହୁଁ ନ ଥିବା ଜଣେ ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ବୋର୍ଡ ମେମ୍ବର କେଉଁମାନେ ହେବେ ସେସବୁ ଚୂଡାନ୍ତ ହେବା ପରେ ଏଥିଲାଗି ପାଣ୍ଠି କେତେ ରହିବ ସେହି ବିଷୟରେ ଖୁବଶୀଘ୍ର ସ୍ଥିର କରି ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ପଠାଯିବ।

---

## OFFICE OF THE SORO MUNICIPALITY

e-Mail: soromunicipality@gmail.com

Letter No. 1892 — Date: 21.07.2023

**EXPRESSION OF INTEREST FOR PREPARATION OF STORM WATER DRAINAGE MASTER PLAN & DPR OF SORO MUNICIPALITY**

No. C-886:- Soro Municipality proposes to undertake Preparation of storm water drainage master plan & DPR for Soro Municipality area.

Proposals are invited to conduct the assignment and submit the deliverables from engineering consultants/Consulting registered architectural firms that have requisite experience in preparation of drainage/Pipeline/Sewerage network plan.

Details of the bid document can be obtained from the Office of Soro Municipality by paying the Bid processing fees Rs 10,000 (Rupees Ten thousand) only non refundable during office hour on or before **Dt: 07.08.2023**

The completed applications, as per instructions in the EOI document should reach the following address by hand/Registered Post/ Speed Post/Courier latest by **1 PM on Dt: 08.08.2023**

Soro Municipality reserves the sole right to accept or reject any or all proposals without assigning any reason whatsoever.

Sd./- Executive Officer
Soro Municipality

OIPR-13166/11/0010/2324

---

obcc

## OFFICE OF THE GENERAL MANAGER
## ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking)
## PURI PROJECT DIVISION-II, PURI

Email Id: puridiv2@obcc.in

Letter No.1263 — **Bid Identification No.4/2023-24** — Date:21.07.2023

**Tender Call Notice**

**No.CAD-1404:**1. The **General Manager, Puri Division-II**, Odisha Bridge & Construction Corporation Limited (O.B. & C.C. Ltd), Puri, on behalf of E.I.C-Cum-Managing Director, OB&CC Ltd. invites Percentage bids in Double Cover system for the following works from 'B' Class Contractors registered with the State Government and contractors of equivalent grade/class registered with Central Government/ MES/Railways to be eventually drawn up in P-1 form / other available forms for execution of the works, on production of definite proof from the appropriate authority. But successful bidder other than State/MES/ Railways/ CPWD/MSME Company in equivalent rank must register under the State PWD before signing the agreement.

| Sl. No. | Name of work | Approx Value of work (Rs. in lakhs) | Concerned Tender Inviting Authority | EMD (To be remitted Online) | Cost of Bid Documents including GST (To be remitted Online) | Class of Bidder | Period of completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Compound Wall and other Development works for waste treatment plant near Malatipatpur Bus Stand. | 66.81 | General Manager, Puri Project Division No.-II, O.B. & C.C. Ltd, Puri | Rs.66,900 /- | Rs.11, 800 /- | 'B' Class | 4 (Four) calendar months |

2.The Bid document shall be available in the website **https://tendersodisha.gov.in** from **11.00 A.M.** of **Dt 25.07.2023 to 04.30 P.M. of Dt.10.08.2023** for online bidding.3. The bidder must possess compatible **Digital Signature Certificate (DSC)** of Class II or Class III. The online bidding procedure is indicated in the document. 4.The bid shall be received only **through "online"** on or before **04.30 P.M. of Dt 10.08.2023.** 5.Bids received online shall be opened at **05.00 P.M. on Dt 10.08.2023** in the office of the General Manager, Puri Division-II, Odisha Bridge & Construction Corporation Ltd, Odisha, Puri. If the office happens to be close on the last date of opening the bids as specified, the bids will be opened on the next working day at the same time and venue. 6.The authority reserves the right to cancel any or all bids without assigning any reason thereof.7.Further details with any addendum, corrigendum, cancellation can be seen from the website only **https://tendersodisha.gov.in.**

Sd./- General Manager
Puri Project Divn-II, O.B.& C.C. Ltd., Puri

OIPR-34152/11/0004/2324

---

## RAVENSHAW UNIVERSITY
CUTTACK-753003, ODISHA

**Engagement of Temporary Faculty in Integrated B. Ed. Programme**

**No. CAD-1407:**-Applications are invited from the eligible candidates for appointment of Temporary Faculty for Four Year Integrated B. Ed. Programme of Ravenshaw University for the subjects: Perspectives in Education, Pedagogy of Languages, Physical Sciences and Mathematics, Health & Physical Education, Yoga Education, Fine/Visual Art and Performing Art.
For details please visit www.ravenshawuniversity.ac.in

Registrar
Ravenshaw University, Cuttack

OIPR-11008/11/0010/2324

---

No.CAD-1405:

obcc

ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

## ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)

No.6608 — Date:21.07.2023
File: SMT-1922

**NOTICE INVITING TENDER**

| | | |
|---|---|---|
| 1. | Name of Work | Selection of an agency for Survey, Architectural Services and preparation of Master Plan for BBSR Campus, other College at outline Campus (Chiplima in Sambalpur, Bhawanipatna in Kalahandi & Rangeilunda in Ganjam) and other infrastructure of OUAT. |
| 2. | Bid Identification No. of the Tender Document | 32/Tender/OBCC/2023-24 |
| 3. | Date of availability in e-procurement portal | from 26.07.2023 |
| 4. | Last date of receipt of pre-bid queries | upto 5:00 P.M of 01.08.2023 |
| 5. | Last Date & time of receipt of online bid | 18.08.2023 till 5.00 P.M. |
| 6. | Date of Opening of online technical bid | 19.08.2023 at 11:30 A.M |
| 7. | Period of completion | 10 Months |

8. Further details can be seen from the e-Procurement portal **https://www.tendersodisha.gov.in.**
9. OBCC has the right to accept or reject the Notice/ RFP/Proposal without assigning any reasons thereof.
10. Agencies empanelled with OBCC under Category-A of Comprehensive Architectural Services are only eligible to apply for this assignment.

Sd./- Senior Chief General Manager-I

OIPR-34161/11/0040/2324

---

## ODISHA PUBLIC SERVICE COMMISSION
## CUTTACK
## NOTICE

**No. 6002/P.S.C., Dt.24.07.23**
**PF-07-1E-01-2023/24 (DR-III)**

**No. D-94:-** It is for information of all concerned that the written examination held on **03.07.2022** for recruitment to the post of **Post Graduate Teachers in Chemistry**, pursuant to Advt. No.12 of 2020-21, **54 (Fifty four)** candidates bearing following Roll Nos. have been qualified for admission to Document Verification & Viva Voce test. The physical verification of original certificates/documents etc. and Viva Voce test in respect of above qualified candidates, will be conducted simultaneously in the office of the Commission at 19, Dr. P.K. Parija Road, Cuttack-753001 from **17.08.2023 to 19.08.2023** as per the programme detailed below.

The candidates are required to come with hard-copies of online application forms (indicating their Roll Nos. at the top right corner and **instructed to mask the Mobile No./alternative Mobile No. and Email ID through blackening**), three passport size photographs, self-attested copies of all relevant certificates, documents, Aadhaar Card etc. **with original of the same** as per **Para-10** of the aforesaid Advertisement and duly filled in **"Attestation Form"** & **"Bio-Data Form"** (to be downloaded from the website of the Commission) and submit the same **in person** on the day of verification.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Viva Voce test**. The candidates shall be allowed to the Viva Voce test on scheduled date and time mentioned below subject to fulfillment of their eligibility in all respect as per verification of original certificate/ documents. The decision of the Commission thereon shall be final.

**PROGRAMME OF DOCUMENT VERIFICATION & INTERVIEW**

| Sl. No. | Date | Time of Verification | Time of Interview | ROLL No. of Candidates |
|---|---|---|---|---|
| 1. | 17.08.2023 | 8.30 A.M. | 10.30 A.M. | 200020, 200032, 200035, 200043, 200050, 200071, 200076, 200097, 200101 & 200111 **= 10 candidates** |
| | | 12.30 P.M. | 2.30 P.M. | 200120, 200128, 200139, 200141, 200142, 200148, 200152 & 200160 **= 08 candidates** |
| 2. | 18.08.2023 | 8.30 A.M. | 10.30 A.M. | 200161, 200174, 200175, 200187, 200194, 200196, 200229, 200232, 200233 & 200262 **= 10 candidates** |
| | | 12.30 P.M. | 2.30 P.M. | 200266, 200267, 200274, 200277, 200283, 200290, 200293 & 200329 **= 08 candidates** |
| 3. | 19.08.2023 | 8.30 A.M. | 10.30 A.M. | 200333, 200334, 200349, 200357, 200358, 200360, 200365, 200368, 200388 & 200395 **= 10 candidates** |
| | | 12.30 P.M. | 2.30 P.M. | 200409, 200433, 200434, 200441, 200442, 200446, 200460 & 200473 **= 08 candidates** |

**N.B. - The candidates are advised to report at the office of the Commission half an hour before the commencement of verification on their scheduled dates & time as mentioned against each.**

**NOTE:-** THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

OIPR-12002/11/0067/2324 — Sd./- Secretary

---

## ODISHA PUBLIC SERVICE COMMISSION
## NOTICE

**No. 5964 /PSC, Dt.24.7.23**

**TIME TABLE FOR WRITTEN EXAMINATION OF ODISHA MUNICIPAL ADMINISTRATIVE SERVICES-2021**

**No.D-92:-** The Commission has decided to conduct the written examination of Odisha Municipal Administrative Services-2021 on **13.08.2023 (Sunday)** in five zones i.e. Balasore, Berhampur, Bhubaneswar, Cuttack & Sambalpur, pursuant to Advertisement No. 06 of 2022-23 as per time table mentioned below:-

| Date | Timing | Subject | Subject Code No. to be filled up in the OMR Answer script. |
|---|---|---|---|
| 13.08.2023 (Sunday) | 10.00 A.M. to 12.00 P.M. | General Studies (Paper-I) | 01 |
| | 2.00 P.M. to 4.00 P.M. | General Studies (Paper-II) | 02 |

**N.B.-** As there is no vacancy for PwD candidates, no extra compensatory time will be allowed to PwD candidates.
2. **"Admission Certificate"** & **"Instructions to candidates"** of the eligible candidates will be available in the website of the Commission later. The candidates are advised to visit the website of the Commission at http://opsc.gov.in to download their "Admission Certificate" & "Instructions to Candidates".

OIPR-12002/11/0066/2324 — Sd./- Secretary

---

## ODISHA PUBLIC SERVICE COMMISSION
## NOTICE

No. 6006 /PSC., Dt.24.7.23
(1E-75-2022-23) DR-II)

**Corrigendum to Advertisement No. 02 of 2023-24 for recruitment to the post of Dental Surgeons (Junior Branch) in Group-A, under H & F.W. Department.**

**No.D-93:-** As per the revised proposal communicated by the Govt. in Health & Family Welfare Department in their letter No. 16425/H, dt.11.07.2023 for recruitment to the posts of Dental Surgeons in the rank of Group-A (Junior Branch), the vacancy position along with reservation thereof are hereby modified as indicated in the table given below:-

| Sl. No. | Category | No. of Vacancies |
|---|---|---|
| i | ii | iii |
| 1 | UR | 72 (24-w) |
| 2 | SEBC | 15 (05-w) |
| 3 | SC | 24 (08-w) |
| 4 | ST | 84 (28-w) |
| Total | | 195 (65-w) |

All other terms and conditions outlined in advertisement No.02 of 2023-24 shall remain unchanged.

The concerned candidates are advised to visit the website of the Commission at www.opsc.gov.in.

OIPR-12002/11/0068/2324 — Sd./- Secretary

---

## OFFICE OF THE MUNICIPAL COUNCIL, DHENKANAL
DHENKANAL (ODISHA), PIN-759001
Tel.No.06762-224401 (O), FAX No.06762-223355
E-mail:- dhenkanalm.hud@gmail.com

No.2702 — Date:21.07.23

**QUOTATION CALL NOTICE**

**No.C-899:**Sealed quotations in the prescribed quotation paper are invited from the registered firm for **"Supply and Installation of Dandi Yatra Statue (with base, material-Cement)".** The rate should be quoted inclusive of all taxes, cost conveyance and fixing.

1- The Cost of each Quotation Paper:- Rs. 5,000.00 (Non Refundable)
2- Start Date of Sale of Quotation Paper: - 24.07.2023
3- Last Date of Sale of Quotation Paper:- 03.08.2023
4- Last Date of Receipt of Quotation Paper :- 03.08.2023 at 5.00 PM
5- Date of Opening of Sealed Quotation :- 04.08.2023 at 12.00 Noon

The Quotation will be opened in the presence of the quotationers or their authorized agents. The quotationers should deposit EMD @1% of the total quoted price in shape of Bank Draft/Bankers Cheque drawn **in favour of Executive Officer, Dhenkanal Municipality**. The quotation with enclosures will be received only through Speed Post/ Regd. Post by the undersigned in the schedule date and time and not be accepted in any means beyond the date and time. Any postal delay will not be considered. The quotation paper will be available in the Office of Dhenkanal Municipality during the office hours (except holidays) till dt 03.08.2023 (up to 11.00 AM) and may download from the Dhenkanal website i.e. **dhenkanalmunicipality.com.**

The authorized reserves the right to reject any or all the quotations without assigning any reason thereof.

Sd./- Executive Officer
Dhenkanal Municipality
OIPR-13146/11/0018/2324

**ସୀମାନ୍ତରେ ମାଓବାଦୀଙ୍କ ମୃତଦେହ**

ମାଲକାନଗିରି: ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ବିଜାପୁର ଜିଲାରେ ଗତ ଦୁଇଦିନ ପୂର୍ବେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଯବାନମାନେ କୋମ୍ବିଂ ଅପରେଶନ କରିବା ପରେ ସୋମବାର ଜଣେ ମାଓବାଦୀଙ୍କ ମୃତଦେହ ସହ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଓ ବିସ୍ଫୋରକ ଜବତ କରିଛନ୍ତି। ଗତ ୨୨ ତାରିଖରେ ବିଜାପୁର ଜିଲା ଭୈରମଗଡ ଥାନା ପୋଟେନାର ଜଙ୍ଗଲରେ ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ କୌଣସି ଯବାନଙ୍କ ମୃତ୍ୟୁ ହୋଇ ନ ଥିବା ବେଳେ ୨ ଦିନ କୋମ୍ବିଂ ଅପରେଶନ ପରେ ଯବାନମାନେ ସେହି ଅଞ୍ଚଳରୁ ଜଣେ ମାଓବାଦୀଙ୍କ ମୃତଦେହ ସହ ବିସ୍ଫୋରକ ଓ ମାଓବାଦୀ ସାମଗ୍ରୀ ଜବତ କରିଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ................................

ବୟସ:................................

ଜନ୍ମ ତାରିଖ: ...........................



ଡିତୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଶଗଡ଼ରେ ୨ କି.ମି. ଗଲେ ରୋଗୀ



ରୋଗୀ ଶ୍ରୀବସ୍ତଙ୍କୁ ଶଗଡ଼ରେ ଶୁଆଇ ଗ୍ରାମବାସୀ ଆମ୍ବୁଲାନ୍ସ ଯାଏ ନେଉଛନ୍ତି।

**ଭଲ ରାସ୍ତା ନ ଥିବାରୁ ଯାଇପାରିଲାନି ଆମ୍ବୁଲାନ୍ସ**

ଅନୁଗୋଳ, ୨୪।୭ (ଅମିତ କୁମାର ସାମଲ)

କାଦୁଅ ରାସ୍ତା ଯୋଗୁ ଗାଁକୁ ପଶିପାରିଲାନି ଆମ୍ବୁଲାନ୍ସ। ଫଳରେ ୮୦ ବର୍ଷର ବୃଦ୍ଧ ରୋଗୀଙ୍କୁ ଏକ ଶଗଡ଼ରେ ୨ କି.ମି. ଆଣିବାକୁ ପଡ଼ିଲା ଗ୍ରାମବାସୀଙ୍କୁ। ଏହାପରେ ତାଙ୍କୁ ଅପେକ୍ଷାରତ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲାରେ ସୋମବାର ଦେଖିବାକୁ ମିଳିଥିବା ଏପରି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଅନୁଗୋଳ ବ୍ଲକ ମାଣିକଯୋଡ଼ି ପଞ୍ଚାୟତର ପୋକୁଣ୍ଡା ଗାଁକୁ ଭଲ ରାସ୍ତାଟିଏ ନାହିଁ। ବ୍ଲକ ମୁଖ୍ୟାଳୟରୁ ପ୍ରାୟ ୨୫ କିଲୋମିଟର ଦୂରରେ ଥିବା ଏହି ଗାଁ ରାସ୍ତା ବର୍ଷା ଯୋଗୁ କାଦୁଅପୂର୍ଣ୍ଣ ହୋଇପଡ଼ିଛି। ଫଳରେ ମୁଖ୍ୟ ରାସ୍ତାଠାରୁ ଗାଁକୁ ଯାଇଥିବା ୨ କିଲୋମିଟର ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ସୋମବାର ଗାଁର ଶ୍ରୀବସ୍ତ ସାହୁ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ହେଲେ ଆସିଥିବା ଆମ୍ବୁଲାନ୍ସ ଗାଁ ରାସ୍ତାରେ ଯିବା ସମ୍ଭବ ନ ହେବାରୁ ମୁଖ୍ୟ ରାସ୍ତାରେ ଅପେକ୍ଷା କରିଥିଲା। ତେଣୁ ଉପାୟଶୂନ୍ୟ ହୋଇ ଗ୍ରାମବାସୀ ଶ୍ରୀବସ୍ତଙ୍କୁ ଏକ ଶଗଡ଼ରେ ଶୁଆଇ ୨ କି.ମି. ବୋହି ଆଣିବା ପରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଡାକ୍ତରଖାନା ପଠାଯାଇଥିଲା।

# ଡାକ୍ତରଖାନାରୁ ଖସିଗଲେ ଅଭିଯୁକ୍ତ

**କଲରାପତରିଆ ବାଘ ଚମଡ଼ା ଜବତ ଘଟଣା**

ବାରିପଦା,୨୪।୭
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଅଧୀନ ବହଳଦା ଗ୍ରାମରୁ ୪ କଲରାପତରିଆ ବାଘ ଚମଡ଼ା ଜବତ ଘଟଣାରେ ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ରୂପୟ ମାରାଣ୍ଡି(୫୦) ଚିକିତ୍ସାଧୀନ ଅବସ୍ଥାରେ ବାରିପଦା ପିଆର୍‌ଏମ୍ ମେଡିକାଲରୁ ଖସି ପଳାଇଛନ୍ତି। ଏନେଇ ଅନ୍ୟ ଏକ ମାମଲା ରୁଜୁକରାଯାଇ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଉଦ୍ୟମ ଜାରି ରହିଛି। ଏହି ଘଟଣାକୁ ନେଇ ବାରିପଦା ଡିଭିଜନର ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀ ରେଞ୍ଜର ଲକ୍ଷ୍ମୀଧର ବେହେରାଙ୍କୁ କୈଫିୟତ ତଲବ କରିଛନ୍ତି। ଅପରପକ୍ଷେ ବାଘ ଚମଡ଼ା ଜବତ ଘଟଣାରେ ଫେରାର ଥିବା ୨ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କୁ ବନ ବିଭାଗ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିଶୋଇ ଥାନା ଅଧୀନ ରୁଗୁଡିହି ଗ୍ରାମର ରୁପାଏ ମୁର୍ମୁ(୬୫)।

ପ୍ରକାଶ ଯେ, କଲରାପତରିଆ ବାଘ ଚମଡ଼ା ବିକ୍ରି ଅଭିଯୋଗରେ ଗିରଫ ୩ ଅଭିଯୁକ୍ତଙ୍କ ମଧ୍ୟରୁ ରୂପୟ ଛାତିରେ ଯନ୍ତ୍ରଣା ହେଉଥିବା କହିଥିଲେ। ବାରିପଦା ରେଞ୍ଜ୍ କର୍ମଚାରୀମାନେ ତାଙ୍କୁ ଚିକିତ୍ସା ପାଇଁ ପିଆର୍‌ଏମ୍ ମେଡିକାଲକୁ ନେଇଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ସୁଯୋଗ ଦେଖି ବିଳମ୍ବିତ ରାତିରେ ଅଭିଯୁକ୍ତ ରୂପୟ ଡାକ୍ତରଖାନାରୁ ଚମ୍ପଟ ମାରିଥିଲେ।

# ‘ଶିକ୍ଷାର ବିକାଶ ପାଇଁ ଉତ୍ସର୍ଗୀକୃତ ହୋଇ କାମ କର’

**ନବନିଯୁକ୍ତ ଓଇଏସ୍ ଅଧିକାରୀଙ୍କ ପ୍ରଶିକ୍ଷଣ ଆରମ୍ଭ**

- ଉଦ୍‌ଘାଟନ କଲେ ମନ୍ତ୍ରୀ ସୁଦାମ ମାରାଣ୍ଡି
- ୧୬ ଦିନ ଧରି ଚାଲିବ



ପ୍ରଶିକ୍ଷଣ ଶିବିରରେ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ସହ ନବନିଯୁକ୍ତ ଓଇଏସ୍ ଅଧିକାରୀ।

ଭୁବନେଶ୍ୱର,୨୪।୭
(ଅନୁରାଧା ମହାରଣା)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ନବନିଯୁକ୍ତ ୧୬୦ଜଣ ଓଡ଼ିଶା ଶିକ୍ଷା ସେବା ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାରଠାରୁ ଭୁବନେଶ୍ୱରସ୍ଥିତ ମଧୁସୂଦନ ଦାସ ରିଜିଓନାଲ ଏକାଡେମି ଅଫ୍ ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟଠାରେ ଆରମ୍ଭ ହୋଇଛି। ବିଭାଗୀୟ ମନ୍ତ୍ରୀ ସୁଦାମ ମାରାଣ୍ଡି ଏହାକୁ ଉଦ୍‌ଘାଟନ କରି ନବନିଯୁକ୍ତ ଅଧିକାରୀଙ୍କୁ ଶିକ୍ଷାର ବିକାଶ ପାଇଁ ଉତ୍ସର୍ଗୀକୃତ ହୋଇ କାମ କରିବାକୁ ପରାମର୍ଶ ଦେଇଛନ୍ତି। ସେ କହିଲେ, ଶିକ୍ଷକ ହିଁ ବ୍ୟକ୍ତିକୁ ତାହାର ବ୍ୟକ୍ତିତ୍ୱ ସହ ପରିଚିତ କରାଇଥାଏ। ଶିକ୍ଷା କ୍ଷେତ୍ରର ପ୍ରଶାସନିକ ଯୋଗାଯୋଗକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ଦିଗରେ ମନ୍ତ୍ରୀ ଗୁରୁତ୍ୱ ଦେବା ସହ ଶିକ୍ଷା ଭଳି ଏକ ମହତ୍ତ୍ୱପୂର୍ଣ୍ଣ ଓ ଦାୟିତ୍ୱସମ୍ପନ୍ନ ବିଭାଗ ନବନିଯୁକ୍ତ ଅଧିକାରୀଙ୍କ ସହ ଆଗକୁ ବଢ଼ିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ବିଭାଗୀୟ ସଚିବ ଅଶ୍ୱଥୀ ଏସ୍ ନବନିଯୁକ୍ତ ଅଧିକାରୀମାନଙ୍କୁ ବିଭାଗ ପକ୍ଷରୁ ସ୍ୱାଗତ କରିଥିଲେ। ଶିକ୍ଷା ବ୍ୟବସ୍ଥାକୁ ଉଚ୍ଚ ସ୍ତରରେ ପହଞ୍ଚାଇବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ। ୨୦୨୩-୨୪ ଶିକ୍ଷାବର୍ଷ ନୂତନ ଅଧିକାରୀଙ୍କ ସହଯୋଗ ଓ ନୂତନ ଦୃଷ୍ଟିକୋଣ ମାଧ୍ୟମରେ ସଫଳତାର ଶୀର୍ଷ ଛୁଇଁବ ବୋଲି ସେ ଆଶା କରିଛନ୍ତି। ଓସେପାର ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ସ୍ୱାଗତ ଭାଷଣରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଜାମିନୀ ଷଡ଼ଙ୍ଗୀ ନବନିଯୁକ୍ତ ଅଧିକାରୀଙ୍କୁ ଭବିଷ୍ୟତ ବୃତ୍ତିଗତ ଜୀବନର ବାଧାବିଘ୍ନକୁ ସାହସର ସହ ସାମ୍ନା କରିବାକୁ ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ଦ୍ୱାରା ଆୟୋଜିତ ଏହି ପ୍ରଶିକ୍ଷଣ ଦୁଇଟି ପର୍ଯ୍ୟାୟରେ ଅଗଷ୍ଟ ୮ ପର୍ଯ୍ୟନ୍ତ ୧୬ଦିନ ଧରି ଚାଲିବ। ତେବେ ପ୍ରଥମ ପର୍ଯ୍ୟାୟରେ ୮୦ଜଣ ନବନିଯୁକ୍ତ ଅଧିକାରୀ ପ୍ରଶିକ୍ଷଣ ନେଉଛନ୍ତି। ସେହିଭଳି ଅବଶିଷ୍ଟ ୮୦ ଅଧିକାରୀଙ୍କୁ ନେଇ ଅଗଷ୍ଟ ୧୪ରୁ ୨୯ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଚାଲିବ। ନବନିଯୁକ୍ତ ଅଧିକାରୀଙ୍କୁ ଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସୂଚନା ଦିଆଯିବ। ଜିଲା, ବ୍ଲକ୍ ସ୍ତରରେ କ୍ଷେତ୍ର ଅଧ୍ୟୟନ ମାଧ୍ୟମରେ ଶିକ୍ଷା ପ୍ରଶାସନର କାର୍ଯ୍ୟ ପ୍ରଣାଳୀ ଏବଂ ନୂତନ ଭାବେ ପ୍ରଣୟନ କରାଯାଇଥିବା ହାଉସ୍ ସିଷ୍ଟମ, ସ୍କୁଲ କ୍ଲବ୍, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିଷୟରେ ସ୍ୱତନ୍ତ୍ର ଭାବେ ତାଲିମ ଦିଆଯିବ।

# ଗତବର୍ଷ ତୁଳନାରେ ବଢ଼ିଛି ୧୭.୨୯% ଦୁର୍ଘଟଣାଜନିତ ମୃତ୍ୟୁ

**୨୦୨୨ର ପ୍ରଥମ ୩ ମାସ ସହିତ ଏବର୍ଷର ସେହି ସମୟ ସହ ତୁଳନା**

ଭୁବନେଶ୍ୱର, ୨୪।୭(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ଶତାଧିକ ଚେଷ୍ଟା ସତ୍ତ୍ୱେ ସଡକ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇବାର ନାଁ ଧରୁନାହିଁ। ସଡକ ଦୁର୍ଘଟଣା ରୋକିବା ଲାଗି ବିଭାଗୀୟ ସଚିବ ସବୁବେଳେ ପ୍ରାୟ ବିଭିନ୍ନ କାର୍ଯ୍ୟକ୍ରମ କରିବା ପାଇଁ ଚିଠି ଲେଖୁଥିଲେ ସୁଦ୍ଧା ତାହା ଠିକ୍ ଭାବେ କାର୍ଯ୍ୟକାରୀ ମଧ୍ୟ ହୋଇପାରୁ ନାହିଁ। ଗତ ୨୦୨୨ ଜାନୁୟାରୀରୁ ମାର୍ଚ୍ଚ ମଧ୍ୟରେ ଯେତିକି ଦୁର୍ଘଟଣା ଏବଂ ତତ୍‌ଜନିତ ମୃତ୍ୟୁ ଘଟିଥିଲା ଚଳିତ ବର୍ଷ ଏହି ସମୟ ମଧ୍ୟରେ ଏହି ସଂଖ୍ୟା ଆହୁରି ବଢ଼ିଯାଇଛି। ୨୦୨୨ ଜାନୁୟାରୀରୁ ମାର୍ଚ୍ଚ ମଧ୍ୟରେ ମୋଟ୍ ୨୮୯୫ଟି ଦୁର୍ଘଟଣା ଘଟିଥିଲା। ଏଥିରେ ୧୩୫୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ମୋଟ୍ ୨୫୭୧ ଜଣ ଗୁରୁତର ଆହତ ହୋଇଛନ୍ତି। ହେଲେ ୨୦୨୩ ଜାନୁୟାରୀରୁ ମାର୍ଚ୍ଚ ମଧ୍ୟରେ ମୋଟ୍ ୩୩୭୦ଟି ଦୁର୍ଘଟଣା ଘଟିଥିବା ବେଳେ ସେଥିରେ ୧୫୯୪ ଜଣଙ୍କ ମୃତ୍ୟୁ ଘଟିଛି ଏବଂ ୩୧୪୯ ଜଣ ଗୁରୁତର ଆହତ ହୋଇଥିବା ସରକାରଙ୍କ ତଥ୍ୟରୁ ଜଣାପଡିଛି। ତେବେ ଗତ ବର୍ଷ ତୁଳନାରେ ଏ ବର୍ଷ ପ୍ରଥମ ୩ ମାସରେ ୧୬.୪୧ ପ୍ରତିଶତ ଦୁର୍ଘଟଣା ବୃଦ୍ଧି ଘଟିଛି। ସେହିପରି ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟାରେ ଗତବର୍ଷ ତୁଳନାରେ ଏଥର ୧୭.୨୯ ପ୍ରତିଶତ ବଢ଼ିଛି। ସୁପ୍ରିମକୋର୍ଟଙ୍କ ବାରମ୍ବାର ତାଗିଦ ସତ୍ତ୍ୱେ ଦୁର୍ଘଟଣାଜନିତ ମୃତ୍ୟୁହାର ରୋକିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହେଉଛନ୍ତି। ଯାହାକୁ ନେଇ ସରକାରଙ୍କୁ ଚାରିଆଡୁ ସମାଲୋଚନାର ଶିକାର ହେବାକୁ ପଡୁଛି। ଅନେକ କୋଟି ଟଙ୍କା ସଡକ ସୁରକ୍ଷା ନାଁରେ ଖର୍ଚ୍ଚ ହେଉଥିଲେ ମଧ୍ୟ ତାହା ବାସ୍ତବରେ କାମ ଦେଉ ନ ଥିବା କେତେକ ପରିବହନ ବିଭାଗର ଅଧିକାରୀ ଆଲୋଚନା ଆରମ୍ଭ କରିଛନ୍ତି।

ସରକାର ଦେଇଥିବା ତଥ୍ୟ ଅନୁଯାୟୀ, ଯାଜପୁରରେ ଗତ ବର୍ଷ ତୁଳନାରେ ଦୁର୍ଘଟଣାଜନିତ ମୃତ୍ୟସଂଖ୍ୟା ୯୫ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ଝାରସୁଗୁଡାରେ ୭୬.୧୯, ମାଲକାନାଗିରିରେ ୬୧.୯୦, ନୟାଗଡ଼ରେ ୬୦.୮୭, ନବରଙ୍ଗପୁରରେ ୫୮.୦୬, ସମ୍ବଲପୁରରେ ୫୫.୨୬, ଗଜପତିରେ ୫୪.୫୫, କେନ୍ଦ୍ରାପଡ଼ାରେ ୪୨.୮୬, ଖୋର୍ଦ୍ଧାରେ ୪୨.୧୯, ପୁରୀରେ ୩୮.୭୧, ଗଞ୍ଜାମରେ ୩୭.୮୯, କଳାହାଣ୍ଡିରେ ୩୩.୩୩, ନୂଆପଡ଼ାରେ ୩୩.୩୩, ରାୟଗଡାରେ ୨୩.୫୩, ମୟୂରଭଞ୍ଜରେ ୧୫.୯୧, ବଲାଙ୍ଗୀରରେ ୧୪.୬୩, ସୋନପୁରରେ ୧୨.୫୦ ଏବଂ ବାଲେଶ୍ୱରରେ ୧୦.୫୩ ପ୍ରତିଶତ ଦୁର୍ଘଟଣାଜନିତ ମୃତ୍ୟସଂଖ୍ୟା ବୃଦ୍ଧି ପାଇଛି।

ସେହିପରିଦେଖିଲେ ଗତବର୍ଷତୁଳନାରେ ଏବର୍ଷ ଯାଜପୁରରେ ୪୪.୫୫, ଝାରସୁଗୁଡାରେ ୨୦.୯୭, ମାଲକାନଗିରିରେ ୩୬.୮୪, ନୟାଗଡରେ ୬୪.୧୫, ନବରଙ୍ଗପୁରରେ ୩୨.୬୯, ସମ୍ବଲପୁରରେ -୦.୮୫, ଗଜପତିରେ ୮୪.୨୧, କେନ୍ଦ୍ରାପଡାରେ ୩୫.୭୧, ଖୋର୍ଦ୍ଧାରେ ୩୮.୩୬, ପୁରୀରେ ୨.୬୩, ଗଞ୍ଜାମରେ ୮.୮୫, କଳାହାଣ୍ଡିରେ ୪୭.୫୬, ନୂଆପଡାରେ ୧୫.୩୮, ରାୟଗଡାରେ ୧୧.୩୯, ମୟୂରଭଞ୍ଜରେ ୨୧.୪୩, ବଲାଙ୍ଗୀରରେ ୨୩.୩୮, ସୋନପୁରରେ ୨.୭୦ ଏବଂ ବାଲେଶ୍ୱରରେ ୨୮.୨୬ ପ୍ରତିଶତ ଦୁର୍ଘଟଣା ବୃଦ୍ଧି ଘଟିଛି। ତେବେ ଗତ ବର୍ଷ ତୁଳନାରେ ସମ୍ବଲପୁର ଏବଂ ସୋନପୁରରେ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ମୃତ୍ୟୁସଂଖ୍ୟା ବୃଦ୍ଧି ଘଟିଛି।

# ୨୦୨୪ ନିର୍ବାଚନ ଲାଗି ପ୍ରଶିକ୍ଷଣ ନେଉଛନ୍ତି ୮୫ ଅଧିକାରୀ

**ଜିଲା, ବ୍ଲକ, ପଞ୍ଚାୟତ ଅଧିକାରୀଙ୍କୁ ଦେବେ ଟ୍ରେନିଂ**

ଭୁବନେଶ୍ୱର, ୨୪।୭(ସୁନିତ୍ ମିଶ୍ର)

ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ଲାଗି ରାଜ୍ୟର ୮୫ ଜଣ ବରିଷ୍ଠ ଓ ଦକ୍ଷ ପ୍ରଶାସନିକ ଅଧିକାରୀଙ୍କୁ ରାଜ୍ୟସ୍ତରୀୟ ମାଷ୍ଟର ଟ୍ରେନର ଭାବେ ସୋମବାର ଗୋପବନ୍ଧୁ ପ୍ରଶାସନିକ ପ୍ରତିଷ୍ଠାନଠାରେ ୩ୟ ପର୍ଯ୍ୟାୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ୨ ଦିନିଆ ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ନିଷ୍ଠାର ସହ ତାଲିମ ଗ୍ରହଣ କଲେ ନିର୍ବାଚନ ପରିଚାଳନା କାର୍ଯ୍ୟ ସୁଗମ ଓ ସରଳ ହୋଇପାରିବ ବୋଲି ଉପସ୍ଥିତ ଥିବା ରାଜ୍ୟସ୍ତରୀୟ ମାଷ୍ଟର ଟ୍ରେନରଙ୍କୁ ଧଳ କହିଛନ୍ତି । ସୂଚନାଯୋଗ୍ୟ ଯେ, ଏହି ଅଧିକାରୀମାନେ ପ୍ରଥମେ ଅନ୍‌ଲାଇନ୍ ମାଧ୍ୟମରେ ଏବଂ ଦିଲ୍ଲୀ ଯାଇ ସେଠାରେ ୨ୟ ପର୍ଯ୍ୟାୟ ନିର୍ବାଚନ ତାଲିମ ଗ୍ରହଣ କରିଛନ୍ତି । ଏଠାରୁ ୩ୟ ପର୍ଯ୍ୟାୟ ତାଲିମ ଗ୍ରହଣ ପରେ ସେମାନେ ଜିଲା, ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରିବେ। ବିଷୟଭିତ୍ତିକ ଏହି ୨ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ନାମାଙ୍କନ ପତ୍ର ଦାଖଲ, ନାମାଙ୍କନ ପତ୍ର ଯାଞ୍ଚ ଓ ପ୍ରାର୍ଥୀପତ୍ର ପ୍ରତ୍ୟାହାର, ଜିଲା ନିର୍ବାଚନ ପରିଚାଳନା ଯୋଜନା, ପୋଲିଙ୍ଗ୍ ଦଳ ଓ ଭୋଟଗ୍ରହଣ ପାଇଁ ବ୍ୟବସ୍ଥା, ମତଦାନ କେନ୍ଦ୍ର, ଆଦର୍ଶ ଆଚରଣବିଧି, ନିର୍ବାଚନ ଖର୍ଚ୍ଚ ତଦାରଖ, ଗଣମାଧ୍ୟମ ଅଭିଯୋଗ, ଏମ୍‌ସିଏମ୍‌ସି, ପେଡ୍ ନ୍ୟୁଜ, ଭୋଟର ତାଲିକା ସୁଇପ୍ କାର୍ଯ୍ୟକ୍ରମ, ଇଭିଏମ୍, ଭିଭିପିଏଟି, ନିର୍ବାଚନ ସାମଗ୍ରୀ, ପୋଷ୍ଟାଲ ବାଲାଟ, ଭୋଟ ଗଣତି ଓ ନିର୍ବାଚନ ଫଳାଫଳ ଘୋଷଣା ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଭାବେ ପ୍ରଶିକ୍ଷଣ ନେଉଛନ୍ତି। ଜାତୀୟ ସ୍ତରୀୟ ମାଷ୍ଟର ଟ୍ରେନର ଭାବେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣର ମୁଖ୍ୟ ପ୍ରବନ୍ଧକ ସବ୍ୟସାଚୀ ହୋତା, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି।

**Classified Everyday**
**0674-2580101, 2549949**



REAL ESTATE

**SALE**

Gharabari plot sale at Pipli, near Puri by-pass, adject to NH with boundary wall, plantation, Electricity. Contact: 7008346486. D-74556

“600sqft. commercial space for sale at Master Canteen, Ashok Nagar, Bhubaneswar. 14,500/- per sqft. Price negotiable. Contact: 9938540951”. D-0879

Fully developed 30 feet road with gharabari plot at Gudiapokhari. 7008492511. D-0898

ଘରବାରି 2000sqft. Re-Sale plot ହଂସପାଳଛକ Astha Management ନିକଟ ଅଟଳା ମୌଜାରେ ପ୍ଲଟ୍ ବିକ୍ରି ହେବ। sqft. 2100/-. 9437114429, 9437003399. D-74894

ଭୁବନେଶ୍ୱର ପିତାପଲ୍ଲି ଛକରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner-9090963952. D-74885

Puri Senapati Bagicha sthitiban gharabadi plot with compound wall, front road for sale. Contact: 8895729136, 9437281290. D-0804

Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452. D-75012

Duplex sale at Bhubaneswar @ 57 Lakhs only. Contact- 9777433701. D-74893

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି SC Plot 976000 ରେ ବିକ୍ରିହେବ, 9439832956, 9337513276. D-0833

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.-3, 60,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279. D-74895





Rooms available for Bachelors & Family. Location- On main road, Near old district Headquarters Hospital, Chandan Bazar, Dhenkanal. Contact: 9937717477/ 9438772415. D-74082

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

3BHK independent Unit at Udayagiri Vihar, Patrapada. Contact on Whatsapp- 9437189374. D-71682





Full body massage in homely atmosphere in all therapy. Mob: 8114881641. D-73437

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75013

Newly opened (one 8 SPA)/(Salon Service) with export therapist. 9938843929. D-75131

Newly open full body massage ladies and gents. 8327740003, 9861883292. D-75014

Newly open SPA positively health benefit with expert. Contact : 7749976301. D-74554

Spa Kerala body Massage only best Therapist @699/- Bhubaneswar. 9337672475. D-0854

**AFFIDAVIT**

I, Poornima Baid, W/o. Sharad Baid, resident of Flat No. 82, Block-D, 8th Floor, Utkal Royal Residency, Gautam Nagar, PO- BJB Nagar, Dist.– Khordha, Bhubaneswar, Pin-751014, Odisha declare by this Affidavit No. 1269 dtd. 24/07/2023 that now onwards I shall be known as PURNIMA BAID for all future purposes. D-71684

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ। ରଙ୍ଗୀନ ଟ୪୨୦/-ରୋ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Sarad Baid, S/o. Bhawarlala Baid, resident of Flat No. 82, Block-D, 8th Floor, Utkal Royal Residency, Gautam Nagar, PO- BJB Nagar, Dist.– Khordha, Bhubaneswar, Pin-751014, Odisha declare by this Affidavit No. 1270 dtd. 24/07/2023 that now onwards I shall be known as SHARAD BAID for all future purposes. D-71683

We Sri Saumendra Chhualsingh & Sagarika Chhualsingh and our 2nd Female Child’s Birth Certificate record as Sini and her School Certificate her correct name & Subha Priya Chhualsingh, vide Certificate No.- 9921/2010 dtd. 24.06.2010, She known as Subha Priya Chhualsingh. D-0894

**ମନେ ପଡ଼ନ୍ତି**

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ରମାମଣି ମିଶ୍ର

ସ୍ୱାମୀ: ଶ୍ରୀଯୁକ୍ତ ସଦାଶିବ ମିଶ୍ର
ପାରକେଣା, ସାକ୍ଷୀଗୋପାଳ, ପୁରୀ
ଆବିର୍ଭାବ: ୧୪।୦୩।୧୯୪୪
ତିରୋଧାନ: ୧୬।୦୭।୨୦୨୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଶ୍ରୀଗୋପୀନାଥ ଦେବଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ବନ୍ଧୁ, ଆତ୍ମୀୟସ୍ୱଜନ, ପରିବାରବର୍ଗ ।
ଧ-୭୩୭୮

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଦାମୋଦର ମହାନ୍ତି

ଜନ୍ମ ସ୍ଥାନ- ନିମାପଡ଼ା, ପୁରୀ
ବାସସ୍ଥାନ- ନୟାପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ : ୦୬.୦୬.୧୯୩୨ | ତିରୋଧାନ : ୧୭.୦୭.୨୦୨୩
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
-: ଶୋକସନ୍ତପ୍ତ :-
ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁ ବାନ୍ଧବ ଓ ପରିବାରବର୍ଗ
ଧ-୦୯୦୩

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଖସିଲା ଶେୟାର ବଜାର କାରବାର

**ନୂଆଦିଲ୍ଲୀ:** କ୍ରମାଗତ ୨ୟ ଦିନ ଲାଗି ଶେୟାର ବଜାର କାରବାରରେ ଏକ ବଡ଼ ଧରଣର ହ୍ରାସ ଦେଖିବାକୁ ମିଳିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ସୋମବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୨୯୯ (୨୯୯.୪୮) ପଏଣ୍ଟ ଖସି ୬୬,୩୮୫ (୬୬,୩୮୪.୬୮)ଅଙ୍କରେ କାରବାର ବନ୍ଦ ହୋଇଥିବା ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ ରେ ମଧ୍ୟ ୭୩ (୭୨.୬୫) ପଏଣ୍ଟ ହ୍ରାସ ଘଟି ୧୯,୬୭୨(୧୯,୬୭୨.୩୫) ଅଙ୍କରେ ବନ୍ଦ ହୋଇଛି।

# ଖୋର୍ଦ୍ଧାରେ ଟାଟା ମୋଟର୍ସର ଅତ୍ୟାଧୁନିକ ଆରଭିଏସ୍ଏଫ୍

### ବାର୍ଷିକ ୧୦,୦୦୦ ଯାନ ସ୍କ୍ରାପିଂ କ୍ଷମତା ବିଶିଷ୍ଟ ସୁବିଧା କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର,୨୪।୭ (ଅଭୟ ଦାଶ)




ଟାଟା ମୋଟର୍ସର ଅତ୍ୟାଧୁନିକ ରେଜିଷ୍ଟର୍ଡ ଭେଇକିଲ ସ୍କ୍ରାପିଂ ଫାସିଲିଟି (ଆର୍‌ଭିଏସ୍ଏଫ୍) ସେଣ୍ଟର ସୋମବାର ଭୁବନେଶର ନିକଟବର୍ତ୍ତୀ ଖୋର୍ଦ୍ଧାର କୁମାରବସ୍ତ କାଞ୍ଚିଆମାଠାରେ ଉଦଘାଟିତ ହୋଇଯାଇଛି। ବିଶେଷ କରି ନିରନ୍ତର ଗତିଶୀଳତା ପାଇଁ କମ୍ପାନୀର ପ୍ରତିବଦ୍ଧତା ଜାରି ରଖିଛି। ଏପରିକି ରିସାଇକେଲ ୱିଥ ରେସପେକ୍ଟ (ରି.ୱାଇ.ରି) ନାମରେ ଏହି ଉନ୍ନତ ସୁବିଧା କେନ୍ଦ୍ରକୁ ଓଡ଼ିଶା ସରକାରଙ୍କ ସମସ୍ତ ନୀତି ନିୟମ ଓ କେନ୍ଦ୍ର ସରକାରଙ୍କର ନୀୟମାବଳି ଅନୁସାରେ ଏମ୍ପିଓ ପ୍ରିମିୟମ ପକ୍ଷରୁ ନିର୍ମାଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡିଶା ସରକାରଙ୍କ ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସୁରେଶ କୁମାର ରାଉତରାୟ, ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ସୁଧୀର ସାମଲ, ଟାଟା ମୋଟର୍ସର ବିଜନେସ ହେଡ (ଟ୍ରକ), ରାଜେଶ କୌଲ, ଏମ୍ପିଓ ପ୍ରିମିୟମ ତଥା ସାମଲ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଗଙ୍ଗାଧର ସାମଲଙ୍କ ସମେତ ଓଡିଶା ସରକାର ଏବଂ ଟାଟା ମୋଟର୍ସର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଏହି ଅତ୍ୟାଧୁନିକ ସୁବିଧା କେନ୍ଦ୍ର ପରିବେଶ ଅନୁକୂଳ ପ୍ରକ୍ରିୟା ବ୍ୟବହାର କରି ପ୍ରତିବର୍ଷ ୧୦,୦୦୦ଯାନକୁ ନିରାପଦ ଏବଂ ନିରନ୍ତର ଭାବେ ସ୍କ୍ରାପିଂ କରିବାର କ୍ଷମତା ରଖିଛି। ଏଠାରେ ସମସ୍ତ ବ୍ରାଣ୍ଡର ଯାତ୍ରୀବାହୀ ଏବଂ ବାଣିଜ୍ୟିକ ଯାନଗୁଡ଼ିକୁ ସ୍କ୍ରାପ କରିବା ପାଇଁ ଆରଭିଏସଏଫ ଟାଟା ମୋଟର୍ସ ପାର୍ଟନର ଏମ୍ପିଓ ପ୍ରିମିୟମ ଦ୍ୱାରା ବିକଶିତ ଏବଂ ପରିଚାଳନା କରାଯାଉଛି। ଉଲ୍ଲେଖଯୋଗ୍ୟ, ନିକଟରେ ରାଜସ୍ଥାନର ଜୟପୁରଠାରେ ଏହାର ପ୍ରଥମ ସୁବିଧା କେନ୍ଦ୍ରର ଶୁଭାରମ୍ଭ କରାଯାଇଥିଲା। ଉକ୍ତ କେନ୍ଦ୍ରର ସଫଳତାକୁ ଅନୁସରଣ କରି ଏବଂ କମ୍ପାନୀର ସ୍ଥାୟୀ ପଦକ୍ଷେପ ପାଇଁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଚିହ୍ନିତ କରିବାକୁ ସକ୍ଷମ ହୋଇଛି। ଏ ସମ୍ପର୍କରେ ଟାଟା ମୋଟର୍ସର ବିଜନେସ ହେଡ (ଟ୍ରକ), ରାଜେଶ କୌଲ କହିଛନ୍ତି, ଟାଟା ମୋଟର୍ସ ନିରନ୍ତର ଭାବେ ଇକୋ-ଫ୍ରେଣ୍ଡଲି ମୋବିଲିଟି ସମାଧାନ ଏବଂ ସମ୍ପୂର୍ଣ୍ଣ ଜୀବନଚକ୍ର ପରିଚାଳନା ପାଇଁ ପ୍ରତିଶ୍ରୁତିବଦ୍ଧ। ଏପରିକି ସ୍କ୍ରାପ ସାମଗ୍ରୀରୁ ସର୍ବାଧିକ ମୂଲ୍ୟ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବର୍ଜ୍ୟବସ୍ତୁକୁ କମ କରିଥାଏ। ଏହି ପ୍ରକଳ୍ପକୁ ବାସ୍ତବ ରୂପ ଦେବା ପାଇଁ ଓଡିଶା ସରକାରଙ୍କ ଅସାଧାରଣ ପ୍ରୟାସକୁ ଆମେ କୃତଜ୍ଞତା ଜଣାଉଛୁ। ଏହି ବିକେନ୍ଦ୍ରୀକରଣ ସୁବିଧା ଆମ ଗ୍ରାହକଙ୍କ ପାଇଁ ଲାଭଦାୟକ ହେବ। ବିଶେଷ କରି ଅର୍ଥନୈତିକ ଅଭିବୃଦ୍ଧି ଘଟାଇବା ସହ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବ ଏବଂ ପରିବେଶ ଅନୁକୂଳ ଯାନ ସ୍କ୍ରାପିଂର ଆବଶ୍ୟକତା ପୂରଣ କରିବ। ସେହିଭଳି ମନ୍ତ୍ରୀ ଟୁକୁନି ସାହୁ କହିଥିଲେ, ନିରନ୍ତର ବିକାଶ ଦିଗରେ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି। ଏପରିକି ଆମେ ଆମର ଯୋଗଦାନ ଦେବା ସହ ଉକ୍ତ ବିକାଶ କାର୍ଯ୍ୟରେ ଏକ ମହତ୍ତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହୋଇଛି। ବିଶେଷ କରି ପରିବହନ ପରିଷ୍କାର ଏବଂ ଅଧିକ ଦକ୍ଷ ମୋଡ ଗ୍ରହଣ କରିବାକୁ ଆମେ ଟାଟା ମୋଟର୍ସ ଏବଂ ଉକ୍ତ ପ୍ରକଳ୍ପକୁ ସଫଳ କରିବାରେ ଜଡିତ ସମସ୍ତ ପକ୍ଷଙ୍କ ପ୍ରତିବଦ୍ଧତାକୁ ପ୍ରଶଂସା କରୁଛୁ ଏବଂ ଆମର ନାଗରିକମାନଙ୍କୁ ଆମ ସହିତ ଏକ ସ୍ୱଚ୍ଛ ଏବଂ ସବୁଜ ଭବିଷ୍ୟତ ପାଇଁ ଏକଜୁଟ ହେବାକୁ ଅନୁରୋଧ କରୁଛୁ। ଅପରପକ୍ଷରେ ଏମ୍ପିଓ ପ୍ରିମିୟମ ତଥା ସାମଲ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଗଙ୍ଗାଧର ସାମଲ ଉକ୍ତ ସେଣ୍ଟରର କାର୍ଯ୍ୟକଳାପ ଓ ଆଗାମୀ ଦିନର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ।

# କଟକରେ ବିଗ୍‌ୱିଙ୍ଗ୍‌ର ନୂତନ ଆଉଟ୍‌ଲେଟ




ଭୁବନେଶ୍ୱର,୨୪।୭

ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର ଇଣ୍ଡିଆର ଆଉ ଏକ ଏକ୍ସକ୍ଲୁସିଭ ବିଗ୍‌ୱିଙ୍ଗ ଆଉଟଲେଟ ଓଡ଼ିଶା ବଜାରରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷ କରି କଟକ ଲିଙ୍କ୍‌ରୋଡ୍‌ସ୍ଥିତ ଓଏସ୍ଏଲ୍ ଟାୱାର ନିକଟସ୍ଥ କଟକ ସେଣ୍ଟ୍ରାଲ ନାମରେ ଏହି ନୂଆ ଶୋ'ରୁମ୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏଠାରେ ହୋଣ୍ଡା ବିଗ୍‌ୱିଙ୍ଗର ସମସ୍ତ ନୂଆ ପ୍ରିମିୟମ୍ ମୋଟରସାଇକେଲ୍‌ର ସେଲ୍ସ ଓ ସର୍ଭିସ୍ ଉପଲବ୍ଧ। ସେହିଭଳି ବିଗ୍‌ୱିଙ୍ଗର ଉଚ୍ଚ ତାଲିମପ୍ରାପ୍ତ ପ୍ରଫେସନାଲମାନେ ଗ୍ରାହକଙ୍କୁ ଉତ୍ପାଦ ସମ୍ପର୍କିତ ସମସ୍ତ ପ୍ରଶ୍ନ କିମ୍ବା ଆସେସୋରିଜ୍ ଆବଶ୍ୟକତାର ସମାଧାନ କରୁଥିବାବେଳେ ବିଗ୍‌ୱିଙ୍ଗ ୱେବସାଇଟ୍‌ରେ ମଧ୍ୟ ସମସ୍ତ ବିବରଣୀ ଉପଲବ୍ଧ ରହିଛି। ସେଥିରେ ଅନଲାଇନ୍ ବୁକିଂ ବିକଳ୍ପ ରହିଛି, ଯାହା ଜରିଆରେ ଗ୍ରାହକମାନେ ନିଜ ସୁବିଧା ସ୍ଥାନରେ ରହି ବୁକିଂ କରିପାରୁଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମରେ ମଧ୍ୟ ବିଗ୍‌ୱିଙ୍ଗ ଉପଲବ୍ଧ ରହିବ। ଅପରପକ୍ଷରେ ହୋଣ୍ଡା ହାଇନେସ୍ ସିବି୩୫୦ ଓ ସିବି୩୫୦ଆର୍‌ଏସ୍ କଷ୍ଟମାଇଜେସନ୍‌ର ମଧ୍ୟ ଶୁଭାରମ୍ଭ କରାଯାଇଛି, ଯାହା ଜରିଆରେ ଗ୍ରାହକମାନେ ନିଜ ପସନ୍ଦର ଷ୍ଟାଇଲ୍ ଚୟନ କରିପାରୁଛନ୍ତି। ଗ୍ରାହକମାନଙ୍କ ପରିବର୍ତ୍ତିତ ଆବଶ୍ୟକତା ପୂରଣ କରିବା ଲାଗି ୬ପ୍ରକାର କଷ୍ଟମ୍ କିଟ୍ ରହିଛି। ହାଇନେସ୍ ସିବି୩୫୦ରେ ଚାରିଟି ଓ ସିବି୩୫୦ଆର୍‌ଏସ୍‌ରେ ଦୁଇଟି କଷ୍ଟମ୍ କିଟ୍ ରହିଛି। ଉଲ୍ଲେଖଯୋଗ୍ୟ,ଏହା ପୂର୍ବରୁ ଓଡ଼ିଶା ବଜାରରେ କମ୍ପାନୀର ଦୁଇଟି ବିଗ୍‌ୱିଙ୍ଗ ଶୋ'ରୁମ୍ ଭୁବନେଶ୍ୱର ଓ ଅନୁଗୋଳରେ ରହିଛି। ଏପରିକି ସାରା ଦେଶରେ୧୨୭ ରୁ ଅଧିକ ବିଗ୍‌ୱିଙ୍ଗ୍ ଟଚ୍‌ପଏଣ୍ଟ ରହିଛି।

# ବିଓବିର ୧୧୬ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୪।୭

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ୧୧୬ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏ ସମ୍ପର୍କରେ ବିଓବିର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଦେବଦତ୍ତ ଚାନ୍ଦ କହିଛନ୍ତି, ପ୍ରତିଷ୍ଠା ଦିବସ ବ୍ୟାଙ୍କର ଗୌରବମୟ ଇତିହାସ ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହା ଆମ ସମସ୍ତଙ୍କ ପାଇଁ ଏକ ବିଶେଷ ମୁହୂର୍ତ୍ତ, ବ୍ୟାଙ୍କର ୧୧୫ ବର୍ଷର ଏକ ସମୃଦ୍ଧ ଇତିହାସ ରହିଛି। ଏହା କ୍ରମାଗତ ଭାବେ ସମୟ ସହିତ ନୂତନତାକୁ ମଧ୍ୟ ଆପଣାଇଛି। ଏହା ସହିତ ବ୍ୟାଙ୍କ ଗ୍ରାହକ ଓ ଅନ୍ୟ ପ୍ରମୁଖ ଷ୍ଟେକ ହୋଲଡରଙ୍କ ବିଶ୍ୱାସ ଓ ପୃଷ୍ଠପୋଷକତା ଲାଭ କରିବାରେ ମଧ୍ୟ ସମର୍ଥ ହୋଇପାରିଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କ ଏମଏସଏମଇ, ବିଜ୍ଞାନ ଓ ଔଷଧ, ସାହିତ୍ୟ, ସାମାଜିକ କାର୍ଯ୍ୟ, ଉଦ୍ୟୋଗ, କ୍ରୀଡ଼ା ଓ କଳା ଏବଂ ସିନେମା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପ୍ରଦାନ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରିଥିଲା।

ସୂଚନାଯୋଗ୍ୟ, ଶ୍ରୀ ମହାରାଜା ସାୟାଜିରାଓ ଗାଏକ୍ୱାଡ-୩ଙ୍କ ଦ୍ୱାରା ବିଓବିର ପ୍ରତିଷ୍ଠା କରାଯାଇଥିଲା। ୧୯୦୮ରେ ବିଓବିର ପ୍ରଥମ ଶାଖା ବରୋଦାର ମାଣ୍ଡବିଠାରେ ପ୍ରତିଷ୍ଠା କରାଯାଇଥିଲା, ଯାହା କି ବ୍ୟାଙ୍କ ଅଫ୍ ବରୋଦା ଭାବେ ଆଜି ସାରା ଦେଶରେ ପ୍ରତିଷ୍ଠିତ ହୋଇପାରିଛି। ବର୍ତ୍ତମାନ ବ୍ୟାଙ୍କର ଏକ ଦୃଢ଼ ଆନ୍ତର୍ଜାତିକ ଉପସ୍ଥିତି ରହିଛି ଓ ଏହାର ୧୭ଟି ଦେଶରେ ବ୍ୟାପକ ନେଟୱର୍କ ରହିଛି।




ମଥୁରା (ଉତ୍ତର ପ୍ରଦେଶ) ସଂସ୍କୃତ ବିଶ୍ୱବିଦ୍ୟାଳୟର ୪ର୍ଥ ସମାବର୍ତ୍ତନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବରେ କୃତୀ ଛାତ୍ରୀଛାତ୍ର ଓ ଅନ୍ୟମାନଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଉତ୍ତର ପ୍ରଦେଶ ରାଜ୍ୟପାଳ ଆନନ୍ଦିବେନ୍ ପଟେଲଙ୍କ ସମେତ ମଥୁରା ଏମପି ହେମାମାଳିନୀ, କୁଳପତି (ଚାନସେଲର)ଡ. ସଚିନ ଗୁପ୍ତା, ସଂସ୍କୃତ ଗ୍ରୁପ ଅଫ୍ ଏଡୁକେଶନର ଅଧ୍ୟକ୍ଷ ରାମକୃଷ୍ଣ ଗୁପ୍ତା, ପ୍ରୋ ଚାନସେଲର ରାଜେଶ ଗୁପ୍ତା, ଭିଜନ ଗ୍ରୁପ୍‌ର ଚେୟାରମ୍ୟାନ ମୁକେଶ ଗୁପ୍ତା, ଶିଳ୍ପପତି ଏସ୍ଏସ୍ ଅଗ୍ରୱାଲ, ସିଇଓ ଡ. ମିନାକ୍ଷୀ ଶର୍ମା, ଭିସି ଡ. ଏମବି ଛେତ୍ରି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ବିଜିୟୁର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ଭୁବନେଶ୍ୱର,୨୪।୭

ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ବିର୍ଲା ଗ୍ଲୋବାଲ ୟୁନିଭରସିଟି (ବିଜିୟୁ) ପକ୍ଷରୁ ୨୦୨୩-୨୪ ଶିକ୍ଷା ବର୍ଷରେ ଆଡମିଶନ ଗ୍ରହଣ କରିଥିବା ବିଭିନ୍ନ ବିଭାଗ ଯଥା ଆଇନ, ବାଣିଜ୍ୟ, ବିଜ୍ଞାନ ଏବଂ ହ୍ୟୁମାନିଟିଜ ଓ ଆପ୍ଲାଏଡ ସାଇନ୍ସର ନବାଗତ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ସି.ଏମ.ଏ ଶିବ ପ୍ରସାଦ ପାଢ଼ୀ, ପୂର୍ବତନ ଚେୟାରମ୍ୟାନ, ଆଇସିଏଆଇ, ଭୁବନେଶ୍ୱର, ଡ. କିରଣ କୁମାର ପ୍ରଧାନ, ରେଜିଷ୍ଟ୍ରାର ଓ ଆରଇଏଟି ପ୍ରଫେସର ଜୟଦେବ ପତି, ସୋଆ ୟୁନିଭରସିଟି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସେମାନଙ୍କର ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ। ଏ ସମ୍ପର୍କରେ ବିଜିୟୁର ଭିସି ପ୍ରଫେସର ପି.ପି.ମାଥୁର କହିଥିଲେ, ସଫଳତାର ସ୍ୱପ୍ନ ଛାତ୍ରୀଛାତ୍ରମାନେ ଦେଖିବା ଉଚିତ, ହେଲେ ସଫଳତା ପାଇଁ କଠିନ ପରିଶ୍ରମ ଓ ଅଧ୍ୟବସାୟର ମଧ୍ୟ ଭୂମିକା ରହିଛି। ସେହିଭଳି ବିଜିୟୁ ରେଜିଷ୍ଟ୍ରାର ବି.କେ.ଦାସ ଛାତ୍ରୀଛାତ୍ରମାନଙ୍କୁ ଶାରୀରିକ ଓ ମାନସିକ ଭାବେ ନିଜକୁ ଠିକ୍ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିଜିୟୁର ଡିନ୍ ଡ. ସାମସନ୍ ମହାରଣା ସ୍ୱାଗତ ଅଭିଭାଷଣ ସହ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଡିନ୍ ଡ.ଲଳିତ କୁମାର ଦେବ ଆଇନ ଛାତ୍ରୀଛାତ୍ରମାନଙ୍କୁ ବିଷୟଭିତ୍ତିକ ପରାମର୍ଶମାନ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୟୁନିଭରସିଟିର ବିଭିନ୍ନ ସ୍କୁଲର ଡିନ୍, ଫାକଲଟି ମେମ୍ବର, ଅଭିଭାବକଙ୍କ ସମେତ ସମସ୍ତ ନବାଗତ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଡ. ମାନସ କୁମାର ପାଲ ଉପସ୍ଥିତ ସଦସ୍ୟବୃନ୍ଦଙ୍କୁ ଧନ୍ୟବାଦ ସହ ନୂତନ ଶିକ୍ଷା ବର୍ଷ ପାଇଁ ଶୁଭେଚ୍ଛା ଜଣାଇଥିଲେ।

## ଫୁରସତ୍

# ରହସ୍ୟମୟୀ ପାକିସ୍ତାନୀ

ନୂଆଦିଲ୍ଲୀ


ସୀମା ହାଇଦର

ପାକିସ୍ତାନରୁ ଆସିଥିବା ସୀମା ହାଇଦର ବର୍ତ୍ତମାନ ସମୟରେ ସମସ୍ତଙ୍କ ଘରେ ଆଲୋଚନାର ବିଷୟ। ପବ୍‌ଜି ଖେଳୁ ଖେଳୁ ଉତ୍ତରପ୍ରଦେଶର ଗ୍ରେଟର ନଏଡାର ସଚିନ ମୀନାଙ୍କ ପ୍ରେମରେ ପଡ଼ି ଭାରତକୁ ଚାଲି ଆସିଛନ୍ତି। ସେ ଆଇଏସ୍ଆଇ ଏଜେଣ୍ଟ ନା ସତରେ ସେ ପ୍ରେମରେ ପଡ଼ି ଦେଶ ଛାଡ଼ି ଆସିଛନ୍ତି, ତାହା ଏବେ ସମସ୍ତଙ୍କ ପାଇଁ ଉତ୍କଣ୍ଠାର ବିଷୟ ପାଲଟିଛି। ପୂର୍ବରୁ ସ୍ୱାମୀ ଗୁଲାମ ହାଇଦରଙ୍କୁ ମଧ୍ୟ ସେ ଭଲ ପାଇ ବିବାହ କରିଥିଲେ। କିନ୍ତୁ ଏବେ ସଚିନଙ୍କ ପାଇଁ ପାକିସ୍ତାନ ଛାଡ଼ି ଭାରତ ଆସିବା ତାଙ୍କୁ ବହୁ ମହଙ୍ଗା ପଡ଼ିଛି। ସବୁ ମିଡିଆ ହାଉସ୍‌ରେ ଏବେ ଦୁହିଁଙ୍କ କାହାଣୀକୁ ନେଇ ଚର୍ଚ୍ଚା ଲାଗିରହିଛି। ଏହା ମଧ୍ୟରେ ସୀମାଙ୍କୁ ବିଭିନ୍ନ ମିଡିଆ ଏବଂ ଏଟିଏଫ୍‌ର ପ୍ରଶ୍ନକୁ ସାମ୍ନା କରିବାକୁ ପଡ଼ିଛି। ସୀମା ୪ ପିଲାଙ୍କୁ ଧରି ବିନା ଭିସାରେ ଭାରତରେ ପ୍ରବେଶ କରିବାକୁ ନେଇ ତାଙ୍କ ଉପରେ ଚାପ ବଢ଼ିଯାଇଛି। ସୀମାଙ୍କ କହିବା ମୁତାବକ, ପବ୍‌ଜି ଖେଳିବାର ୧୦ ଦିନ ପରେ ଫୋନ୍ ଜରିଆରେ ଦୁହିଁଙ୍କର କଥାବାର୍ତ୍ତା ଆରମ୍ଭ ହୋଇଥିଲା। ଏହା ପରେ ଦୁହିଁଙ୍କ ପ୍ରେମ ଆଗକୁ ବଢ଼ିଥିଲା। ସେ ୨୦୨୧ରୁ ସଚିନଙ୍କ ସମ୍ପର୍କରେ ଆସିଲେଣି। ସେବେଠାରୁ ସେ ସଚିନଙ୍କୁ ଭଲ ପାଉଛନ୍ତି। ସେ ଇସ୍‌ଲାମ ଧର୍ମ ଛାଡ଼ି ହିନ୍ଦୁଧର୍ମରେ ରହିଆସୁଥିଲେ। ସେ କରାଚୀର ହୋଇ ମଧ୍ୟ ସଚିନଙ୍କ ସମ୍ପର୍କରେ ଆସି ହିନ୍ଦୀ ଶିଖିପାରିଛନ୍ତି ଏବଂ ହିନ୍ଦୁ ରୀତିନୀତିକୁ ଆପଣେଇ ନେଇଛନ୍ତି। ସୀମାଙ୍କର ପ୍ରଥମେ ମାର୍ଚ୍ଚ ୧୦ରେ ନେପାଳରେ ସଚିନଙ୍କ ସହ ଦେଖା ହୋଇଥିଲା ଏବଂ ତାଙ୍କ ସହ ୧୭ ମାର୍ଚ୍ଚ ପର୍ଯ୍ୟନ୍ତ ଏକ ହୋଟେଲରେ ରହିଥିଲେ। ଏହା ପରେ ସୀମା ଦ୍ୱିତୀୟ ଥର ପାଇଁ ୧୧ ମେ'ରେ ପାକିସ୍ତାନରୁ ୪ ପିଲାଙ୍କ ସହ ଭାରତକୁ ଆସିଥିଲେ। ସେ ଜଣେ ଟ୍ରାଭେଲ ଏଜେଣ୍ଟଙ୍କ ଜରିଆରେ ନେପାଳ ପର୍ଯ୍ୟନ୍ତ ବିମାନ ପାଇଁ ଟିକେଟ୍ କାଟିଥିଲେ। ସେ ନେପାଳର ଏକ ମନ୍ଦିରରେ ସଚିନଙ୍କୁ ହିନ୍ଦୁ ରୀତିନୀତିରେ ବିବାହ କରିଥିଲେ। ପରେ ସେମାନେ ସୋନାଉଲି ବୋର୍ଡର ଜରିଆରେ ଭାରତକୁ ଆସିଥିଲେ। କିନ୍ତୁ ଏଟିଏଫ୍‌ଙ୍କ ପଚରାଉଚରାରେ ସେ ସିଦ୍ଧାର୍ଥ ବୋର୍ଡର ଦେଇ ଆସିଥିବା କହିଥିଲେ। ତାଙ୍କ ପାଖରୁ ଏଟିଏଫ୍ ୨ଟା କ୍ୟାସେଟ୍, ୪ ମୋବାଇଲ ଫୋନ୍, ୫ ପାକିସ୍ତାନୀ ପାସ୍‌ପୋର୍ଟ, ଅଧା ନାମ ଥିବା ଅବ୍ୟବହୃତ ପାସ୍‌ପୋର୍ଟ ମଧ୍ୟ ଜବତ କରିଛି। ସୀମା ଆଇଏସ୍ଆଇ ଏଜେଣ୍ଟ ବୋଲି ଅନେକ ମିଡିଆ ହାଉସ୍ ଦାବି କରିଥିଲେ। ସୀମାଙ୍କ ସ୍ୱାମୀ ସାଉଦି ଆରବରେ ରହୁଥିବାବେଳେ ତାଙ୍କ ପାଖକୁ ମାସିକ ପାଖାପାଖି ୭୦-୮୦ ହଜାର ଟଙ୍କା ପଠାଉଥିଲେ। ସେଥିରେ ସୀମା ପିଲାଙ୍କ ସହ ଆରାମରେ ରହିଯାଉଥିଲେ। ସେ ୨୦୨୧ରେ ଏକ ଘର କିଣିଥିଲେ ଏବଂ ୨୦୨୨ରେ ସେହି ଘରକୁ ପାଖାପାଖି ୫ ଲକ୍ଷ ଟଙ୍କାରେ ବିକିଦେଇଥିଲେ। ସୀମା ଏବଂ ସଚିନ୍ ଯେତେବେଳେ କୋର୍ଟ ବିବାହ ଏବଂ ଜାଲ୍ ବିବାହ ସାର୍ଟିଫିକେଟ୍ ପାଇଁ ଆବେଦନ କରୁଥିଲେ, ସେତେବେଳେ ଏହି ଘଟଣା ସାମ୍ନାକୁ ଆସିଥିଲା। ଏହାପରେ ନଏଡ଼ା ପୋଲିସ ସୀମା, ସଚିନ ଏବଂ ତାଙ୍କ ବାପାଙ୍କୁ ଧରି ଜେଲ ପଠାଇଥିଲା। କିନ୍ତୁ ୩ ଦିନର ପଚରାଉଚରା ପରେ ସେମାନଙ୍କୁ ଜାମିନରେ ଛଡ଼ାଯାଇଥିଲା। ସୀମାଙ୍କ କେସ୍ ନେଇଥିବା ନିର୍ଭୟା ହତ୍ୟାକାଣ୍ଡର ଆଇନଜୀବୀ ଏ.ପି. ସିଂ ନିକଟରେ ରାଷ୍ଟ୍ରପତିଙ୍କୁ ସୀମାଙ୍କ ଭାରତୀୟ ନାଗରିକତା ଏବଂ ଦେଶରେ ରହିବାକୁ ଏକ ପତ୍ର ପ୍ରଦାନ କରିଛନ୍ତି। ଅନ୍ୟପଟେ କରାଚୀରେ ରହୁଥିବା ସୀମାଙ୍କ ପଡ଼ୋଶୀ ତାଙ୍କୁ ଭାରତୀୟ ଏଜେଣ୍ଟ ବୋଲି କହୁଛନ୍ତି। ତାଙ୍କ କାମ ସରିଲା ଏବେ ସେ ଭାରତ ଫେରିଯାଇଛନ୍ତି। ୨୦୧୯ ପୂର୍ବରୁ ସେମାନେ ସୀମାଙ୍କୁ ମଧ୍ୟ ଦେଖି ନ ଥିବା ମଧ୍ୟ କହୁଛନ୍ତି। ପଚରାଉଚରା ସମୟରେ ସୀମା କିଛି ଟେଷ୍ଟ ପାଇଁ ରାଜି ହୋଇଛନ୍ତି। ସେଥିମଧ୍ୟରୁ ଆଟିଚ୍ୟୁଡ୍ ଟେଷ୍ଟ, ଆଇକ୍ୟୁ ଟେଷ୍ଟ, ସାଇକୋଲୋଜିକାଲ ଟେଷ୍ଟ ଏବଂ ସେକ୍ସୁଆଲ ଟେଷ୍ଟ କରାଯିବ ବୋଲି ଜଣାପଡ଼ିଛି। ସୀମା କହିଥିବା ସମସ୍ତ ତଥ୍ୟ ଅନୁସାରେ ତାହା ଏପର୍ଯ୍ୟନ୍ତ ମିଛ ବୋଲି ପ୍ରମାଣିତ ହୋଇପାରିନାହିଁ। ତେବେ ସୀମା ସଚିନଙ୍କ ସହ ରହିବା ସାଙ୍ଗକୁ ଭାରତୀୟ ନାଗରିକ ପାଇଁ ଆବେଦନ କରିଛନ୍ତି।

# 'ନୟନିକା ଚରିତ୍ର ମୋ ହୃଦୟର ଅତି ନିକଟତର'

ମୁମ୍ବାଇ


କାଜଲ ଦେବଗନ

ଅଭିନେତ୍ରୀ କାଜଲ ନିକଟରେ ଓଟିଟି ଡେବ୍ୟୁ କରିଛନ୍ତି। ୱେବ୍ ସିରିଜ୍ 'ଦି ଟ୍ରାଏଲ: ପ୍ୟାର, କାନୁନ, ଧୋକା'ରେ ସେ ଜଣେ ଜୁନିୟର ଓକିଲ ଭାବେ ତାଙ୍କ ଦ୍ୱିତୀୟ ଇନିଂସ ଆରମ୍ଭ କରି ଜଣେ ଅସୁରକ୍ଷିତ ମହିଳା ଭୂମିକାରେ ଅଭିନୟ କରିଛନ୍ତି। ସେଥିରେ ତାଙ୍କ ନାମ ରହିଛି ନୟନିକା ସେନ୍‌ଗୁପ୍ତା। ଏହି କୋର୍ଟ ରୁମ୍ ଡ୍ରାମା ଦର୍ଶକଙ୍କୁ ଅଧିକ ପସନ୍ଦ ଆସିଛି। ଏଥିରେ କାଜଲ କହିଛନ୍ତି, ଏହି ନୟନିକା ଚରିତ୍ର ତାଙ୍କ ହୃଦୟର ଅତି ନିକଟତର। ସେ ଜଣେ ଶକ୍ତିଶାଳୀ ଏବଂ ପରିସ୍ଥିତିର ମୁକାବିଲା ପାଇଁ ସର୍ବଦା ପ୍ରସ୍ତୁତ। ଜଣେ ମହିଳାଙ୍କ ପ୍ରତିନିଧିତ୍ୱ କରିବାକୁ ସକ୍ଷମ ହେବା ଏବଂ ସେହି ଚରିତ୍ର ପାଇଁ ପ୍ରଶଂସିତ ହେବା କାଜଲଙ୍କୁ ଅଧିକ ସଶକ୍ତ କରୁଛି। ୱେବ୍ ସିରିଜ୍ ନିର୍ଦ୍ଦେଶକ ସୁପର୍ଣ୍ଣ ଏସ୍ ଭର୍ମା ଏଥିରେ କାଜଲଙ୍କୁ କହିଛନ୍ତି, ଏହା ତୁମ ପାଇଁ ଏକ ଭାବପୂର୍ଣ୍ଣ ମୁହୂର୍ତ୍ତ ଥିଲା। ଏହି ୱେବ୍ ସିରିଜ୍ କାଜଲଙ୍କୁ ଅଧିକ ଶକ୍ତି ପ୍ରଦାନ କରୁଥିବା ସେ କହିଛନ୍ତି। ତେବେ କାଜଲ ୧୯୯୨ରେ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଅନେକ ଫିଲ୍ମ ମାଧ୍ୟମରେ ଲୋକଙ୍କ ପ୍ରିୟ ହୋଇପାରିଛନ୍ତି। ଶେଷଥର ପାଇଁ ତାଙ୍କୁ 'ଲଷ୍ଟ ଷ୍ଟୋରି -୨'ରେ ଦେଖିବାକୁ ମିଳିଥିଲା। ଆଗକୁ ମଧ୍ୟ ତାଙ୍କ ହାତରେ ଆଉ କିଛି ମୁଭି ରହିଛି।

# ମେନ୍‌ସା ଆଇକ୍ୟୁର ସଦସ୍ୟ ହେଲେ ୧୧ ବର୍ଷୀୟ ଆଡ୍ରିଆନ୍

ଲଣ୍ଡନ



ଏପର୍ଯ୍ୟନ୍ତ ଆମେ ଜାଣିଛନ୍ତି କି ଆଲବର୍ଟ ଆଇନଷ୍ଟାଇନ୍ ଏବଂ ଷ୍ଟେପନ ହକିଂଙ୍କ ଆଇକ୍ୟୁ ସବୁଠୁ ଅଧିକ। ହେଲେ ନିକଟରେ ଜଣେ ୧୧ ବର୍ଷୀୟ ବାଳକଙ୍କ ଆଇକ୍ୟୁ ଏହି ୨ ବୈଜ୍ଞାନିକଙ୍କଠାରୁ ଅଧିକ ବୋଲି ମେନ୍‌ସା ଆଇକ୍ୟୁ ଟେଷ୍ଟରୁ ଜଣାପଡ଼ିଛି। ରିପୋର୍ଟ ମୁତାବକ, ଲଣ୍ଡନର ବ୍ରିନେଟ୍‌ରେ ମା'ବାପାଙ୍କ ସହ ରହୁଥିବା ଆଡ୍ରିଆନ୍ ଲି ପ୍ରକୃତରେ ହଂକଂର ବାସିନ୍ଦା। ନିକଟରେ ମେନ୍‌ସା ସୋସାଇଟି ପକ୍ଷରୁ ହୋଇଥିବା ଆଇକ୍ୟୁ ଟେଷ୍ଟରେ ଆଡ୍ରିଆନ୍ ୧୬୨ ନମ୍ବର ହାସଲ କରିଛନ୍ତି, ଯାହା ଆଇନଷ୍ଟାଇନ୍ ଏବଂ ଷ୍ଟେପନ ହକିଂଙ୍କ ଆଇକ୍ୟୁଠାରୁ ୨ ନମ୍ବର ଅଧିକ। ଏବେ ସେ ମେନ୍‌ସା ସୋସାଇଟିର ଜଣେ ସଦସ୍ୟ। ଆଡ୍ରିଆନ୍‌ଙ୍କ ମା' ରସେଲଙ୍କ କହିବା ମୁତାବକ, ତାଙ୍କୁ ୨ ବର୍ଷ ହୋଇଥିବାବେଳେ ସେ ବଡ଼ ବଡ଼ ସ୍ପେଲିଂକୁ ପଢ଼ିଦେଉଥିଲେ। ଏଥିସହ ସେ ପ୍ରତିଦିନ ଅନେକ ବହି ପଢୁଥିଲେ। ୮ ବର୍ଷ ବୟସରେ ସେ ନୋବେଲ ଲେଖିବା ଆରମ୍ଭ କରିଥିଲେ, ଯାହାର ନାମ 'ମନ୍‌ଷ୍ଟର କ୍ୱେଷ୍ଟ' ରଖିଥିଲେ। ଯେଉଁଥିରେ କି କ୍ରିଏଟିଂ ଆଡଭେଞ୍ଚରିୟସ୍ ଗଳ୍ପ ରହିଛି। ବର୍ତ୍ତମାନ ସେ ଯୁବପିଢ଼ି ପାଇଁ ଅତୀତର ରୋମ୍ ବାବଦରେ ନୋବେଲ ଲେଖୁଛନ୍ତି। ଚଳିତବର୍ଷ ଏହା ପବ୍ଲିଶ କରିବାକୁ ଆଶା ରଖିଛନ୍ତି। ଏଥିସହ ସେ ଚେସ୍, ସ୍କ୍ୱାସ୍, ରୋଲିଂ, ଟେବୁଲ ଟେନିସ୍ ଭଳି ଅନେକ ଖେଳ ପ୍ରତି ମଧ୍ୟ ରୁଚି ରଖିଛନ୍ତି। ଆଡ୍ରିଆନ୍ ଭବିଷ୍ୟତରେ ଜଣେ ଭଲ କାର୍ଡିଓଲେଜିଷ୍ଟ ହେବାକୁ ଇଚ୍ଛା ରଖିଛନ୍ତି। ତାଙ୍କ ପ୍ରଖର ବୁଦ୍ଧି ଯୋଗୁ ସ୍କୁଲରେ ସେ ଅନେକ ଏକାଡେମିକ ଆୱାର୍ଡ ମଧ୍ୟ ଜିତିଛନ୍ତି।

# ୨୭.୫୭ କୋଟି ସଂଗ୍ରହକଲା 'ବାର୍ବି'

**ନୂଆଦିଲ୍ଲୀ:** ଗତ ୨୧ ତାରିଖରେ ରିଲିଜ୍ ହୋଇଥିବା ମାର୍ଗୋଟ୍ ରୋବି ଏବଂ ରାୟନ ଗସ୍‌ଲିଂଙ୍କ ଅଭିନୀତ କମେଡି ଫିଲ୍ମ 'ବାର୍ବି' ଅନ୍ତର୍ଜାତୀୟ ବକ୍ସ ଅଫିସରେ ୧୮.୫୦ କୋଟି ଟଙ୍କା ସଂଗ୍ରହକରି ବିଶ୍ୱବ୍ୟାପୀ ମୋଟ ୨୭.୫୭ କୋଟି ଟଙ୍କାରେ ପହଞ୍ଚିଛି। ଉତ୍ତର ଆମେରିକାରେ ଏହି ମୁଭି ୧୫୫ ମିଲିୟନ ଡଲାର ଏବଂ ଅନ୍ୟ ଅନ୍ତର୍ଜାତୀୟ ମାର୍କେଟ୍‌ରୁ ୧୮୨ ମିଲିୟନ ଡଲାର ସଂଗ୍ରହ କରିଛି। ଗ୍ରେଟା ଗର୍ୱିଙ୍ଗଙ୍କ ନିର୍ଦ୍ଦେଶିତ ଫିଲ୍ମ 'ବାର୍ବି' ବିଗେଷ୍ଟ ଆରମ୍ଭ ମୁଭି ଭାବେ ଆମେରିକା ଏବଂ କାନାଡିଆନ୍ ମାର୍କେଟ୍‌ରେ ୧୫୫ ମିଲିୟନ୍ ଡଲାର ଆୟ କରି ରେକର୍ଡ କରିଛି। ଏହି ଚଳଚ୍ଚିତ୍ର ବାର୍ବି ଏବଂ ତାଙ୍କ ସାଥୀ ବାର୍ବିଙ୍କୁ ନେଇ ପ୍ରସ୍ତୁତ ହୋଇଛି। ଯେଉଁମାନେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ବାର୍ବିଲାଣ୍ଡରେ ରହୁଛନ୍ତି। ବାସ୍ତବ ଦୁନିଆକୁ ଯିବାକୁ ସୁଯୋଗ ପାଇଲେ ବାର୍ବି ଏବଂ କେନ୍‌ଙ୍କ ମଧ୍ୟରେ ହୋଇଥିବା ଆହ୍ୱାନକୁ ଏଥିରେ ଦର୍ଶାଯାଇଛି। ମୁଭିରେ ମାର୍ଗୋଟ୍ ରୋବି ଏବଂ ରାୟନ ଗସ୍‌ଲିଂଙ୍କ ବ୍ୟତୀତ କାଟେ ଏମ୍‌ସିକିନନ୍, ଆଲେକ୍ସଜାଣ୍ଡ୍ରା ସିପ୍, ଦୁଆ ଲିପା, ସିମୁ ଲିୟୁ, କିଂଗଲେ ବେନାଦିର୍, ରିତୁ ଆର୍ଯ୍ୟାଙ୍କ ସମେତ ଅନେକ କଳାକାର ଏଥିରେ ଅଭିନୟ କରିଥିଲେ। ଗୋଟିଏ ଦିନରେ ରିଲିଜ୍ ହୋଇଥିବା କ୍ରିଷ୍ଟୋଫର ନୋଲାନଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଓପେନହେମର' ବିଶ୍ୱବ୍ୟାପୀ ୧୭୪.୨ ମିଲିୟନ ଡଲାର ସଂଗ୍ରହ କରିଛି।, ତେବେ 'ଓପେନହେମର'ର କିଛି ଦୃଶ୍ୟକୁ ନେଇ ଏବେ ବିବାଦ ଦେଖାଦେଇଛି।

# ଡେନର୍ବି ପୁଣି ଭାରତୀୟ ମହିଳା ଫୁଟବଲ୍ କୋଚ୍

ନୂଆଦିଲ୍ଲୀ, ୨୪।୭ (ପି.ଟି.)

ଏଏଫ୍‌ସି ଅଲିମ୍ପିକ କ୍ୱାଲିଫାୟର୍ସ ରାଉଣ୍ଡ ପୂର୍ବରୁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ସୋମବାର ସ୍ୱିଡେନ ରେଫରି ଥୋମାସ ଡେନର୍ବିଙ୍କୁ ଜାତୀୟ ମହିଳା ଦଳର ମୁଖ୍ୟକୋଚ୍ ଭାବେ ପୁନଃ ନିଯୁକ୍ତି ଦେଇଛି। କିମ୍ବଦନ୍ତୀ ଆଇଏମ୍



ବିଜୟନଙ୍କ ଅଧ୍ୟକ୍ଷତାର ଗଠିତ ଟେକ୍‌ନିକାଲ କମିଟି କିନ୍ତୁ ଗୋକୁଲମ କେରଳର ଆଣ୍ଟୋନୀ ଆଣ୍ଡ୍ରୁଜଙ୍କ ନାମ ସୁପାରିସ କରିଥିଲା। ଆଣ୍ଡ୍ରୁଜ୍‌ଙ୍କ ତତ୍ତ୍ୱାବଧାନରେ ଗୋକୁଲମ କେରଳ ଏଫ୍‌ସି ଗତ ଦୁଇ ସିଜନ ଧରି ଇଣ୍ଡିଆନ୍ସ ଓମେନ୍ସ ଲିଗ୍ ଟାଇଟଲ ଜିତିଆସୁଛି। ଡେନର୍ବିଙ୍କ ଚୁକ୍ତି ମିଆଦ ଗତ ମାର୍ଚ୍ଚ ମାସରେ ଶେଷ ହୋଇଯାଇଛି। ତାଙ୍କ ସ୍ଥାନରେ ଆଣ୍ଡ୍ରୁଜଙ୍କୁ ନିଯୁକ୍ତି ଦେବା ଲାଗି ଜୁଲାଇ ୧୩ରେ ଟେକନ୍‌ନିକାଲ କମିଟି ବୈଠକରେ ସୁପାରିସ ହୋଇଥିଲା। କିନ୍ତୁ ଶୁଣିବାକୁ ମିଳୁଛି ଯେ, ଡେନର୍ବିଙ୍କୁ ତାଙ୍କ ପଦବୀରେ ପୁନଃ ଅବସ୍ଥାପିତ କରାଯାଉ ବୋଲି ଜାତୀୟ ଦଳର ବହୁ ଖେଳାଳି ଚାହୁଁଥିଲେ। ଏପରିକି ଏନେଇ ସେମାନେ ଏଆଇଏଫ୍‌ଏଫ୍‌କୁ ଏ ସଂକ୍ରାନ୍ତରେ ଅନୁରୋଧ କରିଥିଲେ। ଅଲିମ୍ପିକ କ୍ୱାଲିଫାୟର୍ସ ରାଉଣ୍ଡ–୨ରେ ଏପ୍ରିଲ ୪ ଓ ୭ରେ କିରଗିଜସ୍ତାନ ବିପକ୍ଷ ମ୍ୟାଚରେ ଭାରତ ବିଜୟୀ ହାଇଥିଲା। ଡେନର୍ବି ସେତେବେଳ ଜାତୀୟ ଦଳର ଦାୟିତ୍ୱରେ ଥିଲେ। ବର୍ତ୍ତମାନ ସେ ଅକ୍ଟୋବରରେ ହେବାକୁଥିବା ଅଲିମ୍ପିକ କ୍ୱାଲିଫାୟର୍ସ ରାଉଣ୍ଡ–୨ ପାଇଁ ଦାୟିତ୍ୱରେ ରହିବେ। ଆଣ୍ଡ୍ରୁସ ମଧ ସେଟ୍‌ଅପ୍‌ରେ ରହିବେ। ତାଙ୍କୁ କୋଚ୍ ଭାବେ ମନୋନୀତ କରାଯାଇଥିଲା। ମେମୋଲ ରକି ସହକାରୀ କୋଚ୍ ଏବଂ ରୋନିବାଲା ଚାନୁ ଗୋଲକିପିଙ୍ଗ କୋଚ୍ ଦାୟିତ୍ୱରେ ରହିବେ। ଖବର ଅନୁସାରେ ଟେକ୍‌ନିକାଲ କମିଟି ସୁପାରିସକୁ ଗ୍ରହଣ କରିବା ଏଆଇଏଫ୍‌ଏଫ୍ ବାଧ ନୁହେଁ।

# ଭାରତୀୟ କ୍ରିକେଟର ଭବିଷ୍ୟତ

ଏମର୍ଜିଂ ଏସିଆ କପ୍ ୨୦୨୩ ଶ୍ରୀଲଙ୍କାରେ ଉଦ୍‌ଯାପିତ ହୋଇଯାଇଛି। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ନିକଟରୁ ପରାଜିତ ହୋଇ ଭାରତ ରନର ଅପ୍‌ରେ ସନ୍ତୁଷ୍ଟ ରହିଛି। କେବଳ ଫାଇନାଲ୍‌କୁ ବାଦ୍ ଦେଲେ ଅନ୍ୟ ସମସ୍ତ ମ୍ୟାଚ୍‌ରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ବେଶ୍ ଚମତ୍କାର ରହିଥିଲା। ଯୁବ ଖେଳାଳିମାନଙ୍କୁ ଅନ୍ତର୍ଜାତୀୟ ସ୍ତର ପାଇଁ ପ୍ରସ୍ତୁତ କରିବାରେ ଏହି ଟୁର୍ନାମେଣ୍ଟର ବଡ଼ ଭୂମିକା ରହିଥାଏ। ଏହି ଟୁର୍ନାମେଣ୍ଟରେ ଅନ୍ୟ ସମସ୍ତ ଦଳ ଅନ୍ତର୍ଜାତୀୟ ଖେଳାଳିଙ୍କୁ ସାମିଲ କରିଥିବା ବେଳେ ଭାରତୀୟ ଦଳରେ ଜଣେ ବି ଖେଳାଳିଙ୍କ ନିକଟରେ ଅନ୍ତର୍ଜାତୀୟ ଅଭିଜ୍ଞତା ନ ଥିଲା। ଏହି ଟୁର୍ନାମେଣ୍ଟର ଟପ୍–୫ ବ୍ୟାଟର ଓ ବୋଲରଙ୍କ ମଧ୍ୟରେ ୩ ଜଣ ଲେଖାଏ ଭାରତୀୟ ଖେଳାଳି ରହିଛନ୍ତି। ସର୍ବାଧିକ ରନ୍ ହାସଲକାରୀ ଖେଳାଳିଙ୍କ ମଧ୍ୟରେ ଯଶ୍ ଧୂଲ୍, ଅଭିଷେକ ଶର୍ମା ଓ ସାଇ ସୁଦର୍ଶନ ଯଥାକ୍ରମେ ଦ୍ୱିତୀୟରୁ ଚତୁର୍ଥ ସ୍ଥାନରେ ରହିଛନ୍ତି। ତେବେ ସର୍ବାଧିକ ଉଇକେଟ ହାସଲକାରୀ ବୋଲରଙ୍କ ମଧ୍ୟରେ ପ୍ରଥମ ୩ ସ୍ଥାନ ଭାରତୀୟ ଖେଳାଳି ଅଲଙ୍କୃତ କରିଛନ୍ତି। ଏହା ବ୍ୟତୀତ ୧୯ ବର୍ଷରୁ କମ୍ ବିଶ୍ୱକପ ବିଜୟୀ ଦଳର ସଦସ୍ୟ ନିଶାନ୍ତ ସିନ୍ଧୁ ଟୁର୍ନାମେଣ୍ଟର ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ମଧ୍ୟ ବିବେଚିତ ହୋଇଛନ୍ତି। ଏହି ଖେଳାଳିମାନଙ୍କ ମଧ୍ୟରୁ ଅନେକ ଖେଳାଳି ଆସନ୍ତା କିଛିବର୍ଷ ମଧ୍ୟରେ ଜାତୀୟ ଦଳର ଅଂଶ ପାଲଟି ପାରନ୍ତି। ସେହି ଖେଳାଳିମାନଙ୍କୁ ନେଇ ଆଜିର ପ୍ରସ୍ତୁତି...




● **ଯଶ୍ ଧୂଲ:** ୧୯ ବର୍ଷରୁ କମ୍ ଦଳର ନେତୃତ୍ୱ ନେଇ ବିଶ୍ୱକପ୍ ବିଜୟ କରିଥିବା ଯଶ ଏମର୍ଜିଂ ଏସିଆ କପ୍‌ରେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ଅଧିନାୟକତ୍ୱ ପ୍ରଭାବଶାଳୀ ରହିଥିବା ବେଳେ ବ୍ୟାଟିଂରେ ମଧ ସେ ନିଜର ଛାପ ଛାଡିଛନ୍ତି। ୫ଟି ମ୍ୟାଚ୍‌ରେ ୪ ଇନିଂସରୁ ସେ ୨୩୪ ରନ୍ ସ୍କୋର କରି ସର୍ବାଧିକ ରନ୍ ହାସଲକାରୀଙ୍କ ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତାଙ୍କର ବ୍ୟାଟିଂ ଆଭରେଜ ୧୧୭ ରହିଥିବା ବେଳେ ସେ ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ହାସଲ କରିଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ୧୫ ମ୍ୟାଚରୁ ୪ଟି ଲେଖାଏ ଶତକ ଓ ଅର୍ଦ୍ଧଶତକ ସହିତ ୧୧୪୫ ରନ୍ ସ୍କୋର କରିଥିବା ବେଳେ ଭାରତୀୟ ଦଳକୁ ଡାକରା ମିଳିପାରେ।

● **ଅଭିଷେକ ଶର୍ମା:** ଆଇପିଏଲ୍‌ରେ ସନରାଇଜର୍ସ ହାଇଦ୍ରାବାଦ ପାଇଁ ଖେଳୁଥିବା ଅଭିଷେକଙ୍କୁ ଏମର୍ଜିଂ ଏସିଆ କପ୍‌ରେ ଓପନର ଦାୟିତ୍ୱରେ ଦେଖିବାକୁ ମିଳିଥିଲା। ଓପନ କରିବା ସହିତ ବାମହାତୀ ସ୍ପିନ୍ ବୋଲିଂ ଜରିଆରେ ନିଜକୁ ଜଣେ ଉପଯୋଗୀ ଅଲରାଉଣ୍ଡର ଭାବରେ ପ୍ରମାଣିତ କରିଛନ୍ତି ଅଭିଷେକ। ୫ ମ୍ୟାଚ୍‌ରେ ସେ ୪୪ ଆଭରେଜରେ ୨୨୧ ରନ୍ ସ୍କୋର କରିଥିବା ବେଳେ ୩ ଉଇକେଟ ଅକ୍ତିଆର କରିଛନ୍ତି।

● **ସାଇ ସୁଦର୍ଶନ:** ଆଇପିଏଲ୍‌ରେ ଭଲ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସାଇ ସୁଦର୍ଶନ ଏମର୍ଜିଂ ଏସିଆ କପ୍‌ରେ ସମାନ ଫଳାଫଳ ପ୍ରଦାନ କରିଛନ୍ତି। ଓପନ୍ କରିବା ସହିତ ୫ ମ୍ୟାଚରୁ ୨୨୦ ରନ୍ ସ୍କୋର କରିଥିଲେ। ସର୍ବାଧିକ ରନ୍ ହାସଲକାରୀ ଖେଳାଳିଙ୍କ ମଧ୍ୟରେ ସେ ଅଭିଷେକଙ୍କ ପଛକୁ ଚତୁର୍ଥ ସ୍ଥାନରେ ରହିଛନ୍ତି। ପାକିସ୍ତାନ ବିପକ୍ଷ ଲିଗ୍ ମ୍ୟାଚରେ ଏକ ଚମତ୍କାର ଶତକ ମଧ ଏଥିରେ ସାମିଲ ରହିଛି। ଘରୋଇ କ୍ରିକେଟରେ ମାତ୍ର ୮ ମ୍ୟାଚ୍ ଖେଳିଥିବା ବେଳେ ଭାରତୀୟ କ୍ରିକେଟର ଟପ୍ ଅର୍ଡରର ଭବିଷ୍ୟତର ଷ୍ଟାର ଭାବରେ ବିବେଚନା କରାଯାଉଛି।

● **ନିଶାନ୍ତ ସିନ୍ଧୁ:** ଭବିଷ୍ୟତରେ ରବୀନ୍ଦ୍ର ଜାଡେଜାଙ୍କ ବିକଳ୍ପ ଭାବରେ ସିନ୍ଧୁଙ୍କୁ ବିବେଚନା କରାଯାଏ। ଜାଡେଜାଙ୍କ ପରି ବାମହାତୀ ବ୍ୟାଟିଂ ଓ ସ୍ଲୋ ଅର୍ଥୋଡକ୍ସ ବୋଲିଂ କରନ୍ତି ନିଶାନ୍ତ। ଚଳିତ ଟୁର୍ନାମେଣ୍ଟରେ ୧୧ ଉଇକେଟ ନେଇ ସେ ବୋଲରଙ୍କ ମଧ୍ୟରେ ଏକ ନମ୍ବର ସ୍ଥାନରେ ରହିଛନ୍ତି। ତାରକା ଖଚିତ ଲାଇନଅପ୍‌ରେ ନିଶାନ୍ତଙ୍କୁ ବ୍ୟାଟିଂର ସୁଯୋଗ ମିଳି ନ ଥିଲେ ମଧ ଘରୋଇ କ୍ରିକେଟରେ ତାଙ୍କ ରେକର୍ଡ ଭଲ ରହିଛି। ୧୪ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରୁ ସେ ୯୨୧ ରନ୍ ସ୍କୋର କରିଥିବା ବେଳେ ୨୭ ଉଇକେଟ ଅକ୍ତିଆର କରିଛନ୍ତି।

● **ମାନବ ସୁଥର:** ରାଜସ୍ଥାନର ଏହି ୨୦ ବର୍ଷୀୟ ବାମହାତୀ ସ୍ପିନର ଏମର୍ଜିଂ ଏସିଆ କପରେ ୧୦ ଉଇକେଟ ନେଇଛନ୍ତି। ତାଙ୍କର ଇକୋନୋମୀ ୪.୨୧ ରହିଥିବା ବେଳେ ସେ ଘରୋଇ କ୍ରିକେଟରେ ୮ ମ୍ୟାଚ୍‌ରୁ ୪୪ ଉଇକେଟ ନେଇଛନ୍ତି ଓ ୨୬୭ ରନ୍ ସ୍କୋର କରିଛନ୍ତି।

● **ରାଜବର୍ଦ୍ଧନ ହଙ୍ଗରଗେକର୍:** ଆଇପିଏଲ୍‌ରେ କ୍ୟାପ୍‌ଟେନ୍ କୁଲ୍ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଖେଳି ସାରିଥିବା ଏହି ବୋଲରଙ୍କୁ ଭାରତୀୟ ପେସ୍ ଆଟାକ୍‌ର ଭବିଷ୍ୟତ ମଧ୍ୟରେ ଗଣତି କରାଯାଏ। ଚଳିତ ଟୁର୍ନାମେଣ୍ଟରେ ମାତ୍ର ୪ ମ୍ୟାଚ୍ ଖେଳି ସେ ୧୦ ଉଇକେଟ ନେଇ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ପାକିସ୍ତାନ ବିପକ୍ଷ ଲିଗ୍ ମ୍ୟାଚ୍‌ରେ ୫/୪୨ର ଫିଗର ମଧ ହାସଲ କରିଥିଲେ। ଘରୋଇ କ୍ରିକେଟରେ ୪ ମ୍ୟାଚ୍ ଖେଳି ସାରିଥିବା ରାଜବର୍ଦ୍ଧନ ୧୩ ଉଇକେଟ ନେଇଛନ୍ତି।

–ସରୋଜ ଜେନା

# ପାରା ବ୍ୟାଡ୍‌ମିଣ୍ଟନ ଟ୍ରାଏଲରେ ଓଡ଼ିଶାର ୪

**ଏସିଆନ ପାରା ଗେମ୍ସ**

ଭୁବନେଶ୍ୱର, ୨୪।୭
(ତପନ ସ୍ୱାଇଁ)

ଉତ୍ତର ପ୍ରଦେଶର ଗ୍ରେଟର ନଏଡାଠାରେ ଏସିଆନ ପାରା ଗେମ୍ସର ବ୍ୟାଡ୍‌ମିଣ୍ଟନ ଇଭେଣ୍ଟ ପାଇଁ ଚୟନ ଟ୍ରାଏଲ୍ ସୋମବାରଠାରୁ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶାର ୪ ଖେଳାଳି ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରମୋଦ ଭଗତ ସିଙ୍ଗଲ୍ସ, ଡବଲ୍ସ, ମିକ୍ସଡ ଡବଲ୍ସ ଏବଂ ଦୀପ୍ ରଞ୍ଜନ ବିଷୋଇ, ଦିଲେଶ୍ୱର ରାଓ ଓ ଶୁଭ୍ରଜିତ ମହାରଣା କେବଳ ଡବଲ୍ସ ଇଭେଣ୍ଟରେ ଭାଗନେବେ। ଟ୍ରାଏଲ୍ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିବସରେ ପ୍ରମୋଦ ଭଗତ ସିଙ୍ଗଲ୍ସରେ ୨ଟି ମ୍ୟାଚ ଜିତିଛନ୍ତି। ଡବଲ୍ସ ଓ ମିକ୍ସଡ ଡବଲ୍ସରେ ତାଙ୍କୁ ମିଶ୍ରିତ ଫଳ ମିଳିଛି। ଦୀପ ରଞ୍ଜନ ଡବଲ୍ସରେ ଗୋଟିଏ ମ୍ୟାଚ ଖେଳି ହାରିଛନ୍ତି। ଶୁଭ୍ରଜିତ ଓ ଦିଲେଶ୍ୱର ଡବଲ୍ସରେ ୨ଟି ଲେଖାଏ ମ୍ୟାଚ ଖେଳି ପରାଜିତ ହୋଇଛି। ନିୟମ ଅନୁସାରେ ପ୍ରତି ପ୍ରତିଯୋଗୀ ପରିସ୍ପର ସହିତ ଖେଳିବାପରେ ଟପ୍–୩ରେ ରହିବା ଖେଳାଳି ଏସିଆନ ପାରା ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ।



କୋଚ୍ ଶିବପ୍ରସାଦ ଦାସ (ମଝି)ଙ୍କ ସହ ଓଡ଼ିଶାର ୪ ଖେଳାଳି।

# କର୍ମନ କୌର ଥାଣ୍ଡିଙ୍କୁ ଦ୍ୱିତୀୟ ଟାଇଟଲ



ଟ୍ରଫି ସହ କର୍ମନ କୌର ଥାଣ୍ଡି।

ନୂଆଦିଲ୍ଲୀ, ୨୪।୭(ପି.ଟି.)

ଭାରତର କର୍ମନ କୌର ଥାଣ୍ଡି ଯୁକ୍ତରାଷ୍ଟ୍ର ଆମେରିକାରେ ଇଭାନ୍ସଭିଲେ ଇଭେଣ୍ଟ ଜିତିଛନ୍ତି। କର୍ମନ ୬୦,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଆଇଟିଏଫ୍ ଓମେନ୍ସ ୱାର୍ଲ୍ଡ ଟୁର୍ ଫାଇନାଲରେ ୟୁକ୍ରେନ୍‌ର ୟୁଲିଆ ସ୍ତାରୋଦବ୍‌ସେଭାଙ୍କୁ ୭–୫, ୪–୬, ୬–୧ ସେଟ୍‌ରେ ହରାଇ ଦେଇଛନ୍ତି। ଏହା ହେଉଛି ତାଙ୍କ କ୍ୟାରିୟରର ଦ୍ୱିତୀୟ ଡବ୍ଲ୍ୟୁ୬୦ ଆଇଟିଏଫ୍ ଟାଇଟଲ। ଏହି ବିଜୟ ଦ୍ୱାରା କର୍ମନ ଯୁକ୍ତରାଷ୍ଟ୍ର ଆମେରିକାରେ ଏକ ପ୍ରଫେଶନାଲ ଟାଇଟଲ ଜିତିବାରେ ସାନିଆ ମିର୍ଜାଙ୍କ ପରେ ଦ୍ୱିତୀୟ ଭାରତୀୟ ମହିଳା। କର୍ମନ ଏହା ପୂର୍ବରୁ ଗତବର୍ଷ ସାଗୁନେଠାରେ ତାଙ୍କର ପ୍ରଥମ ଡବ୍ଲ୍ୟୁ ୬୦ ଆଇଟିଏଫ୍ ଟାଇଟଲ ଜିତିଥିଲେ। ଏହା ହେଉଛି ତାଙ୍କର କ୍ୟାରିୟରର ଓଭର ଅଲ୍ ୪ର୍ଥ ଟାଇଟଲ। ଇଭାନ୍ସ ଭିଲେଠାରେ କର୍ମନ ପ୍ରଥମ ରାଉଣ୍ଡରେ ମେକ୍ସିକୋର ମାରିଆ ଫର୍ନାଣ୍ଡା ନାଭାରୋଙ୍କୁ ପରେ ସ୍ଥାନୀୟ ଚ୍ୟାଲେଞ୍ଜର ମାରିବେଲା ଜାମାରିପାଙ୍କୁ ପରାସ୍ତ କରିଥିଲେ। କ୍ୱାର୍ଟରଫାଇନାଲରେ ସେ ଯୁକ୍ତରାଷ୍ଟ୍ର ଆମେରିକାର ୱାଇଲ୍ଡ କାର୍ଡ ଆଲି କିକ୍‌ଙ୍କୁ ୬–୩, ୬–୩ରେ ପରାସ୍ତ କରିଥିଲେ। ସେମିଫାଇନାଲରେ ଆମେରିକାର ମାକାର୍ଟିନି କେସ୍‌ଲରଙ୍କୁ ୬–୪, ୭–୫ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। କର୍ମନ ବର୍ତ୍ତମାନ ଡବ୍ଲ୍ୟୁଟିଏ ସିଙ୍ଗଲ୍ସ ର୍‍ୟାଙ୍କିଙ୍ଗରେ ୨୬୧ତମ ସ୍ଥାନରେ ଅଛନ୍ତି। ଦେଶର ସେ ହେଉଛନ୍ତି ଦ୍ୱିତୀୟ ର୍‍ୟାଙ୍କିଙ୍ଗ ମହିଳା ଖେଳାଳି।

# ଭାରତ ସିରିଜ୍ ବିଜୟୀ

ପୋର୍ଟ ଅଫ୍ ସ୍ପେନ୍, ୨୪।୭

ୱେଷ୍ଟଇଣ୍ଡିଜ୍ ଗସ୍ତରେ ରହିଥିବା ଭାରତୀୟ ଦଳ ଟେଷ୍ଟ ସିରିଜକୁ ଜିତି ନେଇଛି। ଅନ୍ତିମ ଟେଷ୍ଟ ଅମୀମାଂସିତ ଭାବରେ ଶେଷ ହେବାରୁ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜକୁ ୧–୦ରେ ଜିତି ନେଇଛି। ପୋର୍ଟ ଅଫ୍ ସ୍ପେନ୍‌ରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟର ଅନ୍ତିମ ଦିବସରେ ବର୍ଷା ବାଧକ ସାଜିଥିଲା। ଅନ୍ତିମ ଦିନରେ ଭାରତକୁ ବିଜୟ ପାଇଁ ୮ ଉଇକେଟ ଆବଶ୍ୟକ ଥିବା ବେଳେ ବର୍ଷା କାରଣରୁ ଗୋଟିଏ ବି ବଲ୍ ପଡିବା ସମ୍ଭବ ହୋଇ ନ ଥିଲା। ସମ୍ପୂର୍ଣ୍ଣ ପ୍ରଥମ ସେସନ୍ ଖେଳ ଧୋଇ ଯାଇଥିବା ବେଳେ ଲଞ୍ଚ ପରେ ଖେଳ ଆରମ୍ଭ କରାଯିବା ନେଇ ଘୋଷଣା କରାଯାଇଥିଲା। ତେବେ ଲଞ୍ଚ ପରେ ପୁଣି ଥରେ ବର୍ଷା ହେବା କାରଣରୁ ଖେଳ ସମ୍ଭବ ହୋଇ ନ ଥିଲା। ଏହା ମଧ୍ୟରେ ବର୍ଷା ଅନେକ ଥର ଲୁଚକାଳି ଖେଳିବା ସହିତ ଖେଳ ଆରମ୍ଭର ସମ୍ଭାବନା ସୃଷ୍ଟି ହୋଇଥିଲା। ଏହା ସହିତ ୨୦ ବର୍ଷ ଧରି ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଅପରାଜେୟ ରହିଛି ଭାରତ। କ୍ରମାଗତ ନବମ ସିରିଜ୍ ଉପରେ କବ୍‌ଜା କରିଛି ଭାରତ। ଶେଷ ଥର ପାଇଁ ଦଳ ୨୦୦୨ରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜକୁ ଭାରତ ୨–୧ରେ ହାରିଥିବା ବେଳେ ପରବର୍ତ୍ତୀ ୯ଟି ଯାକ ସିରିଜ୍ ଓ ୨୫ ମ୍ୟାଚ ଭାରତୀୟ ଦଳ ଜିତି ନେଇଛି। ଚତୁର୍ଥ ଦିନରେ ଭାରତ ୧୧୮/୨ରେ ଇନିଂସ ଘୋଷଣା କରିବା ସହିତ ୱେଷ୍ଟଇଣ୍ଡିଜ ଆଗରେ ୩୬୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଚତୁର୍ଥ ଦିନର ଷ୍ଟମ୍ପସ ସୁଦ୍ଧା ଘରୋଇ ଦଳ ୨ ଉଇକେଟରେ ୭୬ ରନ କରିଥିବା ବେଳେ ଅନ୍ତିମ ଦିନରେ ଗୋଟିଏ ବି ବଲ୍ ପଡିବା ସମ୍ଭବ ହୋଇ ନ ଥିଲା। ମହମ୍ମଦ ସିରାଜଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୪୩୮। ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ ୨୫୫। ଭାରତ ଦ୍ୱିତୀୟ ଇନିଂସ ୧୮୧/୨ (ଘୋଷଣା)। ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସ ୩୨ ଓଭରରେ ୭୬/୨ (କ୍ରେଗ୍ ବ୍ରାଥୱେଟ–୨୮, ଟାଗେନାରିନ୍ ଚନ୍ଦ୍ରପଲ–୨୪*, ଆର. ଅଶ୍ୱିନ–୨/୩୩)।




ଟେଷ୍ଟ ସିରିଜ୍ ଟ୍ରଫି ଗ୍ରହଣ ଅବସରରେ ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା (ଡାହାଣ)।

## ସଂକ୍ଷେପରେ...

▶▶ ଅଗଷ୍ଟ ୪ରୁ ୧୧ ପର୍ଯ୍ୟନ୍ତ ତ୍ରିନିଦାଦ ଆଣ୍ଡ ଟବାଗୋରେ ହେବାକୁଥିବା ରାଜ୍ୟଗୋଷ୍ଠୀ ୟୁଥ୍ ଗେମ୍ସରେ ଓଡ଼ିଶା ଏଚ୍‌ପିସି ଆଥଲେଟ୍ ବାପି ହାଂସଦା ଭାଗନେବେ।

▶▶ ଉତ୍ତର ପ୍ରଦେଶର ଗ୍ରେଟର ନଏଡ଼ାଠାରେ ଜୁଲାଇ ୨୮ରୁ ଅଗଷ୍ଟ ୫ ପର୍ଯ୍ୟନ୍ତ ଏସିଆନ ୟୁଥ୍ ଏବଂ ଜୁନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ଭାରୋତ୍ତୋଳନ ଏଚ୍‌ପିସିର ଜ୍ୟୋତ୍ସ୍ନା ଶବର ଓ ମୀନା ଶାନ୍ତା ଅଂଶଗ୍ରହଣ କରିବେ।

▶▶ ବାଂଲାଦେଶ ବିପକ୍ଷ ତୃତୀୟ ଦିନିକିଆ ମ୍ୟାଚପରେ ସର୍ବସାଧାରଣରେ ମ୍ୟାଚ ଅଫିସିଆଲଙ୍କୁ ସମାଲୋଚନା କରିଥିବାରୁ ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟିକା ହରମନପ୍ରୀତ କୌର ୨ଟି ମ୍ୟାଚରୁ ସସପେଣ୍ଡ ହେବା ସମ୍ଭାବନା ରହିଛି।

▶▶ ଟରଣ୍ଟୋ ମାଷ୍ଟର୍ସ ଟେନିସ ଟୁର୍ନାମେଣ୍ଟର ସର୍ବିୟାର ନୋଭାକ୍ ଜୋକୋଭିଚ୍ ଓହରିଲେ। ୱିମ୍ବେଲଡନ ଫାଇନାଲରେ ସ୍ପେନର କାର୍ଲୋସ ଅଲକାରାଜଙ୍କ ବିପକ୍ଷ ମୁକାବିଲାପରେ ସେ କ୍ଲାନ୍ତ ହୋଇ ପଡ଼ିଥିବା ପ୍ରକାଶ କରିଛନ୍ତି।

# ଭାରତୀୟ ଦଳରେ କିଟ୍‌ର ମାମାଲି, ଶିବାନୀ

ଭୁବନେଶ୍ୱର, ୨୪।୭
(ତପନ ସ୍ୱାଇଁ)

ଇଣ୍ଟରନ୍ୟାଶନାଲ ୟୁନିଭର୍ସିଟି ସ୍ପୋର୍ଟ୍ସ ଫେଡେରେଶନ (ଏଫ୍‌ଆଇଏସ୍‌ୟୁ) ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଚାଇନାର ଚେଙ୍ଗଡୁଠାରେ ଚଳିତ ମାସ ୨୮ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବାପାଇଁ ଭାରତୀୟ ମହିଳା ଓ ପୁରୁଷ ଭଲିବଲ ଦଳ ସୋମବାର ଚାଇନା ଯାତ୍ରା କରିଛି। ଭାରତୀୟ ମହିଳା ଦଳରେ କିଟ୍ ବିଶ୍ୱବିଦ୍ୟାଳୟର ୨ ଖେଳାଳି ମାମାଲି ଓ ଶିବାନୀ ସ୍ଥାନ ପାଇଛନ୍ତି। ଭାରତୀୟ ମହିଳା ଓ ପୁରୁଷ ଭଲିବଲ ଦଳରେ ମୋଟ ୨୮ ସଦସ୍ୟ ରହିଛନ୍ତି। ଏମାନଙ୍କ ମଧ୍ୟରେ ୨୪ ଖେଳାଳି ଓ ୪ ଅଫିସିଆଲ ସାମିଲ। ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାରତୀୟ ପୁରୁଷ ଭଲିବଲ ଦଳ ପୂର୍ବରୁ ୧୯୭୦ ଓ ୧୯୮୫ରେ ଅଂଶଗ୍ରହଣ କରିଥିଲା। ତେଣୁ ଦୀର୍ଘ ୩୮ ବର୍ଷ ବ୍ୟବଧାନରେ ଭାରତୀୟ ପୁରୁଷ ଦଳ ପୁଣି ଅଂଶଗ୍ରହଣର ସୁଯୋଗ ପାଇଛି। ଅନ୍ୟପକ୍ଷରେ ଇଣ୍ଟରନ୍ୟାଶନାଲ ୟୁନିଭର୍ସିଟି ସ୍ପୋର୍ଟ୍ସର ୧୦୦ ବର୍ଷର ଇତିହାସରେ ଭାରତୀୟ ମହିଳା ଭଲିବଲ ଦଳ ପ୍ରଥମଥର ପାଇଁ ଭାଗ ନେବାର ସୁଯୋଗ ପାଇଛି। ଭାରତୀୟ ପୁରୁଷ ଦଳ ଗ୍ରୁପ୍ 'ବି'ରେ ଆର୍ଜେଣ୍ଟିନା, ଇରାନ ଓ ଚେକ୍ ରିପବ୍ଲିକ ସହିତ ଏବଂ ମହିଳା ଦଳ ଗ୍ରୁପ୍ 'ସି'ରେ ଇଟାଲୀ ଓ ହଂକଂ ସହିତ ସ୍ଥାନ ପାଇଛି। ପୁରୁଷ ଦଳ ଆସନ୍ତା ୨୯ରେ ଆର୍ଜେଣ୍ଟିନା ଓ ମହିଳା ଦଳ ୩୦ରେ ହଂକଂ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ପ୍ରତିଯୋଗିତାରେ ମୋଟ ୧୬ଟି ପୁରୁଷ ଓ ୧୨ଟି ମହିଳା ଦଳ ଅଂଶଗ୍ରହଣ କରିବେ। ପ୍ରକାଶ ଯୋଗ୍ୟ ଯେ, ଭାରତୀୟ ମହିଳା ଓ ପୁରୁଷ ଦଳର କୋଚିଂ କ୍ୟାମ୍ପ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିଲା। ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳି ଓ ଅଫିସିଆଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ**



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଭାରତୀୟ ମହିଳା ଓ ପୁରୁଷ ଭଲିବଲ ଦଳ।

# ମନ୍‌ସୁନ୍ ଗାର୍ଡେନିଂ

## ଗାର୍ଡେନିଂ ନିମନ୍ତେ ବର୍ଷାଦିନ ବହୁତ ଭଲ। ଏହି ଋତୁରେ କିପରି ଗଛର ଯତ୍ନ ନେବେ ଜାଣି ରଖନ୍ତୁ...

- ବର୍ଷାଦିନେ ଗଛରେ ଆବଶ୍ୟକତା ଅନୁସାରେ ପାଣି ଦିଅନ୍ତୁ। ନିଜ ବଗିଚା କିମ୍ବା ଗଛ ମୂଳରେ ଅଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ।
- ଫୁଲକୁଣ୍ଡ ଯଦି ଖରାପ ହୋଇଥାଏ କିମ୍ବା ଭାଙ୍ଗିଯାଇଥାଏ, ତେବେ ଏହି ଋତୁରେ ହିଁ ଗଛକୁ ଅନ୍ୟ କୁଣ୍ଡକୁ ବଦଳାଇ ଦିଅନ୍ତୁ। ଏହି ସମୟରେ ହିଁ କୁଣ୍ଡର ମାଟି ବଦଳାଇବା ସହଜ ହେବ।
- ବର୍ଷାଦିନେ ଗଛରେ ଅଧିକ ପୋକ ଲାଗିଥାନ୍ତି। ତେଣୁ ପୋକଠାରୁ ଗଛକୁ ରକ୍ଷାକରିବା ନିମନ୍ତେ ନିମ୍ବତେଲ କିମ୍ବା ଅନ୍ୟ କୌଣସି ପ୍ରାକୃତିକ ତେଲ ବ୍ୟବହାର କରନ୍ତୁ। ପ୍ରାକୃତିକ କୀଟନାଶକ ସବୁ ଗଛର କୌଣସି କ୍ଷତିକରି ନ ଥାଏ।
- ଗଛମୂଳରେ ରାସାୟନିକ ସାର ବଦଳରେ କମ୍ପୋଷ୍ଟ ଖତ ବ୍ୟବହାର କରନ୍ତୁ। କମ୍ପୋଷ୍ଟ ଖତ ପ୍ରସ୍ତୁତ କରିବା ପାଇଁ ପତ୍ର, ପରିବା ଓ ଫଳ ଚୋପା ବ୍ୟବହାର କରନ୍ତୁ।
- ବର୍ଷାଦିନେ ଗଛର ଠିକ୍‌ଭାବେ ଯତ୍ନ ନିଅନ୍ତୁ। ଖରାପ ପତ୍ର କିମ୍ବା ପୋକ ଲାଗିଥିବା ପତ୍ରର ଡାଳକୁ କାଟି ଗଛରୁ ବାହାର କରି ଦିଅନ୍ତୁ।
- କୌଣସି ଗଛର ନୂଆ ଚାରା କରିବାକୁ ଚାହୁଁଥିଲେ ଏହି ସମୟରେ ଗଛର ଡାଳ କାଟି ଲଗାଇ ଦିଅନ୍ତୁ।



# ବର୍ଷାଦିନେ ପିନ୍ଧନ୍ତୁ

## ବର୍ଷାଦିନେ ପରିବେଶକୁ ଲକ୍ଷ୍ୟକରି ପୋଷାକ ପିନ୍ଧିଲେ ଷ୍ଟାଇଲିଶ୍ ଦେଖାଯିବା ସହ ପରିବେଶକୁ ଉପଭୋଗ କରିହେବ। ତେଣୁ ଏହି ଋତୁରେ କିଭଳି ପରିଧାନ ଚୟନ କରିବେ ଜାଣିରଖନ୍ତୁ...



**ପୋଷାକ :** ବର୍ଷାଦିନ ପାଇଁ ଏଭଳି ପୋଷାକ ଚୟନ କରନ୍ତୁ ଯେପରି ବର୍ଷାପାଣି ପଡ଼ିବା ମାତ୍ରେ ତାହା ସଙ୍ଗେ ସଙ୍ଗେ ଓଦା ହୋଇଯାଉ ନ ଥିବ। ଏହା ସହ ଓଦା ହେଲେ ଶୀଘ୍ର ଶୁଖିପାରୁଥିବ। ପ୍ଲାଜୋ, ଟ୍ରାଉଜର କିମ୍ବା ମ୍ୟାକ୍ସି ଡ୍ରେସ୍ ଭଳି ପୋଷାକ ପିନ୍ଧନ୍ତୁ ନାହିଁ। ଆଙ୍କେଲ ଲେନ୍‌ଥ କିମ୍ବା ସର୍ଟସ ଅବା ସ୍କର୍ଟ ଆଦି ପିନ୍ଧନ୍ତୁ।

**ରଙ୍ଗ:** ବର୍ଷାଦିନେ ରାସ୍ତାଘାଟରେ ପାଣି କାଦୁଅର ସମସ୍ୟା ରହିଥାଏ। ତେଣୁ ଏହି ଋତୁରେ ଧଳାରଙ୍ଗର ପୋଷାକ ଆଦୌ ପିନ୍ଧନ୍ତୁ ନାହିଁ। କାରଣ ଦାଗ ଲାଗିବା ସମ୍ଭାବନା ବହୁତ ରହିଥାଏ। ଏହି ଋତୁରେ ରଙ୍ଗିନ ପୋଷାକ ପିନ୍ଧନ୍ତୁ। ରଙ୍ଗିନ ପୋଷାକ ଋତୁ ଅନୁସାରେ ଭଲ ମ୍ୟାଚିଂ କରିବା ସହ ଦାଗ ଲାଗିବାର ଭୟ ମଧ୍ୟ ରହି ନ ଥାଏ।

**ଫାବ୍ରିକ:** ବର୍ଷାଦିନେ ଏଭଳି ଫାବ୍ରିକର କପଡ଼ା ପିନ୍ଧନ୍ତୁ ଯାହା ଆରାମଦାୟକ ହେବା ସହ ଶୀଘ୍ର ଶୁଖି ପାରୁଥିବ। ତେଣୁ ଡେନିମ୍ ଭଳି ଫାବ୍ରିକର ଡ୍ରେସ୍ ବ୍ୟବହାର କରନ୍ତୁ ନାହିଁ। ଏହି ଋତୁରେ କର୍ଟନ ଫାବ୍ରିକ ବହୁତ ଭଲ ଏବଂ ଏହା ତ୍ୱଚା ପାଇଁ ମଧ୍ୟ ଭଲ।

**ଜୋତା :** ଏହି ଋତୁରେ ଲେଦର ଓ ଭେଲ୍‌ଭେଟ୍ ମ୍ୟାଟେରିଆଲର ଜୋତା ବ୍ୟବହାର କରନ୍ତୁ ନାହିଁ। ବର୍ଷାଦିନ ପାଇଁ ଫ୍ଲିପ୍‌ଫ୍ଲପ୍ ଜୋତା ପିନ୍ଧନ୍ତୁ, ଷ୍ଟାଇଲିଶ୍ ଦେଖାଯିବା ସହ ପାଣି ଲାଗିଲେ ଜୋତା ବି ଖରାପ ହେବ ନାହିଁ।

# ବାଲାନ୍ସ ବଜେଟ



## ଖର୍ଚ୍ଚକାଟ କରି ପରିବାରର ଆର୍ଥିକ ବୋଝକୁ କମ୍ କରିବା ପାଇଁ ପ୍ରୟାସ କରିଥାନ୍ତି ଗୃହିଣୀ। ସେଥିପାଇଁ ତ ବଜାର ଦର ଉପରେ ସବୁବେଳେ ରହିଥାଏ ନଜର। ଦରଦାମ୍ ବୃଦ୍ଧିବେଳେ ବଜେଟ ଯେମିତି ବିଗିଡ଼ି ନ ଯିବ ସେଥିପାଇଁ ବିକଳ୍ପ ପନ୍ଥା ଆପଣାଉଛନ୍ତି ଗୃହିଣୀ...

ପନିପରିବା ଆଉ ରାଶନ ସାମଗ୍ରୀର ଦାମ୍ ଏବେ ଢେର୍ ବଢ଼ିଯାଇଛି। ଏହାର ସିଧାସଳଖ ପ୍ରଭାବ ପଡ଼ିଛି ଘରର ବଜେଟ ଉପରେ। ଏଥିପାଇଁ ତ ଗୃହିଣୀମାନଙ୍କ ଚିନ୍ତା ବଢ଼ିଯାଇଛି। କମ୍ ଖର୍ଚ୍ଚରେ ଘରଖର୍ଚ୍ଚ ତୁଲାଇବାକୁ ସେମାନେ ବିକଳ୍ପ ଉପାୟ ଆପଣେଇବାରେ ଲାଗିଛନ୍ତି। ଦରଦାମ୍ ବୃଦ୍ଧି ହେଲେ ସେମାନଙ୍କ ବଜେଟ ଏପଟସେପଟ ହୋଇଯାଏ। କେଉଁଠି କେତେ ଖର୍ଚ୍ଚ କରିବେ ସେନେଇ ବାରମ୍ବାର ଚାଲେ ହିସାବ ନିକାଶ। ଏଭଳି ପରିସ୍ଥିତିରେ ସୀମିତ ଅର୍ଥରାଶିରେ କେତେକେ ଘର ଚଳାଇ ନିଅନ୍ତି ତ ଆଉ କେତେକେ ଆର୍ଥିକ ବୋଝକୁ ଆପଣାଇଥାନ୍ତି। ତେବେ ଏସବୁ ଭିତରେ ସେମାନେ କିଭଳି ଖର୍ଚ୍ଚ ନିୟନ୍ତ୍ରଣ କରିପାରିବେ ସେନେଇ ଉପାୟ ଆପଣେଇବାରେ ଲାଗିଛନ୍ତି।

**ବିକଳ୍ପ ଉପାୟ:** ବଜାରରେ କୌଣସି ଜିନିଷର ଦାମ୍ ବଢ଼ିବାମାତ୍ରେ ସୁଗୃହିଣୀମାନେ ତା'ର ପ୍ରଭାବ ପରିବାର ଲୋକଙ୍କୁ ଜଣାଇବାକୁ ଦେଇ ନ ଥାନ୍ତି। ସେଥିପାଇଁ ସେମାନେ ସବୁବେଳେ ବିକଳ୍ପ ପନ୍ଥା ଆପଣାଇଥାନ୍ତି। କୌଣସି ଜିନିଷର ଦାମ୍ ଅତ୍ୟଧିକ ବଢ଼ିଗଲେ ତା' ବଦଳରେ କେଉଁ ଜିନିଷ ବ୍ୟବହାର କରିହେବ ସେ ନେଇ ସବୁ ଉପାୟ ଖୋଜିଥାନ୍ତି। ଯଦି ଟମାଟୋ ଦାମ୍ ବହୁତ ବଢ଼ିଯାଇଛି ତେବେ ଟମାଟୋ ବଦଳରେ ଟମାଟୋ ସସ୍ କିମ୍ବା ତେନ୍ତୁଳି ଅଥବା ଅନ୍ୟ କିଛି ବ୍ୟବହାର କରିହେବ ସେସବୁକୁ ଆପଣାଉଛନ୍ତି। ଠିକ୍ ସେହିପରି ପନିପରିବା ଦର ବଢ଼ିଥିବାରୁ ପରିବା ବଦଳରେ ଡାଲିଜାତୀୟ ଖାଦ୍ୟ କିମ୍ବା ଅନ୍ୟ କିଛି ଖାଦ୍ୟ ଉପରେ ଅଧିକ ନିର୍ଭର କରୁଛନ୍ତି। ଏଭଳି ବିଭିନ୍ନ ଉପାୟରେ ବିକଳ୍ପ ମାଧ୍ୟମ ସବୁକୁ ଆପଣାଇ ଗୃହିଣୀମାନେ ଖର୍ଚ୍ଚ ନିୟନ୍ତ୍ରଣ କରିବା ପ୍ରୟାସ ଚଳାଇଛନ୍ତି।

**କିଚେନ୍ ଗାର୍ଡେନ:** ଅତ୍ୟାବଶ୍ୟକ ସାମଗ୍ରୀ ବୃଦ୍ଧି ପାଇଥିବା ସମୟରେ ବେଶ୍ ସହାୟକ ହୋଇପାରିବ ଗୃହିଣୀଙ୍କ କିଚେନ୍ ଗାର୍ଡେନ। ପନିପରିବା ଦର ବୃଦ୍ଧି ପାଇଥିବା ସମୟରେ କିଚେନ୍ ଗାର୍ଡେନର ସୀମିତ ପରିବା କିମ୍ବା ଶାଗ ମଧ୍ୟ ଅନେକ ସମୟରେ ରୋଷେଇ ଘରର ଆବଶ୍ୟକତା ପୂରଣ କରିପାରିବ ଏବଂ କିଛିମାତ୍ରାରେ ହେଲେ ବି ଖର୍ଚ୍ଚ କମ୍ କରିପାରିବ। କିଚେନ୍ ଗାର୍ଡେନରେ ବିଭିନ୍ନ ପନିପରିବା ସହ ଲଙ୍କା, ଶାଗ ଆଦି ବେଶ୍ ସହଜରେ ମିଳିଥାଏ।

**ଖର୍ଚ୍ଚ ନିୟନ୍ତ୍ରଣ:** ଘରର ଆର୍ଥିକ ବୋଝ କମ୍ କରିବା ପାଇଁ କେଉଁ ଦିଗରୁ ଖର୍ଚ୍ଚ କାଟ କରିହେବ ସେସବୁ କ୍ଷେତ୍ରକୁ ଜାଣିରଖିଲେ କିଛିଟା ସୁଫଳ ନିଶ୍ଚୟ ମିଳିପାରିବ। ଏବେ ଅତ୍ୟାବଶ୍ୟକ ସାମଗ୍ରୀ ଦର ଢେର୍ ବଢ଼ିଥିବାରୁ ସେସବୁ କିଣିବା ପାଇଁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି, ଏମିତି ସମୟରେ ବାହାରେ ଖାଇବା କିମ୍ବା ବୁଲାବୁଲିକୁ ବନ୍ଦ କରିହେବ। ଏହି ବାବଦରେ ହେବାକୁ ଥିବା ଖର୍ଚ୍ଚକୁ ବନ୍ଦ କରିଦେଲେ କିଛିଟା ଆର୍ଥିକ ବୋଝ ତ ନିଶ୍ଚୟ କମ୍ ହୋଇପାରିବ। ଠିକ୍ ଏମିତିଭାବେ ଅତ୍ୟାବଶ୍ୟକ ଖର୍ଚ୍ଚକୁ ବାଦ୍ ଦେଇ ଅନ୍ୟ ଖର୍ଚ୍ଚ ବନ୍ଦ କରିଦେଲେ ପରିସ୍ଥିତି ନିୟନ୍ତ୍ରଣ ହୋଇପାରିବ।

### ଏମାନେ କ'ଣ କରନ୍ତି

**ଦାମ୍ ଦେଖି କିଣେ:** ପରିବା ରେଟ୍ ଏତେ ଅଧିକ ହୋଇଯାଇଛି ଯେ ହଠାତ୍ ଖର୍ଚ୍ଚ ବହୁତ ବଢ଼ିଯାଇଛି। କିନ୍ତୁ ବେଳେବେଳେ କିଛି ପରିବା ରେଟ୍ ପୁଣି କମ୍ ବି ହେଉଛି। ତେଣୁ ରେଟ୍ ଦେଖିକି କିଣିବାକୁ ପଡୁଛି। ଆମେ ଭେଜିଟାରିଆନ୍ ହୋଇଥିବାରୁ ପରିବା ରେଟ୍ ଯେତେ ଅଧିକ ହେଲେ ବି ବାଧ୍ୟ ହୋଇ କିଣିବୁ। ଅବଶ୍ୟ ଅଧିକ ଦାମ୍ ଥିବାରୁ କିଛି ପରିବା ପରିମାଣ କିଣିବା କମାଇ ଦେଇଛି। ଟମାଟୋ ରେଟ୍ ଏତେ ଅଧିକ ହୋଇଛି ଯେ ଏବେ ତା' ବଦଳରେ କେଉଁଥିରେ ତେନ୍ତୁଳି ତ ଅନ୍ୟ କେଉଁଥିରେ ଆମ୍ବୁଲ ବ୍ୟବହାର କରିଦେଉଛି। ଏମିତିଭାବେ ଆଡଜଷ୍ଟ କରି କିଛିଟା ଆର୍ଥିକ ବୋଝ କମାଇବାକୁ ଚେଷ୍ଟା କରୁଛି।

*-ମନୀଷା ମହାଲିକ, ଗୃହିଣୀ, ଶଶିକାଦେଇପୁର, ଧାମରା, ଭଦ୍ରକ*

**ସବୁ ହିସାବ ରଖୁଛି:** ପରିବା ରେଟ୍ ବଢ଼ିବା ଦିନରୁ ମୁଁ ସଚେତନ ଅଛି। ଅତିଅଧିକ ଦାମ୍ ଥିବା ପରିବା ପ୍ରାୟତଃ କିଣୁନାହିଁ ଏବଂ ଅପେକ୍ଷାକୃତ କମ୍ ଦାମ୍ ଥିବା ପରିବା ଅଧିକ ବ୍ୟବହାର କରୁଛି। ସବୁ ଖର୍ଚ୍ଚକୁ ହିସାବକରି କରିବାକୁ ପଡୁଛି। ପରିବା ଖର୍ଚ୍ଚ କମ୍ କରିବା ପାଇଁ ଅନେକ ସମୟରେ ଡାଲିଜାତୀୟ ତରକାରି କରି ବାଲାନ୍ସ କରିବାକୁ ଚେଷ୍ଟା କରୁଛି। ତଥାପି ବେଳେବେଳେ ପରିବା କିଣାରେ କିଛିଟା ଅଧିକ ଖର୍ଚ୍ଚ ହୋଇଯାଉଛି ଯାହାକୁ ବାଦ୍ ଦେଇ ହେଉନାହିଁ।

*-ମୀନାରାଣୀ ଜେନା, ଗୃହିଣୀ, ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା*

**ପରିବା କିଣା କମିଛି:** ପରିବା ଦାମ୍ ବଢ଼ିବା ଦିନରୁ ଆମ କିଚେନ୍ ଗାର୍ଡେନ ଢେର୍ ସାହାଯ୍ୟ କରିଛି। ବାଡ଼ିରେ ଅମୃତଭଣ୍ଡା ଆଉ ସଜନାଶାଗ ଯେତିକି ଅଛି ଆମ ପରିବାର ପାଇଁ ପ୍ରାୟ ହୋଇଯାଉଛି। ତା'ଛଡ଼ା କଞ୍ଚାଲଙ୍କା ବି କିଣିବାକୁ ପଡୁନାହିଁ। ଏମିତି କିଛି ବ୍ୟବହାରକରି ରୋଷେଇ କରିବାକୁ ପଡୁଛି। ବାକି ପନିପରିବା ଯାହା କିଣାହେଉଛି ସେସବୁ ଟିକେ କମ୍ ବ୍ୟବହାର କରି ଏବେ ରୋଷେଇ କରୁଛି। ଏଥିପାଇଁ ତ କିଛି ପରିବା ପସନ୍ଦ ନ ଥିଲେ ବି ସେସବୁ ରୋଷେଇ କରିବାକୁ ପଡୁଛି।

*-ରଶ୍ମିରେଖା ପ୍ରକାଶ, ଶ୍ରୀସାଇ ବିହାର, ଜଗନ୍ନାଥନଗର, ଭୁବନେଶ୍ୱର*

**ଖର୍ଚ୍ଚ ଅଧିକ ହେଉଛି:** ପରିବା ରେଟ୍ ବଢ଼ିଲେ ବି କିଣିବାକୁ ପଡ଼ିବ, ହେଲେ ଅଧିକ ଖର୍ଚ୍ଚ କରିବାକୁ ପଡୁଥିବାରୁ ଏବେ ଅଧିକ ଆଇଟମ୍ ହେଉନାହିଁ। ଗୋଟିଏ ଦୁଇଟି ଆଇଟମ୍‌ରେ କାମ ଚଳାଇବାକୁ ପଡୁଛି। ପୁଣି ପରିବା ରେଟ୍ କମିଗଲେ ଅଧିକ କିଣାହେବ। ତା'ଛଡ଼ା ଅନ୍ୟ ଉପାୟରେ କେମିତି କମ୍ ପରିବା ଖର୍ଚ୍ଚକରି ରୋଷେଇ କରିହେବ ସେନେଇ ଯଥାସମ୍ଭବ ସବୁ ପ୍ରକାର ପନ୍ଥା ଆପଣେଇବାକୁ ପଡୁଛି। ତଥାପି ପରିବା କିଣାରେ କିଛି ତ ଅଧିକ ଖର୍ଚ୍ଚ ହୋଇଯାଉଛି।

*-ସଂଯୁକ୍ତା ଦାସ, ଗୃହିଣୀ, ନୟାପଲ୍ଲୀ ବ୍ରିଟ୍ କଲୋନି, ୟୁନିଟ୍-୮, ଭୁବନେଶ୍ୱର*



ମନୀଷା



ମୀନାରାଣୀ



ରଶ୍ମିରେଖା



ସଂଯୁକ୍ତା







ସୌନ୍ଦର୍ଯ୍ୟ

# ଆଣ୍ଟି ଏଜିଂ ଥେରାପି



## ତ୍ୱଚାରେ ବୟସର ଛାପ ନ ଆଣିବା ପାଇଁ ଜାଣିରଖନ୍ତୁ କିଛି ଘରୋଇ ଉପାୟ।



- ମୁହଁ କିମ୍ବା ତ୍ୱଚାର ଯେକୌଣସି ସ୍ଥାନରେ ତ୍ୱଚାରେ କୁଞ୍ଚନ କିମ୍ବା ଅନ୍ୟ ଦାଗ ଦେଖାଯାଏ ସେଠାରେ ଆଲୋଭେରା ଜେଲ୍ ଲଗାନ୍ତୁ। ୨୦ ମିନିଟ୍ ରଖିବା ପରେ ମୁହଁ ଧୋଇଦିଅନ୍ତୁ।
- କାକୁଡ଼ି ଓ ମହୁ ମିଶାଇ ଏକ ଫେସ୍ ପ୍ୟାକ୍ ତିଆରି କରନ୍ତୁ। ଏହାକୁ ମୁହଁରେ ଲଗାଇ ଶୁଖିବା ପାଇଁ ଛାଡ଼ି ଦିଅନ୍ତୁ। ଏହାପରେ ଥଣ୍ଡା ପାଣିରେ ମୁହଁ ଧୋଇଦିଅନ୍ତୁ। ଲଗାତର ଏହି ପ୍ୟାକ୍ ଲଗାଇଲେ ମୁହଁରେ ବୟସର ଛାପ ଦେଖାଯିବ ନାହିଁ।
- ଶୁଷ୍କ ତ୍ୱଚାରେ ବୟସର ଛାପ ଶୀଘ୍ର ଦେଖାଯାଏ। ତେଣୁ କ୍ଷୀରରେ ଅଧାଚାମଚ ରାଶି ତେଲ ମିଶାଇ ମୁହଁରେ ଲଗାନ୍ତୁ। ୧୫-୨୦ ମିନିଟ୍ ପରେ ତୁଳାକୁ ପାଣିରେ ଭିଜାଇ ପୋଛି ନିଅନ୍ତୁ। ପ୍ରତିଦିନ ଏପରି କରିବା ଫଳରେ ତ୍ୱଚା ଅଧିକ କୋମଳ ହେବ।
- ଶୁଷ୍କ ତ୍ୱଚାରେ ପ୍ରତିଦିନ ମଶ୍ଚରାଇଜର ଲଗାନ୍ତୁ। ଏହା ସହ ପ୍ରତିଦିନ ଶୋଇବା ପୂର୍ବରୁ ବାଦାମ ତେଲ କିମ୍ବା ନଡ଼ିଆତେଲରେ ମଧ୍ୟ ମସାଜ କରନ୍ତୁ।
- ଅମୃତଭଣ୍ଡାରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ରହିଛି। ଏହାକୁ ପ୍ରତିଦିନ ଲଗାଇଲେ ତ୍ୱଚାରେ ଥିବା ମୃତକୋଷ ବାହାରିଯିବା ପରେ ତ୍ୱଚା ଅଧିକ ଗ୍ଲୋ କରିଥାଏ। ତେଣୁ ଅମୃତଭଣ୍ଡାକୁ ଭଲଭାବେ ଗ୍ରାଇଣ୍ଡିଂକରି ମୁହଁରେ ଲଗାଇ ଶୁଖିବା ପରେ ହିଁ ଧୋଇଦିଅନ୍ତୁ।
- ପାଚିଲା କଦଳୀକୁ ଭଲଭାବେ ଗ୍ରାଇଣ୍ଡିଂକରି ସେଥିରେ ମହୁ ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ କିଛି ସମୟ ପରେ ଉଷୁମ ପାଣିରେ ଧୋଇଦିଅନ୍ତୁ। ନିୟମିତ ଏପରି କରିବା ଫଳରେ ମୁହଁରେ ବୟସର ଛାପ ଦିଶିବ ନାହିଁ।
- ସିଗାରେଟ୍ କିମ୍ବା କୌଣସି ପ୍ରକାର ନିଶାଦ୍ରବ୍ୟ ନିଅନ୍ତୁ ନାହିଁ। ସେହିପରି ଅତ୍ୟଧିକ ମିଠା ଓ ତେଲ ମସଲାଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଏହା ବଦଳରେ ଫଳ, ସାଲାଡ, ସବୁଜ ପନିପରିବା, ଦହି, ସୁପ୍ ଆଦି ଖାଆନ୍ତୁ। ଏହା ସହ ପ୍ରତିଦିନ ଯୋଗ, ଧ୍ୟାନ କରନ୍ତୁ।

ଖାଦ୍ୟରୁଚି

# ଆଳୁ ଫିଙ୍ଗର୍ସ

**ଆବଶ୍ୟକ ସାମଗ୍ରୀ–**
ଅରୁଆ ଚାଉଳ– ୧ କପ୍, ସିଝା ଆଳୁ– ୪ଟି, ଜିରା– ୧ ଚାମଚ, ଗୋଲମରିଚ– ୧୫-୨୦ଟି, କଞ୍ଚାଲଙ୍କା– ୨-୩ଟି, ଧନିଆପତ୍ର– ଅଳ୍ପ, ସୈନ୍ଧବ ଲବଣ– ସ୍ୱାଦ ଅନୁସାରେ, ଆବଶ୍ୟକ ଅନୁସାରେ ରିଫାଇନ୍ ତେଲ କିମ୍ବା ଘିଅ।

**ପ୍ରସ୍ତୁତି ପ୍ରଣାଳୀ–**
ପ୍ରଥମେ ଚାଉଳକୁ ଧୋଇ ଘଣ୍ଟାଏ ପର୍ଯ୍ୟନ୍ତ ଭିଜାଇ ଦିଅନ୍ତୁ। ଘଣ୍ଟାଏ ପରେ ଚାଉଳକୁ ପ୍ରେସର କୁକରରେ ସିଝାଇ ଦିଅନ୍ତୁ। ଥଣ୍ଡା ହେବା ପରେ କୁକରରୁ ବାହାର କରି ଏକ ଥାଳିରେ ରଖନ୍ତୁ। ଅନ୍ୟ ଏକ ପାତ୍ରରେ ସିଝା ଆଳୁକୁ ଭଲଭାବେ ଚକଟି ଦିଅନ୍ତୁ। ଏବେ ଆଳୁରେ ଗୋଲମରିଚକୁ ଗୁଣ୍ଡ କରି ପକାନ୍ତୁ। ଜିରା ଓ ଧନିଆପତ୍ରକୁ କାଟି ସେଥିରେ ପକାନ୍ତୁ। ଏବେ ଏହି ଆଳୁ ମିଶ୍ରଣରେ ଆବଶ୍ୟକ ଅନୁସାରେ ସୈନ୍ଧବ ଲବଣ ଓ ସିଝା ହୋଇଥିବା ଚାଉଳ (ଭାତ)କୁ ମିଶାଇ ଭଲଭାବେ ଚକଟି ଦିଅନ୍ତୁ। ମିଶ୍ରଣଟିକୁ ପାଣିଆ କରନ୍ତୁ ନାହିଁ। ଏହାକୁ ଏଭଳି ଚକଟନ୍ତୁ ଯେପରି ଏହାକୁ ଛୋଟ ଛୋଟ ଗୋଲାକାର ଅବା ଅଣ୍ଡାକାର କରିହେବ। ଏହା ପରେ କଡେଇରେ ତେଲ ଗରମ କରି ଏହାକୁ ଛାଣି ଦିଅନ୍ତୁ।



# ଭାରତୀୟ ଦଳରେ ଓଡ଼ିଶାର ଶ୍ୱେତାସିନୀ

ଭୁବନେଶ୍ୱର, ୨୪।୭ (ତପନ ସ୍ୱାଇଁ)

ଚାଇନାର ହାଙ୍ଗଝୋଉଠାରେ ଆସନ୍ତା ସେପ୍ଟେମ୍ବର-ଅକ୍ଟୋବରରେ ହେବାକୁଥିବା ଏସିଆନ ଗେମ୍ସର ୧୯ତମ ସଂସ୍କରଣରେ ମହିଳା ସଫ୍ଟବଲ ପଦାର୍ପଣ କରିବ। ଏଥିରେ ଭାରତୀୟ ମହିଳା ସଫ୍ଟବଲ ଦଳ ଅଂଶଗ୍ରହଣ କରିବ। ସଫ୍ଟବଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏସ୍‌ବିଏଆଇ) ପକ୍ଷରୁ ସୋମବାର ୧୬ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ଶ୍ୱେତାସିନୀ ଶବର ସାମିଲ ହୋଇଛନ୍ତି। ଜୁନ୍-ଜୁଲାଇରେ ନୂଆଦିଲ୍ଲୀଠାରେ ୨ ସପ୍ତାହ ବିଶିଷ୍ଟ କୋଚିଂ କ୍ୟାମ୍ପ ଓ ଟ୍ରାଏଲ୍ସ ପରେ ଆସୋସିଏଶନ ପକ୍ଷରୁ ଦଳ ଘୋଷଣା କରାଯାଇଛି। ଜାତୀୟ ସଫ୍ଟବଲ୍ କ୍ୟାମ୍ପ ଚଣ୍ଡିଗଡ଼ଠାରେ ଅଗଷ୍ଟ ୫ରୁ ଆରମ୍ଭ ହେବ। ଉକ୍ତ ଶିବିରରେ ଯୋଗଦେବା ପାଇଁ ଶ୍ୱେତାସିନୀ ଚଣ୍ଡିଗଡ଼ ଯାତ୍ରା କରିବେ। ରାୟଗଡ଼ାର ଶ୍ୱେତାସିନୀ ସମ୍ପ୍ରତି କିସ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ। ଭାରତୀୟ ଦଳ ପାଇଁ ମନୋନୀତ ହୋଇଥିବାରୁ ଶ୍ୱେତାସିନୀଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, ଓଡ଼ିଶା ସଫ୍ଟବଲ ଆସୋସିଏଶନ ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।


ଶ୍ୱେତାସିନୀ ଶବର

ଜାତୀୟ ଚାମ୍ପିୟନ ମହାରାଷ୍ଟ୍ରରୁ ସର୍ବାଧିକ ୫ ଖେଳାଳି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। କେରଳରୁ ୩, ପଞ୍ଜାବରୁ ୨ ଏବଂ ଛତିଶଗଡ଼, ଓଡ଼ିଶା, ହିମାଚଳ ପ୍ରଦେଶ, ଦିଲ୍ଲୀ, ତେଲଙ୍ଗାନା ଓ ମଧ୍ୟପ୍ରଦେଶରୁ ଜଣେ ଲେଖାଏ ଖେଳାଳି ରହିଛନ୍ତି। ଭାରତୀୟ ମହିଳା ସଫ୍ଟବଲ ଦଳ କ୍ରମାଗତଭାବେ ଏସିଆନ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରି ଆସୁଥିବାରୁ ସଫ୍ଟବଲ ଏସିଆ ଭାରତକୁ ଏସିଆନ ଗେମ୍ସ ପାଇଁ ୱାଇଲ୍ଡ କାର୍ଡ ଏଣ୍ଟ୍ରି ପ୍ରଦାନ କରିଛି। ଭାରତର ୱାଇଲ୍ଡ କାର୍ଡ ଏଣ୍ଟ୍ରିକୁ ଗତ ଫେବୃୟାରୀରେ ସଫ୍ଟବଲ ଏସିଆର କାର୍ଯ୍ୟକାରୀ କମିଟି ଅନୁମୋଦନ କରିଥିଲା। ସଫ୍ଟବଲ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଏକ ପଦକ ଇଭେଣ୍ଟ ଥିଲା।

**ହାଙ୍ଗଝୋଉ ଏସିଆନ ଗେମ୍ସ**

## ପ୍ରଥମଥର ମହିଳା ସଫ୍ଟବଲ ସାମିଲ

**ଭାରତୀୟ ଦଳ:** ଐଶ୍ୱର୍ଯ୍ୟା ରମେଶ ପୁରୀ, ଏଶ୍ୱର୍ଯ୍ୟା ସୁନୀଲ ବୋଡ୍‌କେ, ମୋନାଲି ମାନସିଂ ନାଟୁ, ସ୍ୱପ୍ନିଲ ସି. ୱେଡନାଡେ, ସାଇ ଅନିଲ ଜୋଷୀ, ଅଞ୍ଜଳି ପଲ୍ଲୀକ୍କାରା, ଷ୍ଟେଫି ସାଜି, ରିଣ୍ଟା ଚେରିୟାନ, ମମତା ଗୁଗୁଲୋଥ, ଗଙ୍ଗାସୋନା, ମମତା ମିନହାସ, ସନ୍ଦୀପ କୌର, କୁମାରୀ ମନୀଷା, ଇଶା, ଶ୍ୱେତାସିନୀ ଶବର, ନିତ୍ୟା ମାଲ୍‌ଭି। **ଷ୍ଟାଣ୍ଡବାଇ:** ପ୍ରିୟଙ୍କା ବାଘେଲ। **ରିଜର୍ଭ:** ମନୀଷା କୁମାରୀ, ପ୍ରୀତି ବର୍ମା, ଚିତ୍ରା।

# ପଶ୍ଚିମାଞ୍ଚଳ ବିଜୟୀ

ପୁଡୁଚେରୀ, ୨୪।୭ (ପି.ଟି.)

ଦେଓଧର ଟ୍ରଫିର ଓପନିଂ ରାଉଣ୍ଡ ରବିନ ଲିଗ୍ ମ୍ୟାଚରେ ଅଧିନାୟକ ପ୍ରିୟଙ୍କ ପଞ୍ଚାଲଙ୍କ ଦ୍ରୁତ ଅପରାଜିତ ୯୯ (୬୯)ରନ ସହାୟତାରେ ପଶ୍ଚିମାଞ୍ଚଳ ୯ ଉଇକେଟରେ ଉତ୍ତର ପୂର୍ବାଞ୍ଚଳକୁ ପରାସ୍ତ କରିଛି। ଗୁଜରାଟର ଏହି ଡାହାଣହାତୀ ବ୍ୟାଟର ରେଡ୍ ବଲ୍ କ୍ରିକେଟରେ ସାଧାରଣତଃ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରିଥାନ୍ତି। ସେ କିନ୍ତୁ ୭ ଛକା ଓ ସମାନ ସଂଖ୍ୟକ ଚୌକା ଲଗାଇଥିଲେ। ପଶ୍ଚିମାଞ୍ଚଳ ୨୫.୧ ଓଭରରେ ୨୦୮ର ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ତାଙ୍କ ଓପନିଂ ପାର୍ଟନର ହାର୍ଭିକ ଦେଶାଇ (୭୧ବଲ୍‌ରୁ ୮୫ରନ) ମଧ୍ୟ ଆକ୍ରମଣାତ୍ମକ ଖେଳି ୧୪ ଚୌକା ଲଗାଇଥିଲେ। ଦୁହେଁ ଓପନିଂ ପାର୍ଟନରଶିପ୍‌ରେ ୨୧.୧ ଓଭର ଖେଳି ୧୬୭ ରନ ଯୋଗ କରିଥିଲେ। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଉତ୍ତର ପୂର୍ବାଞ୍ଚଳ ୪୭ ଓଭରରେ ୨୦୭ ରନ କରି ଅଲଆଉଟ ହୋଇଯାଇଥିଲା।

# କେନ୍ଦ୍ରାଞ୍ଚଳକୁ ହରାଇଲା ପୂର୍ବାଞ୍ଚଳ

ପୁଡୁଚେରୀ, ୨୪।୭ (ପି.ଟି.)

ଦେଓଧର ଟ୍ରଫିର ଏକ ରାଉଣ୍ଡ ରବିନ ଲିଗ୍ ମ୍ୟାଚରେ କେନ୍ଦ୍ରାଞ୍ଚଳ ବିପକ୍ଷରେ ପୂର୍ବାଞ୍ଚଳ ୬ ଉଇକେଟରେ ସହଜ ବିଜୟ ହାସଲ କରିଛି। ଏହି ମ୍ୟାଚରେ ପୂର୍ବାଞ୍ଚଳ ଦଳ ତରଫରୁ ଖେଳୁଥିବା ଓଡ଼ିଶା ଖେଳାଳି ଶୁଭ୍ରାଂଶୁ ସେନାପତି ୩୩ ରନ କରି ଅପରାଜିତ ରହିଥିଲେ। ସେ ୬୫ ବଲ୍ ସାମ୍ନା କରି ୨ଟି ଚୌକା ଲଗାଇଥିଲେ। ବେଙ୍ଗଲ ବୋଲର ଆକାଶ ଦୀପ ଓ ଶାହାବାଜ ଅହମଦ ଟାଇଟ୍ ବୋଲିଂ କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବାମହାତି ସ୍ପିନର ଶାହାବାଜ (୧୦ ଓଭରରେ ୩/୩୦) ଏବଂ ପେସର ଆକାଶ (୧୦ ଓଭରରେ ୩/୩୫) ନିୟମିତ ବ୍ୟବଧାନରେ ବ୍ରେକ୍‌ଥ୍ରୁ ଆଣିବାରୁ କେନ୍ଦ୍ରାଞ୍ଚଳ ନିର୍ଦ୍ଧାରିତ ୫୦ ଓଭରରେ ୨୦୭ ରନ କରି ଅଲଆଉଟ ହୋଇଯାଇଥିଲା।

**ଶୁଭ୍ରାଂଶୁ ସେନାପତି-୩୩***

ଷ୍ଟ୍ରୋକ୍-ପ୍ଲେ ପାଇଁ ପିଚ୍ ସହଜ ମନେ ହେଉ ନ ଥିବା ବେଳେ ନିକଟରେ ଏସିଆନ ଗେମ୍ସ ପାଇଁ ଜାତୀୟ ଦଳକୁ ଡାକରା ପାଇଥିବା ରିଙ୍କୁ ସିଂ କେବଳ ତିଷ୍ଠି ପାରିଥିଲେ। ସେ ୬୩ ବଲ୍‌ରୁ ୫୪ ରନ କରିଥିଲେ। ଜବାବରେ ପୂର୍ବାଞ୍ଚଳ ତରବର ନହୋଇ ସତର୍କତାର ସହ ବ୍ୟାଟିଂ ଆରମ୍ଭ କରିଥିଲା। ୪୬. ୧ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରି ଦୁଲିପ ଟ୍ରଫି ପରାଜୟର ପ୍ରତିଶୋଧ ନେଇ ପାରିଛି। ବିଜୟ ଲକ୍ଷ୍ୟ ପିଛା କରିବା ବେଳେ ବାମହାତି ଓପନର ଉତ୍କର୍ଷ ସିଂ ୧୦୪ ବଲ୍‌ରୁ ଆକର୍ଷଣୀୟ ୮୯ ରନ ସଂଗ୍ରହ କରିଥିଲେ। ଅଭିଜ୍ଞ ଅଭିମନ୍ୟୁ ଈଶ୍ୱରନ (୫୫ ବଲ୍‌ରୁ ୩୮)ଙ୍କ ସହ ଓପନିଂ ପାର୍ଟନରଶିପ୍‌ରେ ୯୧ ରନ ଯୋଗଦାନ କରି ଦଳର ବିଜୟ ପଥ ସୁଗମ କରିଦେଇଥିଲେ। ପୂର୍ବାଞ୍ଚଳ ବ୍ୟାଟରମାନେ ରିସ୍କ ଶଟକୁ ଏଡାଇ ଯାଇଥିଲେ, ଯଦିଓ ଉତ୍କର୍ଷ ତାଙ୍କ ଇନିଂସରେ ୧୧ ଚୌକା ଓ ୩ ଛକା ଲଗାଇଥିଲେ।

**ସଂକ୍ଷିପ୍ତ ସ୍କୋର**

କେନ୍ଦ୍ରାଞ୍ଚଳ ୫୦ ଓଭରରେ ୨୦୭ (ରିଙ୍କୁ ସିଂ-୫୪; ଆକାଶ ଦୀପ-୩/୩୫, ଶାହାବାଜ ଅହମଦ-୩/୩୦)। ପୂର୍ବାଞ୍ଚଳ ୪୬.୧ ଓଭରରେ ୨୦୮/୪ (ଉତ୍କର୍ଷ ସିଂ-୮୯, ଅଭିମନ୍ୟୁ ଈଶ୍ୱରନ-୩୮, ଶୁଭ୍ରାଂଶୁ ସେନାପତି ୩୩*; କର୍ନ ଶର୍ମା-୩/୩୫)।




# ଭାରତକୁ ଆଉ ୨ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୨୪।୭ (ପି.ଟି.):** କୋରିଆର ଚାଙ୍ଗ୍‌ଓନ୍‌ଠାରେ ଚାଲିଥିବା ଇଣ୍ଟରନ୍ୟାଶନାଲ ଶୁଟିଂ ସ୍ପୋର୍ଟ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍)ର ଜୁନିୟର ବିଶ୍ୱ ଚାମ୍ପିୟନଶିପ୍‌ର ଅନ୍ତିମ ଦିନରେ କମଲଜିତ୍‌ଙ୍କ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଭାରତ ଆଉ ୨ ସ୍ୱର୍ଣ୍ଣ ଜିତିପାରିଛି। ସୋମବାର ସେ ପୁରୁଷ ୫୦ ମିଟର ପିସ୍ତଲର ଉଭୟ ବ୍ୟକ୍ତିଗତ ଓ ଟିମ୍ ଇଭେଣ୍ଟ ଜିତିଛନ୍ତି। ଚାମ୍ପିୟନଶିପ୍‌ରେ ଭାରତ ୬ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୫ ବ୍ରୋଞ୍ଜ ସହ ମୋଟ ୧୭ ପଦକ ହାସଲ କରି ଚାଇନା ପଛକୁ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଚାଇନା ୧୨ ସ୍ୱର୍ଣ୍ଣ ସମେତ ମୋଟ ୨୮ ପଦକ ଲାଭ କରିଛି। ବ୍ୟକ୍ତିଗତ ଇଭେଣ୍ଟରେ ସମ୍ଭାବ୍ୟ ୬୦୦ରୁ ସେ ୫୪୪ ଶଟ୍ କରି ପ୍ରଥମ ହୋଇଥିଲେ। ଉଜ୍‌ବେକିସ୍ତାନର ଭେନିଆମିନ୍ ନିକିତିନ ୫୪୨ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। କୋରିଆର କିମ୍ ତାଏମିନ୍ (୫୪୧) ବ୍ରୋଞ୍ଜ ପାଇଥିଲେ। ମହିଳା ୫୦ ମିଟର ପିସ୍ତଲ ଇଭେଣ୍ଟରେ ଟିୟାନା ୫୧୯ ସ୍କୋର କରିବା ସହ ରୌପ୍ୟ ଜିତିଥିଲେ। ଖାନ୍ନା ଆଲିୟେଭା ୫୨୦ ସ୍କୋର ସହ ସ୍ୱର୍ଣ୍ଣ ଜିତିଥିଲେ।

# ପ୍ରତ୍ୟାଶା, ସୃଷ୍ଟି ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୨୪।୭ (ସରୋଜ ଜେନା)

ଭୁବନେଶ୍ୱର ସ୍ଥିତ କଳିଙ୍ଗ ଆକ୍ୱାଟିକ୍ କ୍ଲବ ପକ୍ଷରୁ ଦୁଇ ଯୁବ ସନ୍ତରଣକାରୀ ପ୍ରତ୍ୟାଶା ରାୟ ଓ ସୃଷ୍ଟି ଉପାଧ୍ୟାୟଙ୍କୁ ସୋମବାର ସମ୍ବର୍ଦ୍ଧିତ କରାଯାଇଛି। ଚାଇନାର ଚେଙ୍ଗଡୁରେ ହେବାକୁ ଥିବା ବିଶ୍ୱ ବିଦ୍ୟାଳୟ କ୍ରୀଡା ପାଇଁ ଉଭୟ ଖେଳାଳି ମନୋନୀତ ହୋଇଛନ୍ତି। କ୍ଲବ ପକ୍ଷରୁ ଉଭୟ ଖେଳାଳିଙ୍କୁ ଟି ଶାର୍ଟ ଓ ୨୫ ହଜାର ଟଙ୍କାର ଅର୍ଥ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ସହିତ କଳିଙ୍ଗ ଷ୍ଟାଡିୟମର ହାଇ ପର୍ଫମାନ୍ସ ସେଣ୍ଟରରେ ଅଭ୍ୟାସ କରୁଥିବା ଅଲିମ୍ପିଆନ୍ ସନ୍ତରଣକାରୀ ମାନା ପଟେଲଙ୍କୁ ମଧ୍ୟ ସ୍ୱାଗତ କରାଯାଇଥିଲା। ପ୍ରତ୍ୟାଶା ଓ ସୃଷ୍ଟିଙ୍କ ସଫଳତା କାମନା କରିବା ସହିତ ଜେଏସ୍‌ଡବ୍ଲୁ ଓ ରାଜ୍ୟ ସରକାରଙ୍କ କ୍ରୀଡ ଓ ଯୁବ ବ୍ୟାପାର ବିଭାଗକୁ ଧନ୍ୟବାଦ ଜଣାଇଥିଲେ କଳିଙ୍ଗ ଆକ୍ୱାଟିକ୍ କ୍ଲବର ସମସ୍ତ ସଦସ୍ୟ।

# ସୁବିଧାଜନକ ସ୍ଥିତିରେ ପାକିସ୍ତାନ

**କଲମ୍ବୋ, ୨୪।୭ (ଏପି):** ସ୍ଥାନୀୟ ସିଂହଲିଜ୍ ସ୍ପୋର୍ଟ୍ସ କ୍ଲବ ଷ୍ଟାଡିୟମରେ ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ପାକିସ୍ତାନ କ୍ରିକେଟ ଦଳ ଏହାର ନୂଆ ଆକ୍ରମଣାତ୍ମକ ରଣନୀତିରୁ ଫାଇଦା ପାଇଛି। ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କାର ସ୍କୋରକୁ ୧୬୬ରେ ସୀମିତ କରିଦେଇଥିଲା। ଦଳ ପକ୍ଷରୁ ଧନଞ୍ଜୟ ସିଲ୍‌ଭା ସର୍ବାଧିକ ୫୭ ରନ କରିଥିବା ବେଳେ ପାକିସ୍ତାନ ପକ୍ଷରୁ ଶ୍ରେଷ୍ଠ ବୋଲିଂ କରିଥିବା ଆବ୍ରାର ଅହମଦ ୬୯ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ନସିମ ଶାହା ୪୧ ରନ ଦେଇ ୩ ଉଇକେଟ ନେଇଥିଲେ। ଜବାବରେ ଭ୍ରମଣକାରୀ ଦଳ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୨ ଉଇକେଟ ବିନିମୟରେ ୧୪୫ ରନ କରିଛି। ଓପନର ଅବ୍‌ଦୁଲ୍ଲା ଶାଫିକ୍ ୭୪ ଏବଂ ଅଧିନାୟକ ବାବର ଆଜାମ ୮ରନ କରି ଅପରାଜିତ ରହିଛନ୍ତି। ଶାନ୍ ମୁସୁଦ ୫୧ ରନ କରି ଅସିଥା ଫର୍ନାଣ୍ଡୋଙ୍କ ବଲ୍‌ରେ କୁସାଲ ମେଣ୍ଡିସଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ।

# ମନୀଷା, ଜବାମଣି, ପ୍ୟାରୀ, ଜୁଲି ସାମିଲ


ମନୀଷା ପାନ୍ନା


ପ୍ୟାରୀ ଖାଖା


ଜବାମଣି ଟୁଡୁ


ଜୁଲି କିଶାନ

ନୂଆଦିଲ୍ଲୀ, ୨୪।୭

- **ମହିଳା ଫୁଟବଲ ଅଲିମ୍ପିକ୍ କ୍ୱାଲିଫାୟର୍ସ ପାଇଁ ୩୪ ଜଣିଆ ସମ୍ଭାବ୍ୟ ଦଳ ଘୋଷିତ**
- **କଳିଙ୍ଗ ଷ୍ଟାଡିୟମରେ ୩୦ରୁ କ୍ୟାମ୍ପ ଆରମ୍ଭ**

ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ପକ୍ଷରୁ ଏଏଫ୍‌ସି ଅଲିମ୍ପିକ୍ କ୍ୱାଲିଫାୟର୍ସ ରାଉଣ୍ଡ-୨ ପାଇଁ ସୋମବାର ୩୪ ଜଣିଆ ଭାରତୀୟ ସିନିୟର ମହିଳା ଫୁଟବଲ ସମ୍ଭାବ୍ୟ ଦଳ ତାଲିକା ପ୍ରକାଶ କରାଯାଇଛି। ଏଥିରେ ଓଡ଼ିଶାର ମନୀଷା ପାନ୍ନା, ଜବାମଣି ଟୁଡୁ, ପ୍ୟାରୀ ଖାଖା, ଜୁଲି କିଶାନ ପ୍ରମୁଖ ସ୍ଥାନ ପାଇଛନ୍ତି। ସମ୍ଭାବ୍ୟ ଭାରତୀୟ ଦଳର କ୍ୟାମ୍ପ ଚଳିତ ମାସ ୩୦ରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। କ୍ୱାଲିଫାୟର୍ସ ପାଇଁ ଭାରତ ଗ୍ରୁପ୍ 'ସି'ରେ ସ୍ଥାନ ପାଇଛି। ଅକ୍ଟୋବର ୨୬ରେ ଭାରତ ଏହାର ପ୍ରଥମ ମ୍ୟାଚ ଜାପାନ ସହିତ ଖେଳିବ। ଏହାପରେ ୨୯ରେ ଭିଏତ୍‌ନାମ ଓ ନଭେମ୍ବର ୧ରେ ଉଜ୍‌ବେକିସ୍ତାନ ବିପକ୍ଷରେ ଖେଳିବ। ମ୍ୟାଚଗୁଡ଼ିକ ତାସକେଣ୍ଟର ଜେଏଆର ଷ୍ଟାଡିୟମ ଓ ବୁନ୍ୟୋଦକର ଷ୍ଟାଡିୟମରେ ଖେଳାଯିବ। ଚଳିତବର୍ଷ ପ୍ରାରମ୍ଭରେ ବ୍ଲୁ ଟାଇଗ୍ରେସେସ (ଭାରତୀୟ ମହିଳା ଦଳ) କିର୍ଗିଜ ରିପବ୍ଲିକ୍‌କୁ ୫-୦ ଓ ୪-୦ରେ ହରାଇ ଅଲିମ୍ପିକ କ୍ୱାଲିଫାୟର୍ସର ରାଉଣ୍ଡ-୨ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା।

## ଭାରତୀୟ ସମ୍ଭାବ୍ୟ ଦଳ

**ଗୋଲକିପର୍ସ:** ସୌମ୍ୟା ନାରାୟଣସ୍ୱାମୀ, ମାଇବାମ୍ ଲିନ୍‌ଥୋଇଙ୍ଗାମ୍ବି ଦେବୀ, ଶ୍ରେୟା ହୋଦା। **ଡିଫେଣ୍ଡର୍ସ:** ଲୋଇଟୋଙ୍ଗବାମ ଆଶାଲତା ଦେବୀ, ଏନ୍. ସ୍ୱିଟି ଦେବୀ, ସଞ୍ଜୁ, ରିତୁ ରାଣୀ, ସୋରୋଖାଇବାମ ରଞ୍ଜନା ଚାନୁ, ମିଚେଲ ମାର୍ଗାରେଟ କାଷ୍ଟାନା, ଡାଲିମା ଚିବର, ମନୀଷା ପାନ୍ନା, ଅସ୍ତମ ଓରାଓଁ, ଜୁଲି କିଶାନ, ଶିଲ୍‌କି ଦେବୀ, ଜବାମଣୀ ଟୁଡୁ। **ମିଡ୍‌ଫିଲ୍ଡର୍ସ:** ପ୍ରିୟଙ୍କା ଦେବୀ, ଅଞ୍ଜୁ ତମାଙ୍ଗ, ଇନ୍ଦୁମତୀ କାଥିରେସାନ, ସଙ୍ଗିତା ବାସ୍‌ଫୋରେ, କାଜଲ ହୁବର୍ଟ ଡିସୁଜା, ଆସେମ ରୋଜା ଦେବୀ, କାର୍ଥିକା ଅଙ୍ଗମୁଥୁ। **ଫରୱାର୍ଡ୍ସ:** ଡାଙ୍ଗମେଇ ଗ୍ରେସ୍, ସୌମ୍ୟା ଗୁଗୁଲୋଥ, ମନିଷା କଲ୍ୟାଣ, ଅପୂର୍ଣ୍ଣା ନାର୍ଜାରେ, ନେହା, ସୁମତି କୁମାରୀ, ରେନୁ, କରିଷ୍ମା ପୁରୁଷୋତ୍ତମ ଶିର୍ଭୋଇକର, ସନ୍ଧ୍ୟା ରଙ୍ଗନାଥନ, ପ୍ୟାରୀ ଖାଖା, ଜ୍ୟୋତି, ନାଗାନଗୋମ୍ ବାଲା ଦେବୀ।

# ପ୍ରଥମ ହ୍ୟାଟ୍ରିକ୍ ଅର୍ଜନ କଲେ ଆରି ବର୍ଗ୍ସ

ଅକଲାଣ୍ଡ/ମେଲବର୍ନ, ୨୪।୭(ପି.ଟି.)

ଫିଫା ମହିଳା ଫୁଟବଲ୍ ବିଶ୍ୱକପ୍‌ରେ ସୋମବାର ଜର୍ମାନୀ ଓ ବ୍ରାଜିଲ ବୃହତ ବିଜୟ ହାସଲ କରିଛନ୍ତି। ଇଟାଲୀ ୧-୦ରେ ଆର୍ଜେଣ୍ଟିନାକୁ ହରାଇ ପଏଣ୍ଟ ଖାତା ଖୋଲିଥିବା ବେଳେ ବ୍ରାଜିଲର ଆରି ବର୍ଗ୍ସ ଚଳିତ ବିଶ୍ୱକପର ପ୍ରଥମ ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି।

## ପ୍ରଥମ ହ୍ୟାଟ୍ରିକ୍

ଚଳିତ ବିଶ୍ୱକପରେ ପ୍ରଥମ ହ୍ୟାଟ୍ରିକ୍ ରେକର୍ଡ କରିଛନ୍ତି ବ୍ରାଜିଲର ଆରି ବର୍ଗ୍ସ। ସୋମବାର ବ୍ରାଜିଲ ୪-୦ରେ ପାନାମାକୁ ପରାସ୍ତ କରିଥିଲା। ବର୍ଗ୍ସ ପ୍ରଥମ ହାଫ୍‌ରେ ଦୁଇଟି ଗୋଲ ସ୍କୋର କରିଥିବା ବେଳେ ଦ୍ୱିତୀୟ ହାଫ୍‌ରେ ଗୋଟିଏ ଗୋଲ ଦେଇଥିଲେ। ୧୯ତମ ମିନିଟରେ ବର୍ଗ୍ସ ବ୍ରାଜିଲ ପକ୍ଷରୁ ପ୍ରଥମ ଗୋଲ ଦେଇଥିଲେ। ୩୯ତମ ମିନିଟରେ ସେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧରେ ୨-୦ରେ ଅଗ୍ରଣୀ ରହିବା ପରେ ୪୮ତମ ମିନିଟରେ ବିଟ୍ରିଜ୍ ଜୋଆଓ ତୃତୀୟ ଗୋଲ ସ୍କୋର କରିଥିଲେ। ୭୦ତମ ମିନିଟ୍‌ରେ ବର୍ଗ୍ସ ବ୍ୟକ୍ତିଗତ ତୃତୀୟ ଗୋଲ କରିବା ସହିତ ବିଶ୍ୱକପର ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିଥିଲେ।

## ଇଟାଲୀ ବନାମ ଆର୍ଜେଣ୍ଟିନା

ଆର୍ଜେଣ୍ଟିନାକୁ ୧-୦ ଗୋଲରେ ପରାସ୍ତ କରି ମହିଳା ବିଶ୍ୱକପରେ ନିଜର ଅଭିଯାନ ଆରମ୍ଭ କରିଛି ଇଟାଲୀ। ପ୍ରଥମାର୍ଦ୍ଧରେ ଇଟାଲୀ ଦୁଇ ଥର ଗୋଲ୍ କରିଥିଲେ ମଧ୍ୟ ଉଭୟ ଥର ଅଫ୍‌ସାଇଡ୍ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ମ୍ୟାଚ୍ କଡା ସଂଘର୍ଷପୂର୍ଣ୍ଣ ରହିଥିଲା। ମ୍ୟାଚ୍‌ର ୮୭ତମ ମିନିଟରେ ଇଟାଲୀର କ୍ରିଷ୍ଟିଆନା ଗିରେଲି ନିର୍ଣ୍ଣାୟକ ଗୋଲ ସ୍କୋର କରିଥିଲେ। ଇଟାଲୀ ୫୩ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିବା ବେଳେ ଦଳକୁ ୫ଟି କର୍ନର ମିଳିଥିଲା।


ପାନାମା ବିପକ୍ଷ ମ୍ୟାଚ ଅବସରରେ ବ୍ରାଜିଲର ଆରି ବର୍ଗ୍ସ।

## ପପ୍‌ଙ୍କ ଡବଲ୍‌ରେ ଜର୍ମାନୀ ବିଜୟୀ

ଜର୍ମାନୀର ଆଲେକ୍‌ଜାଣ୍ଡର ପପ ପ୍ରଥମ ହାଫ୍‌ରେ ଡବଲ୍ ଗୋଲ ସ୍କୋର କରିଥିବା ବେଳେ ଜର୍ମାନୀ ୬-୦ର ବୃହତ୍ ବ୍ୟବଧାନରେ ମରକ୍କୋକୁ ପରାସ୍ତ କରିଛି। ଏହା ବ୍ୟତୀତ କାର୍ଲା ବଲ୍ ଓ ଲି ସ୍କୁଲର ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମରକ୍କୋ ପକ୍ଷରୁ ହନାନ ଆଟେ ଏଲ୍ ହାଜ ଓ ୟାସ୍ମିନ୍ ମ୍ରାବେଟ ଆତ୍ମଘାତୀ ଗୋଲ ଦେଇଥିଲେ। ମ୍ୟାଚ୍‌ର ୧୧ତମ ମିନିଟରେ ପ୍ରଥମ ଗୋଲ ସ୍କୋର କରିବା ସହିତ ଚଳିତ ବିଶ୍ୱକପର ଦ୍ରୁତତମ ଗୋଲ୍‌ର ରେକର୍ଡ ନିଜ ନାମରେ କରିଥିଲେ ପପ୍। ମ୍ୟାଚ୍‌ର ୩୯ ତମ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ ସ୍କୋର କରିଥିଲେ ପପ୍। ଅନ୍ତର୍ଜାତୀୟ ଫୁଟବଲରେ ଏହା ତାଙ୍କର ୬୩ ଓ ୬୪ ତମ ଗୋଲ୍ ଅଟେ। ପ୍ରଥମ ଆରବ ଓ ଉତ୍ତର ଆଫ୍ରିକୀୟ ରାଷ୍ଟ୍ର ଭାବରେ ଯୋଗ୍ୟତା ଅର୍ଜନ କରିଥିବା ମରକ୍କୋ ମ୍ୟାଚ୍‌ରେ ମାତ୍ର ୨୫ ପ୍ରତିଶତ ସମୟ ବଲକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହୋଇଥିଲେ। ଜର୍ମାନୀକୁ ୬ଟି କର୍ନର ମିଳିଥିବା ବେଳେ ୭ଟି ଶଟ୍ ଟାର୍ଗେଟରେ ରହିଥିଲା।

**ଫିଫା ମହିଳା ବିଶ୍ୱକପ**

## ଇଟାଲୀ, ଜର୍ମାନୀ, ବ୍ରାଜିଲ ବିଜୟୀ

**ଆଜିର ମ୍ୟାଚ୍**

କଲମ୍ବିଆ ବନାମ ଦକ୍ଷିଣ କୋରିଆ
ସମୟ-ସକାଳ ୭.୩୦
ନ୍ୟୁଜିଲାଣ୍ଡ ବନାମ ଫିଲିପାଇନ୍ସ
ସମୟ-ସକାଳ ୧୧.୦୦
ସୁଇଜରଲାଣ୍ଡ ବନାମ ନରୱେ
ସମୟ-ଅପରାହ୍ନ ୪.୩୦
**ପ୍ରସାରଣ: ଡିଡି ସ୍ପୋର୍ଟସ୍**




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ